

ଉତ୍କଳ
ପ୍ରସଙ୍ଗ
ମଇ -୧୯୯୧
ଜୟଦେବ ବିଶେଷାଙ୍କ
PRADYUMNA DASH
ପ୍ରଳୟପୟୋଧିଜଳେ ଧୃତ ବାନସି ବେଦମ୍
ବିହିତ ବହିତ୍ର ଚରିତ୍ର ମଖେଦମ୍
କେଶବ ! ଧୃତ ମୀନ ଶରୀର, ଜୟ ଜଗଦୀଶ ହରେ...
କ୍ଷିତିରତି ବିପୁଳତରେ ତବ ତିଷ୍ଠତି ପୃଷ୍ଠେ
ଧରଣୀ ଧରଣ କିଣ ଚକ୍ର ଗରିଷ୍ଠେ
କେଶବ ! ଧୃତ କଚ୍ଛପରୂପ, ଜୟ ଜଗଦୀଶ ହରେ...

Vol. XLVII No.9 ... No. 0-05/91
Licence No. C. R. N. P. 5-Licensed to post without Pre-payment



ସୈନିକ ସ୍କୁଲର ୨୯ତମ ବାର୍ଷିକୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଯୋଗଦାନ କରି କୃତୀ ଛାତ୍ରମାନଙ୍କୁ ପୁରସ୍କାର ବିତରଣ କରୁଛନ୍ତି ।



ମୁଖ୍ୟମନ୍ତ୍ରୀ ଶ୍ରୀ 'ବିଜୁ ପଟ୍ଟନାୟକ ଓରେଡ଼ା ଦ୍ୱାରା ଆୟୋଜିତ ଏକ ପ୍ରଦର୍ଶନୀ ଉଦ୍‌ଘାଟନ କରୁଛନ୍ତି ।

PRINTED AT ORISSA GOVERNMENT PRESS, CUTTACK-10


PRADYUMNA

# ଉତ୍କଳ ପ୍ରସଙ୍ଗ

ବୈଶାଖ ୧୯୧୩ ଶକାବ୍ଦ ୪୮ ଭାଗ ୧୦ମ ସଂଖ୍ୟା ମଇ ୧୯୯୧


## ସମ୍ପାଦନା ମଣ୍ଡଳୀ

ନିର୍ଦ୍ଦେଶକ : ଶ୍ରୀ ତ୍ରୈଲୋକ୍ୟନାଥ ମହାପାତ୍ର

ସମ୍ପାଦକ : ଶ୍ରୀ ବିଶ୍ୱଜିତ୍ ଦାସ

ସହ ସମ୍ପାଦକ : ପ୍ରହରାଜ ସତ୍ୟନାରାୟଣ ନନ୍ଦ

ସମ୍ପାଦନା ସହଯୋଗୀ : ଶ୍ରୀ ଶରତଚନ୍ଦ୍ର ସାମନ୍ତରାୟ

ମୁଖ୍ୟ ସମ୍ପାଦକ : ଶ୍ରୀ ସତୀଶ ପାଢ଼ୀ

ପ୍ରଚ୍ଛଦପଟ୍ଟ : ଶ୍ରୀ ପ୍ରଦ୍ୟୁମ୍ନ ଦାଶ



ପ୍ରକାଶନ : ସୂଚନା ଓ ଲୋକ ସମ୍ପର୍କ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର ।

ବାର୍ଷିକ ଦେୟ : ଟ ୨୦.୦୦
ପ୍ରତି ଖଣ୍ଡ : ଟ ୨.୦୦

ମୁଦ୍ରଣ : ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ

ଫଟୋଟାଇପ୍‌ସେଟର ଦ୍ୱାରା ଅକ୍ଷର ସଂଯୋଜିତ


ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ସରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଗୁଡ଼ିକ ବିଷୟର ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଭାବିବା ଉଚିତ ନୁହେଁ ।

"ଉତ୍କଳ ପ୍ରସଙ୍ଗ" ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁ ସ୍ଥଳରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

# ସୂଚୀ


| | | |
|---|---|---|
| ମୃତ୍ୟୁଞ୍ଜୟ ଜୟଦେବ ଉତ୍କଳ ଭୁବନେ | କବିବର ପରିଡ଼ା | ୧ |
| ଶ୍ରୀ ଜୟଦେବ ଓ ବିବାଦୀୟ କେନ୍ଦୁବିଲ୍ୱ ଶାସନ | ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ | ୯ |
| ଭଜତ କବିବରଂ ଗୀତଗୋବିନ୍ଦକାରମ୍ | ଶ୍ରୀ ହରେକୃଷ୍ଣ ଧୂପାଳ ଶର୍ମା | ୧୮ |
| ସର୍ବଭାରତୀୟ ପରମ୍ପରାରେ ଜୟଦେବ | ନୀଳମଣି ମିଶ୍ର | ୧୯ |
| ତୁଳସୀ ପତ୍ରରେ ଗୀତଗୋବିନ୍ଦ | ଶ୍ରୀ ଗଣେଶ ପ୍ରସାଦ ପରିଜା | ୨୬ |
| ଗୀତଗୋବିନ୍ଦ : ଓଡ଼ିଶୀ ଗୀତ ଓ ନୃତ୍ୟ | ଗୁରୁ ଦେବପ୍ରସାଦ ଦାସ | ୩୩ |
| ଶ୍ରୀ ଜଗନ୍ନାଥ ମନ୍ଦିରରେ ଗୀତଗୋବିନ୍ଦ ସେବା | ଡକ୍ଟର ମହେଶ ପ୍ରସାଦ ଦାଶ | ୩୬ |
| ବୈଷ୍ଣବ ଲୀଳାମୃତ ଗ୍ରନ୍ଥରେ ଶ୍ରୀ ଜୟଦେବ | ଶ୍ରୀ ପଦ୍ମନାଭ ତ୍ରିପାଠୀ | ୩୯ |
| ଗୀତଗୋବିନ୍ଦରେ ସମାଜ ଓ ସଂସ୍କୃତି | ଡକ୍ଟର ରବିନାରାୟଣ ଦାଶ | ୪୨ |
| ଗୀତଗୋବିନ୍ଦର ମଙ୍ଗଳାଚରଣ | ଡକ୍ଟର ଭଗବାନ ପଣ୍ଡା | ୫୦ |
| କିମ୍ବଦନ୍ତୀରେ ଜୟଦେବ ଓ ଗୀତଗୋବିନ୍ଦ | ଶ୍ରୀମତୀ ପ୍ରମିଳା ମିଶ୍ର | ୫୩ |
| କବି ଜୟଦେବ ଓ ଶ୍ରୀ ଗୀତଗୋବିନ୍ଦ | ଡାକ୍ତର ଦୀନବନ୍ଧୁ ମହାରଣା | ୫୮ |



## ଶ୍ରୀ ଶରତ କୁମାର କର

ସଂସ୍କୃତି, କ୍ରୀଡ଼ା ଓ ଯୁବକଲ୍ୟାଣ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ, ଓଡ଼ିଶା

ମଇ, ୯, ୧୯୯୧

**'ଉତ୍କଳ ପ୍ରସଙ୍ଗ'**ର ଜୟଦେବ ବିଶେଷାଙ୍କ ପ୍ରକାଶିତ ହେଉଥିବାର ଜାଣି ମୁଁ ବାସ୍ତବିକ ଆନନ୍ଦିତ। ଦୀର୍ଘ ଦିନରୁ ଜୟଦେବଙ୍କ ସମ୍ପର୍କରେ ଗୁଣାତ୍ମକ ପ୍ରବନ୍ଧ ସଙ୍କଳନର ଯେଉଁ ଆବଶ୍ୟକତା ଥିଲା, ବିଶେଷାଙ୍କ ପ୍ରକାଶନ ଓଡ଼ିଆ ଭାଷାରେ ସେହି ଅଭାବ ପୂରଣ କରିବ ବୋଲି ମୋର ବିଶ୍ୱାସ।

ଜୟଦେବଙ୍କ 'ଗୀତଗୋବିନ୍ଦ' ଓଡ଼ିଆ ସଂସ୍କୃତି, କଳା ଓ ଧର୍ମର ଅବିଚ୍ଛେଦ୍ୟ ଅଙ୍ଗ। ଜୟଦେବ ଯେ ଓଡ଼ିଶାର ଏହା ଧୁରୀଣ ମନୀଷୀମାନେ ବହୁ ଶ୍ରମଲବ୍ଧ ଗବେଷଣା ତଥା ପ୍ରଣିଧାନଯୋଗ୍ୟ ପ୍ରମାଣ ମାଧ୍ୟମରେ ପ୍ରତିପାଦିତ କରିଯାଇଛନ୍ତି।

ମହାନ୍ କାବ୍ୟ ସୃଷ୍ଟି ସମୟ ଓ ସ୍ଥାନର ଊର୍ଦ୍ଧ୍ୱରେ। ଆଜି ପୃଥିବୀର ସବୁ ସ୍ଥାନରେ ଜୟଦେବ ଅମର କବି ରୂପେ ସ୍ୱୀକୃତ। ତାଙ୍କର ଅନବଦ୍ୟ ରଚନା, 'ଗୀତଗୋବିନ୍ଦ' ଇନ୍ଦ୍ରିୟଗ୍ରାହ୍ୟ ସୌନ୍ଦର୍ଯ୍ୟ ଓ ଧାର୍ମିକ ଭାବବୃତ୍ତିର ମଧୁର ମିଶ୍ରଣ। ଅନୁଭୂତିର ତୀବ୍ରତା ଦୃଷ୍ଟିରୁ ଛନ୍ଦ ଓ ଅଭିବ୍ୟକ୍ତିର ମଧୁମୟ ଲାଳିତ୍ୟ" ମାଧ୍ୟମରେ ପାର୍ଥିବ ଚେତନା ଅତିକ୍ରମ କରିବା 'ଗୀତଗୋବିନ୍ଦ'ର ଲକ୍ଷ୍ୟ। ଏହା ଚିରନ୍ତନ ପ୍ରେମର ଗୀତିମୟ ରୂପ।

ମୋର ବିଶ୍ୱାସ, 'ଉତ୍କଳ ପ୍ରସଙ୍ଗ'ର ଏଇ ବିଶେଷାଙ୍କ ଇତିହାସ ଓ ସଂସ୍କୃତିର ମନୀଷୀମାନଙ୍କୁ ଜୟଦେବଙ୍କ ଜୀବନୀ ଓ ରଚନାବଳୀ ଠିକ୍ ଭାବରେ ଅଧ୍ୟୟନ କରିବା ପାଇଁ ସହାୟ ହେବ।

**ଶରତ କୁମାର କର**



**ଶ୍ରୀ ଅଜିତ କୁମାର ତ୍ରିପାଠୀ,** ଆଇ: ଏ: ଏସ୍:

କମିଶନର ତଥା ଶାସନ ସଚିବ
ଗ୍ରାମ୍ୟ ଉନ୍ନୟନ, ସୂଚନା ଓ ଲୋକ ସମ୍ପର୍କ ବିଭାଗ,
ଓଡ଼ିଶା ସରକାର

ମଇ ୧୧, ୧୯୯୧

'**ଉତ୍କଳ ପ୍ରସଙ୍ଗ**'ର ଏଇ ଜୟଦେବ ବିଶେଷାଙ୍କ ଓଡ଼ିଶାର ପ୍ରଖ୍ୟାତ ସଂସ୍କୃତ କବିଙ୍କ ପ୍ରତି ଏକ ଶ୍ରଦ୍ଧାଞ୍ଜଳି ଏବଂ ତାଙ୍କ ଜୀବନୀ ଓ ସିଦ୍ଧି ପୁନର୍ମୂଲ୍ୟାୟନ କରିବା କ୍ଷେତ୍ରରେ ଏକ ବିନମ୍ର ପ୍ରୟାସ । ପୁରୀ ଜିଲ୍ଲାର ପ୍ରାଚୀ ନଦୀ ତୀରବର୍ତ୍ତୀ କେନ୍ଦୁଲୀ ଗ୍ରାମରେ ଜନ୍ମଲାଭ କରିଥିବା ଜୟଦେବ ଶତାବ୍ଦୀ ଶତାବ୍ଦୀ ଧରି ଓଡ଼ିଆ କବିତା ଓ ଲୋକକଥା, ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତକୁ ପ୍ରଭାବିତ କରିଛନ୍ତି । ଏଇ ମହାକବିଙ୍କର 'ଗୀତଗୋବିନ୍ଦ' ଜଗନ୍ନାଥ ସଂସ୍କୃତିର ଗୂଢ଼ ବିଭାବ ଉପରେ ଆଧାରିତ । ଲାଳିତ୍ୟମୟ ସଙ୍ଗୀତ, ପ୍ରଖର ଗୀତିମୟତା ଏବଂ ଭକ୍ତି ମାଧୁର୍ଯ୍ୟ ଦୃଷ୍ଟିରୁ ସମ୍ଭବତଃ ଜୟଦେବଙ୍କୁ କେବଳ ଆଦି ଶଙ୍କରାଚାର୍ଯ୍ୟଙ୍କ ସହିତ ତୁଳନା କରାଯାଇପାରିବ । ପାଣ୍ଡିତ୍ୟ ଏବଂ ଅଯଥା ଆଳଙ୍କାରିକତା କବଳରୁ କବିତାକୁ ଉଦ୍ଧାର କରି ସେ ଜନଗଣଙ୍କର ହୃଦୟସ୍ପର୍ଶୀ ହେବା ପାଇଁ ପ୍ରେମର ଉଚ୍ଚକିତ ଅଭିବ୍ୟକ୍ତି ରୂପେ କବିତା ରଚନା କରିଥିଲେ । ଜୟଦେବଙ୍କ କବିତା କୃଷ୍ଣଙ୍କ ସୁଲଳିତ ବଂଶୀ ତାନରେ ନୃତ୍ୟରତା ରୂପସୀ ପରି ।

ଜୟଦେବ ଭାରତର ସାଂସ୍କୃତିକ ଐତିହ୍ୟ ପ୍ରତି ଓଡ଼ିଶାର ମହାର୍ଘ୍ୟ ଅବଦାନ । ମୋର ଆଶା, 'ଉତ୍କଳ ପ୍ରସଙ୍ଗ'ର ଏଇ ବିଶେଷାଙ୍କ ଜୟଦେବଙ୍କ ଜୀବନୀ ଓ କଳାର ଅନୁଶୀଳନ ପାଇଁ ଆମକୁ ସ୍ୱଚ୍ଛ ଅନ୍ତର୍ଦୃଷ୍ଟି ଦେବ ।

**ଅଜିତ କୁମାର ତ୍ରିପାଠୀ**

One



# ମୃତ୍ୟୁଞ୍ଜୟ ଜୟଦେବ

## ଉତ୍କଳ ଭୁବନେ

• କବିବର ପରିଡ଼ା

କବି ଜୟଦେବଙ୍କ ପ୍ରସିଦ୍ଧ "ଗୀତଗୋବିନ୍ଦ" ସଂସ୍କୃତ ସାହିତ୍ୟର ଅଦ୍ୱିତୀୟ କାବ୍ୟ । ଏହି କାବ୍ୟର କାନ୍ତ କୋମଳ ପଦାବଳୀ ଓ ଛନ୍ଦ ମାଧୁର୍ଯ୍ୟ ପାଠକ ମାନସରେ ଅପୂର୍ବ ପୁଲକ ସଞ୍ଚାର କରେ । ସ୍ମରଣୀୟ ଓ ବରଣୀୟ କାବ୍ୟକାର ୧୧୬୬ ଖ୍ରୀଷ୍ଟାବ୍ଦ ମାଘ ମାସରେ ପୁରୀ ନିକଟସ୍ଥ କେନ୍ଦୁବିଲ୍ୱ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ଏ ସମ୍ପର୍କରେ ଅନେକ ତଥ୍ୟ ସମ୍ବଳିତ ପ୍ରମାଣ ବିଭିନ୍ନ ଗ୍ରନ୍ଥରେ ଲିପିବଦ୍ଧ ହୋଇଛି । ସେଥି ମଧ୍ୟରୁ କେତୋଟି ଉଦ୍ଧାର କରିବାର ପ୍ରାସଙ୍ଗିକତା ରହିଛି । କବି ଜୟଦେବ "ଗୀତଗୋବିନ୍ଦ"ରେ ନିଜର ଜନ୍ମ ସମ୍ପର୍କରେ ସୂଚନା ଦେଇଛନ୍ତି :

ବର୍ଣ୍ଣିତ ଜୟଦେବ କେନ ହରେରିଦଂ ପ୍ରବଣେନ,
କେନ୍ଦୁ ବିଲ୍ୱ ସମୁଦ୍ର ସମ୍ଭବ ରୋହିଣୀ ରମଣେନ ।

ପ୍ରସିଦ୍ଧ "ଗୀତଗୋବିନ୍ଦ" ଟୀକାକାର ଓ କବି ମେବାରର ରାଣା କୁମ୍ଭକର୍ଣ୍ଣ ତାଙ୍କର ଟୀକାରେ ଦର୍ଶାଇଛନ୍ତି—

କେନ୍ଦୁବିଲ୍ୱ ତଲ୍ଲାସନଂ ନିବାସୋ ବା ଗ୍ରାମସ୍ତ,
ସମୁଦ୍ର ଏବ ତତ୍ ସମ୍ଭବ
ରୋହିଣୀ ରମଣେନ ଚନ୍ଦ୍ରଣେବ ।

ମୈଥିଳୀ କବି ଚନ୍ଦ୍ରଦତ୍ତ ତାଙ୍କର "ଭକ୍ତିମାଳା" ଗ୍ରନ୍ଥର 'ଜୟଦେବ ଚରିତ' ରେ ବିସ୍ତୃତ ବର୍ଣ୍ଣନା କରିବାକୁ ଯାଇ ଲେଖିଛନ୍ତି :

ଜଗନ୍ନାଥ ପୁରୀ ପ୍ରାନ୍ତେ ଦେଶେ ଚୈବୋତ୍କଳାଭିଧେ,
କେନ୍ଦୁବିଲ୍ୱ ଇତିଖ୍ୟାତେ ଗ୍ରାମୋ ବ୍ରାହ୍ମଣ ସଙ୍କୁଳ
ତତ୍ରୌତ୍କଳେ ଦ୍ୱିଜୋ ଜାତୋ ଜୟଦେବ ଇତିଶ୍ରୁତଃ
ବିଦ୍ୟାଭ୍ୟାସଃ ରତଃ ଶାନ୍ତଃ ପୁରୁଷୋତ୍ତମ ପୂଜକଃ

ଗୋୟାଲିଅର କବିଗୁରୁ ନାଭାଜୀ ତାଙ୍କର ଭକ୍ତିମାଳା ଗ୍ରନ୍ଥରେ ଅନୁରୂପ ବର୍ଣ୍ଣନା କରିଅଛନ୍ତି :

କେନ୍ଦୁବିଲ୍ୱ ଗ୍ରାମ, ତାମୈଁଗଂୟ କବିରାଜ ରାଜ
ଭୟୋ ସଦାରାହି ପୁତ୍ରସ ମନ ମନ ରକ୍ଷ୍ୟେ ।

କହି କେବେଁ ବିପ୍ରସୁତାଜଗନ୍ନାଥ ଦେବ,
ଭୂତ୍କୋଂ ଭୟୋ ଜବସମେତ
ଲୋୟାଖାଜୈନ ପ୍ରଭୁ ରକ୍ଷ୍ୟେ ।

କେରଳର ସୁପରିଚିତ ଓ ପ୍ରତିଷ୍ଠିତ ସଙ୍ଗୀତକାର ତଥା କବି ଶ୍ରୀ ଜନାର୍ଦ୍ଦନ ନାମ୍ବୁଡ୍ରୀ 'ମହାକବି ଶ୍ରୀ ଜୟଦେବ ରୁଦେ ଚରିତମ୍' ପ୍ରବନ୍ଧରେ ଉଲ୍ଲେଖ କରିଛନ୍ତି ଯେ—ସର୍ବ ଧର୍ମ ମଙ୍ଗଳମ୍ ସ୍ୱସ୍ତିଦିମାଇ କୁଡ଼ି କୋଲୁନା ଉରୁ ପୁ ପ୍ରଦେଶାଣାମ୍ ଜଗନ୍ନାଥ ସ । ଏବଦେ ଭଗ୍ତାଶୀ ଭଗ୍ତନନାୟ ବିଷ୍ଣୁ ଭଗବାନ୍ ଏଲୁଗାନ୍ନରୁଲୁନ ଉରୁ ମହା କ୍ଷେତ୍ରମ୍ ସ୍ଥିତି ଚେୟ୍ଯୁନ୍ନା ।ଆଦି ନାଟ୍ଟୁ ଉତ୍କଳ ଏନାଣଶାଦ୍ କେନ୍ଦୁବିଲ୍ୱ ଏନ୍ନା ପ୍ରସିଦ୍ଧ ଏନ୍ନା ଉରୁ ଗ୍ରାମ ପୁଣ୍ଡା ଏନ୍ନୁମ୍ ।

ମହାରାଷ୍ଟ୍ର ନିବାସୀ ମହୀପତି "ଭକ୍ତି ବିଜୟ" ପୁସ୍ତକରେ ଏତାଦୃଶ ସୂଚନା ପ୍ରଦାନ କରିଛନ୍ତି ।

ଜଗନ୍ନାଥ କ୍ଷେତ୍ରୋ ସମୀପ ଜାଣ
କେନ୍ଦୁବିଲ୍ୱ ଗ୍ରାମ ନାମାଭିଧାନ ।
ତୁ ଜୟଦେବ ରୂପେ ଅବତାର
ଯେଭଲି କରୀଂ ଜନାଂଚ ଉଦ୍ଧାର ।

ପ୍ରସିଦ୍ଧ ଆଲଙ୍କାରିକ କେଶବ ମିଶ୍ର "ଅଲଙ୍କାର ଶେଖର" ରେ ଉଲ୍ଲେଖ କରିଛନ୍ତି ଜୟଦେବଙ୍କ ସାଥି ଗୋବର୍ଦ୍ଧନ ଆଚାର୍ଯ୍ୟ ନିମ୍ନ ଶ୍ଳୋକଟି ରଚନା କରି ଉତ୍କଳ ନରେଶଙ୍କୁ ଉପହାର ଦେଇଛନ୍ତି :

ପ୍ରାକ୍ ପ୍ରତ୍ୟକ୍ ପୃଥ୍ୱୀ ଭୃତୋଃ ପରିଷଦୀ
ପ୍ରଖ୍ୟାତସଂଖ୍ୟାବତ ।
ମନ୍ମାସ୍ୱାଂ ଦ୍ରୁତକର୍କଶତସ୍ୟା ବିଚ୍ଛିଦ୍ୟ
ବିଦ୍ୟାମଦମ୍ ।
ଯେ କେପ୍ୟୁତ୍କଳଭୂପତେ ତବ ସଭାପଣ୍ଡିତାଃ
ପଣ୍ଡିତାଃ
ପଦଂ ଶ୍ରୀ ଜୟଦେବ ପଣ୍ଡିତ କବିସ୍ତନମୂର୍ଦ୍ଧ୍ନି
ବିନ୍ୟସ୍ୟତି ।

ଅର୍ଥ:–ହେ ଉତ୍କଳ ଭାଇ ! ନୃପଙ୍କ ସଭାରେ ଯେଉଁ ସମ୍ମାନିତ କେତେ ଜଣ ପଣ୍ଡିତ ଅଛନ୍ତି, ଏବଂ ପୂର୍ବ–ପଶ୍ଚିମସ୍ଥ ଭୂପତିଙ୍କ ରାଜ ସଭାରେ ଅଗ୍ରଗଣ୍ୟ ପ୍ରତିଷ୍ଠିତ ପଣ୍ଡିତମାନଙ୍କର ବିଦ୍ୟାଗର୍ବକୁ ତତ୍କ୍ଷଣାତ୍ ଅପୂର୍ବ ଯୁକ୍ତି ବଳରେ ଖଣ୍ଡନ କରି "ଶ୍ରୀ ଜୟଦେବ ନାମା" ପଣ୍ଡିତ କବି ସେମାନଙ୍କର ମସ୍ତକରେ ଏହି 'ଚନ୍ଦନସଦୃଶ' ପ୍ରଲେପନ ପଙ୍କ ପ୍ରଦାନ କରୁଛନ୍ତି ।

ସଂସ୍କୃତ ସାହିତ୍ୟର ସର୍ବଶ୍ରେଷ୍ଠ ପ୍ରାମାଣିକ ଗ୍ରନ୍ଥ ପୁରାଣ୍ଡିତରେ ଭାଣ୍ଡାରରେ ଜୟଦେବଙ୍କ ପରିଚୟ ସମ୍ପର୍କରେ ସୁଚିତ ହୋଇଛି ଯେ –
**Jayadev Mishra of Kendubilva in Orissa. 12th Century. (Edited by Laxmi Narayan Chaudhury N. S. P. Bombay).**

ଅନ୍ୟ ଏକ ପ୍ରାମାଣିକ ଗ୍ରନ୍ଥରେ ମଧ୍ୟ ବର୍ଣ୍ଣିତ ହୋଇଛି ଯେ –He was Oriya Brahmin and lived in the twelvth century. (Great composors by P. Sambamurty, Head of the Department of Indian Music. Univercity of Madras. Page.–12)

ବାରାଣସୀ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରଫେସର ପ୍ରଖ୍ୟାତ ପଣ୍ଡିତ ଆଚାର୍ଯ୍ୟ ଶେଷରାଜ ଶର୍ମା ଜୟଦେବ କୃତ "ପ୍ରସନ୍ନରାଘବ" ନାଟକର ମୁଖବନ୍ଧରେ ଲେଖୁଛନ୍ତି ଯେ –ସଂସ୍କୃତ ସାହିତ୍ୟେ ଜୟଦେବ ନାମଧେୟ ଭାଜେ ବହବୋ ବିପଶ୍ଚିତ ସଂଜାତା । ତତ୍ରୈବ ଭାବତ୍ ଗୀତଗୋବିନ୍ଦକର୍ତ୍ତୋ ଜୟଦେବ ସତ ଉତ୍କଳ ଦେଶୀୟ ଆସୀତ୍ ।

ଉତ୍କଳର କବି ବିପ୍ର ରାମ ଦାସ ଦାର୍ଢ୍ୟତାଭକ୍ତିରେ ଜୟଦେବ ଚରିତ ବିଷୟରେ ଜନ୍ମ ତଥା ଜୀବନୀ ଉପରେ ଆଲୋକପାତ କରି ଲେଖିଛନ୍ତି ।

ଜନମ କେନ୍ଦୁ ବିଲ୍ୱ ଗ୍ରାମେ,
ବ୍ରାହ୍ମଣ ଜୟଦେବ ନାମେ ।
ରଚିଲା ଅପୂର୍ବ ପ୍ରବନ୍ଧ,
ନାମ ଯା ଶ୍ରୀ ଗୀତଗୋବିନ୍ଦ ।
ଶୁଣନ୍ତି ଆଜି ଯାଏ ନିତ୍ୟ,
ଦିବାକେ ସାହା ଜଗନ୍ନାଥ ।
ଧନ୍ୟ ସେ କବି କୁଳେଶ୍ୱର,
ଧନ୍ୟହେ ଉତ୍କଳ ଶେଖର ।

ଏହି ପଦର ବିଶେଷ ତାତ୍ପର୍ଯ୍ୟ ବର୍ଣ୍ଣନା ତଥା ଜୟଦେବଙ୍କ ଜୀବନୀ ପ୍ରସଙ୍ଗ କେରଳର କବି ଜନାର୍ଦ୍ଦନ ନାମ୍ବୁରାତ୍ତିରୀଙ୍କ "ମହା କବି ଜୟଦେବ ଚରିତମ୍"ରେ ପରିସ୍ଫୁଟ । ଉଭୟ କବିଙ୍କ ଲେଖାର ବିଷୟବସ୍ତୁ ପ୍ରାୟ ସମାନ ।

ବଙ୍ଗୀୟ କବି କୃଷ୍ଣ ଦାସ "ଶ୍ରୀ ଶ୍ରୀ ଭକ୍ତିମାଳା" ଗ୍ରନ୍ଥରେ ଜୟଦେବଙ୍କ ଜନ୍ମ ବିଷୟରେ ଲେଖିଛନ୍ତି :–

ଜୟଦେବ ମହାଶୟ ମହାନ୍ ମାନୁଷ,
ଶ୍ରୀ ପୁରୁଷୋତ୍ତମକ୍ଷେତ୍ରେ ବୃକ୍ଷତଳେବାସ ।
ଅଗାଧ ପାଣ୍ଡିତ୍ୟ ହୟ କୃପାର ଭାଜନ,
ଶ୍ରୀ ଜଗନ୍ନାଥ ପ୍ରଭୁର କୃପାର ଭାଜନ ।

Asiatic Researches Vol. III page 182 (1799)ରେ ସାର ଉଇଲିୟମ ଜୟଦେବଙ୍କ ସମ୍ବନ୍ଧରେ ଉଲ୍ଲେଖ କରିଛନ୍ତି :

**The loves of Krishna and Radha are the object of this pastoral drama entitled Gitagobind. It was the work of Jayadev. who has been. he tells himself. in Kenduli which may believed to be Kalinga"**

ଡକ୍ଟର ପର୍ଶୁରାମ ଚତୁର୍ବେଦୀ କବି ଜୟଦେବଙ୍କ ଜନ୍ମସ୍ଥାନ ଉତ୍କଳର ପ୍ରାଚୀ ନଦୀ କୂଳ କେନ୍ଦୁବିଲ୍ୱ ବୋଲି "ଉତ୍ତର ଭାରତୀ ସନ୍ଥ ପରମ୍ପରାରେ" ଲିପିବଦ୍ଧ କରିଛନ୍ତି । ଜୟଦେବ କା ଜନ୍ମସ୍ଥାନ ବାସ୍ତବ ମେଁ କେନ୍ଦୁଲୀ ଶାସନ ଗାଁଓ ମେଁ ହୈ । ଯୋ ଉଡ଼ିଶା ପ୍ରାନ୍ତ ମେ ପୁରୀ କେ ନିକଟ ପ୍ରାଚୀ ନଦୀ ପର ଅବସ୍ଥିତ ହୈ । ଉନକୋ ଉଡ଼ିଆ ହୋନେକା ପ୍ରମାଣ ଇସ୍ ବାତ୍ ସେ ଭି ଦିଖଲାୟା ଜାତା ହୈ କି, ଉହାଁକେ ଲୋଗ ଇସ୍ କବିକେ ଅଧିକ ପରିଚିତ ଜାନ୍ ପଡ଼ତେ ହୈ । ଉଡ଼ିଶା ପ୍ରାନ୍ତ ବୈଷ୍ଣବ ସମ୍ପ୍ରଦାୟକି ରହତୁ ହୈ ଔର ଜୟଦେବ କୋ ସହଜୟାନ ସମ୍ପ୍ରଦାୟ ଦ୍ୱାରା ପ୍ରଭାବିତ ଭି କହତେ ହୈ । ୧୯୯୬ ଖ୍ରୀଷ୍ଟାବ୍ଦରେ ବୈଷ୍ଣବ କବି ମାଧବ ପଟ୍ଟନାୟକ ବୈଷ୍ଣବ ଲୀଳାମୃତ ଗ୍ରନ୍ଥରେ ଜୟଦେବଙ୍କ ଜନ୍ମସ୍ଥାନ ଓ କର୍ମସ୍ଥାନ ସମ୍ପର୍କରେ ଉଲ୍ଲେଖ କରିଛନ୍ତି ଯେ –

ବିପ୍ରସେ ଜୟଦେବ ନାମ,
କ୍ଷେତ୍ରବରକୁ ଆଗମନ ।
କେନ୍ଦୁଲୀ ଶାସନ ତା ଗ୍ରାମ,
ପ୍ରାଚୀ ନଦୀର ତଟେ ପୁଣ ।
ଶ୍ରୀ ନୀଳ ମାଧବ ସମୀପେ,
ଭକ୍ତି କଲା ସେ ନାନା ରୂପେ ।
ଶାସ୍ତ୍ର ପୁରାଣେ ବିଚକ୍ଷଣ,
କବିତ୍ୱ ମାର୍ଗେ ତାର ମନ ।
ଗୀତ ସେ ରଚିବ ବୋଇଲା,
କ୍ଷେତ୍ର ବାସକୁ ମନ କଲା ।
ଶ୍ରୀ ଜଗନ୍ନାଥର ସମୀପେ,
ଦୃଢ଼ ସାତ୍ତ୍ୱିକ ଭକ୍ତି ଭାବେ ।

ଦାସଗୁପ୍ତା ସଂସ୍କୃତ ସାହିତ୍ୟ ଇତିହାସ Page ୨୨୬ରେ ସ୍ପଷ୍ଟଭାବେ ଲିପିବଦ୍ଧ କରିଛନ୍ତି —Jayadev is author of lyric Gitagobind in 12th Century. He was born in Kendu Vilwa a place in Orissa.

ସ୍ୱନାମଧନ୍ୟ ପଣ୍ଡିତ ନୀଳମଣି ମିଶ୍ର 'ଜଗନ୍ନାଥ ପୁରୀ ପ୍ରାନ୍ତେ' ପ୍ରସଙ୍ଗରେ ଜୟଦେବଙ୍କ ଜନ୍ମ ସ୍ଥାନ ବିଷୟରେ ଅନେକ ତଥ୍ୟ ଉପସ୍ଥାପିତ କରିଛନ୍ତି । ଗବେଷକ ମିଶ୍ର କେନ୍ଦୁବିଲ୍ୱ ସମ୍ପର୍କରେ ପ୍ରତିପାଦିତ କରିଛନ୍ତି ଯେ –ସ୍ୱୟଂ ଜୟଦେବ "ଗୀତଗୋବିନ୍ଦ" ପୁସ୍ତକରେ ଏକାଧିକ ସ୍ଥାନରେ ଲେଖିଛନ୍ତି –

ବର୍ଣ୍ଣିତଂ ଜୟଦେବେନ
ହରେରିଦଂ ପ୍ରବଣେନ,
କେନ୍ଦୁ ବିଲ୍ୱ ସମୁଦ୍ର ସମ୍ଭବ
ରୋହିଣୀରମଣେନ ।

ଏହି ଶ୍ଳୋକକୁ ବାଖ୍ୟା କରିବାକୁ ଯାଇ ପ୍ରସିଦ୍ଧ ଓଡ଼ିଆ ଟୀକାକାର ନାରାୟଣ ଦାସ "ସର୍ବାଙ୍ଗ · ସୁନ୍ଦରୀ" ଟୀକାରେ ରୂପାୟିତ କରିଛନ୍ତି–

କେନ୍ଦୁ ବିଲ୍ୱଂ କେନ୍ଦୁବିଲ୍ୱସ୍ୟଂ ଶାସନ ତଚ୍ଚ ମହତ୍ତ୍ୱାତ୍
ସମୁଦ୍ରେତ୍ୱେନ,
ରୂପିତଂ କେନ୍ଦୁବିଲ୍ୱ ସମୁଦ୍ର ସମ୍ଭବଶ୍ଚାସୌ ରୋହିଣୀ
ରମଣଶ୍ଚେତି,
ଉଦେବଂ ଶାସନା ଜାତସ୍ତସ୍ୟେ ବ୍ୟୋନ୍ନତି
କାରକୋ ଯଥା
ସାଗରା ଜାତ୍ଶ୍ଚନ୍ଦ୍ର ସାଗର ବୃଦ୍ଧି କାରକ ଇତ୍ୟର୍ଥଃ
ସମ୍ପାଦ୍ୟତେ ।"

ଏ ଟୀକାରୁ ପ୍ରମାଣିତ ହେଉଛି ଯେ – କେନ୍ଦୁ ବିଲ୍ୱ ଗୋଟିଏ ଶାସନ ଅର୍ଥାତ୍ ବ୍ରାହ୍ମଣ ବସତି ଥିଲା । ତାହା ଜୟଦେବଙ୍କ କେନ୍ଦୁବିଲ୍ୱ ବା ଜୟଦେବ କେନ୍ଦୁଲୀ ହେବା ଅଧିକ ସମୀଚୀନ । ଜୟଦେବ ଯେଉଁ କେନ୍ଦୁବିଲ୍ୱ ଶାସନରେ ଜନ୍ମ ହୋଇଥିଲେ, ତାହା ପୁରୀ ଜିଲ୍ଲାର ବାଲିପାଟଣା ଥାନା ଅନ୍ତର୍ଗତ ଗୋଟିଏ ବଡ଼ ଗ୍ରାମ । ସେହି ଗ୍ରାମରେ କେନ୍ଦୁ ବିଲ୍ୱ ବା କେନ୍ଦୁଲୀ ଶାସନ ଅଦ୍ୟାପି ରହିଛି । ସେଠାରେ ବହୁ ଗୋତ୍ର ସମ୍ଭବ ତଥା ବହୁ ଉପାଧିଧାରୀ ବ୍ରାହ୍ମଣ ଏପର୍ଯ୍ୟନ୍ତ ବାସ କରୁଛନ୍ତି । ଗଣେଶ ପ୍ରସାଦ ପରିଜା "ଓଡ଼ିଶାର କବି ଜୟଦେବ" ନିବନ୍ଧରେ ଅନେକ ଯୁକ୍ତି ସମ୍ବଳିତ ତଥ୍ୟ ଉପସ୍ଥାପିତ କରିଛନ୍ତି । ଶ୍ରୀ ପରିଜା କେନ୍ଦୁ ବିଲ୍ୱର ତାତ୍ପର୍ଯ୍ୟ ସମ୍ପର୍କରେ ଅକାଟ୍ୟ ପ୍ରମାଣମାନ ଲିପିବଦ୍ଧ କରିଛନ୍ତି । "ପୁରୀ ଜିଲ୍ଲା ପ୍ରାଚୀ ନଦୀ କୂଳରେ ଥିବା କେନ୍ଦୁଲୀ ଗ୍ରାମ ପ୍ରସିଦ୍ଧ । ସେଠାରେ ଦୁଇଟି ମାଧବ ମୂର୍ତ୍ତି ସଂରକ୍ଷିତ । ଐତିହାସିକମାନେ ସେହି ମୂର୍ତ୍ତିଦ୍ୱୟକୁ ଏକାଦଶ ଶତାବ୍ଦୀର ବୋଲି ବ୍ୟକ୍ତ କରିଛନ୍ତି । ଗୋଟିଏ କଳାମୁଗୁନି ପଥର ମୂର୍ତ୍ତି – ସାଧୁ ଜୟଦେବଙ୍କ ମୂର୍ତ୍ତି ଭାବେ ପୂଜା ପାଉଛନ୍ତି । ପ୍ରାଚୀନ ତନ୍ତ୍ର ଅନୁଯାୟୀ କେନ୍ଦୁ ଗଛ ମୂଳରେ ମୁଗୁନି ପଥରରେ ନିର୍ମିତ ଗୋଟିଏ ବାଗେଶ୍ୱରୀ ମୂର୍ତ୍ତି ଏବଂ ବେଲଗଛ ମୂଳରେ ଗୋଟିଏ ଅମ୍ବିକା ମୂର୍ତ୍ତି ପୂଜା ପାଉଥିବାରୁ ଏହି ସ୍ଥାନ କେନ୍ଦୁ ବିଲ୍ୱ ନାମରେ ପ୍ରସିଦ୍ଧ । ଅମ୍ବିକା ଦେବୀଙ୍କ ମନ୍ଦିର ଦ୍ୱାର ଦେଶରେ ଗୋଟିଏ ସଂକ୍ଷିପ୍ତ ଅଭିଲେଖ ରହିଛି । ତାହା "ଜୟଦେବ ହରେ" । ଏହି ମନ୍ଦିର ୧୧୧୨ ଶକାବ୍ଦ ବା ଖ୍ରୀଷ୍ଟିୟ ୧୧୯୦ରେ ଜୟଦେବଙ୍କ ସ୍ମୃତି ଉଦ୍ଦେଶ୍ୟରେ ନିର୍ମିତ ହୋଇଥିଲା । ସେହି ଦେବୀ ମନ୍ଦିରରେ ଦେବୀଙ୍କ ମହାପୂଜା ସମୟରେ ସପ୍ତଶତୀ ଚଣ୍ଡୀ ପାଠ କରାଯାଇ "ଗୀତ ଗୋବିନ୍ଦ" ପାଠ କରାଯାଏ ।

ଉଦ୍ଭଟ କଳ୍ପନା ଓ ମିଥ୍ୟାକୁ ଆଶ୍ରୟ କରି କେତେକ ବଙ୍ଗୀୟ ଆଲୋଚକ ଜୟଦେବଙ୍କ ଜନ୍ମସ୍ଥାନ ବୀରଭୂମ ଜିଲ୍ଲା କେନ୍ଦୁଲି ବୋଲି ଦୋହରାଇବାରେ ଲାଗିଛନ୍ତି । ପ୍ରତ୍ୟକ୍ଷଦର୍ଶୀ ନୀଳମଣି ମିଶ୍ର 'ଜଗନ୍ନାଥ ପୁରୀ ପ୍ରାନ୍ତେ' ସନ୍ଦର୍ଭରେ ଉଲ୍ଲେଖ କରିଛନ୍ତି– ସେହି କେନ୍ଦୁଲି ଗ୍ରାମରେ ଯେଉଁ ଇଟା ତିଆରି ଛୋଟ ମନ୍ଦିରଟି ଅଛି–ସେ ସମ୍ପର୍କରେ ମନ୍ଦିର ପୂଜକ କହନ୍ତି ଯେ–ପୂର୍ବରୁ ସେଠାରେ କୌଣସି ମନ୍ଦିର ନଥିଲା । ୧୯୫୪ ମସିହାରେ ହେମନ୍ତ କୁମାର ଦେଙ୍କ ଦ୍ୱାରା ସେ ମନ୍ଦିର ନିର୍ମିତ ହୋଇଛି । ତା'ର ଉଚ୍ଚତା ପ୍ରାୟ ୨୦–୩୦ ଫୁଟ, ମନ୍ଦିର ଗର୍ଭ ଗୃହର ଲମ୍ବ ସାତ ଫୁଟ, ଓସାର ସାତ ଫୁଟ । ଏକ ଫୁଟ ଓସାରର ଖଣ୍ଡିଏ ପଥର ପଡ଼ିଛି । ସେହି ପଥର ଉପରେ ଆଲ୍‌କାତରାରେ ଲେଖାଯାଇଛି–

"ଜୟଦେବ ପଦ୍ମାସନ
ସ୍ମର ଗରଳ ଖଣ୍ଡନଂ
ଦେହି ପଦ ପଲ୍ଲବ ମୁଦାରମ୍"

ସବୁଠାରୁ ଅଧିକ କୌତୁହକ ବିଷୟ ହେଉଛି–ଉକ୍ତ ମନ୍ଦିର ମଧ୍ୟରେ ଖଣ୍ଡିଏ ହାତ ତିଆରି କାଗଜ ପୋଥି ରହିଛି । ପୋଥିଟିରେ ଶ୍ରୀମଦ ଭାଗବତ (ସଂସ୍କୃତ) ପଞ୍ଚମ ସ୍କନ୍ଦଠାରୁ ନବମ ସ୍କନ୍ଦ ପର୍ଯ୍ୟନ୍ତ ମୂଳ ପାଠ ରହିଛି । ସେଠାରେ ଅପପ୍ରଚାର କୌଶଳ ଏତେ ଦୂର ବୃଦ୍ଧି ପାଇଛି ଯେ–ମନ୍ଦିର ପୂଜକ ସେହି ପୋଥିକୁ ଜୟଦେବଙ୍କ "ସ୍ୱହସ୍ତ ଲିଖିତ ଗୀତଗୋବିନ୍ଦ" ବୋଲି ଧାରଣା ଦେଉଛନ୍ତି । ଆଶ୍ଚର୍ଯ୍ୟର ବିଷୟ ଉକ୍ତ ମନ୍ଦିର ପରିଚାଳନା ନିମିତ୍ତ ବିଶ୍ୱାଏ ହେଲେ ଜମି ନାହିଁ । କିମ୍ବା ପାର୍ଶ୍ୱରେ ଥିବା ଗୌଡ଼ୀୟ ମଠ ତା'ର ପରିଚାଳନା ଦାୟିତ୍ୱ ଗ୍ରହଣ କରିନାହାନ୍ତି ।"

ଏହି ସମସ୍ତ ପ୍ରହସନକୁ ଲକ୍ଷ୍ୟ କରି 'ବାଂଲା ସାହିତ୍ୟେର ଇତିହାସ' ପୁସ୍ତକ ପ୍ରଥମଖଣ୍ଡ ୧୯୬ ପୃଷ୍ଠାରେ ଡକ୍ଟର ସୁକୁମାର ସେନ୍ ନିରପେକ୍ଷ ଭାବେ ଉଲ୍ଲେଖ କରିଛନ୍ତି ଯେ–

"କେନ୍ଦୁଲି ବଲିୟା ଏଖନ କୋନ ଗାଁଇ ନାଇଁ । ଅଜୟେର ଧାରେ ବାଲୁତଟେ ପୌଷ ସଂକ୍ରାନ୍ତି ସ୍ନାନେର ମେଲା ନିକଟେ ଯେ ଗ୍ରାମ ଆଛେ, ତାହାର ନାମ ଓ କେନ୍ଦୁଲି ନୟ । ଏଖାନେ କେନ୍ଦୁଲି ଗ୍ରାମଛିଲ ବଲିୟା କୋନ ପ୍ରମାଣ ଓ ନାଇ । ଚୈତନ୍ୟେର ସମୟେ ଜୟଦେବ ସ୍ମୃତି ସଂବଲିତ ଏ ମେଲାର କୋନ ଉଲ୍ଲେଖ

ନାଇ ଏବଂ ଜୟଦେବର ଜନ୍ମସ୍ଥାନ ବା ବାସସ୍ଥାନ ରୂପେ କେନ୍ଦୁଲିର ବା ଅନ୍ୟକୋନ ଗ୍ରାମେର କଥା ଓ ନାଇଁ ।"

x x x x x

"ମେଲାସ୍ଥାନର ନିକଟେ ଯେ ମନ୍ଦିର ଓ ଦେବସ୍ଥାନ ଆଛେ, ତାହାର ଇତିହାସ ଆରମ୍ଭ ହଇଆଛେ ୧୬୯୪ ଖ୍ରୀଷ୍ଟାବ୍ଦ ହଇତେ । ଉଡ଼ିଷ୍ୟାୟ ପୁରୀର ଅନତିଦୂରେ ପ୍ରାଚୀନଦୀର ଧାରେ କେନ୍ଦୁବିଲ୍ୱ ଗ୍ରାମ ଆଛେ । ମନେ ହଇତେ ପାରେ ଯେ ଗୀତଗୋବିନ୍ଦର ଗାଢ଼ ଆଦିରସ ଉଡ଼ିଷ୍ୟାର ମନ୍ଦିରେର ଏକ ଧରଣେର ସ୍ଥାପତ୍ୟ ଶିଳ୍ପେର ଇ ପ୍ରତିଫଲନ୍, ସୁତରାଂ ଜୟଦେବ ଉଡ଼ିଷ୍ୟା ନିବାସୀ ଇ ହଇବେନ ।"

ଏ.. ପ୍ରସଙ୍ଗରେ କଲିକତା ବିଶ୍ୱବିଦ୍ୟାଳୟର ପ୍ରଫେସର ୰ଡକ୍ଟରଆଶୁତୋଷ ଭଟ୍ଟାଚାର୍ଯ୍ୟ ୧୯୬୯ ମସିହା ଜୁନ୍ ୭ ତାରିଖ ସାପ୍ତାହିକ "ଯୁଗବାଣୀ"ରେ "ଜୟଦେବ" ପ୍ରବନ୍ଧରେ ଉଲ୍ଲେଖ କରିଛନ୍ତି "ଜୟଦେବ ଛିଲେନ ଓଡ଼ିଆ ଏବଂ ବୀରଭୂମିତେ ଅନୁଷ୍ଠିତ ବାସରିକ ମେଲା ଆସଲେ ବାଉଲମେଲା ଏବଂ ଜୟଦେବର ଜନ୍ମେର ସଙ୍ଗେ ଏର କୋନ ସମ୍ପର୍କ ନେଇ । ଜୟଦେବ ଲକ୍ଷ୍ମଣ ସେନର ସଭାକବି ଛିଲେନ ବଲେ ଏଯାବତ୍ ଯେ ସିଦ୍ଧାନ୍ତ ବିଦ୍‌ଗଧ ସମାଜେ ଗୃହୀତ ହୟେ ଛିଲ ତା ଗ୍ରହଣ ଯୋଗ୍ୟ ନୟ ।"

ଏତେସବୁ ପ୍ରମାଣ ଥାଉ ଥାଉ, "କବିତା: ୧୯୬୭" ପୁସ୍ତକାବଳୀର ପଞ୍ଚମ ଅଧ୍ୟାୟରେ "ଜୟଦେବ : ରାଧାକୃଷ୍ଣ ତତ୍ତ୍ୱ" ସମ୍ପର୍କୀୟ ଆଲୋଚନାରେ ମନ୍ତବ୍ୟ ରହିଛି, 'ଜୟଦେବ ଲକ୍ଷ୍ମଣ ସେନଙ୍କ ରାଜସଭା ମଣ୍ଡନ କରୁଥିଲେ । ଗୋଟିଏ ଶ୍ରୁତିକୁ ଭିତ୍ତିକରି ଶ୍ରୀ ରାଉତରାୟ ଏହି ଯୁକ୍ତି ଉପସ୍ଥାପିତ କରିଛନ୍ତି : ଡକ୍ଟର ନିହାର ରଞ୍ଜନ ରାୟଙ୍କ "ବାଙ୍ଗାଲୀର ଇତିହାସ" ରେ ଗୋଟିଏ ପ୍ରବାଦକୁ ଆଶ୍ରୟ କରି ସେ ଲେଖିଛନ୍ତି ।

'ବୀରଭୂମି ବିବରଣ'ରେ ଲେଖାଅଛି ଯେ– ଶ୍ରୀ ରୂପ ଶ୍ରୀ ସନାତନ ଶ୍ରୀଧାମ୍ ନବଦ୍ୱୀପରେ ଲକ୍ଷ୍ମଣ ସେନଙ୍କ ସଭାଗୃହ ତୋରଣର ଖଣ୍ଡେ କାଠପଟାରେ ନିମ୍ନଲିଖିତ ଶ୍ଳୋକଟି ଅଙ୍କିତ ହେବାର ଦେଖିଥିଲେ:

> ଗୋବର୍ଦ୍ଧନଶ୍ଚ ଶରଣ ଜୟଦେବ ଉମାପତିଃ
> କବିରାଜଶ୍ଚ ରତ୍ନାନି ସମିତୌ ଲକ୍ଷ୍ମଣସ୍ୟ ଚ ।

କେବଳ ବଙ୍ଗଳାର କେତୋଟି ଅଧୁନା ଲିଖିତ ପୁସ୍ତକ ବ୍ୟତୀତ ଅନ୍ୟ ଗ୍ରନ୍ଥ ବା ଭାଷା ସାହିତ୍ୟରେ 'ହା ପରିଦୃଷ୍ଟ ହୁଏ ନାହିଁ । ସଂସ୍କୃତ ସାହିତ୍ୟର କୌଣସି ପ୍ରାମାଣିକ ଗ୍ରନ୍ଥରେ ଏହି ଶ୍ରୁତି ପରିଦୃଷ୍ଟ ହୁଏ ନାହିଁ । ଏହି ଶ୍ରୁତିଟି କିଭଳି ମନଗଢ଼ା ଓ କପୋଳ କଳ୍ପିତ ଏ ସମ୍ପର୍କରେ ଅନେକ ତଥ୍ୟ ଉପସ୍ଥାପିତ କରାଯାଇ ପାରେ: ଏହି ଶ୍ଳୋକ ଗୋଟିକ କହ୍ଲଣଙ୍କ "ରାଜତରଙ୍ଗିଣୀ"ରେ ପରନ୍ତୁ ହୋଇଛି ବୋଲି ପଣ୍ଡିତ ମୋକାନ୍ତ ତ୍ରିପାଠୀ "ଆର୍ଯ୍ୟା ସପ୍ତଶତୀ" ଭୂମିକାରେ ଦର୍ଶାଇଛନ୍ତି । ଏ ସମ୍ବନ୍ଧରେ ମନରେ କୌତୁହଳ ଜାଗେ ।

କହ୍ଲଣଙ୍କ ରାଜତରଙ୍ଗିଣୀ ୧୧୪୯ ଖ୍ରୀଷ୍ଟାବ୍ଦରେ ସମାପ୍ତ ହୋଇଛି । ଜୟଦେବଙ୍କ ଜନ୍ମ ୧୧୬୭ ଖ୍ରୀଷ୍ଟାବ୍ଦ, ପୁଣି ଲକ୍ଷ୍ମଣସେନ ୧୧୭୮ ଖ୍ରୀଷ୍ଟାବ୍ଦରେ ରାଜୁତି ଆରମ୍ଭ କଲେ । ଏଣୁ ଜୟଦେବ ଲକ୍ଷ୍ମଣ ସେନଙ୍କ ରାଜସଭାରେ କବିଥିଲେ ବୋଲି "ରାଜତରଙ୍ଗିଣୀ" ରେ କିଭଳି ଉଲ୍ଲେଖ ହେଲା ? ରାଜତରଙ୍ଗିଣୀ ପ୍ରଥମେ ୧୮୩୫ ଖ୍ରୀଷ୍ଟାବ୍ଦରେ କଲିକତାରେ ମୁଦ୍ରିତ ହୋଇଛି । ସେହି ସମୟରେ କେହି ସଂକୀର୍ଣ୍ଣମନା ବଙ୍ଗୀୟ ପଣ୍ଡିତ ଉପରୋକ୍ତ ଶ୍ରୁତିକୁ "ରାଜତରଙ୍ଗିଣୀ"ରେ ଗ୍ରନ୍ଥିତ କରିଛନ୍ତି ।

ଏହା ବ୍ୟତୀତ "ସଦୁକ୍ତିକର୍ଣ୍ଣାମୃତ"ରେ ଜୟଦେବଙ୍କ ନାମରେ ମୁଦ୍ରିତ ଗୋଟିଏ ଶ୍ରୁତିକୁ ଶ୍ରୀ ରାଉତରାୟ ଉଦ୍ଧାର କରିଛନ୍ତି । ଶ୍ରୀଧର ଦାସଙ୍କ ମୂଳ ସଦୁକ୍ତି କର୍ଣ୍ଣାମୃତର ଶ୍ଳୋକ ଚୟକୁ ପରିବର୍ତ୍ତନ ଓ ସଂଶୋଧନ କରା ହୋଇଛି ବୋଲି 'ପବନଦୂତ' କାବ୍ୟର ନାନ୍ଦୀ ମୁଖରେ ସୂଚିତ ହୋଇଛି ।

ଉପରୋକ୍ତ ଶ୍ଳୋକଟି କେରଳ, ମାଡ୍ରାସ ଓ କର୍ଣ୍ଣାଟକରେ ମିଳିଥିବା ପୋଥି ଓ ପୁସ୍ତକରେ ପରିଦୃଷ୍ଟ ହୁଏ ନାହିଁ । ସେ ଯାହାହେଉ, ବଙ୍ଗଳାର ଲକ୍ଷ୍ମଣ ସେନଙ୍କ ରାଜୁତି କାଳ ଏପର୍ଯ୍ୟନ୍ତ ନିର୍ଣ୍ଣୟ ହୋଇ ପାରିନାହିଁ । ଏ ସମ୍ପର୍କରେ କେନ୍ଦୁଲୀ ଓ 'ଜୟଦେବ' ଶୀର୍ଷକ ପ୍ରବନ୍ଧରେ କାଞ୍ଚି ନାରାୟଣ ମହାନ୍ତିଙ୍କ ଯୁକ୍ତି ପ୍ରଣିଧାନଯୋଗ୍ୟ । ଜୟଦେବ, ଶରଣ, ଉମାପତି ଓ ଗୋବର୍ଦ୍ଧନ ଲକ୍ଷ୍ମଣ ସେନଙ୍କ ସମକାଳୀନ ନୁହନ୍ତି । ପ୍ରସିଦ୍ଧ ଐତିହାସିକ ମିନହାଜୀ ଉଦ୍ଦିନ ନିଜର "Tabaket-I-Nasiri"ଗ୍ରନ୍ଥରେ ଲେଖିଛନ୍ତି: ସେତେବେଳେ ବଖତିୟାର ଖିଲିଜିଙ୍କ ଦ୍ୱାରା ବଙ୍ଗଳା ଅଧିକୃତ ହେଲା ସେତେବେଳେ ଲଛମନିୟା ନାମକ ରାଜା ବଙ୍ଗଳାରେ ରାଜୁତି କରୁଥିଲେ । କିନ୍ତୁ ବଙ୍ଗ ଦେଶର ଇତିହାସରୁ ଜଣାଯାଏ ଯେ ବଙ୍ଗଳାରେ ଲଛମନିୟା ନାମରେ କେହି ରାଜା ନଥିଲେ ।

ପ୍ରତିଷ୍ଠିତ ସାହିତ୍ୟିକ ତଥା ସମାଲୋଚକ ୰ସୁରେନ୍ଦ୍ର ମହାନ୍ତି "ଜୟଦେବ ଗବେଷଣା : ପୁନଶ୍ଚ" ପ୍ରବନ୍ଧରେ ସତ୍ୟକୁ ମୂର୍ତ୍ତିମନ୍ତ କରି ରୂପାୟିତ କରିଛନ୍ତି ୰ମହାନ୍ତିଙ୍କ ଯୁକ୍ତିରେ ଅଛି ଐତିହାସିକ ପ୍ରମାଣ କାବ୍ୟିକ ବିବେଚନା ଓ ପ୍ରକୃଷ୍ଟ ରୂପାୟନ । ଏହିକ୍ରମରେ ସୁରେନ୍ଦ୍ରବାବୁଙ୍କର ଯୁକ୍ତିକୁ ଅବିକଳ ଉଦ୍ଧାର କରିବା ନ୍ୟାୟ ସଙ୍ଗତ ହେବ ।

ଏବେ ବଙ୍ଗୀୟ ତତ୍ତ୍ୱବିତ୍‌ମାନେ "ଗୀତଗୋବିନ୍ଦ" ପ୍ରଣେତା କବି ଜୟଦେବେ ଓଡ଼ିଶାର ଅଧିବାସୀ ଥିଲେ ବୋଲି ସ୍ୱୀକାର କରୁଥିବା ବେଳେ, ଓଡ଼ିଶାର କୌଣସି ଆଲୋଚକ କବିଜୟଦେବ ବଙ୍ଗଳା ବୀରଭୂମିର ଅଧିବାସୀ ଥିଲେ ବୋଲି ମତଦେବା ବିସ୍ମୟକର । ବସ୍ତୁତଃ ଓଡ଼ିଶାର ଇତିହାସ, ପରମ୍ପରା, ସାହିତ୍ୟ, ନୃତ୍ୟ, ସଙ୍ଗୀତ ଓ ଆଧ୍ୟାତ୍ମିକ ଜୀବନରେ 'ଗୀତଗୋବିନ୍ଦ' ଓ ସେହି ସୂତ୍ରରେ କବି ଜୟଦେବ ଯେପରି ସୁପ୍ରତିଷ୍ଠିତ, ବଙ୍ଗଳା ବା ମିଥିଳାରେ ଆଦୌ ସେପରି ନୁହନ୍ତି । ସୁଦୂର ଦ୍ୱାଦଶ ଶତାବ୍ଦୀ କାଳରେ ଗଙ୍ଗରାଜ କବି ନରସିଂହ ଦେବ ପୁରୀ ଶ୍ରୀମନ୍ଦିରରେ ପ୍ରତ୍ୟହ ଶ୍ରୀଜଗନ୍ନାଥଙ୍କ

ବେଶିହାର ବେଶ ବେଳେ, ଭିତର ଗାୟଣୀମାନେ ଗୀତଗୋବିନ୍ଦ ଗାନ କରିବାର ଯେଉଁ ବିଧି ପ୍ରବର୍ତ୍ତନ କରିଥିଲେ, ଆଜି ସୁଦ୍ଧା ଇତିହାସର ବହୁ ବିବର୍ତ୍ତନ ଓ ପରିବର୍ତ୍ତନ ମଧ୍ୟରେ ତାହା ସେହିପରି ଅବ୍ୟାହତ ଭାବରେ ଚଳି ଆସୁଅଛି । ଭାରତର ଅନ୍ୟ କୌଣସି ବିଷ୍ଣୁ ବା କୃଷ୍ଣ ମନ୍ଦିରରେ 'ଗୀତଗୋବିନ୍ଦ'ର ଏଭଳି ନୈମିତ୍ତିକ ଗାୟନ ପରିଲକ୍ଷିତ ହୁଏ ନାହିଁ । ତେଣୁ ଓଡ଼ିଆ ସାଧକ କବିଙ୍କର ରଚନା, ଏହ ପ୍ରଥା ଓ ପରମ୍ପରାର କ'ଣ ତାହାର ସବୁଠାରୁ ବଳି ଅକାଟ୍ୟ ପ୍ରମାଣ ନୁହେଁ ? ଓଡ଼ିଶାର ବୟନ ଶିଳ୍ପରେ ରହିଛି "ଗୀତଗୋବିନ୍ଦ"ର ପ୍ରଭାବ । ଶ୍ରୀଜଗନ୍ନାଥଙ୍କର ପ୍ରିୟ ଦଶଅବତାର ଖଣ୍ଡୁଆ ଭାରତରେ ଅନ୍ୟ କେଉଁଠି କେହି ବୁଣି ପାରନ୍ତି ନାହିଁ । କବି ଜୟଦେବ ଅତି ନିବିଡ଼ ଭାବରେ ଓଡ଼ିଶାର । ଏହାକୁ ଅସ୍ୱୀକାର କରିବା ବିଡ଼ମ୍ବନା ମାତ୍ର ।

ଶ୍ରୀ ନୀହାର ରଞ୍ଜନ ରାୟ ଓ ଶ୍ରୀ ସଚ୍ଚି ରାଉତରାୟଙ୍କ ପ୍ରଦତ୍ତ ବିବରଣୀ କିଭଳି କୌତୁହଳପୂର୍ଣ୍ଣ ସେ ସମ୍ପର୍କରେ ବିସ୍ତୃତ କରାଯାଇପାରେ । ଜୟଦେବଙ୍କ ଜନ୍ମର ୫୦୦ (ପାଞ୍ଚଶହ) ବର୍ଷ ପରେ ଖଣ୍ଡେ ପଥରେ ସେ ଶ୍ଳୋକଟି ଅକ୍ଷତ ଅବସ୍ଥାରେ କିଭଳି ରହିଲା ?? ବକ୍ତିଆର ଖିଲିଜୀ ଲକ୍ଷ୍ମଣ ସେନଙ୍କୁ ପରାଜିତ କରି ଧାଡ଼ୁଟି କଲେ । ଲକ୍ଷ୍ମଣ ସେନ ରାଜ୍ୟ ହରା ହୋଇ ଅନ୍ୟତ୍ର ଆଶ୍ରୟ ନେଲେ । ସେହି ସମୟ ମଧ୍ୟରେ ଜୟଦେବଙ୍କ ସମ୍ପର୍କରେ ବଙ୍ଗଳାର କୌଣସି ଗ୍ରନ୍ଥ ବା ଅଭିଲେଖରେ ତାଙ୍କର ନାମ ଗନ୍ଧ ନାହିଁ । କେବଳ ଜାତି ପ୍ରୀତିରେ ଉଦ୍‌ବୁଦ୍ଧ ହୋଇ ଶ୍ରୀ ନୀହାର ରଞ୍ଜନ ରାୟ ଯେଉଁ ମିଥ୍ୟାକୁ ଗ୍ରହଣ କରିଛନ୍ତି, ସଚ୍ଚିବାବୁ ମଧ୍ୟ ତାଙ୍କକଥାକୁ ଗ୍ରହଣ କରି ନେଇଛନ୍ତି ।

ଜୟଦେବଙ୍କ "ଗୀତ ଗୋବିନ୍ଦ" ଶୈଳୀରେ ଓଡ଼ିଶାରେ ଅନେକ କାବ୍ୟ – କବିତା ରଚିତ ହୋଇଛି । ଏହିଭଳି ଅନେକ ଟୀକା ମଧ୍ୟ ଓଡ଼ିଆରେ ଲେଖା ହୋଇଛି । ଏହି ମର୍ମରେ କେତେକ ଗ୍ରନ୍ଥ ସମ୍ପର୍କରେ ସୂଚନା ପ୍ରଦାନ କରିବା ନ୍ୟାୟସଙ୍ଗତ ହେବ । କବିରାଜ ନାରାୟଣ ଦାସ (ଖ୍ରୀ: ଅ: ୧୩୫୦) ଗୀତ ଗୋବିନ୍ଦର ସର୍ବାଙ୍ଗ ସୁନ୍ଦରୀ ଟୀକା ରଚନା କରିଛନ୍ତି । କବି ଜୟଦେବ ଓଡ଼ିଶାରେ ଜନ୍ମଗ୍ରହଣ କରିଥିଲେ ଏବଂ ବଙ୍ଗର ଲକ୍ଷ୍ମଣ ସେନଙ୍କ ସଭା ସହିତ ତାଙ୍କର କୌଣସି ସମ୍ପର୍କ ନଥିଲା ବୋଲି ଏହି ଟୀକା ଦ୍ୱାରା ପ୍ରମାଣିତ ହୁଏ । ଏହି ସମସ୍ତ ଆଲୋଚନା ପରେ ଶ୍ରୀ ସଚ୍ଚିଦାନନ୍ଦ ରାଉତରାୟଙ୍କ ବକ୍ତବ୍ୟ ସମ୍ପୂର୍ଣ୍ଣ ଭାବେ ଭିତ୍ତିହୀନ ଓ ତ୍ରୁଟିପୂର୍ଣ୍ଣ ବୋଲି ମନେ ହୁଏ ।

ଅନ୍ୟ ଏକ ପର୍ଯ୍ୟାୟରେ ଶ୍ରୀ ରାଉତରାୟ ଉପଧାକୁ ଆଳ କରି ଗୋଟିଏ ନଜିର ଦର୍ଶାଇଛନ୍ତି । ଯଥା :

କ୍ଷିତିରତି ବିପୁଳତରେ ତବ ତିଷ୍ଠତି ପୃଷ୍ଠେ
ଧରଣୀ ଧାରଣ କିନ ଚକ୍ର ଗରିଷ୍ଠେ ।

"ପଦରେ ପୃଷ୍ଠେ ଶବ୍ଦର 'ଷ୍ଠ' ବର୍ଣ୍ଣ ସଙ୍ଗେ ଗରିଷ୍ଠେ ଶବ୍ଦର ରି ବର୍ଣ୍ଣ ଉପଧା ମିଳନ ଘଟାଇଛନ୍ତି । ଓଡ଼ିଶାରେ ଋ ବର୍ଣ୍ଣର ଉଚ୍ଚାରଣ 'ରୁ' ବଙ୍ଗଳା ପରି 'ରି' ନୁହେଁ ।" ଉପରୋକ୍ତ ପଦରେ ଓଡ଼ିଆ ଓ ବଙ୍ଗଳାର ପ୍ରଶ୍ନ ନୁହେଁ । "ଗୀତ ଗୋବିନ୍ଦ" ଏକ ସଂସ୍କୃତ ସଙ୍ଗୀତ କାବ୍ୟ । ସଂସ୍କୃତରେ 'ଋ' ବର୍ଣ୍ଣ 'ରି' ଭାବରେ ଉଚ୍ଚାରିତ ହୁଏ । ଏହି ନିୟମରେ କେବଳ ବଙ୍ଗଳା ନୁହେଁ, ହିନ୍ଦୀରେ ମଧ୍ୟ 'ଋ' ବର୍ଣ୍ଣ 'ରି' ଭାବରେ ଉଚ୍ଚାରିତ ହୁଏ । ତଦ୍‌ରୂପ 'ଋ' ବର୍ଣ୍ଣ କେବଳ ଓଡ଼ିଆ ନୁହେଁ ସମଗ୍ର ଦାକ୍ଷିଣାତ୍ୟ ଭାଷାମାନଙ୍କରେ 'ରୁ' ଭାବରେ ଉଚ୍ଚରିତ ହୁଏ । ସଂସ୍କୃତ କାବ୍ୟ – କବିତା ଆଲୋଚନାରେ ପ୍ରାଦେଶିକ ଭାଷା – ସାହିତ୍ୟର ପ୍ରଶ୍ନ ଉଠେ ନାହିଁ । ଏଣୁ ଜୟଦେବ ସଂସ୍କୃତ ଛନ୍ଦ ନିୟମରେ "ଗୀତ ଗୋବିନ୍ଦ" ଲେଖିଛନ୍ତି । ବଙ୍ଗଳା ଭାଷାରେ ଲେଖିନାହାନ୍ତି । ଆମେ ଗୀତ ଗୋବିନ୍ଦର ଅନ୍ୟ ପଦକୁ ଲକ୍ଷ୍ୟ କଲେ ସ୍ପଷ୍ଟ ପ୍ରତିପାଦିତ ହେବ ଯେ – "ଲଳିତ ଲବଙ୍ଗଲତା ପରିଶୀଳନ କୋମଳ ମଳୟ ସମୀରେ" । ଏହା କେବଳ ଓଡ଼ିଆ ଉଚ୍ଚାରଣ ଶୈଳୀ । ସଂସ୍କୃତରେ ହେବ ଲଲିତ ଲବଙ୍ଗଲତା ପରିଶୀଲନ କୋମଲ ମଲୟ ସମୀରେ । ସଂସ୍କୃତରେ 'ଳ' ବର୍ଣ୍ଣ ନାହିଁ, 'ଲ' ବ୍ୟବହାର ହୁଏ । "ଛନ୍ଦ ମଞ୍ଜରୀ"ର ନିୟମ ଅନୁସାରେ "ଲଳିତ ଲବଙ୍ଗଲତା" ନିର୍ଦ୍ଦୁଷ୍ଟ । ଏ ସ୍ଥଳେ "ଗୀତ ଗୋବିନ୍ଦ"କୁ ସଂସ୍କୃତ ସଙ୍ଗୀତ କାବ୍ୟ ଭାବରେ ବିସ୍ତାର କରିବା କଥା, ପ୍ରାଦେଶିକ ଭାଷା ଭଙ୍ଗୀରେ ଆବଦ୍ଧ କରିବା ତ୍ରୁଟିପୂର୍ଣ୍ଣ ।

ଏହି ମର୍ମରେ ଅନ୍ୟ ଏକ ବିବରଣୀ ପ୍ରଦାନ କରାଯାଇପାରେ । ଜୟଦେବଙ୍କଠାରୁ ପ୍ରାକ୍ ସାରଳା ସାହିତ୍ୟରେ ଯଥା ଓଡ଼ିଆ ଢଗ ଢମାଳିରେ ଉପଧା ବିଳସିତ । ସାରଳା ଦାସ ସଂସ୍କୃତ ନିୟମକୁ ଉପେକ୍ଷା କରି ସମ୍ପୂର୍ଣ୍ଣ ଭାବେ ନୂତନ ଶୈଳୀରେ ମହାଭାରତ ରଚନା କଲେ । ଯାହା ଫଳରେ ଉତ୍କଳ କାବ୍ୟ – କବିତାରେ ଉପଧାର ସବିଶେଷ ପ୍ରୟୋଗ ହୋଇନାହିଁ । ଏହି ନ୍ୟାୟକୁ ଶ୍ରୀ ରାଉତରାୟ ମଧ୍ୟ ଆଗ୍ରହ ସହ ଗ୍ରହଣ କରିଛନ୍ତି । ଏହା ମଧ୍ୟରେ ଅନେକ ଚଉପଦୀ – ସଙ୍ଗୀତ ତଥା ରାମକୃଷ୍ଣ କେଳି କଲ୍ଲୋଳ କାବ୍ୟରେ ଉପଧା ବିଳସିତ । ଏହା ବ୍ୟତୀତ ରାଧାନାଥଙ୍କ ପରେ ଅଧିକାଂଶ କାବ୍ୟରେ ଉପଧାର ପ୍ରୟୋଗ ହୋଇଛି ।

ଜୟଦେବ ଅଷ୍ଟପଦୀଚୟକୁ ଉପଧା ନିୟମରେ ଲେଖିଥିବାରୁ ବଙ୍ଗୀୟ କବିମାନେ ଏହାଦ୍ୱାରା ପ୍ରଭାବିତ ହୋଇଛନ୍ତି । ଏହା ଭାବପ୍ରବଣତା । ହିନ୍ଦୀ ଭାଷାରେ ଯେତେ ପୁରାଣ କାବ୍ୟ – କବିତା ଓ ସଙ୍ଗୀତ ଲେଖା ହୋଇଛି ପ୍ରତ୍ୟେକ ପଦରେ ଉପଧା ବିଦ୍ୟମାନ । ଏହାର କାରଣ ହିନ୍ଦୀ ଓ ବଙ୍ଗଳା ଭାଷା ମାତ୍ରା ଭେଦରେ ଉଚ୍ଚାରିତ ହୁଏ । ଓଡ଼ିଆ ଭାଷା ବର୍ଣ୍ଣ ଭେଦରେ ଉଚ୍ଚାରିତ ହୁଏ । ଏଣୁ ହିନ୍ଦୀରେ ମାତ୍ରା ଗଣନା ନିୟମରେ କାବ୍ୟ – କବିତା ରଚିତ ହୋଇଛି । ଏଥିନିମନ୍ତେ ପ୍ରତ୍ୟେକ ପଦର ଯତିପାତକୁ ଶ୍ରୁତି ମଧୁର କରିବା ପାଇଁ ଉପଧା ରକ୍ଷା କରାହୋଇଛି । ଏହି ମାତ୍ରା ଗଣନା ନିୟମ "ଗୀତ ଗୋବିନ୍ଦ"ରେ ସମ୍ପୂର୍ଣ୍ଣ ଭାବେ ପରିସ୍ଫୁଟ । ଏହି ମାତ୍ରା ଗଣନା ଛନ୍ଦରେ ବଙ୍ଗଳା କବିତା ବା ସଙ୍ଗୀତ ନାହିଁ । ଏହି ପ୍ରସଙ୍ଗରେ ଗୀତ ଗୋବିନ୍ଦର ଗୋଟିଏ ପଦ ଉଦ୍ଧାର କରାଗଲା :

ଧୀର-ସମୀରେ ଯମୁନା-ତୀରେ
ବସତି ବନେ ବନମାଳୀ,
ପୀନ ପୟୋଧର ପରିସର ମର୍ଦ୍ଦନ
ଚଞ୍ଚଳ କର ଯୁଗଶାଳୀ ।

ଏହି ପଦରେ ୮+୮+୧୨, ୮+୮+୧୨ ମାତ୍ରା ଗୁମ୍ଫିତ ହୋଇଛି । ଏହି ମାତ୍ରା ବୃତ୍ତ ଏହି ପଦ ଅକ୍ଷର ଗଣନାରେ ରଚିତ ନୁହେଁ । ଏହି ମାତ୍ରା ବୃତ୍ତ ଛନ୍ଦରେ ପ୍ରଥମ ପ୍ରୟୋଗ "ଗୀତ ଗୋବିନ୍ଦ"ରେ ହୋଇଛି । ଯାହା ହେଉ ଓଡ଼ିଆ ଜଗନ୍ନାଥଙ୍କ କିପରି ଉପଧା ବିଦ୍ୟମାନ ତହିଁରୁ ଦୁଇଟି ଉଦାହରଣ ଦେବ ଯୁକ୍ତିସଙ୍ଗତ ହେବ ।

ଜୟଦେବ: ରାଧାକୃଷ୍ଣ ତତ୍ତ୍ୱ ପର୍ଯ୍ୟାୟରେ ଉଲ୍ଲେଖ ଅଛି— "କବିନ୍ଦ୍ର ବଚନ ସମୁଚ୍ଚୟ"ରେ ରାଧାକୃଷ୍ଣ ପ୍ରେମଲୀଳା ଯେପରି ପରିସ୍ଫୁଟ ଓ ପ୍ରମୂର୍ତ୍ତ, ସେଥିରୁ ଏହାକୁ ପ୍ରାକ୍ "ଗୀତ ଗୋବିନ୍ଦ" ଯୁଗର ପ୍ରକୃଷ୍ଟ ଭୂମିକା ରୂପେ ଗ୍ରହଣ କରାଯାଇପାରେ ।

"କୋଽହଂ ଦ୍ୱାରି ହରିଃ ପ୍ରଯାହ୍ୟ
ପବନଂ ଶାଖାମୃଗେନାତ୍ର କିଂ
କୃଷ୍ଣୋଽହଂ ଦୟିତେ ବିଭେମି
ସୁତରାଂ କୃଷ୍ଣଃ କଥଂ ବାନରଃ ।
ମୁଗ୍ଧେଽହଂ ମଧୁସୂଦନୋ ବ୍ରଜଲତାଂ
ତାମେ ପୁଷ୍ପାସବାମ୍
ଇତ୍ଥଂ ନିର୍ବଚନୀକୃତୋ ଦୟିତୟା
ହ୍ରୀଣୋ ହରିଃ ପାତୁ ବଃ ॥

(ଲେଖକ ଅଜ୍ଞାତ)। କିନ୍ତୁ "ସଦୁକ୍ତି"ରେ ଏଇ ଶ୍ଳୋକଟି କବି ଶୁଭଙ୍କରଙ୍କ ନାମରେ ସଙ୍କଳିତ — ବ: ୫୬

ଏହି ଶ୍ଳୋକରେ ରେଖାଙ୍କିତ ଶବ୍ଦଦ୍ୱୟ ଦୋଷପୂର୍ଣ୍ଣ । ଶ୍ରୀ ରାଉତରାୟ ଯଦି "ସଦୁକ୍ତି କର୍ଣ୍ଣାମୃତ"ରୁ ଅବିକଳ ଉଦ୍ଧାର କରିଛନ୍ତି, ତାହା ଗ୍ରହଣଯୋଗ୍ୟ ନୁହେଁ । ଏହି ଶ୍ଳୋକ ସୁଭାଷିତ ବଳି, ସୁଭାଷିତ ରତ୍ନଭାଣ୍ଡାଗାର ଓ ସୂକ୍ତି ସାଗରରେ ଭିନ୍ନ ପ୍ରକାର ଲିଖିତ । ସଦୁକ୍ତି ପୂର୍ବରୁ ସୁଭାଷିତାବଳି ରଚିତ ଏ ସମ୍ପର୍କରେ ଐତିହାସିକ ପ୍ରମାଣ ପ୍ରଦାନ କରାଗଲା : ସୁଭାଷିତାବଳିଃ of Vallabhadeva of Kashmir; quoted by Sarvananda in his commentary on the Amarakosa (1160 A.D.) text inflated later. Ed. Dr. Peterson 1886. ଉପରୋକ୍ତ ଶ୍ଳୋକର ଲେଖକଙ୍କ ନାମ ସୁଭାଷିତ ବଳିରେ ନାହିଁ। ଶ୍ଳୋକଟି ଏହିଭଳି ଭାବରେ ଲିଖିତ ହୋଇଛି, ଯଥା :

କୋଽହଂ ଦ୍ୱାରି ହରିଃ ପ୍ରଯାହ୍ୟୁ ପବନଂ ଶାଖା
ମୃଗସ୍ୟାତ୍ର କିଂ,
କୃଷ୍ଣୋଽହଂ ଦୟିତେ ବିଭେମି ସୁତରାଂ କୃଷ୍ଣାଦହଂ
ବାନରାତ ।
ରାଧେଽହଂ ମଧୁସୂଦନୋ ବ୍ରଜଲତାଂ ତାମେବ
ପୁଷ୍ପାନ୍ୱିତାଂ
ଇତ୍ଥଂ ନିର୍ବଚନୀକୃତୋ ଦୟିତୟା ହ୍ରୀଣୋ ହରିଃ
ପାତୁ ବଃ ॥

ଏହି ଶ୍ଳୋକ ଭଳି ଆଉ ଏକ ଶ୍ଳୋକ "ଅଙ୍ଗୁଲ୍ୟା କଃ କପାଟଂ"..... ସୁଭାଷିତବଳି, ସୁଭାଷିତ ରତ୍ନଭଣ୍ଡାଗାର ଓ ସୂକ୍ତି ସାଗରରେ ସଙ୍କଳିତ ହୋଇଛି ।

ଜୟଦେବଙ୍କ ପୂର୍ବରୁ "ବେଣୀ ସଂହାର" ରଚୟିତା ଭଟ୍ଟନାରାୟଣ ୮୦୦ ଖ୍ରୀଷ୍ଟାବ୍ଦରେ ରାଧାକୃଷ୍ଣଙ୍କ ପ୍ରେମଲୀଳା ସମ୍ପର୍କରେ ଏହିଭଳି କେତେକ ଶ୍ଳୋକ ରଚନା କରିଛନ୍ତି । ସେଥିମଧ୍ୟରୁ "ବେଣୀ ସଂହାର"ର ଦ୍ୱିତୀୟ ଶ୍ଳୋକଟି ଉଦ୍ଧାର କରାଗଲା:

କାଳିନ୍ଦ୍ୟାଃ ପୁଳିନେଷୁ କେଳିକୁପିତାମୁତ୍ସୃଜ୍ୟ
ରାସେ ରସଂ
ଗଚ୍ଛନ୍ତି ମନୁଗଚ୍ଛତୋଽଶ୍ରୁକଲୁଷାଂ କଂସଦ୍ୱିଷୋ
ରାଧିକାମ୍ ।
ତତ୍ପାଦ ପ୍ରତିମାନିବେଶିତ ପଦସ୍ୟୋ ଦ୍ଭୂତ
ରୋମୋଦ୍‌ଗତେ,
ରକ୍ଷୁଣ୍ଣୋଽନୁନୟଃ ପ୍ରସନ୍ନ ଦୟିତା ଦୃଷ୍ଟସ୍ୟ
ପୁଷ୍ଣାତୁ ବଃ ॥

ଏତାଦୃଶ ରାଧାକୃଷ୍ଣ ପ୍ରେମତତ୍ତ୍ୱ ସମ୍ବଳିତ ଅନେକ ଶ୍ଳୋକ ସଂସ୍କୃତ ସାହିତ୍ୟରେ ରଚିତ ହୋଇଛି ।

ଶ୍ରୀ ରାଉତରାୟଙ୍କ କବିତା ୧୯୬୨ ପୁସ୍ତକର ୨୬୨ ପୃଷ୍ଠାରେ ଯେଉଁ ଦୃଢ଼ ଯୁକ୍ତି ଉପସ୍ଥାପିତ କରିଛନ୍ତି, ତାହା କିଭଳି ପ୍ରମାଦପୂର୍ଣ୍ଣ ଓ ଭିତ୍ତିହୀନ ଏହି ଶ୍ଳୋକରୁ ପ୍ରତିପାଦିତ ହୁଏ । ବିଶେଷ ଉଲ୍ଲେଖନୀୟ ବିଷୟ ଏହିକି, ଜୟଦେବଙ୍କ ପୂର୍ବବର୍ତ୍ତୀ କବି ଲୀଳାଶୁକ — ବିଲ୍ୱମଙ୍ଗଳଙ୍କ କୃଷ୍ଣ କର୍ଣ୍ଣାମୃତରେ ରାଧାକୃଷ୍ଣ ପ୍ରେମ ସମ୍ବନ୍ଧୀୟ ଅନେକ ଶ୍ଳୋକ ରଚିତ ହୋଇଛି । ସୁଭାଷିତ ରତ୍ନଭାଣ୍ଡାଗାରରେ "କୃଷ୍ଣ କର୍ଣ୍ଣାମୃତ"ର ସଂକ୍ଷିପ୍ତ ପରିଚୟରେ ସୂଚିତ ହୋଇଛି । କୃଷ୍ଣ କର୍ଣ୍ଣାମୃତମ୍— of Bilvamangal, son of Damodar and Nilli, pupil of Isanadeva (11th century) ଏହି ମର୍ମରେ କୃଷ୍ଣ କର୍ଣ୍ଣାମୃତରୁ ମାତ୍ର ଗୋଟିଏ ଶ୍ଳୋକ ପ୍ରଦାନ କରାଗଲା :

ରାଧାପୁନାତୁ ଜଗଦଚ୍ୟୁତ ଦତ୍ତଚିତ୍ତା
ମନ୍ଥାନମା କଳୟତି ଦଧିରିକ୍ତ ପାତ୍ରେ ।
ଯସ୍ୟାଃ ସ୍ତନସ୍ତବକଚଞ୍ଚଳ ଲୋଳ ଦୃଷ୍ଟିଃ
ଦେବୋଽପି ମୋହନ ହିସା କୁପଦଂ ପ୍ରଣାଧ୍ୱା ।

ଏତଦ୍ ବ୍ୟତୀତ ପ୍ରାଚୀନ ଓଡ଼ିଆ ସାହିତ୍ୟରେ "ଆମଦାନୀ"ର ଅନୁରୂପ ଆଲୋଚନା ପ୍ରସଙ୍ଗରେ ଶ୍ରୀ ରାଉତରାୟ ଯେତେ ସବୁ ଶ୍ଳୋକ ଉଦ୍ଧାର କରିଛନ୍ତି, ସେଥିରୁ ମଧ୍ୟରୁ ଅଧିକାଂଶ କାବ୍ୟ ଓ କାବ୍ୟକାରଙ୍କ ନାମ ମଧ୍ୟ ତ୍ରୁଟିପୂର୍ଣ୍ଣ । ଯଥା :

"ଶ୍ରାନ୍ତସାମି ତବ ପାଦପଙ୍କଜଂ"

ଏହି ଶ୍ଳୋକ ସଂସ୍କୃତ "ମହାନାଟକ" ପ୍ରଥମ ଅଙ୍କର ୫ମ ଶ୍ଳୋକ, କିନ୍ତୁ ଶ୍ରୀ ରାଉତରାୟ ଏହାକୁ (ଆଧ୍ୟାତ୍ମ ରାମାୟଣ)ରୁ ଗୃହୀତ ବୋଲି ଦର୍ଶାଇଛନ୍ତି । ପୁନଶ୍ଚ ୨୭୭ ପୃଷ୍ଠାରେ ଯେଉଁ ତିନୋଟି ଶ୍ଳୋକକୁ ଦୁଷ୍ମନ୍ତ ଛଳେ ଲିପିବଦ୍ଧ କରିଛନ୍ତି ସେ ସମସ୍ତ ନୈଷଧରେ ବୋଲି ଦର୍ଶାଇଛନ୍ତି । ସଂସ୍କୃତ ସାହିତ୍ୟରେ ପାଣ୍ଡିତ୍ୟ ଅର୍ଜନ କରିଥିବା ବ୍ୟକ୍ତି ଏ ପ୍ରକାର ଭ୍ରମାତ୍ମକ ତଥ୍ୟ ଉପସ୍ଥାପିତ କରିପାରିବେ ନାହିଁ ।

ପ୍ରଥମ ଶ୍ଳୋକ—"ଶାନ୍ତେ ମନ୍ମଥ ସମରେ ରଣଭୂଣଂ"

ଏହା ହରି ସୁଭାଷିତ ସଂଗ୍ରହରେ ୭୬୨ କ୍ରମିକ ଶ୍ଳୋକ ।

ଦ୍ୱିତୀୟ ଶ୍ଳୋକ—"ବାହୁ ଦୌତ ମୃଣାଳ ମାସ୍ୟ କମଳଂ
ଲାବଣ୍ୟ ଲୀଳାଜଳମ୍"

ଏହା ମହାକବି କାଳିଦାସଙ୍କ ଶୃଙ୍ଗାର ତିଳକର ପ୍ରଥମ ଶ୍ଳୋକ ।

ତୃତୀୟ ଶ୍ଳୋକ—"ପର୍ଯ୍ୟାପ୍ତ ପୁଷ୍ପସ୍ତବକା
ଭିନମ୍ରା ସଞ୍ଚାରିଣୀ"

ସୁଭାଷିତ ରତ୍ନଭାଣ୍ଡାଗାର ୩୩୧ ପୃଷ୍ଠା ୩୦ ଶ୍ଳୋକ । ଲେଖକ ଅଜ୍ଞାତନାମା ।

ଏ ସମସ୍ତ ଆଲୋଚନାରୁ ସଚ୍ଚିଦାନନ୍ଦ ରାଉତରାୟଙ୍କ ସଂସ୍କୃତ ସାହିତ୍ୟରେ ପାରଦର୍ଶିତା ସହଜରେ ଜଣାପଡ଼େ । ଏଥିରୁ ଅନୁମେୟ ଶ୍ରୀ ରାଉତରାୟ କେତେଖଣ୍ଡି ବଙ୍ଗଳା ବହିକୁ ଆଖି ଆଗରେ ରଖି ଆଲୋଚନାରେ ମନୋନିବେଶ କରିଛନ୍ତି । ଏଣୁ ଶ୍ରୀ ପ୍ରଭୃତି ରାଉତରାୟଙ୍କ ଯୁକ୍ତି ଗ୍ରହଣଯୋଗ୍ୟ ନୁହେଁ । ଏହି ବିସ୍ତୃତ ଆଲୋଚନା ପରେ ସ୍ପଷ୍ଟ ପ୍ରମାଣିତ ହୁଏ ଯେ — ଗୀତ ଗୋବିନ୍ଦକାର ଜୟଦେବ ଉତ୍କଳରେ ଜନ୍ମ ଗ୍ରହଣ କରିଥିଲେ ।

ଜୟଦେବଙ୍କ ଗୀତ ଗୋବିନ୍ଦ ଭଳି "ରାମ ଗୀତ ଗୋବିନ୍ଦ" ଏହି ଲେଖକ ଦ୍ୱାରା ସଂଗୃହୀତ । ଏହି କାବ୍ୟର ସ୍ରଷ୍ଟା ମଧ୍ୟ ଜୟଦେବ । ସଂସ୍କୃତ ସାହିତ୍ୟରେ ଅନେକ ଜୟଦେବଙ୍କ ସୃଷ୍ଟି ସହିତ ଆମେ ପରିଚିତ । ଏମାନଙ୍କ ମଧ୍ୟରୁ କତିପୟ କାବ୍ୟକାର ଓ କାବ୍ୟ ସମ୍ପର୍କରେ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରାଗଲା ।

(୧) ଜୟଦେବ—ଗୀତ ଗୋବିନ୍ଦ ରଚୟିତା (ଉତ୍କଳବାସୀ)
(୨) ଜୟଦେବ—ପ୍ରସନ୍ନ ରାଘବ (ନାଟକ)
(୩) ଜୟଦେବ—ଚନ୍ଦ୍ରାଲୋକ (ଅଳଙ୍କାର)
(୪) ଜୟଦେବ—ତ୍ରିପୁର ସୁନ୍ଦରୀ
(୫) ଜୟଦେବ—ରସାମୃତ
(୬) ଜୟଦେବ—ଗଙ୍ଗାଷ୍ଟପଦୀ
(୭) ଜୟଦେବ—ପ୍ରଶ୍ନନିଧି
(୮) ଜୟଦେବ—ରତିମଞ୍ଜରୀ (କୋକ ଶାସ୍ତ୍ର)
(୯) ଜୟଦେବ—ରାମ ଗୀତ ଗୋବିନ୍ଦ

ଗୀତ ଗୋବିନ୍ଦର ମାଙ୍ଗଳିକ ଉପସ୍ଥାପନା, ଛନ୍ଦ, ଭାଷା ତଥା ଅଷ୍ଟପଦୀର ରାଗମାନଙ୍କ ଅନୁସରଣରେ "ରାମ ଗୀତ ଗୋବିନ୍ଦ" ରଚିତ । ଉଦାହରଣ ସ୍ୱରୂପ ଦୁଇଟି ଶ୍ଳୋକ ଉଦ୍ଧାର କରାଗଲା :

ଯଦି ହରି ସ୍ମରଣେ ସରସଂ ମନୋ ଯଦି ବିଳାସ
କଳାସୁ — କୁତୂହଳମ୍ ।
ମଧୁର କୋମଳକାନ୍ତ ପଦାବଳୀଂ ଶୃଣୁତଦା ଜୟଦେବ
ସରସ୍ୱତୀମ୍ ॥
(ଗୀତ ଗୋବିନ୍ଦ)

ଯଦି ରାମ ପଦାମ୍ବୁଜେ ରତି ଯଦି ବା କାବ୍ୟ କଳାସୁ
କୌତୁକମ୍ ।
ପଠନୀୟ ମିଦଂ ତଦୋଜସା ରୁଚିରଂ ଶ୍ରୀ ଜୟଦେବ
ନିର୍ମିତମ୍ ॥
(ରାମ ଗୀତ ଗୋବିନ୍ଦ)

ପୁନଶ୍ଚ :

ବାଗ୍ ଦେବତା ଚରିତ ଚିତ୍ରିତ ଚିତ୍ତ-ସଦ୍ମା,
ପଦ୍ମାବତୀ ଚରଣ ସ୍ମରଣ ଚକ୍ରବର୍ତ୍ତୀ,
ଶ୍ରୀ ବାସୁଦେବ ରତିକେଳି କଥା ସମେତ
ମେତଂ କରୋତି ଜୟଦେବ କବିଃ
ପ୍ରବନ୍ଧଃ ॥

ବାଲ୍ମୀକିନାଦ୍ୟେ କବିନା ଶତକୋଟି ସଂଖ୍ୟଂ
ରାମାୟଣ କିରଚତଂ ଶଶୀମୌଳିନା ଚଂ ।
କାକେନ ବାଯୁତନୟେନ ତଥାପରେଣ
କିଞ୍ଚିତ କରୋତି ଜୟଦେବ କବି ଚରିତମ୍ ।
(ରାମ ଗୀତ ଗୋବିନ୍ଦ)

ରାମ ଗୀତ ଗୋବିନ୍ଦ ଉପରେ ଏହି ଲେଖକ ଏକ ପୁସ୍ତକ ପ୍ରଣୟନ କରିଛି । ସେହି ଗ୍ରନ୍ଥରେ ଜୟଦେବଙ୍କ ସୃଷ୍ଟି ସମ୍ପର୍କରେ ସବିଶେଷ ଆଲୋଚନା ହୋଇଛି ।

ପରିଶେଷରେ ଜୟଦେବଙ୍କ ଅଷ୍ଟପଦୀର ସ୍ରୋତ ଜଗନ୍ନାଥ ମନ୍ଦିରରୁ ପଲ୍ଲୀର ପ୍ରାଙ୍ଗଣ ପର୍ଯ୍ୟନ୍ତ ପ୍ରବାହିତ । ଏହି ସ୍ରୋତର

କଲ୍ଲୋଳ ପାଠକ ଓ ଶ୍ରୋତାର ଶ୍ୟାମଘନ ମନ ଭୂମିକୁ ଯୁଗଯୁଗ ଧରି ପ୍ଲାବିତ କରି ଆସୁଛି । ଏଇଥିପାଇଁ ଜୟଦେବ ଓ ଗୀତ ଗୋବିନ୍ଦ ଉତ୍କଳରେ ସୁପରିଚିତ ଏବଂ ପୂଜିତ । ଏହି ନ୍ୟାୟରେ ଜୟଦେବ ଯେ ଉତ୍କଳର ପ୍ରଥମ ସଙ୍ଗୀତକାର, ଏହା ସର୍ବବାଦୀ ସମ୍ମତ ।

**ସହାୟକ ଗ୍ରନ୍ଥ ସୂଚୀ :**


(୧) ଗୀତ ଗୋବିନ୍ଦ—ଜୟଦେବ
(୨) ରାମ ଗୀତ ଗୋବିନ୍ଦ—ଜୟଦେବ
(୩) ପ୍ରସନ୍ନ ରାଘବ—ଜୟଦେବ
(୪) ଆର୍ଯ୍ୟା ସପ୍ତଶତୀ—ଗୋବର୍ଦ୍ଧନ
(୫) ସୁଭାଷିତ ରତ୍ନଭାଣ୍ଡାଗାର
(୬) ସୂକ୍ତି ସାଗର
(୭) ସୁଭାଷିତାବଳିଃ—ବଲ୍ଲଭଦେବ
(୮) କୃଷ୍ଣ କର୍ଣ୍ଣାମୃତ—ବିଲ୍ୱମଙ୍ଗଳ
(୯) ଅଲଙ୍କାର ଶେଖର—କେଶବ ମିଶ୍ର
(୧୦) ବେଣୀ ସଂହାର—ଭଟ୍ଟ ନାରାୟଣ
(୧୧) ମହାକବି ଜୟଦେବ—ଜନାର୍ଦ୍ଦନ ପାଣିଗ୍ରାହୀ
(୧୨) ଶ୍ରୀ ଜୟଦେବ—ଚନ୍ଦ୍ରଶେଖର ମହାପାତ୍ର
(୧୩) କବିତା ୧୯୬୬—ସଚ୍ଚିଦାନନ୍ଦ ରାଉତରାୟ
(୧୪) ଦାର୍ଢ୍ୟତାଭକ୍ତି—ବିପ୍ର ରାମଦାସ
(୧୫) ମହା ନାଟକ
(୧୬) ଶୃଙ୍ଗାର ତିଳକ
(୧୭) ନୈଷଧୀୟ ଚରିତମ୍
(୧୮) ଜଗନ୍ନାଥ ପୁରୀ ପ୍ରାନ୍ତେ
(୧୯) ଓଡ଼ିଶାର କବି ଜୟଦେବ
(୨୦) ଜୟଦେବ ଗବେଷଣା
(୨୧) କେନ୍ଦୁଲି ଓ ଜୟଦେବ




# ଶ୍ରୀ ଜୟଦେବ ଓ ବିବାଦୀୟ କେନ୍ଦୁବିଲ୍ୱ ଶାସନ

• ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ

"ଗୀତ ଗୋବିନ୍ଦ"ର ଉତ୍କର୍ଷତା ପ୍ରତିପାଦନ କରି ମହାକବି ଜୟଦେବ ପାଠକମାନଙ୍କୁ କହିଛନ୍ତି :

ଯଦି ହରି ସ୍ମରଣେ ସରସଂ ମନୋ
ଯଦି ବିଳାସ କଳାସୁକୁତୁହଳମ୍
ମଧୁର କୋମଳ କାନ୍ତ ପଦାବଳୀଂ
ଶୃଣୁ ତଦା ଜୟଦେବ ସରସ୍ୱତୀମ୍(୩)

କବି ଏହାର ପରବର୍ତ୍ତୀ ପଦରେ ଉମାପତିଧର, ଶରଣ ଗୋବର୍ଦ୍ଧନ ଆଚାର୍ଯ୍ୟ ଓ କବିରାଜ ଧୋୟୀଙ୍କ କବିତ୍ୱର ତ୍ରୁଟି ଦେଖାଇ ନିନ୍ଦା କରିଛନ୍ତି :

"ବାଚଃ ପଲ୍ଲବୟତ୍ୟୁମାପତିଧରଃ ସନ୍ଦର୍ଭ ଶୁଦ୍ଧିଂ ଗିରାଂ
ଜାନିତେ ଜୟଦେବ ଏବ ଶରଣଃ ଶ୍ଳାଘ୍ୟୋ
ଦୁରୂହଦ୍ରୁତେ
ଶୃଙ୍ଗାରୋତ୍ତରସତ୍ ପ୍ରମେୟ ରଚନୈରାଚାର୍ଯ୍ୟ ଗୋବର୍ଦ୍ଧନ
ସ୍ପର୍ଦ୍ଧୀକୋଽପି ନ ବିଶ୍ରୁତ ଶ୍ରୁତି ଧରୋ ଧୋୟୀ
କବିକ୍ଷ୍ମାପତିଃ ।

ଉପରୋକ୍ତ ଶ୍ଳୋକର ଅର୍ଥ ହେଉଛି ଉମାପତି ଧରଙ୍କ ବାକ୍‌ମାଧୁର୍ଯ୍ୟ ରହିତ ଶବ୍ଦାର୍ଥ, ଗୁଣଶୂନ୍ୟ କାବ୍ୟ ସହୃଦୟମାନଙ୍କ ଆହ୍ଲାଦଜନକ ନଥିଲା । ଶରଣଙ୍କ କାବ୍ୟ କ୍ଳିଷ୍ଟ ଓ ନିରସତା ଯୋଗୁ ଚିତ୍ତ ବିନୋଦନ ପାଇଁ ଅନୁପଯୁକ୍ତ, ଇତର ବିଦ୍ୟାରେ ପାଣ୍ଡିତ୍ୟ ଯୋଗୁ ଗୋବର୍ଦ୍ଧନ ଶୃଙ୍ଗାର ରସ କାବ୍ୟ ରଚନାରେ ଅପ୍ରତିଦ୍ୱନ୍ଦ୍ୱୀ ଥିଲେ ମଧ୍ୟ ରସାନ୍ତର ବର୍ଣ୍ଣନା ଓ ମାଧୁର୍ଯ୍ୟ ଗୁଣଯୁକ୍ତ କବିତା ସୃଷ୍ଟିରେ ସେ ଥିଲେ ଅସମର୍ଥ । ଉପହାସରେ ତାଙ୍କର ଆଚାର୍ଯ୍ୟ ପଦବୀ ମଣ୍ଡନ ଓ ଶ୍ରୁତିଧରୋ ଧୋୟୀ ସତ୍‌ବାକ୍ୟ ରଚନାରେ ପାରଦର୍ଶିତା ଅଭାବ ଓ ତାଙ୍କର କବିରାଜ ପଦବୀ ଧାରଣ କେବଳ ଅହଂକାର ଥିଲା । ଏହି ଅର୍ଥ ମୈଥିଳୀ ପଣ୍ଡିତ ମହା ମହୋପାଧ୍ୟାୟ ଶଙ୍କର ମିଶ୍ରଙ୍କ "ରସ ମଞ୍ଜରୀ" ଟୀକାରେ ଦେଖିବାକୁ ମିଳିଥାଏ ।

ଏହି କବି ପଣ୍ଡିତମାନେ କୌଣସି ରାଜାଶ୍ରିତ ଥିବା ମଧ୍ୟ "ଗୀତ ଗୋବିନ୍ଦ"ରେ ଉଲ୍ଲେଖ ନାହିଁ । ତେଣୁ ସଂପୃକ୍ତ କବିମାନଙ୍କ ସମ୍ପର୍କରେ ନିମ୍ନୋକ୍ତ ଆଲୋଚନା କରାଯାଇପାରେ ।

**ଉମାପତିଧର :**

ଉମାପତିଧର ସେନ ରାଜବଂଶର ମନ୍ତ୍ରୀ ଥିଲେ । ବିଜୟ ସେନଙ୍କ "ଦେଓପଡ଼ା ପ୍ରଶସ୍ତି"ର ରଚୟିତା ଉମାପତିଧର ଓ "ଗୀତ ଗୋବିନ୍ଦ"ର ଉମାପତିଧର ଏକ ବ୍ୟକ୍ତି ହୋଇପାରନ୍ତି । ଏହି ପ୍ରଶସ୍ତିରେ ଗଙ୍ଗ ସମ୍ରାଟ ରାଘବ ଦେବଙ୍କ (୧୧୫୬—୧୧୭୦) ସହିତ ଯୁଦ୍ଧର ବର୍ଣ୍ଣନା ଅଛି । ପ୍ରଶସ୍ତି ଶେଷରେ ଉମାପତିଧରଙ୍କ ନାମ ରହିଛି । ଏହି ପ୍ରଶସ୍ତି ୧୧୫୬ରୁ ୧୧୫୮ ଖ୍ରୀ: ଅ: ମଧ୍ୟରେ ରଚିତ ହୋଇଥିବାର ସମ୍ଭାବନା । ପ୍ରଶସ୍ତିର ୭, ୨୩, ୨୪, ୩୦ ସଂଖ୍ୟକ ଚାରିଗୋଟି ଶ୍ଳୋକ "ସଦୁକ୍ତି କର୍ଣ୍ଣାମୃତମ୍"ରେ ମଧ୍ୟ ସ୍ଥାନ ପାଇଛି । ମାଧାଇ ନଗର ତାମ୍ର ଶାସନ ୪ର୍ଥ ଶ୍ଳୋକର ଅନୁରୂପ ଉମାପତିଧରଙ୍କ ଅନ୍ୟ ଏକ ଶ୍ଳୋକ ଏଥିରେ ଉଦ୍ଧୃତ ହୋଇଛି । ଏଣୁ ଉମାପତିଧର ଲକ୍ଷ୍ମଣ ସେନଙ୍କ ରାଜସଭାରେ ଥିଲେ । ୧୩୦୪ ଖ୍ରୀ: ଅ:ରେ ରଚିତ ପ୍ରବନ୍ଧ ଚିନ୍ତାମଣିର ପଞ୍ଚମ ଅଧ୍ୟାୟରେ ବର୍ଣ୍ଣିତ ଅଛି ଗୌଡ଼ ରାଜା ଲକ୍ଷ୍ମଣ ସେନଙ୍କ ମନ୍ତ୍ରୀ ଉମାପତିଧର ଅତ୍ୟନ୍ତ ବୁଦ୍ଧିମାନ ଥିଲେ । ମହା ମହୋପାଧ୍ୟାୟ ଶଙ୍କର ମିଶ୍ର "ଗୀତ ଗୋବିନ୍ଦ"ର ରସ ମଞ୍ଜରୀ ଟୀକାରେ "ବାଚଃ ପଲ୍ଲବୟତି" ଶ୍ଳୋକର ବ୍ୟାଖ୍ୟା କରି ଲେଖିଛନ୍ତି : ଉମାପତିଧର ନାମ୍ନା ଲକ୍ଷ୍ମଣ ସେନାମାତ୍ୟୋ ବାଚଃ ପଲ୍ଲବୟତି ବିସ୍ତାରୟତି" ଇତ୍ୟାଦି । ଏଣୁ ଏହା ନିର୍ବିବାଦରେ ଗ୍ରହଣ କରାଯାଇପାରେ ଯେ ଉମାପତିଧର ଲକ୍ଷ୍ମଣ ସେନ ରାଜସଭାର ମନ୍ତ୍ରୀ ଥିଲେ ଓ ସେ ବିଜୟ ସେନଙ୍କ ରାଜତ୍ୱଠାରୁ ଲକ୍ଷ୍ମଣ ସେନଙ୍କ ରାଜତ୍ୱ ପର୍ଯ୍ୟନ୍ତ ସେନ ରାଜବଂଶ ସହ ସମ୍ପୃକ୍ତ ଥିଲେ ।

**ଶରଣ :**

"ସଦୁକ୍ତି କର୍ଣ୍ଣାମୃତମ୍"ରେ ଶରଣଙ୍କ ନାମରେ ଗୋଟିଏ ମାତ୍ର ପ୍ରଶସ୍ତି ଶ୍ଳୋକ ଦେଖାଯାଏ । ଏହାଙ୍କ ସମ୍ପର୍କରେ ଅନ୍ୟ କୌଣସି

ରଚନା ଏ ପର୍ଯ୍ୟନ୍ତ ଆବିଷ୍କୃତ ହୋଇନାହିଁ । କବିଙ୍କର ଜନ୍ମସ୍ଥାନ ଓ ଜନ୍ମକାଳ ସମ୍ପର୍କରେ କୌଣସି ପ୍ରମାଣ ଏ ପର୍ଯ୍ୟନ୍ତ ମିଳିନାହିଁ ।

## ଗୋବର୍ଦ୍ଧନ :

ଗୋବର୍ଦ୍ଧନ ଆଚାର୍ଯ୍ୟ "ଆର୍ଯ୍ୟ ସପ୍ତସତୀ" ଗ୍ରନ୍ଥରେ ସେନକୁଳ ତିଳକ ଭୂପତିଙ୍କ କବିତ୍ୱକୁ ପ୍ରଶଂସା କରିଛନ୍ତି । ଏହି ସେନକୁଳ ତିଳକ ହେଉଛନ୍ତି ପ୍ରସିଦ୍ଧ "ସେତୁବନ୍ଧ" ବା "ରାବଣ ବହୋ"ର ବକାଟକ ବଂଶୀୟ ପ୍ରସିଦ୍ଧ ନରପତି ପ୍ରବର ସେନ । ଆଚାର୍ଯ୍ୟ ଦଣ୍ଡୀ ତେଜ୍କୃତ୍ କାବ୍ୟାଦର୍ଶ ନାମକ ପ୍ରସିଦ୍ଧ ଅଳଙ୍କାର ଗ୍ରନ୍ଥ ଓ "ଅବନ୍ତୀ ସୁନ୍ଦରୀ" କଥାରେ ପ୍ରବରସେନକୃତ ସେତୁବନ୍ଧର ଭୂୟସୀ ପ୍ରଶଂସା କରିଛନ୍ତି । "ଆର୍ଯ୍ୟ ସପ୍ତସତୀ"ର ପ୍ରସିଦ୍ଧ ଟୀକାକାର ମହାରାଷ୍ଟ୍ରର ପଣ୍ଡିତ ଏହାକୁ ସମର୍ଥନ କରି କହିଛନ୍ତି :

"କୁମୁଦ ବନୋ ବନ୍ଧୋଃଚନ୍ଦ୍ରସ୍ୟେବ ଷୋଡ଼ଷ କଳାଃ
କଳୟିତୁଂ ବର୍ଦ୍ଧୟିତୁଂ, କର୍ତ୍ତୁଂ ବା ପକ୍ଷେ ଦର୍ଶୟିତୁଂ
ତିଳକ ଭୂପତିଃ ସେତୁକର୍ତ୍ତା ପ୍ରବର ସେନ ନାମା
ରାଜା, ପୌର୍ଣ୍ଣମାସୀ ପ୍ରଦୋଷ ଏକଃ ପ୍ରଭୁଃ ସମର୍ଥଃ
ନାନ୍ୟ ଇତ୍ୟର୍ଥଃ ।।"

(ଚୌଖମ୍ବା ସଂସ୍କୃତ ସିରିଜରେ ପ୍ରକାଶିତ ଆର୍ଯ୍ୟ ସପ୍ତସତୀ)

ସୁଦୂର ମାଳବ ରାଜା ଅର୍ଜ୍ଜୁନ ବର୍ମ ଦେବ (୧୨୧୧–୧୨୧୫) ସ୍ୱକୃତ "ଅମରୁ ଶତକମ୍" ଟୀକାରେ "ଆର୍ଯ୍ୟ ସପ୍ତସତୀ"ର ଗୋଟିଏ ଶ୍ଳୋକ ଉଦ୍ଧାର କରିଥିଲେ ମଧ୍ୟ ୧୨୦୫ ଖ୍ରୀ: ଅ:ରେ ରଚିତ ଲକ୍ଷ୍ମଣ ସେନଙ୍କ ସଭାକବି ଶ୍ରୀଧର ଦାସକୃତ "ସଦୁକ୍ତି କର୍ଣ୍ଣାମୃତ"ରେ କୌଣସି ଗୋଟିଏ ହେଲେ ଶ୍ଳୋକ ଉଦ୍ଧୃତ ହୋଇନାହିଁ । ହୁଏତ ଗୋବର୍ଦ୍ଧନଙ୍କ ନାମ ଉଲ୍ଲେଖ ଅଛି । ତେବେ ଏଭଳି ଜଣେ ପ୍ରସିଦ୍ଧ ପଣ୍ଡିତଙ୍କ ପାଣ୍ଡିତ୍ୟ ସମ୍ପର୍କରେ ଶ୍ରୀଧର ଦାସ କିପରି କିଛି ଜାଣି ନଥିଲେ ? କେବଳ ଲୋକମୁଖରୁ ଗୋବର୍ଦ୍ଧନଙ୍କ ସମ୍ପର୍କରେ ସେ ଯାହା କିଛି ଶୁଣିଥିଲେ ।

ଗୋବର୍ଦ୍ଧନ "ଆର୍ଯ୍ୟ ସପ୍ତସତୀ"ରେ ତାଙ୍କ ଦୁଇ କନିଷ୍ଠ ସହୋଦର ଭାଇ ଉଦୟନ ଓ ବଳଭଦ୍ରଙ୍କ ପ୍ରତି କୃତଜ୍ଞତା ଜଣାଇଛନ୍ତି । ଉଦୟନ ଆଚାର୍ଯ୍ୟ ଜଣେ ପ୍ରସିଦ୍ଧ ପଣ୍ଡିତ । ସେ ନିଆଳୀ ଶାସନସ୍ଥ ଶୋଭନେଶ୍ୱର ମନ୍ଦିର ଓ ଭୁବନେଶ୍ୱରସ୍ଥ ମେଘେଶ୍ୱର ମନ୍ଦିରର ଶିଳାଲିପି ଲେଖିଥିଲେ । ବ୍ରାହ୍ମଣ ସାମନ୍ତ ରାଜା ବୈଦ୍ୟନାଥଙ୍କର ସେ ସଭାକବି ଥିଲେ ଓ ପରେ ଗଙ୍ଗ ସମ୍ରାଟ ରାଜରାଜ ଦେବ (୧୧୭୦–୧୧୯୦ ଖ୍ରୀ: ଅ:)ଙ୍କ ଶାଳକ ଓ ଭୁବନେଶ୍ୱରର ସାମନ୍ତ ରାଜା ସ୍ୱପ୍ନେଶ୍ୱର ଦେବଙ୍କ ସଭା ମଣ୍ଡନ କରୁଥିଲେ । ଭୁବନେଶ୍ୱରର ମେଘେଶ୍ୱର ମନ୍ଦିରସ୍ଥ ଶିଳାଲିପିରେ ସେ ଚୋଡ଼ଗଙ୍ଗ ଦେବ ରାଜରାଜ ଦେବ ଓ ଅନଙ୍ଗଭୀମ ଦେବଙ୍କ ଗୌରବ ଗାଥା ୧୧ଟି ଶ୍ଳୋକରେ ବର୍ଣ୍ଣନା କରିଛନ୍ତି । ଢାକା ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରକାଶିତ "ବଙ୍ଗଳାର ଇତିହାସ"ରେ ଆର୍ଯ୍ୟ ସପ୍ତସତୀର ଲେଖକ ଗୋବର୍ଦ୍ଧନ ଓ ଉଦୟନ ଏକା ଭାଇ ଥିବାର ସ୍ୱୀକାର କରାଯାଇଛି । ଉଦୟନ "ଗୀତ ଗୋବିନ୍ଦ"ର ପ୍ରଥମ ଟୀକାକାର । "ଭାବ ବିଭାବକ" ରୂପେ ସୁଖ୍ୟାତ ଏହି ଟୀକା ବର୍ତ୍ତମାନ ଦୁଷ୍ପ୍ରାପ୍ୟ । ଐତିହାସିକ ଡକ୍ଟର F. Keilhorn ଏ ଟୀକାକୁ ୧୮୭୪ ମସିହାରେ ମଧ୍ୟପ୍ରଦେଶର ଏକ ଜାତିଙ୍କ ପାଖ ପରୀକ୍ଷା କରିଥିଲେ । କବିରାଜ ଉଦୟନ ଶ୍ରୀହର୍ଷକୃତ "ନୈଷଧୀୟ ଚରିତ" ମହାକାବ୍ୟର ଟୀକା ରଚନା କରିଥିଲେ ଓ ଏହାର ନାମ "ଉଦୟତରି" ରଖିଥିଲେ । ଗୋବର୍ଦ୍ଧନ ଆଚାର୍ଯ୍ୟ ପୁରୀରେ ରହୁଥିଲେ ଓ ଜଗନ୍ନାଥଙ୍କ ସ୍ତୁତିମୂଳକ "ଗୋବର୍ଦ୍ଧନ ଶତକ" ଲେଖିଥିଲେ । ଗୋବର୍ଦ୍ଧନ ଜୟଦେବଙ୍କୁ ଉତ୍କଳ ରାଜ ସଭାର ଜଣେ ପଣ୍ଡିତ ଭାବେ ବର୍ଣ୍ଣନା କରିଥିବାର ୧୬୦୦ ଖ୍ରୀ:ଅ:ରେ କୋଟଙ୍କସ୍ଥା ରାଜା ମାଣିକ୍ୟଚନ୍ଦ୍ରଙ୍କ ସଭାକବି କେଶବ ମିଶ୍ର ସ୍ୱକୃତ "ଅଳଙ୍କାର ଶେଖର" ପୁସ୍ତକରେ ବର୍ଣ୍ଣନା କରିଛନ୍ତି । ଏ ବିଷୟରେ ସବିଶେଷ ଆଲୋଚନା ଅନ୍ୟତ୍ର କରାଯାଇଛି ।

## କବିରାଜ ଧୋୟୀ :

କବିରାଜ ଧୋୟୀ ମେଘଦୂତର ଅନୁକରଣରେ "ପବନ ଦୂତମ୍" ସଂସ୍କୃତ କାବ୍ୟ ରଚନା କରିଥିଲେ । ନିଜର ପ୍ରତିଭା ବଳରେ ସେ ଲକ୍ଷ୍ମଣ ସେନଙ୍କ ରାଜସଭା ମଣ୍ଡନ କରିଥିଲେ ।

ଉପର ବର୍ଣ୍ଣିତ କବିମାନଙ୍କ ପ୍ରତିଭା ପ୍ରତି ହେୟଜ୍ଞାନ କରିଥିବା କବିରାଜ ଜୟଦେବ ଯଦି ଲକ୍ଷ୍ମଣ ସେନଙ୍କ ସଭା ମଣ୍ଡପ କରିଥାନ୍ତେ ତେବେ ନିଜର ସହଯୋଗୀ ପଣ୍ଡିତମାନଙ୍କୁ ସେ ସମାଲୋଚନା କେବେହେଲେ କରିନଥାନ୍ତେ । ରାଜସଭାର ପଣ୍ଡିତମାନଙ୍କୁ ସମାଲୋଚନା ପ୍ରକାରାନ୍ତରେ ଯେ ତାଙ୍କର ରାଜ ଶାସନ ପ୍ରତି ଜୟଦେବ ଲକ୍ଷ୍ମଣ ସେନଙ୍କ ରାଜ୍ୟରେ ରହିଥିବ ଏହା ଆଦୌ ସମ୍ଭବପର ନୁହେଁ । ତେଣୁ ଜୟଦେବ ଲକ୍ଷ୍ମଣ ସେନଙ୍କ ସଭାରେ ଥିବା ଏକ ଅସମ୍ଭବ ପରିକଳ୍ପନା ।

କବି ପ୍ରତିଭା କେବେହେଲେ ଲୁଚି ରହେନାହିଁ । "ଗୀତ ଗୋବିନ୍ଦ"ରେ ଉଲ୍ଲେଖ କରିଥିବା କବିମାନଙ୍କ ପ୍ରତିଭା ଜୟଦେବଙ୍କୁ ଅଜଣା ନଥିଲା । ସେମାନଙ୍କ ପ୍ରତିଭାକୁ ସେ ଆଦୌ ସମର୍ଥନ ନକରି ସ୍ୱକୃତ "ଗୀତ ଗୋବିନ୍ଦ"ର ଉତ୍କର୍ଷତା ପ୍ରତିପାଦନ କରିଥିଲେ ।

ପୁଣି ଏହି ଶ୍ଳୋକ ଯାହାକି ପରମ୍ପରାକୁ ବ୍ୟତିକ୍ରମ କରୁଛି । ଭାରତୀୟ ମହାକବିମାନେ "ଅଥବା କୃତ ବାଗ୍‌ଦ୍ୱାରେ ବଂଶେଽସ୍ମିନ୍ ପୂର୍ବ ସୂରିଭିଃ" କାଳିଦାସଙ୍କ ଏହି ଉକ୍ତିର ଆଦର୍ଶରେ ପୂର୍ବ ପ୍ରସିଦ୍ଧ କବିମାନଙ୍କର ଗୁଣଗାନ କରିଥାନ୍ତି । ତାଛଡ଼ା ନିଜର ପ୍ରୌଢ଼ି ପ୍ରଦର୍ଶନ ମଧ୍ୟ କରନ୍ତି । କିନ୍ତୁ ସମସାମୟିକ କବିମାନଙ୍କୁ ସମାଲୋଚନା କରିବା ଅନ୍ୟତ୍ର ଦେଖାଯାଏ ନାହିଁ । ଗୀତ ଗୋବିନ୍ଦକାର ନିଜର ପ୍ରୌଢ଼ି ପ୍ରଦର୍ଶନ କରିବାକୁ ଯାଇ "ଶ୍ରୁତି ଧର ଜୟଦେବ ସରସ୍ୱତ୍ୟମ୍" ପୂର୍ବ ଶ୍ଳୋକରେ କହି ପରବର୍ତ୍ତୀ ଶ୍ଳୋକରେ ଲକ୍ଷ୍ମଣ ସେନଙ୍କ ସଭାର କବି ଭାବେ କୁହାଯାଉଥିବା ପଞ୍ଚ କବିଙ୍କୁ ଆକ୍ଷେପ କରିଛନ୍ତି । ଯଦି ଏମାନେ ଲକ୍ଷ୍ମଣଙ୍କ ରାଜସଭା ମଣ୍ଡନ କରୁଥିଲେ ତେବେ ମହାକବି "ଗୀତ ଗୋବିନ୍ଦ"ରେ ଲକ୍ଷ୍ମଣ ସେନଙ୍କ ନାମୋଲ୍ଲେଖ ମଧ୍ୟ କଲେନାହିଁ କାହିଁକି ? ଏହି ଶ୍ଳୋକରେ ଉଲ୍ଲିଖିତ ପାଞ୍ଚଜଣ କବିଙ୍କର ପାଞ୍ଚ ପ୍ରକାର ପୃଥକ ଶୈଳୀ ଅଛି ।

ଗୋବର୍ଦ୍ଧନାଚାର୍ଯ୍ୟ କଳା ଆଉ ପ୍ରୌଢ଼ି କବିଙ୍କ ପକ୍ଷରେ ଏହା ଆଦୌ ସମ୍ଭବପର ନୁହେଁ।

ଏହି ଶ୍ଳୋକରେ ଜୟଦେବ ସନ୍ଦର୍ଭ ଶୁଦ୍ଧି ଜାଣନ୍ତି ବୋଲି କହିଛନ୍ତି। ସଂସ୍କୃତ ଶାସ୍ତ୍ରମାନଙ୍କରେ ସନ୍ଦର୍ଭ ଶବ୍ଦର ବ୍ୟାଖ୍ୟା କରାଯାଇଛି। ସନ୍ଦର୍ଭୋ ଗ୍ରନ୍ଥଃ ଗୁନ୍ଥିବା ଅର୍ଥରେ ସଂସ୍କୃତର ଦୃଭ୍ ଧାତୁରୁ ଆସିଛି। ତେଣୁ ବାକ୍ ସନ୍ଦର୍ଭ ଅର୍ଥ କାବ୍ୟକୁ ଭଲ ଭାବରେ ଗୁନ୍ଥିବା। 'ବାକ୍‌'ର ଦୁଇଟି ରୂପ ଯଥା : ଶବ୍ଦ ଓ ଅର୍ଥ। ତେଣୁ ଶବ୍ଦ ଅର୍ଥ ଯଦି ଗୀତିମୟ କାବ୍ୟ ହେଲା ତାହା ହେଲେ ଶବ୍ଦ, ଅର୍ଥର ଶୁଦ୍ଧତା, ବର୍ଣ୍ଣ, ରୀତି ଚୟନ, ସରସ ପରିପୁଷ୍ଟି, ତାଳ, ଲୟ, ରାଗର ଯଥାଯଥ ସଜ୍ଜା ତାହାର ପରିସରଭୁକ୍ତ ହେବ। ବର୍ତ୍ତମାନ ଉକ୍ତ ଶ୍ଳୋକଟିର ସନ୍ଦର୍ଭ ଶୁଦ୍ଧି ଅଛି କି ନାହିଁ ତାହା ଦେଖାଯାଉ।

ପୂର୍ବ ଆଲୋଚନା ଅନୁଯାୟୀ ମହାକବି ପରମ୍ପରା ନଥିବାରୁ ଶ୍ଳୋକଟିର ସନ୍ଦର୍ଭ ଶୁଦ୍ଧି ନାହିଁ। ଏହି ଶ୍ଳୋକରେ "ଶରଣଃ ଶ୍ଳାଘ୍ୟୋ ଦୁରୂହ ଦ୍ରୁତେ" ପଦ ଉପରେ ବିଚାର କରାଯାଉ। ପ୍ରାୟ ଟୀକାକାରମାନେ ଏହି ସମସ୍ତ ପଦର ଦୁରୁହସ୍ୟ — ଦୁରୂହକାରୀ, ଦ୍ରୁତେ — ଦ୍ରୁତ ରଚନେ"। ଏହି ପ୍ରକାରର ବ୍ୟାଖ୍ୟା ଦେଇଛନ୍ତି। ଷଷ୍ଠୀ ତତ୍ପୁରୁଷ ସମାସର ପୂର୍ବ ପଦ ଓ ଉତ୍ତର ପଦ ଉଭୟଙ୍କ ଅସାଧାରଣ ହୋଇନଥିବା ବିଶେଷଣ ବାଚକ ପଦର ବ୍ୟବହାର ଓଡ଼ିଆ ପ୍ରଭୃତି ଭାଷାରେ ମଧ୍ୟ ସମ୍ଭବ ନୁହେଁ। ସଂସ୍କୃତ ବ୍ୟାକରଣ କଥା ତ ବଡ଼ କଥା। ଶବ୍ଦତଃ ଓ ଅର୍ଥତଃ ସନ୍ଦର୍ଭ ଶୁଦ୍ଧି ଏହି ଶ୍ଳୋକରେ ରକ୍ଷା କରାଯାଇ ପାରୁନାହିଁ। ତେଣୁ ମୂଳ "ଗୀତ ଗୋବିନ୍ଦ"ରେ ଏହି ଶ୍ଳୋକ ସନ୍ନିବେଶିତ କିପରି ହେଲା? ପରବର୍ତ୍ତୀ ପଦରେ ବ୍ୟାଖ୍ୟାକାରମାନେ ଅବଶ୍ୟ ଏହି ଶ୍ଳୋକର ବ୍ୟାଖ୍ୟାମାନ କରିଛନ୍ତି। ମାତ୍ର ଏହା ପ୍ରକ୍ଷିପ୍ତ ଶ୍ଳୋକ ବୋଲି ମନେହୁଏ।

### ସଦୁକ୍ତି କର୍ଣ୍ଣାମୃତମ୍ :

"ସଦୁକ୍ତି କର୍ଣ୍ଣାମୃତମ୍" ତତ୍କାଳୀନ ବହୁ ଲୋକପ୍ରିୟ କବିମାନଙ୍କ କାବ୍ୟାଂଶର ଏକ ସଙ୍କଳନ ମାତ୍ର। ଲକ୍ଷ୍ମଣ ସେନଙ୍କ ରାଜସଭାର ସଭାକବି ଶ୍ରୀଧର ଦାସ ଏହାର ସଂକଳକ। ଲକ୍ଷ୍ମଣ ସେନଙ୍କ ପିତା ବଲ୍ଲାଳ ସେନ କୃତ "ଦାନ ସାଗର" ନାମକ ଗ୍ରନ୍ଥରୁ ଜଣାଯାଏ ୧୦୯୧ ଶକାବ୍ଦ ବା ଖ୍ରୀ: ଅ: ୧୧୬୯ରେ "ସଦୁକ୍ତି କର୍ଣ୍ଣାମୃତମ୍" ର ସଂକଳନ ଆରମ୍ଭ ହୋଇ ଲକ୍ଷ୍ମଣ ସେନଙ୍କ ରାଜତ୍ୱର ସପ୍ତବିଂଶ ବର୍ଷରେ ଶେଷ ହୋଇଥିଲା। ବଲ୍ଲାଳ ସେନ "ଅଦ୍ଭୁତ ସାଗର" ନାମକ ଏକ ଗ୍ରନ୍ଥର ରଚନା ୧୦୯୦ ବା ଖ୍ରୀ: ଅ: ୧୧୬୮ରେ ଆରମ୍ଭ କରିଥିଲେ ଓ ଲକ୍ଷ୍ମଣ ସେନ ଗାଦିସୀନ ହେବା ପରେ ତାହା ସମାପ୍ତ ହୋଇଥିଲା। ମାତ୍ର ଲକ୍ଷ୍ମଣ ସେନଙ୍କର ଏହି ବର୍ଷଟି ନିର୍ଦ୍ଦିଷ୍ଟ କହିବା ନୁହେଁ। (୧) ବିଶ୍ୱ କୋଷାକାରଙ୍କ ମତରେ ୧୧୭୦ ଖ୍ରୀ: ଅରେ ସେ ସିଂହାସନ ଆରୋହଣ କରି ୧୧୯୯ ଖ୍ରୀ: ଅ:ରେ ମୁସଲମାନମାନଙ୍କ ଦ୍ୱାରା ପରାଜିତ ହୋଇ ପଳାୟନ କରିଥିଲେ। (୨) ଅନ୍ୟ କେତେକଙ୍କ ମତରେ ୧୦୯୦ ଶକାବ୍ଦ ବା ୧୧୬୮ରେ ସେ ସିଂହାସନ ଆରୋହଣ କରିଥିଲେ।

(୩) ପୁଣି କେତେକ ୧୧୭୮/୮୪ରେ ସେ ସିଂହାସନରେ ବସି ୧୨୦୪/୫ ପର୍ଯ୍ୟନ୍ତ ଶାସନ କରିଥିଲେ। ସେ ଯାହା ହେଉନା କାହିଁକି "ସଦୁକ୍ତି କର୍ଣ୍ଣାମୃତମ୍" ସଂକଳନ ବଲ୍ଲାଳ ସେନ ନୃପତିଙ୍କ ରାଜତ୍ୱ କାଳରେ ହିଁ ଆରମ୍ଭ ହୋଇଥିଲା ଏହି ସଂକଳନ ୫ଟି ପ୍ରବାହକୁ ନେଇ ବିଭକ୍ତ ହୋଇଛି। (୧) ଦେବ ପ୍ରବାହ, (୨) ଶୃଙ୍ଗାର ପ୍ରବାହ, (୩) ଚାଟୁ ପ୍ରବାହ, (୪) ଅପଦେଶ ପ୍ରବାହ, (୫) ଉଚ୍ଚ ପ୍ରବାହ। ତନ୍ମଧ୍ୟରୁ ପ୍ରଥମ ଦେବ ପ୍ରବାହରେ ହିଁ ୫୯ତମ ବିଚୀରେ ଚତୁର୍ଥ ଶ୍ଳୋକ ଭାବେ "ଗୀତ ଗୋବିନ୍ଦ"ର ୭୮ତମ ଶ୍ଳୋକ "ଜୟ ଶ୍ରୀ ବିନ୍ୟସ୍ତୈର୍ମହିତ ଇବ ମନ୍ଦାର କୁସୁମୈଃ" ଇତ୍ୟାଦି ଏକାଦଶ ସର୍ଗର ସମାପ୍ତି ସୂଚକ ପଦ୍ୟ ଦ୍ୱିତୀୟ ଶୃଙ୍ଗାର ପ୍ରବାହରେ ୧୩୨ତମ ବୀଚିର ଚତୁର୍ଥ ପଦ୍ୟ ରୂପେ "ଶ୍ରୀଗୀତ ଗୋବିନ୍ଦ"ର "ପ୍ରତ୍ୟୂହଃ ପୁଲାକୁରେଣ ନିବିଡ଼ା ଶ୍ଳେଷେ ନିମେଷେଣଚ" ଇତ୍ୟାଦି ଦ୍ୱାଦଶ ସର୍ଗର ସମାପ୍ତ ୮୦ତମ ଶ୍ଳୋକ। ୩୭ତମ ବୀଚିରେ ୪ର୍ଥ ପଦ୍ୟ ରୂପେ "ଗୀତ ଗୋବିନ୍ଦ"ର ଅଙ୍ଗେଷ୍ୱାଭରଣଂ କରୋତି ବହୁଶଃ ପ୍ରତ୍ରେପି ସଞ୍ଚାରଣି"ଇତ୍ୟାଦି ଷଷ୍ଠ ସର୍ଗର ସମାପ୍ତି ଅବସ୍ଥାର ୪୩ତମ ଶ୍ଳୋକ। ୧୩୪ତମ ବୀଚିରେ ୪ର୍ଥ ପଦ୍ୟ ରୂପେ "ଗୀତ ଗୋବିନ୍ଦ"ର "ମାରାଙ୍କେ ରତି କେଳି ସଙ୍କୁଳରଣାରମ୍ଭେ ତୟା ସାହାସ" ଇତ୍ୟାଦି "ଗୀତ ଗୋବିନ୍ଦ"ର ୮୧ତମ ଶ୍ଳୋକ। ୧୩୭ ବୀଚିରେ ୫ମ ପଦ୍ୟ ରୂପେ "ତସ୍ୟାଃ ପାଟଳ ପାଣିଜାଙ୍କିତ ମୁରେ ନିଦ୍ରାକଷାୟେ ଦୃଶୌ" ଇତ୍ୟାଦି ୮୩ତମ ଶ୍ଳୋକ ଉଦ୍ଧୃତ ହୋଇଛି।

ଏଥିରୁ ଜଣାଯାଏ"ସଦୁକ୍ତି କର୍ଣ୍ଣାମୃତମ୍"ର ପ୍ରଥମ ପ୍ରବାହରେ ହିଁ ଦ୍ୱାଦଶ ସର୍ଗ ବିଶିଷ୍ଟ ଗୀତ ଗୋବିନ୍ଦର ସମାପ୍ତ ପ୍ରାୟ ଏକାଦଶ ସର୍ଗର ଶେଷ ଶ୍ଳୋକ ଉଦ୍ଧୃତ ହୋଇଛି। ତେବେ ବଲ୍ଲାଳ ସେନଙ୍କ ରାଜତ୍ୱରେ ଆରମ୍ଭ ହୋଇଥିବା ଏହି ସଂକଳନରେ ଏହା ନିଶ୍ଚିତ ଭାବେ ସନ୍ନିବେଶିତ ହୋଇଛି ଓ ବଲ୍ଲାଳ ସେନଙ୍କ ରାଜତ୍ୱ ପୂର୍ବରୁ "ଗୀତ ଗୋବିନ୍ଦ"ର ଲୋକପ୍ରିୟତା ବୃଦ୍ଧି ପାଇଛି ଓ ତାହା ପୂର୍ବରୁ ଏହାର ରଚନା ମଧ୍ୟ ସରିଯାଇଛି। ଲକ୍ଷ୍ମଣ ସେନଙ୍କ ରାଜତ୍ୱରେ ଜୟଦେବଙ୍କ "ଗୀତ ଗୋବିନ୍ଦ" ରଚନା କରିଥିବା କହିବା ସର୍ବଦା ଅଯୌକ୍ତିକ।

"ଗୀତ ଗୋବିନ୍ଦ"ରେ ସମୁଦାୟ ୭୨ଟି ଶ୍ଳୋକ। "ସଦୁକ୍ତି କର୍ଣ୍ଣାମୃତମ୍"ରେ ଥିବା "ଗୀତ ଗୋବିନ୍ଦ"ର ଜୟଶ୍ରୀ ବିନ୍ୟସ୍ତୈର୍ମହିତେ ଇବ ମନ୍ଦାର କୁସୁମୈଃ" ଇତ୍ୟାଦି ଏକ ପ୍ରକ୍ଷିପ୍ତ ଶ୍ଳୋକ ଭାବେ ବିବେଚିତ। ଏହି ଶ୍ଳୋକଟି ୭୨ ଶ୍ଳୋକ ସହ ସନ୍ନିବେଶିତ ନଥିବାରୁ ଏହାକୁ ବହୁ ବ୍ୟାଖ୍ୟାକାର ଆଦୌ ଗ୍ରହଣ କରି ନାହାନ୍ତି। "ଗୀତ ଗୋବିନ୍ଦ"ର ପ୍ରକ୍ଷିପ୍ତ ଶ୍ଳୋକ ସହ ରାଜ ସଂସ୍କରଣ ହୋଇ କିଭଳି ଭାବେ ସନ୍ନିବେଶିତ ହୋଇଛି ତାହା ଅନ୍ୟତ୍ର ଆଲୋଚିତ ହୋଇଛି।

ଏହି ପ୍ରକ୍ଷିପ୍ତ ଶ୍ଳୋକଗୁଡ଼ିକ କେବେ ସୃଷ୍ଟି ହୋଇ ମୂଳ "ଗୀତ ଗୋବିନ୍ଦ" ସହ ସନ୍ନିବେଶିତ ହୋଇଛି ତାହା ପ୍ରଥମତଃ ସ୍ଥିର କରିବାକୁ ହେବ। "ଗୀତ ଗୋବିନ୍ଦ"ର ଚାରି ଗୋଟି ମୂଳ ଶ୍ଳୋକ

ସହ ପ୍ରକ୍ଷିପ୍ତ ଶ୍ଳୋକ "ସଦୁକ୍ତି କର୍ଣ୍ଣାମୃତମ୍"ରେ ବହୁ ପରେ ସନ୍ନିବେଶିତ ହୋଇଥିବା ଏଥିରୁ ଜଣାଯାଏ । ଶ୍ରୀଜୟଦେବ ଯଦି ଲକ୍ଷଣ ସେନଙ୍କ ସଭାକବି ତଥା "ସଦୁକ୍ତି କର୍ଣ୍ଣାମୃତମ୍"ର ସଂକଳକ ଶ୍ରୀଧର ଦାସଙ୍କ ସମସାମୟିକ ହୋଇଥାନ୍ତେ ତାଙ୍କ ପରବର୍ତ୍ତୀ କାଳର ବ୍ୟାଖ୍ୟାକାରମାନଙ୍କ ଦ୍ୱାରା ଉପରୋକ୍ତ ଶ୍ଳୋକ ଆଦୌ ଉପେକ୍ଷିତ ହୁଅନ୍ତା ନାହିଁ ।

ପୁଣି ଆଲୋଚନାକୁ ଆସେ ସେହି "ସଦୁକ୍ତି କର୍ଣ୍ଣାମୃତମ୍"ରେ ଜୟଦେବଙ୍କ ନାମରେ ସେନ ରାଜାଙ୍କ ନିମନ୍ତେ କେତେକ ପ୍ରଶସ୍ତି ଶ୍ଳୋକ ସ୍ଥାନ ପାଇଛି । ସେଥିରୁ ବହୁ ଆଲୋଚିତ ଶ୍ଳୋକଟି ହେଲା :

**"ଲକ୍ଷ୍ମୀକେଳି ଭୁଜଙ୍ଗ ଜଙ୍ଗ ମହରେ ସଂକଳ୍ପ କଳ୍ପଦ୍ରୁମ<br>ଶ୍ରେୟଃ ସାଧକ ସଙ୍ଗ ସଙ୍ଗର କଳା ଗାଙ୍ଗେୟ ବଂଶପ୍ରିୟ ।<br>ଗୌଡେନ୍ଦ୍ର ପ୍ରତିରାଜ ରାଜକ ସଭାଳଙ୍କାର କର୍ଣ୍ଣାପିତ<br>ପ୍ରତ୍ୟର୍ଥିଃ କ୍ଷିତିପାଳ ପାଳକ ସତାଂ ଦୃଷ୍ଟୋସି ତୁଷ୍ଟାବୟଂ ।**

ଏହାର ଅର୍ଥ ହେଲା, "ହେ ଲକ୍ଷ୍ମୀ କେଳି ହରିଙ୍କର ଚଳନ୍ତି ପ୍ରତିମା । ହେ ଯାଚକମାନଙ୍କ ମନସ୍କାମନା ପୂରଣକାରୀ କଳ୍ପଦ୍ରୁମ, ହେ ମଙ୍ଗଳ ବିଧାୟକ, ହେ ଭୀଷ୍ମଙ୍କ ତୁଲ୍ୟ ରଣ ନିପୁଣ, ମହାବୀର, ହେ ଗଙ୍ଗାବାସୀ ପ୍ରିୟ, ହେ ଗୌଡାଧିପ, ହେ ସାମନ୍ତ ରାଜ ଚକ୍ର ଚୂଡ଼ାମଣି, ହେ ଶତ୍ରୁ ନୃପତି ବନ୍ଧନକାରୀ, ହେ ସଦାଶୟ (ବର୍ତ୍ତମାନ) ଆପଣଙ୍କ ଦର୍ଶନଲାଭରେ ଆମ୍ଭେମାନେ ପରମ ସନ୍ତୋଷ ଲାଭ କରୁ ।"

(କ) ଜୟଦେବ ସ୍ୱକୀୟ "ଗୀତ ଗୋବିନ୍ଦ"ର ଆରମ୍ଭରେ ଉମାପତିଧର, ଗୋବର୍ଦ୍ଧନ, ଶରଣ ଓ ଧୋୟୀ କବିମାନଙ୍କ କବିତ୍ୱ ପ୍ରତି ତାଚ୍ଛଲ୍ୟ ପ୍ରକାଶ କରି ନିଜ ଅମରକୃତି "ଗୀତ ଗୋବିନ୍ଦ"ର ମହତ୍ୱ ଦର୍ଶାଇଛନ୍ତି । ସେ କୌଣସି ରାଜଶକ୍ତିର ପ୍ରଶସ୍ତି ଗାନ ନକରି ଜଗଦୀଶ ଜଗନ୍ନାଥଙ୍କର ଗୁଣ ଗାନ କରିଛନ୍ତି । ଉମାପତିଧର ଓ ଧୋୟୀଙ୍କ ଭଳି ରାଜାଶ୍ରିତ କବିମାନଙ୍କ କବିତ୍ୱକୁ କଟାକ୍ଷ କରିବା ସହଜ କଥା ନୁହେଁ । ଏଭଳି ଜଣେ ଭଗବତ ପ୍ରେମୀ ନିର୍ଭୀକ କବି ଆଲୋଚ୍ୟ ପ୍ରଶସ୍ତିର ରଚୟିତା ଆଦୌ ହୋଇ ନପାରନ୍ତି ।

(ଖ) ପୁଣି ଶତ ଶତ ପ୍ରଶସ୍ତି ଶ୍ଳୋକ କବି ପଣ୍ଡିତମାନେ ରଚନା କରି ଦାନ ଆଶାରେ ରାଜାମାନଙ୍କୁ ଦେଇଛନ୍ତି । କୌଣସି ନବାଗତ ପଣ୍ଡିତ ରାଜ ସଭାରେ ଉପସ୍ଥିତ ହୋଇ ରାଜାଙ୍କ ସନ୍ତୋଷ ବିଧାନ ନିମନ୍ତେ ପ୍ରଶସ୍ତି ଗାନ କରିଥିଲେ, ସେ କ'ଣ ସମ୍ପୃକ୍ତ ରାଜସଭାର ପଣ୍ଡିତ ହୋଇ ପାରନ୍ତି ? ଉପରୋକ୍ତ ଶ୍ଳୋକରେ କେଉଁ ବଙ୍ଗ ପ୍ରିୟ ଗୌଡେନ୍ଦ୍ରଙ୍କର ଏ ପ୍ରଶସ୍ତି ତାହା ମଧ୍ୟ ଉଲ୍ଲେଖ ନାହିଁ । ତେବେ ଜୟଦେବ ଲକ୍ଷଣ ସେନଙ୍କ ସଭାକବି ଭାବେ କିଭଳି ବିବେଚିତ ହେଲେ ?

(ଗ) ଉପରୋକ୍ତ ଶ୍ଳୋକ ଯଦି ଦ୍ୱାଦଶ ଶତାବ୍ଦୀରେ ରଚିତ ହୋଇଥିଲା ବୋଲି କୁହାଯାଉଛି ତେବେ ଏହା କାହିଁକି ଗଙ୍ଗ ରାଜଶକ୍ତିର ପ୍ରଶସ୍ତି ନହୋଇପାରେ ? ଶ୍ଳୋକର ବଙ୍ଗପ୍ରିୟ ଶବ୍ଦର "ବ" ସ୍ଥାନରେ "ଗ" ଉଚ୍ଚାରଣ ସଂଯୋଗ ହେଲେ ତାହା "ଗଙ୍ଗ ପ୍ରିୟ" ହେବ । "ଗାଙ୍ଗେୟ" ଗଙ୍ଗବଂଶ ସମ୍ଭୂତ ବୋଲି କାହିଁକି ବା ଅର୍ଥ ନ ହେବ ? କଳିଙ୍ଗ ଗଙ୍ଗ ରାଜ ଶକ୍ତି "ଗୌଡେଶ୍ୱର" ଉପାଧି ଧାରଣ କରିଥିବା କାହାକୁ ଅବିଦିତ ନୁହେଁ । ଏବେ ବି ସେହି ଉପାଧି ପ୍ରଶସ୍ତି ଓଡ଼ିଆ ଗଜପତିଙ୍କ ନାମ ପୂର୍ବରୁ ଲାଗୁଛି । ଯଥା:—"ବୀର ଶ୍ରୀ ଶ୍ରୀ ଗଜପତି ଗୌଡେଶ୍ୱର, ନବକୋଟି କର୍ଣ୍ଣାଟୋତ୍କଳ କଳେବର୍ଗେଶ୍ୱର ବିରାଧି ବୀରବର" ଇତ୍ୟାଦି, ପ୍ରତ୍ୟେକ ଉତ୍କଳୀୟଙ୍କ ପଞ୍ଜିକାରେ ଏହି ଉପାଧି ସବୁ ଗଜପତିଙ୍କ ନାମ ଓ ପ୍ରଚଳିତ ଅଙ୍କ ସହିତ ଲେଖାଯାଉଛି ।

ଶତ ଶତ ପ୍ରଶସ୍ତିରେ କୌଣସି ରାଜଶକ୍ତି ନିଜ ମୂଳ ରାଜ୍ୟ ପ୍ରିୟ ଯଥା "କଳିଙ୍ଗ ପ୍ରିୟ", "କର୍ଣ୍ଣାଟପ୍ରିୟ" "ବଙ୍ଗ ପ୍ରିୟ" ପ୍ରଭୃତି ଉଲ୍ଲେଖ କରିଥିବା ଦୃଷ୍ଟିକୁ ଆସିନାହିଁ । ପ୍ରଶସ୍ତିର "ଗ" ସ୍ଥାନରେ "ବ" ଶବ୍ଦକୁ ଲଗାଯାଇ କଳିଙ୍ଗର ଗଙ୍ଗ ରାଜ ଶକ୍ତିର ପ୍ରଶସ୍ତିକୁ ଜୟଦେବଙ୍କ ନାମରେ ସେନ ରାଜାଙ୍କ ପ୍ରଶସ୍ତି ବୋଲି କୁହା ଯାଉଛି । ଏଣୁ ଏହି ପ୍ରଶସ୍ତିର ରଚୟିତା ଆଦୌ ଗୀତଗୋବିନ୍ଦକାର ଜୟଦେବ ନୁହଁନ୍ତି ।

କତିପୟ ବିଦ୍ୱେଷୀ ବ୍ୟକ୍ତି ଅତୀତରେ ଉତ୍କଳୀୟ ସଂସ୍କୃତିକୁ ଖଣ୍ଡିତ କରିବା ପାଇଁ କରିଥିବା ମଦ୍ୟମ କାହାକୁ ଅବିଦିତ ନୁହେଁ । ଏ ସମ୍ପର୍କରେ ଏଠାରେ ଗୋଟିଏ ଦୃଷ୍ଟାନ୍ତ ଦେବା ଉଚିତ ହେବ ।

ଉଦ୍ୟୋତ୍ କେଶରୀଙ୍କ ମାତା କୋଳାବତୀ (ମହାଶିବ ଗୁପ୍ତ ଯଯାତିଙ୍କ ପଟ୍ଟମହିଷୀ) ଭୁବନେଶ୍ୱରଠାରେ ଥିବା ବ୍ରହ୍ମେଶ୍ୱର ମନ୍ଦିର ନିର୍ମାଣ କରି ନିଜ ବଂଶ ପ୍ରଶସ୍ତି କଥା ଲେଖି ୨୦ ପଂକ୍ତି ବିଶିଷ୍ଟ ଏକ ଶିଳାଲିପି ସେଥିରେ ସଂଯୋଗ କରିଥିଲେ । ମାତ୍ର ଉକ୍ତ ଶିଳାଲିପି ସହ ଅନନ୍ତ ବାସୁ ଦେବଙ୍କ ମନ୍ଦିରରେ ରାଣୀ ଚନ୍ଦ୍ରିକା ଦେବୀଙ୍କ ଶିଳାଲିପିକୁ ଅପହରଣ କରାଯାଇ କଲିକତାସ୍ଥ "Asiatic Research Society)କୁ ୧୮୨୨ରେ ନିଆ ଯାଇଥିଲା । ମାତ୍ର ତାହା ଆଉ ଫେରନ୍ତ ନ ହେବାରୁ ସ୍ଥାନୀୟ ପଣ୍ଡାମାନଙ୍କ ପକ୍ଷରୁ ଏହାର ପ୍ରତିବାଦ ହେବା ଫଳରେ ଭବଦେବଭଟ୍ଟଙ୍କର ଅନ୍ୟ ଏକ ଶିଳାଲିପିକୁ ଆଣି ଅନନ୍ତ ବାସୁଦେବଙ୍କ ମନ୍ଦିରରେ ଲଗାଇ ଦିଆଗଲା ।

ସେତେବେଳେ ଏହାର ରହସ୍ୟ ଭୁବନେଶ୍ୱରର ପଣ୍ଡାମାନେ ବୁଝିପାରିଲେ ନାହିଁ । ମାତ୍ର ସ୍ୱନାମଧନ୍ୟ ପ୍ରତ୍ନତତ୍ତ୍ୱବିତ୍ ସ୍ୱର୍ଗତ ପରମାନନ୍ଦ ଆଚାର୍ଯ୍ୟ ଏହି ସମସ୍ତ ଦୁଷ୍କର୍ମର କଥା ବୁଝିପାରି ଏକ ପ୍ରବନ୍ଧ ପ୍ରକାଶ କରିଥିଲେ । ଏହି ମୂଳ ଶିଳାଲେଖାର ନକଲ ୧୮୩୮ ମସିହାରେ କିଟୋଙ୍କଠାରୁ ପାଇ ପ୍ରିନ୍‌ସେସ୍ ତାହା ପ୍ରଥମେ

ପ୍ରକାଶ କରିଥିଲେ । କିନ୍ତୁ ସେଥିରେ ଭୁଲ ଥିବାରୁ ସ୍ୱର୍ଗତ ଆଗ୍ରେଯ୍ୟ ତାହାର ସଂଶୋଧିତ ପାଠ ପ୍ରସ୍ତୁତ କରି ପ୍ରବନ୍ଧ ପୁନଃ ପ୍ରକାଶ କରିଥିଲେ । ପ୍ରିନ୍‌ସେପ୍‌ଙ୍କ ପରେ ରାଜେନ୍ଦ୍ର ଲାଲ ମିତ୍ର ତାହା ପୁନଃ ପ୍ରକାଶ ୧୮୮୦ରେ କରିଥିଲେ । ଉକ୍ତ ଦୁଇଟି ଶିଳାଲିପି ମଧ୍ୟରୁ ଭୁବନେଶ୍ୱର ମନ୍ଦିର ଶିଳାଲିପିଟି ଲଣ୍ଡନସ୍ଥ ବ୍ରିଟିଶ୍ ମ୍ୟୁଜିୟମରେ ଅଛି ଓ ଅନନ୍ତ ବାସୁଦେବଙ୍କ ମନ୍ଦିରସ୍ଥ ଶିଳାଲିପିର ଅଛିତ୍ୱ ବିଷୟରେ କହିବା ସମ୍ଭବପର ନୁହେଁ ।

ଓଡ଼ିଶାର ସଂସ୍କୃତି ଓ କଳାକୁ ନଷ୍ଟ କରିବା ପାଇଁ ଯେଉଁ ସେତେବେଳେ ଧାରାବାହିକ ଉଦ୍ୟମ ହୋଇ ଆସୁଥିଲା ତାହାର ଏହା ଏକ ପ୍ରକୃଷ୍ଟ ପ୍ରମାଣ ଓ ସାଧାରଣ ପାଠକ ଏହା ବିଚାର କରିବାର କଥା ।

(ଘ) ପ୍ରାଚୀନ ରାଜସ୍ଥାନୀ ଭାଷାରେ ଲିଖିତ "ପୃଥ୍ୱୀରାଜ ରାସୋ"ର ପ୍ରଣେତା ଭଟ୍ଟ ବରଦାଇ (ଚନ୍ଦ୍ରକବି) ସ୍ୱକୀୟ ଗ୍ରନ୍ଥରେ ଯେଉଁ ଆଠଜଣ କବିଙ୍କ ପଦାଙ୍କ ଅନୁସରଣ କରିଛନ୍ତି ସେମାନଙ୍କ ମଧ୍ୟରେ ଅଷ୍ଟମ କବି ଭାବେ ଜୟଦେବଙ୍କୁ ଗ୍ରହଣ କରିଛନ୍ତି ।

"କବି କିତ୍ତି କିତ୍ତୀ ଉକତି ସୁଦିଖ୍ ଖୀ"
ନି ନେକୀ ଉଚ୍ଛଷ୍ଟୀ କବିଚନ୍ଦ୍ର ଭଖ୍ ଖୀ
ଜୟଦେବ ଅଠଂ, ବନୀ କବି ରାୟଂ
ଜିନେ କେବଲଂ କିତ୍ତି ଗୋବିନ୍ଦ ଗାୟଂ (୧)

ଚନ୍ଦବରଦାଇ ଦିଲ୍ଲୀର ଶେଷ ହିନ୍ଦୁ ସମ୍ରାଟ ଚୌହାନ ବଂଶୀୟ ପୃଥ୍ୱୀରାଜ (୧୧୬୯-୧୧୯୨)ଙ୍କ ସମସାମୟିକ । ସମ୍ରାଟ ପୃଥ୍ୱୀରାଜଙ୍କ ରାଜତ୍ୱର ବହୁ ଘଟଣା ତାଙ୍କ କୃତ 'ରାସୋ'ରେ ଉଲ୍ଲେଖ ଅଛି । ଏହାର ପ୍ରଥମ ସର୍ଗରେ 'ଗୀତଗୋବିନ୍ଦ' ଅନୁକରଣରେ ଦଶାବତାରଙ୍କୁ ବନ୍ଦନା କରାଯାଇଛି ।

ଭଟ୍ଟ ବର ଦାଇ ଗୌଡ଼ରାଜ ଲକ୍ଷ୍ମଣ ସେନ ଓ 'ସଦୁକ୍ତି କର୍ଣ୍ଣାମୃତମ୍'ର ସଙ୍କଳକ ଶ୍ରୀଧର ଦାସଙ୍କ ସମସାମୟିକ । ତେବେ ସୁଦୂର ରାଜସ୍ଥାନ ଅଞ୍ଚଳରେ 'ଗୀତଗୋବିନ୍ଦ'ର ଲୋକପ୍ରିୟତା ପରେ ହିଁ ଭଟ୍ଟ ବର ଦାଇ ଜୟଦେବଙ୍କ ପ୍ରତି ସମ୍ମାନ ଦେଖାଇଛନ୍ତି । ପୃଥ୍ୱୀରାଜ ରାସୋ ସଙ୍କଳନ ପୂର୍ବରୁ 'ଗୀତଗୋବିନ୍ଦ'ର ଲୋକପ୍ରିୟତା ବଢ଼ିଥିଲା ଓ ତାହାର ପୂର୍ବରୁ ସେ ଏହାର ରଚନା କରିଥିବା ନିଶ୍ଚିତ । ଏଥିରୁ ଜୟଦେବଙ୍କ ଲକ୍ଷ୍ମଣ ସେନ ବା ଶ୍ରୀଧର ଦାସଙ୍କ ସମସାମୟିକ କହିବା ଆଦୌ ସମ୍ଭବ ନୁହେଁ ।

ସୁଦୂର ରାଜସ୍ଥାନ ଅଞ୍ଚଳରେ "ଗୀତଗୋବିନ୍ଦ"ର ଲୋକପ୍ରିୟତାର ପ୍ରଧାନ କାରଣ ମଧ୍ୟରେ ପୁରୀ-ଜଗନ୍ନାଥ ଧାମ ଅନ୍ୟତମ । ଜଗନ୍ନାଥଙ୍କୁ ଦର୍ଶନ ନିମନ୍ତେ ଆସୁଥିବା ତୀର୍ଥ ଯାତ୍ରୀମାନେ ଶ୍ରୀମନ୍ଦିରରେ ଜଗନ୍ନାଥଙ୍କ ସେବାଭୁକ୍ତ 'ଗୀତଗୋବିନ୍ଦ' ସଙ୍ଗୀତ ଗାନ ଶୁଣି ଏହାପ୍ରତି ଆକୃଷ୍ଟ ହୋଇଥାଇ ସେମାନଙ୍କ ଅଞ୍ଚଳକୁ ନେଇଥାଇ ପାରନ୍ତି । ତେବେ ଏହା ନିଶ୍ଚିତ ଯେ ଶ୍ରୀ ଜଗନ୍ନାଥଙ୍କ ସେବାରେ 'ଗୀତଗୋବିନ୍ଦ' ସ୍ଥାନ ପାଇବା ପରେ ଏହା ବନାଗ୍ନିଭଳି ଭାରତର ବିଭିନ୍ନ ଅଞ୍ଚଳକୁ ବିସ୍ତାରିତ ହୋଇପାରିଥିଲା ।

ଉକ୍ତ ପୃଥ୍ୱୀରାଜ ରାସୋର ବର୍ଣ୍ଣନା ଅଛି ଯେ କାନ୍ୟକୁବ୍ଜାଧୀଶ୍ୱର ଶ୍ରୀ ବିଜୟପାଳ ଦକ୍ଷିଣ ପଥ ବିଜୟ ସମୟରେ ଉତ୍କଳରେ ଉପଗତ ହୋଇ ଏଠାରେ ସୋମବଂଶୀ ରାଜା ଜଗନ୍ନାଥଙ୍କ ଭକ୍ତ ମୁକୁନ୍ଦ ଦେବଙ୍କ ଆତିଥ୍ୟ ଗ୍ରହଣ କରିଥିଲେ । ବିଜୟ ପାଳଙ୍କ ଜ୍ୟେଷ୍ଠ ଦୌହିତ୍ର ମୁକୁନ୍ଦଦେବଙ୍କ କନ୍ୟାଙ୍କୁ ବିବାହ କରିଥିବାର ଏଥିରେ ଉଲ୍ଲେଖ ଅଛି । ଭଟ୍ଟ ବରଦାଇ (ଚନ୍ଦ୍ର କବି) ସମ୍ଭବତଃ ତୀର୍ଥ ଦର୍ଶନ ଉଦ୍ଦେଶ୍ୟରେ ଜଗନ୍ନାଥ-ପୁରୀ ଆସିଛନ୍ତି ଓ ଶ୍ରୀମନ୍ଦିରରେ ଗାନ ହେଉଥିବା 'ଗୀତଗୋବିନ୍ଦ' ପ୍ରତି ଆକୃଷ୍ଟ ହୋଇଛନ୍ତି ବା ଅନ୍ୟ ଯାହାଦ୍ୱାରା ଏହା ରାଜସ୍ଥାନ ଅଞ୍ଚଳକୁ ଯାଇଛି ।

(ଙ) ଦ୍ୱାଦଶ ଶତାବ୍ଦୀର ମଧ୍ୟ ଭାଗରେ ଆବିର୍ଭୂତ ବିଦ୍ୟାକର ପଣ୍ଡିତଙ୍କ ଦ୍ୱାରା ସଂଗୃହୀତ "ସୁଭାଷିତ ରତ୍ନକୋଷ" ନାମକ ଗ୍ରନ୍ଥରେ ଜନୈକ ଜୟଦେବଙ୍କ ଦ୍ୱାରା ଦୁଇଟି ଶ୍ଲୋକ ରହିଛି । ଏଥିରେ ପ୍ରଶସ୍ତି ବ୍ରଜ୍ୟାର ୧୬୬୭ ସଂଖ୍ୟାକ ଶ୍ଲୋକ 'ସଦୁକ୍ତି କର୍ଣ୍ଣାମୃତ ମ୍'ର ୧୬୩୮ ଶ୍ଲୋକ ଭାବେ ସ୍ଥାନ ପାଇଛି । 'ଗୀତଗୋବିନ୍ଦ' ପ୍ରଣେତା ଜୟଦେବ ଓ ସୁଭାଷିତ ରତ୍ନକୋଷ'ର ଜୟଦେବ ଆଦୌ ଏକ ବ୍ୟକ୍ତି ନୁହନ୍ତି ।

(ଚ) ଜହ୍ଲଣଙ୍କ (୧୨୫୭-ଖ୍ରୀ: ଅ:) ବିରଚିତ ସୁକ୍ତିମୁକ୍ତା ବଳୀର ମୁଖବନ୍ଧରେ ଲେଖାଅଛି ଯେ 'ପ୍ରସନ୍ନ ରାଘବ' ନାଟ୍ୟକାର "ଲକ୍ଷ୍ମୀକେଳି ଭୁଜଙ୍ଗ" ଶ୍ଲୋକଟି ସେନ ବଂଶୀୟ ରାଜା ଲକ୍ଷ୍ମଣ ସେନଙ୍କୁ ପ୍ରଶଂସା କରି ଲେଖିଥିବାର ଜଣାଯାଏ ।

ସଦୁକ୍ତି କର୍ଣ୍ଣାମୃତମ୍'ର ସଂକଳୟିତା ଶ୍ରୀଧର ଦାଇ ଗ୍ରନ୍ଥ ସମାପ୍ତିରେ ଲେଖୁଛନ୍ତି:

ଶକେଽବ୍ଦେ ସପ୍ତବିଂଶତ୍ୟଧିକ-ଶତୋପେତ ଦଶ ଶତେ
ଶରଦାମ୍
ଶ୍ରୀ ମଲ୍ଲକ୍ଷ୍ମଣ ସେନ କ୍ଷିତିପତିପସ୍ୟ ରସୈକବିଂଶେଽବ୍ଦେତ
ସବିତୁର୍ଗତ୍ୟା ଫାଲଗୁନ ବଂଶେଷୁ ପରାର୍ଥ ହେତବେ
କୁତୁକାତ୍
ଶ୍ରୀଧର ଦାସେ ନେଦଂ ସଦୁକ୍ତି କର୍ଣ୍ଣାମୃତଂ ଚକ୍ରେ" ।

ଅର୍ଥାତ-୧୧୨୭ ଶକାବ୍ଦ ବା ୧୨୦୫ ଖ୍ରୀ: ଅ: ରେ ଲକ୍ଷ୍ମଣ ସେନ ରାଜାଙ୍କ ସପ୍ତବିଂଶ ଅବଦରେ ସୌରମାନ ଅନୁସାରେ ଫାଲଗୁନ ବିଂଶ ଦିବସରେ ପର ପ୍ରୟୋଜନ (ପରର ମନୋବିନୋଦନ ରୂପ ପ୍ରୟୋଜନ) ପାଇଁ କୌତୁକ ବଶତଃ ଶ୍ରୀଧର ଦାସ ଏହି ସଦୁକ୍ତି କର୍ଣ୍ଣାମୃତ କଲେ ।

ଏଥିରୁ ଜଣାଯାଏ ରାଜା ଲକ୍ଷ୍ମଣ ସେନ ନିଜ ନାମରେ ଗୋଟିଏ ଅବ୍ଦ ଚଳାଇଥିଲେ । ୧୧୨୭ ଅବ୍ଦ ବା ୧୨୦୫ ଖ୍ରୀ: ଅ: ରେ ଯଦି ଲକ୍ଷ୍ମଣ ସେନଙ୍କ ୨୭ ଅବ୍ଦ ବା ୨୭ ବର୍ଷ ଶାସନ ହେଲା ତେବେ ୧୨୦୫-୨୭ ୧୧୭୮ ଖ୍ରୀ:ଅ: ରେ ଲକ୍ଷ୍ମଣ ସେନ ରାଜ ଗାଦିରେ ବସିଥିଲେ ।

ସେଖ୍ ଶୁଭୋଦୟ ଗ୍ରନ୍ଥ

ସେଖ୍ ଶୁଭୋଦୟ ଗ୍ରନ୍ଥରେ ସେଖ୍‌ଙ୍କ ଘର ଅଟାବି ରାଜ୍ୟରେ ଥିଲା । ଇସଲାମ ଧର୍ମ ପ୍ରଚାର ପାଇଁ ସେ ପୂର୍ବଆଡକୁ ଅଗ୍ରସର ହୋଇ ବଙ୍ଗ ରାଜ୍ୟରେ ପ୍ରବେଶ କଲେ । ସେତେବେଳେ ବଙ୍ଗ ଦେଶର ରାଜା ଲକ୍ଷ୍ମଣ ସେନ ଥାନ୍ତି । ସେଖ୍‌ଙ୍କର ବହୁ ଅଲୌକିକ

ପ୍ରତିଭା ଥିଲା । ସେ ମନ୍ତ୍ର ସିଦ୍ଧ ପାଦୁକାରେ ମନଇଚ୍ଛା ଯାଇପାରୁଥିଲେ । ଲକ୍ଷ୍ମଣ ସେନଙ୍କ ରାଜବାଟୀର ଅଦୂରରେ ସେ ନିଜର ଆଶ୍ରମ କରି ରହିଥିଲେ । ସେଖଙ୍କ ଆଗମନର ଉଦ୍ଦେଶ୍ୟ ଓ ବିପଦର ସମ୍ଭାବନା ଜାଣି ଲକ୍ଷ୍ମଣ ସେନଙ୍କ ମନ୍ତ୍ରୀ ସମାପତିଧର ତାଙ୍କୁ ଖାଦ୍ୟରେ ବିଷଦେଇ ମାରି ଦେବାକୁ ଚେଷ୍ଟା କରିଥିଲେ । ମାତ୍ର ସେ ବହୁ ନିର୍ଘୋଷରେ ନମାଜ ପଢ଼ିବାରୁ ରକ୍ଷା ପାଇ ଯାଇଥିଲେ । ସେ କୁଆଡେ ଜଣେ ଧୋବାକୁ ତିନୋଟି ବ୍ୟାଘ୍ର ଆକ୍ରମଣରୁ ରକ୍ଷା କରିଥିଲେ । ପ୍ରଭାକର ନାମକ ଜଣେ ବଣିକର ସମୁଦ୍ରରେ ବୁଡି ଯାଉଥିବା ଜାହାଜକୁ ସେ ମନ୍ତ୍ର ବଳରେ ଉଦ୍ଧାର କରିଥିଲେ । ଥରେ ରାଜାଙ୍କ ଶଳା କୁମାର ଦତ୍ତ ରାତ୍ରୀ କାଳରେ ଜଣେ ଧନୀ ବଣିକଙ୍କ ଘରେ ପଶି ବଣିକଙ୍କ ଯୁବତୀ ସ୍ତ୍ରୀ ମାଧବୀଙ୍କ ପ୍ରତି ଅତ୍ୟାଚାର କରିବାରୁ ବଣିକ ରାଜା ଓ ରାଣୀଙ୍କ ଆଗରେ ଗୁହାରି କଲେ । ରାଣୀ ନିଜର ଭାଇ ପକ୍ଷ ନେଇ ମାଧବୀଙ୍କ ଚୁଟିଧରି ପିଟିବାରୁ ସେଠାରେ ଉପସ୍ଥିତ ଥିବା ଜଗଦ୍‌ଗୁରୁ ଗୋବର୍ଦ୍ଧନାଚାର୍ଯ୍ୟ ରାଜାଙ୍କୁ ଭର୍ତ୍ସନା କରି ଅଭିଶାପ ଦେବେ ବୋଲି ଧମକାଇଲେ । ସେ ଦଣ୍ଡ କମଣ୍ଡଳୁ ଧରି ଚାଲି ଯିବାକୁ ବସିବାରୁ ରାଜା ତାଙ୍କ ପାଦ ବନ୍ଦନା କରି ଶାନ୍ତି କରିଥିଲେ । ଶେଖ୍ ଏହାକୁ ସମାଧାନ କରାଇଥିଲେ । ଉମାପତି ଧରଙ୍କ ଚକ୍ରାନ୍ତରେ ଗୁରିଜଣ ଛଦ୍ମବେଶୀ ଶେଖ୍‌ଙ୍କ ପାଖକୁ ଅନିଷ୍ଟ କରିବାକୁ ଯାଇଥିଲେ । ମାତ୍ର ସେମାନଙ୍କ ଚକ୍ଷୁ ନଷ୍ଟ ହୋଇଯାଇଥିଲା । ପରେ ବହୁ ଅନୁନୟ ପରେ ଶେଖ୍ ତାଙ୍କର ଚକ୍ଷୁ ଫେରାଇ ଦେଇଥିଲେ ଇତ୍ୟାଦି ।

ଥରେ ବୁଢନ ମିଶ୍ର ନାମକ ଜଣେ ଗାୟକ ଲକ୍ଷ୍ମଣ ସେନ୍‌ଙ୍କ ରାଜ ସଭାକୁ ଆସିଥିଲେ । ତାଙ୍କର ସଂଗୀତ ବିଦ୍ୟାରେ ପାରଦର୍ଶିତା ଥିବାରୁ ଓଡିଶାର ଗଜପତି କପିଳେଶ୍ୱର ଦେବ ତାଙ୍କୁ "ଷଡ଼ଚନ୍ଦ୍ର ଗଜ ଜୟ ପଟ୍ଟ" ଦେଇଥିଲେ । ସେ ପାଠ ମଞ୍ଜରୀ ରାଗରେ ଗୀତ ବୋଲିବାରୁ ନିକଟରେ ଥିବା ଅଶ୍ୱଥ ବୃକ୍ଷରୁ ପତ୍ର ସବୁ ଝଡିଗଲା । ସମସ୍ତେ ବୁଢନ ମିଶ୍ରଙ୍କୁ ପ୍ରଶଂସା କଲେ । ବାଦ୍ୟ ଶବ୍ଦ ଶୁଣି ସେତେବେଳେ ଗଙ୍ଗା ସ୍ନାନକୁ ଯାଉଥିବା ଜୟଦେବଙ୍କ ପତ୍ନୀ ପଦ୍ମାବତୀ ରାଜ ସଭାକୁ ଆସି କହିଲେ ଯେ, ତାଙ୍କୁ ଓ ତାଙ୍କ ସ୍ୱାମୀ ଜୟଦେବଙ୍କୁ ସଙ୍ଗୀତରେ ପରାସ୍ତ ନ କଲା ପର୍ଯ୍ୟନ୍ତ କାହାକୁ ଜୟପତ୍ର ଦିଆଯାଇ ପାରିବ ନାହିଁ । ସେଠାରେ ଉପସ୍ଥିତ ସେଖ୍ ପଦ୍ମାବତୀଙ୍କୁ ପ୍ରଥମେ ଗୀତ ବୋଲିବାକୁ କହିବାରୁ ସେ ଗାନ୍ଧାର ରାଗରେ ଗୀତ ବୋଲିଲେ । ଫଳରେ ଗଙ୍ଗାନଦୀରେ ଭାସୁଥିବା ସମସ୍ତ ନୌକା କୂଳକୁ ଚାଲି ଆସିଲା । ନୌକାଗୁଡିକ ଜୀବଥିବା ବସ୍ତୁଭଳି ଗତିଶୀଳ ହେବାରୁ ସମସ୍ତେ ଆଶ୍ଚର୍ଯ୍ୟ ହେଲେ । ଏଥିରେ ଶେଖ୍ ବୁଢନ ମିଶ୍ରଙ୍କୁ ପଦ୍ମାବତୀଙ୍କ ସହ ପ୍ରତିଯୋଗିତା କରିବାକୁ ଇଚ୍ଛା ନ କରିବାରୁ ସେଖ୍ ପଦ୍ମାବତୀଙ୍କ ସ୍ୱାମୀ ଜୟଦେବଙ୍କୁ ଡକାଇ ଆଣିବାକୁ କହିଲେ । ଜୟଦେବ ଆସିବାରୁ ସେଖ୍ ବୁଢନ ମିଶ୍ରଙ୍କୁ ସଙ୍ଗୀତ ବୋଲି ଗଛରେ ପତ୍ର କଅଁଳାଇ ଦେବାକୁ କହିଲେ । ବୁଢନ ମିଶ୍ର ମନା କରିବାରୁ ଜୟଦେବ ବସନ୍ତରାଗ ବୋଲି ଗଛରେ ପତ୍ର କଅଁଳାଇ ଦେଇଥିଲେ । ଜୟଦେବଙ୍କର ଜୟ ହେଲା ଓ ଶେଖ୍‌ଙ୍କ ପରାମର୍ଶରେ ବୁଢନ ମିଶ୍ରଙ୍କୁ କେତେକ ସାମାନ୍ୟ ଦ୍ରବ୍ୟ ଦିଆଗଲା ।

(କ) ଓଡିଶାର ରାଜା କପିଳେଶ୍ୱର ଦେବ ଖ୍ରୀ: ଅ: ୧୪୩୫ରୁ ୧୪୬୭ ପର୍ଯ୍ୟନ୍ତ ଶାସନ କରିଥିଲେ । ଅର୍ଥାତ, ତାଙ୍କର ଲକ୍ଷ୍ମଣ ସେନଙ୍କ ରାଜତ୍ୱର ୩୦୦ ବର୍ଷ ପରେ ଆର୍ବିଭାବ ହୋଇଥିଲା । ତେବେ ଦ୍ୱାଦଶ ଶତାବ୍ଦୀର ଜଣେ ପଣ୍ଡିତଙ୍କୁ ପଞ୍ଚଦଶ ଶତାବ୍ଦୀରେ ଆବିର୍ଭୂତ ଗଜପତି କପିଳେଶ୍ୱର ଦେବ କିଭଳି ଷଡ଼ ଚନ୍ଦ୍ରପଦ-ଜୟ ପତ୍ର ଦେଲେ ? ଲକ୍ଷ୍ମଣ ସେନ ସ୍ୱର୍ଗ ରାଜ୍ୟରେ ଥିବା ବେଳେ ବୋଧ ହୁଏ ଏହା ସମ୍ଭବ ହୋଇ ପାରେ ।

(ଖ) ଲକ୍ଷ୍ମଣ ସେନ ଜଣେ ନୈଷ୍ଠିକ ହିନ୍ଦୁରାଜା । ସେ ମୁସଲମାନ ରାଜତ୍ୱକୁ ବରାବର ବିରୋଧ କରି ଆସିଥିଲେ । ମାତ୍ର ୧୨୦୫ ଖ୍ରୀ: ଅ: ରେ ପରାସ୍ତ ହୋଇ ପଳାୟନ କରିଥିଲେ । ସେ କିପରି ଭାବେ ଇସ୍‌ଲାମ ଧର୍ମ ପ୍ରଚାରକୁ ପୃଷ୍ଠ ପୋଷକତା କରୁଥିଲେ ତାହା ମଧ୍ୟ ଜଣାଯାଉ ନାହିଁ ।

(ଗ) ପୁଣି ଜୟଦେବ ଓ ପଦ୍ମାବତୀ ନାମରେ ସଙ୍ଗୀତ ବିଶାରଦ ପତି–ପତ୍ନୀ ଲକ୍ଷ୍ମଣ ସେନଙ୍କ ରାଜ ସଭାର ପଣ୍ଡିତ ଥିବା କୌଣସିଠାରେ ଉଲ୍ଲେଖ ନାହିଁ । ଏମାନଙ୍କ ସଙ୍ଗୀତ ବିଦ୍ୟା ଯଦି ଶେଖ୍ ବା ରାଜ ସଭାକୁ ଜଣାଥାନ୍ତା ତେବେ ପଦ୍ମାବତୀଙ୍କୁ ସେଠାରେ ନିଜର ପ୍ରତିଭା ସମ୍ପର୍କରେ ପରିଚୟ ଦେବାକୁ କେବେ ହେଲେ ପଡ଼ି ନଥାନ୍ତା । ବାଟରେ ସ୍ନାନ ନିମନ୍ତେ ଚାଲିଯାଉଥିବା ପଦ୍ମାବତୀ ରାଜସଭାରେ ବାଦ୍ୟନାଦ ଶୁଣି ସେଠାରେ ଉପସ୍ଥିତ ହୋଇ ଏହାର ପ୍ରତିବାଦ କରିଛନ୍ତି । ରାଜସଭା ଭଳି ଏକ ମର୍ଯ୍ୟାଦାପୂର୍ଣ୍ଣ ସ୍ଥାନକୁ ବାଟରେ ଗାଧୋଇବା ପାଇଁ ଯାଉଥିବା ଜଣେ ରମଣୀ ପ୍ରବେଶ କରି ପ୍ରତିବାଦ ଜଣାଇବା ସମ୍ଭବକି ? ବାହାର ପର୍ଯ୍ୟଟକ ଭାବେ ତୀର୍ଥ ପର୍ଯ୍ୟଟନ ପାଇଁ ଲକ୍ଷ୍ମଣାବତୀ ନଗରୀରେ ଗ୍ରନ୍ଥରେ ଆଲୋଚିତ ଜୟଦେବ ଓ ପଦ୍ମାବତୀ ରହିଥାଇ ପାରନ୍ତି ଓ ତାଙ୍କ ସମ୍ପର୍କରେ ରାଜସଭା ଅଜ୍ଞଥିବା ମନେ ହେଉଛି ।

(ଘ) ତାପରେ ଅନ୍ୟତମ ନାୟକ ଗୋବର୍ଦ୍ଧନାଚାର୍ଯ୍ୟ ଜଣେ ପର୍ଯ୍ୟଟକ ସନ୍ନ୍ୟାସୀ ଭାବେ ଚିତ୍ରିତ ହୋଇଛନ୍ତି ।

ଶେଖ୍ ଶୁଭୋଦୟ ଗ୍ରନ୍ଥ କୌଣସି ସତ୍ୟାଶ୍ରିତ କଥା ଉପରେ ଲେଖା ଯାଇ ନଥିବା ନିଃସନ୍ଦେହରେ କୁହାଯାଇ ପାରେ । ଏହି ଗପ ଉପରେ ମତ ଦେଇ ଐତିହାସିକ ଡକ୍ଟର ସୁକୁମାର ସେନ କହିଛନ୍ତି:

"It indicates that Jayadev did not originally belong to the court of Laxman Sen and that he first came there as an outsider"

(Sekhsabhodoya of Haldhar Mishra Editor by Dr. Sukumar Sen and published by Asiatic Society, Cal. 1963).

## ବିବାଦୀୟ କେନ୍ଦୁ ବିଲ୍ୱ

ପଶ୍ଚିମ ବଙ୍ଗ ରାଜ୍ୟ ଅନ୍ତର୍ଗତ ବୀରଭୂମ ଜିଲ୍ଲା ଅଜୟ ନଦୀ କୂଳରେ ଥିବା ଏକ ସ୍ଥାନକୁ 'ଜୟଦେବ କେନ୍ଦୁଲୀ' ନାମରେ ପ୍ରଚାର କରାଯାଇ ସେଠାରେ ହିଁ ଜୟଦେବ ଜନ୍ମ ହୋଇଥିଲେ ବୋଲି କୁହା ଯାଉଛି । ସେଠାରେ ପୌଷ ସଂକ୍ରାନ୍ତିରେ ହେଉଥିବା ଏକ

ମେଳାକୁ ଜୟଦେବ ମେଳା ବୋଲି କୁହାଯାଏ । ଏ ସମ୍ପର୍କରେ ଆଲୋଚନା କଲେ ଜଣାଯାଏ ଏହି ମେଳା ସହ ଜୟଦେବଙ୍କର କୌଣସି ସମ୍ପର୍କ ନାହିଁ । ଏହା ବାଉଲ ସମ୍ପ୍ରଦାୟର ଏକ ବାର୍ଷିକ ମେଳା । ଏହି ମେଳା ସମ୍ପର୍କରେ ମତ ଦେବାକୁ ଯାଇ ସୁପ୍ରସିଦ୍ଧ ଐତିହାସିକ ଡକ୍ଟର ସୁକୁମାର ସେନ "ବଙ୍ଗଳା ସାହିତ୍ୟେର ଇତିହାସ" ଗ୍ରନ୍ଥରେ ଲେଖିଛନ୍ତି –

"ଅଜୟାର ଧାରେ ବାଲୁ ତଟେ ପୌଷ ସଂକ୍ରାନ୍ତି ଛାନେର ମେଳା ନିକଟେ ଯେ ଗ୍ରାମ ଆଛେ ତାହା କେନ୍ଦୁଲୀ ନୟ । ଓଖାନେ କେନ୍ଦୁଲୀ ଗ୍ରାମ ଛିଲ ବଲିୟା କୋନ ପ୍ରମାଣ ନାଇ x x x । ଚୈତନ୍ୟର ସମୟେ ଜୟଦେବ ସ୍ମୃତି ପ୍ରସଙ୍ଗିତ ଏ ମେଳାର କୋନ ଉଲ୍ଲେଖ ନାହିଁ ଏବଂ ଜୟଦେବର ଜନ୍ମସ୍ଥାନ ବା ବାସସ୍ଥାନ ରୂପେ କେନ୍ଦୁଲୀର ବା ଅନ୍ୟ କୋନ ଗ୍ରାମେର କଥାଏ ନାଇ"

କଲିକତା ବିଶ୍ୱବିଦ୍ୟାଳୟର ଅଧ୍ୟାପକ ସ୍ୱର୍ଗତ ଡକ୍ଟର ଆଶୁତୋଷ ଭଟ୍ଟାଚାର୍ଯ୍ୟ ବଙ୍ଗଳା ସାପ୍ତାହିକ ଯୁଗବାଣୀ ତା୭–୬–୬୯ର ଜୟଦେବ ପ୍ରବନ୍ଧରେ ସ୍ୱୀକାର କରିଛନ୍ତି

"ଜୟଦେବ ଛିଲେନ ଉଡ଼ିଷ୍ୟା ଏବଂ ବିରଭୂମେର କେନ୍ଦୁଲୀତେ ଅନୁଷ୍ଠିତ ବାର୍ଷିକ ବାହରିକ ମେଲା ଆସଲେ ବାଉଲ ମେଲା ଓ ଜୟଦେବେର ଜନ୍ମେର ସଙ୍ଗେ କୋନ ସମ୍ପର୍କ ନେଇ । ଜୟଦେବ ଲକ୍ଷ୍ମଣ ସେନର ସଭାକବି ଛିଲେନ ବଲେ ଏ ଯାବତ୍ ଯେ ସିଦ୍ଧାନ୍ତ ବିଦଗ୍ଧ ସମାଜେ ଗୃହୀତେ ହୟେଛିଲ ତାହା ଗ୍ରହଣ ଯୋଗ୍ୟ ନୟ । ଲକ୍ଷ୍ମଣ ସେନେର ଅନ୍ୟାନ୍ୟ କବି ଦେର ସଙ୍ଗେ ଜୟଦେବ ନିଜେର ନାମକେ ଯୁକ୍ତ କରିଲେ ଓ ତିନି ଲକ୍ଷ୍ମଣ ସେନେର ସଭାକବି ଛିଲେନ ତା ପ୍ରମାଣିତ ହୟନା ପ୍ରାଚୀନ ନବାଦ୍ୱୀ ସଂସ୍କୃତ କବିଦେର ନାମେର ସଙ୍ଗେ ନିଜେର ନାମ ଯୁକ୍ତ କରାଇ ରୀତି ଓଖାନେ ଉଡ଼ିଶାୟ ପ୍ରଚଳିତ ହାୟଛେ ।"

ବର୍ଦ୍ଧମାନର ରାଜା କୀର୍ତ୍ତିଚନ୍ଦ୍ରଙ୍କ ଦ୍ୱାରା ସେଠାରେ ୧୬୯୪ ଖ୍ରୀଅଃରେ ମନ୍ଦିର ନିର୍ମାଣ କରାଯାଇ ରାଧା ବିନୋଦ ବିଗ୍ରହ ସ୍ଥାପନ କରାଯାଇଛି । ଉକ୍ତ ରାଜା ୧୭୫୧ ଖ୍ରୀ:ଅ:ରେ ପୁରୀ ମାର୍କଣ୍ଡେଶ୍ୱର ପୁଷ୍କରଣୀ ନିକଟରେ ନିର୍ମିତ ଏକ ମଣ୍ଡପରେ ତାଙ୍କ ଇଷ୍ଟ ଦେବତା ରାଧା ବିନୋଦ ବିଗ୍ରହ ବସାଇଥିଲେ । ହରେକୃଷ୍ଣ ମୁଖୋପାଧ୍ୟାୟଙ୍କ ୧୮୦୧ ଖ୍ରୀ:ଅ:ରେ ରଚିତ ବୀରଭୂମ ବିବରଣୀରୁ ଜଣାଯାଏ ବୃନ୍ଦାବନବାସୀ ନିମ୍ବାର୍କ ସମ୍ପ୍ରଦାୟର ଶ୍ରୀ ରାଧାରମଣ ଦେବ ନାମକ ଜଣେ ମହନ୍ତ ବର୍ଦ୍ଧମାନର ରାଜାଙ୍କ ସହାୟତାରେ ଉକ୍ତ ରାଧାବିନୋଦ ମନ୍ଦିର ନିକଟରେ ଏକ ମଠ ନିର୍ମାଣ କରିଥିଲେ । ଏହି ମହନ୍ତଙ୍କ ପରବର୍ତ୍ତୀ ମହନ୍ତଙ୍କ ନାମ ହେଉଛି (୧) ଭରତ ଦାସ (୨) ପ୍ୟାରିଲାଲ (୩) ହିରାଲାଲ (୪) ଫୁଲ ଗୁନ୍ଦ (୫) ରାମଗୋପାଳ (୬) ସର୍ବେଶ୍ୱର (୭) ରାସବିହାରୀ । ନିମ୍ବାର୍କ ସମ୍ପ୍ରଦାୟର ଜୟଦେବ ହୋଇଥିବାରୁ ପୌଷ ସଂକ୍ରାନ୍ତିରେ ସେଠାରେ ହେଉଥିବା ମେଳାକୁ "ଜୟଦେବ ମେଳା" ଭାବେ ପ୍ରଚଳିତ ହୋଇଛି । ପୁଣି ଏହି ପ୍ରସଙ୍ଗକୁ ଯୁକ୍ତିଯୁକ୍ତ କରିବା ପାଇଁ କେନ୍ଦୁଲୀ ସନ୍ନିକଟରେ "ବିଲ୍ୱମଙ୍ଗଳେର ଭିଟି" ବୋଲି ଏକ ସ୍ଥାନକୁ ବିଲ୍ୱମଙ୍ଗଳ ଜନ୍ମହୋଇଥିବାର କୁହାଯାଉଛି । ମାତ୍ର ଦୁଃଖର ବିଷୟ ବିଲ୍ୱମଙ୍ଗଳ ଅଜୟ୍ୟା ନଦୀ କୂଳରେ ଜନ୍ମ ହେବାର କୌଣସି ପ୍ରମାଣ ଏ ପର୍ଯ୍ୟନ୍ତ ଆବିଷ୍କୃତ ହୋଇପାରି ନାହିଁ ।

କବିରାଜ ଜୟଦେବ ଅଜୟା ନଦୀକୂଳ ତଥା କଥିତ କେନ୍ଦୁଲି ଗ୍ରାମରେ ଜନ୍ମ ହୋଇଥିବାର ଏକ ପ୍ରସ୍ତର ସର୍ବ ପ୍ରଥମ ବନମାଳୀ ଦାସ ନାମକ ଜଣେ ଲେଖକଙ୍କ ଦ୍ୱାରା ଜୟଦେବ ଚରିତ ବହିରୁ ଜଣାଯାଏ । ଏହାର ପ୍ରକାଶକ ହେଉଛନ୍ତି ବଙ୍ଗୀୟ ସାହିତ୍ୟ ପରିଷଦ ଓ ୧୮୦୧ ମସିହାରେ ଏହା ଲେଖା ହୋଇଥିବା ସେଥିରେ ଦର୍ଶା ଯାଇଛି । ଏହି ଗ୍ରନ୍ଥ ସମ୍ପର୍କରେ ଆଲୋଚନା କରି ହରେକୃଷ୍ଣ ମୁଖୋପାଧ୍ୟାୟ ବିରଭୂମ ବିବରଣୀରେ କହିଛନ୍ତି । "କୋନ ଆଦର୍ଶ ପୁଥି ହଇତେ ଏଇ ଗ୍ରନ୍ଥ ନକଲ କରାହୟ ତାହା ଜାନାଯାୟ ନାଇ । ଏ ଗ୍ରନ୍ଥ ଅନ୍ୟ କୋଥାଏ ପାଓୟା ଯାଇ ନାଇଁ" । ତେଣୁ ଏ ଭଳି ଖଣ୍ଡିଏ ମାତ୍ର ପୁସ୍ତକ ଉପରେ ନିର୍ଭର କରି ଜୟଦେବଙ୍କୁ ଅଜୟା ନଦୀ ତୀର ବର୍ତ୍ତୀ କେନ୍ଦୁଲୀ ବାସିନ୍ଦା ବୋଲି କହିବା ଆଦୌ ଯୁକ୍ତି ସଙ୍ଗତ ନୁହେଁ ।

## ଲକ୍ଷ୍ମଣ ସେନଙ୍କ ସଭାକବି

ପୂର୍ବ ଆଲୋଚିତ ହରେକୃଷ୍ଣ ମୁଖୋପାଧ୍ୟାୟଙ୍କ "ବିରଭୂମ ବିବରଣରେ" ଜୟଦେବ ବଙ୍ଗ ରାଜା ଲକ୍ଷ୍ମଣ ସେନଙ୍କ ସଭାକବି ଥିବା ଏକ ଶିଳା ଲେଖା ଶ୍ରୀ ରୂପ ସନାତନ ଗୋସ୍ୱାମୀ ଶ୍ରୀଧାମ ନବ ଦ୍ୱୀପରେ ଲକ୍ଷ୍ମଣ ସେନଙ୍କ ସଭାଗୃହରେ ଦେଖିଥିଲେ ବୋଲି ଉଲ୍ଲେଖ ଅଛି । ଶ୍ଳୋକଟି ହେଲା –

"ଗୋବର୍ଦ୍ଧନଶ୍ଚ ଶରଣୋ ଜୟଦେବ
ଉମାପତିଃ
କବିରାଜଶ୍ଚ ରତ୍ନାନି ପଞ୍ଚୈତେ
ଲକ୍ଷ୍ମଣସ୍ୟଚ"

ଶ୍ରୀ ରୂପ ସନାତନ ଏପରି କୌଣସି ଶିଳାଲେଖ ଦେଖିଥିବା ତାଙ୍କ ରଚନାରେ କୌଣସି ସ୍ଥାନରେ ଉଲ୍ଲେଖ କରି ନାହାଁନ୍ତି । ଆଲୋଚକ ମହୋଦୟ ଏପରି ଶିଳାଲେଖର ଛିତି କିପରି ପାଇଲେ ? ପୁଣି ରୂପ ସନାତନଙ୍କର ଆର୍ବିଭାବ ଲକ୍ଷ୍ମଣ ସେନଙ୍କ ଶୁରି ଶହବର୍ଷ ପରେ ହୋଇଛି । ଲକ୍ଷ୍ମଣ ସେନଙ୍କ ରାଜ୍ୟ ଦଖଲ କରି ମୁସଲମାନ ସେନାପତି ମହମ୍ମଦ–ଇ–ବଖତିୟାର ନଦୀୟା ସହରକୁ ସମ୍ପୂର୍ଣ୍ଣ ଧ୍ୱଂସ କରି ଦେଇଥିଲେ । ୧୨୬୦ ଖ୍ରୀ:ଅରେ ତବାକତ୍–ଇ–ନାସିରି ପୁସ୍ତକରେ ଏହାର ବର୍ଣ୍ଣନା ଅଛି ।

**After Muhammad–e–Bakhtyar Possessed himself of that teritory (Rai Lakhman's) he left the city of Nudiah in desolation.** ସେହି ପୁସ୍ତକର ପାଦ ଟୀକାରେ ଅଛି **Muhamad–e–Bakhtyar destroyed Nudiah and leany if in desolation passed on words** କେନ୍ଦୁ ଓ ବିଲ୍ୱ ଦୁଇଟି ବୃକ୍ଷ ବାଚକ ଶବ୍ଦ ଓ ଏହାର ସମାହାରରେ କେନ୍ଦୁବିଲ୍ୱ ଗ୍ରାମର ନାମକରଣ ହୋଇଛି । ଏହି ବୃକ୍ଷ ବାଚକ ଶବ୍ଦ ଦୁଇଟି ପ୍ରଚଳିତ ଅଞ୍ଚଳରେ କେନ୍ଦୁ ବିଲ୍ୱ ଗ୍ରାମ ଥିବାର ସମ୍ଭାବନା । 'ଗୀତଗୋବିନ୍ଦ' ସଂସ୍କୃତରେ ଲେଖାଥିବା ହେତୁ "କେନ୍ଦୁ" ଶବ୍ଦ ମୂଳ ସଂସ୍କୃତ ଶବ୍ଦରୁ ଆସିଥାଇ ପାରେ ବୋଲି କେତେକ ମନେ କରିଥାନ୍ତି । ମାତ୍ର ସଂସ୍କୃତ ଭାଷାରେ କେନ୍ଦୁକୁ "ତିନ୍ଦୁକ" କୁହାଯାଏ । ବଙ୍ଗ ଭାଷାରେ ତିନ୍ଦୁକ ପଦବାଚ୍ୟ ବୃକ୍ଷ ଅର୍ଥରେ କେନ୍ଦୁ ଶବ୍ଦ ନାହିଁ । ସେଠାରେ କେନ୍ଦୁକୁ "ଗେନ୍ଦୁ" କହନ୍ତି ବୋଲି

ବିଶ୍ୱକୋଷାକାର କହିଛନ୍ତି । ଶାଳି ଗ୍ରାମ ନିଘଣ୍ଟୁ ମତରେ "ତେନ୍ଦୁ" କୁହାଯାଏ । ପ୍ରାଚୀନ ପ୍ରମାଣିକ ଅମର, ବିଶ୍ୱପ୍ରକାଶ, ମେଦିନୀ, ହଳାୟୁଧ, ବୈଜୟନ୍ତି, ତ୍ରିକାଣ୍ଡ କୋଷରେ ରାଜ ନିଘଣ୍ଟୁ ପ୍ରଭୃତି କୋଷରେ କେନ୍ଦୁ ଶବ୍ଦ ତିନ୍ଦୁକ ନାମକ ବୃକ୍ଷ ବାଚକ ଶବ୍ଦ ଭାବେ ଲେଖା ନାହିଁ । ଶବ୍ଦରତ୍ନାବଳୀ ଓ ଶବ୍ଦ ଚନ୍ଦ୍ରିକାରେ ତିନ୍ଦୁକ ପଦବାଚ୍ୟ ବୃକ୍ଷ ଅର୍ଥରେ ଆସିଛି ବୋଲି କେତେକ ବର୍ଗୀୟ କୋଷାକାର ଦେଖାଉଛନ୍ତି । ଏହି କୋଷ ପ୍ରାଚୀନ ନୁହେଁ । ଅଜୟ ତୀରବର୍ତ୍ତୀ କେନ୍ଦୁଲୀ ଗ୍ରାମର ନାମକରଣକୁ ସମର୍ଥନ କରିବା ନିମନ୍ତେ ଏହି ପଦର ସୃଷ୍ଟି ହୋଇଛି । ଏକଥା ନିଶ୍ଚିତ ଯେ ବର୍ଗୀୟ ଭାଷାରେ କେନ୍ଦୁ ଶବ୍ଦ ପ୍ରଚଳିତ ନୁହେଁ । ମାତ୍ର ଅପର ପକ୍ଷରେ ଓଡ଼ିଶାର କେନ୍ଦୁ ଶବ୍ଦ ବୃକ୍ଷ ଅର୍ଥରେ କୁହାଯାଏ । ଏହି କେନ୍ଦୁ ଶବ୍ଦ ଓଡ଼ିଶାର ଜନଜୀବନ ସହିତ ଓତଃ ପ୍ରୋତଃ ଭାବେ ଜଡ଼ିତ । ଯେଉଁ ଦେଶରେ ଶବ୍ଦ ପ୍ରଚଳିତ ନାହିଁ ସେଠାରେ ଏଭଳି ନାମ ଥିବା ଗ୍ରାମର ଅବସ୍ଥିତ କଣ ସମ୍ଭବ ପର ?

Tabadut–e–Nasini" translated by Raverty—P. 650)

ଏପରି ଅବସ୍ଥାରେ ଲକ୍ଷ୍ମଣ ସେନଙ୍କ ରାଜ ପ୍ରାସାଦର ଦ୍ୱାର ଦେଶରେ ଥିବା ଉପରୋକ୍ତ ଶିଳାଲେଖକୁ ରୂପ ସନାତନ ବା କିପରି ଦେଖିଲେ ? କୌଣସି ପ୍ରାଚୀନ ଗ୍ରନ୍ଥରେ ମଧ୍ୟ ଏହା ଉଲ୍ଲେଖ ନାହିଁ । ଆଲୋଚକ ହରେକୃଷ୍ଣ ମୁଖୋପାଧ୍ୟାୟ ଏହି ଶିଳାଲିପିଟିର ସ୍ରଷ୍ଟା ବୋଲି ମନେହୁଏ ।

**କଳିଙ୍ଗରେ କେନ୍ଦୁବିଲ୍ୱ :**

ତେତ୍କାଳୀନ କଲିକତାସ୍ଥ ବ୍ରିଟିଶ୍ ଇଣ୍ଡିଆ ସୁପ୍ରିମ୍ କୋର୍ଟର ବିଚାର ପତି, କଲିକତାସ୍ଥ Asiatic Societyର ପ୍ରତିଷ୍ଠାତା ସଂସ୍କୃତ ଭାଷାବିତ୍ ପଣ୍ଡିତ ସାର୍ ଉଇଲିୟମ ଜୋନସ୍ (୧୭୪୬-୧୭୯୪) on the Musical Modes of Hindus ସମ୍ବନ୍ଧରେ ୧୭୯୯ ଖ୍ରୀ: ଅ:ରେ Asiatic Researches ନାମକ ଏକ ପତ୍ରିକାରେ ପ୍ରକାଶ କରିଥିଲେ । ଏହି ପ୍ରବନ୍ଧ ପାଇଁ ସେ ଗୀତଗୋବିନ୍ଦର ରାଗ, ତାଳ ସଂପର୍କରେ ତଥ୍ୟ ସଂଗ୍ରହ ନିମନ୍ତେ ସେ ନେପାଳ, କାଶ୍ମୀରୀ ପ୍ରଭୃତି ଭାରତର ବିଭିନ୍ନ ପ୍ରାନ୍ତର ପଣ୍ଡିତମାନଙ୍କ ସହ ଆଲୋଚନା କରିଥିଲେ । ମାତ୍ର ସେମାନଙ୍କ ଅଞ୍ଚଳରେ ସେପରି ପ୍ରାଚୀନ ରାଗ ନଥିବା ପଣ୍ଡିତମାନେ ତାଙ୍କୁ କହିଥିଲେ । ଗୀତଗୋବିନ୍ଦକାର ଜୟଦେବ ଦକ୍ଷିଣ ଦେଶରେ କୌଣସି ସ୍ଥାନରେ ଜନ୍ମ ଲାଭ କରିଥିବାରୁ ସେହି ଅଞ୍ଚଳରେ ଏହାର ତାଳ ଓ ରାଗର ପ୍ରଚଳନ ଥିବା ସେମାନେ ଦର୍ଶାଇଥିଲେ । ତାଙ୍କ ସମୟରେ ଜୟଦେବଙ୍କ ଜନ୍ମସ୍ଥାନ କଳିଙ୍ଗରେ ଥିଲାବୋଲି ଲୋକେ ବିଶ୍ୱାସ କରୁଥିବାର ସେ କହିଛନ୍ତି । ତଥାପି ବର୍ଦ୍ଧମାନ ଅଞ୍ଚଳରେ ଜୟଦେବ ଜନ୍ମ ହୋଇଛନ୍ତି ବୋଲି କେତେକ ତାଙ୍କୁ କହିଥିଲେ ।

On the musical modes of the Hindus by Sir William Jones written in 1784 and since much enlarged and published in 1799. Asiatic Researches Vol.-III 1799—pp. 83-84.

Although the Sanskrit books have Preserved the theory of such musical compositions, the Practice of it seem almost wholly left (as all the Pandits and Rajan confess) in Gour and Magadha or the province of Bengal and Bihar. When I first read the songs of Jayadev who has prefixed to each of them, this name of the mode, in which it was anciently sung. I had hope of Procaning the original music, but the Pandits of South referred me to these of the west and the Brahmins of the West would have sent me to those of the south, when they, I mean those of Nepal and Cashmir declared that the notes to Gitagovinda must exist if any where, is one of the Southern Provinces, where the poet was born".

"Gitagovinda or the Songs of Jayadav" Asiatic Researchs, Vol. III 1799 P.P. 180–207.

In the perface to this work has written this "the loves of Krisan and Radha xxx on the subject of little pastoral at drama enlittled Gitagovinda, it was the work of Jayadeva, who floarished it is said before Kalidash and was born at Kenduli, which may believe to be in Kalinga, but there is a town of Simillar same Burdhan, the nation of it insists that the first lyrical poet of India was there countrymen and celeborate in honour of him an annual jubilee passing a whole night in se pre saty his drama and singing the beautiful songs.

Preface to Gitagovinda translated by Sir William Jones and published by Upendralal Das, Calcutta in 1894.

ସାର ଉଇଲିୟମ ଜୋନସ୍ ଏହା ଲେଖିବା ସମୟରେ ଓଡ଼ିଶା ବ୍ରିଟିଶ ଇଣ୍ଡିଆର ଅନ୍ତର୍ଭୁକ୍ତ ନଥିଲା, ୧୮୦୩ ଖ୍ରୀ:ଅରେ ଓଡ଼ିଶାର ଇଂରେଜମାନେ ଅଧିକାର କରିଥିଲେ । କଳିଙ୍ଗ ରାଜ୍ୟର ପ୍ରାଚୀ କୂଳବର୍ତ୍ତୀ କେନ୍ଦୁଲୀ ଗ୍ରାମ ବାଲିବନ୍ତ ପୂର୍ଣ୍ଣ । ବନାସ୍ତ୍ରିଟିଂ ଓ ଗମନାଗମନ ସୁଯୋଗରୁ ବଞ୍ଚିତ ହେଇ ସୁଧୀ ସମାଜର ଦୃଷ୍ଟି ଆସି ପାରୁ ନଥିଲା । ଫଳରେ ସତକଥା ବାହାର ଲୋକେ ଜାଣିପାରୁ ନଥିଲେ । ପ୍ରକୃତ କେନ୍ଦୁଲୀ ସ୍ଥାନରେ ଅଜୟ ତୀରବର୍ତ୍ତୀ ଏକ ମନଗଢ଼ା କେନ୍ଦୁଲୀ ଆତ୍ମପ୍ରକାଶ କରିପାରିଲା ।

# ଉତ୍କଳ ରାଜସଭା କବି ଜୟଦେବ

୧୦୩୩ ଶ୍ରୀଃଅରେ କୋଟକଞ୍ଜୀ ରାଜ୍ୟର ରାଜା ମାଣିକ ଚନ୍ଦ୍ରଙ୍କ ସଭାକବି କେଶବ ମିଶ୍ର ଗୋବର୍ଦ୍ଧନଙ୍କ ଗୋଟିଏ ଶ୍ଳୋକ ଉଦ୍ଧାର କରି ସ୍ୱକୃତ ଅଳଙ୍କାର ଶେଖର ପୁସ୍ତକରେ ସନ୍ନିବେଶିତ କରିଛନ୍ତି। ଏଥିରୁ ଜଣାଯାଏ ଜୟଦେବ ଉତ୍କଳ ରାଜସଭା ଭିତରେ ଥିବା ପଣ୍ଡିତମାନଙ୍କ ଭିତରେ କବି ଶ୍ରେଷ୍ଠ ପଣ୍ଡିତ ଥିଲେ।

ପ୍ରାକ୍ ପ୍ରତ୍ୟକ ପୃଥ୍ୱୀ ଭୃତୋଃ ପ୍ରଖ୍ୟତ ସଂଖ୍ୟାବତା
ମଧ୍ୟସ୍ଥା ଉତର୍କେ–କର୍କବାତସ୍ୟା ବିଛିଦ୍ୟ ବିଦ୍ୟାମଦମ୍
ଜେ କେପ୍ୟୁତ୍କଳେ ଭୂପତୋ ତବ ସଭା ସମ୍ଭାବତାଃ
ପଣ୍ଡିତାଃ
ପଙ୍କ୍ତି ଶ୍ରୀଜୟଦେବ ପଣ୍ଡିତ କବିଃ ଛନ୍ଦବି ବିନ୍ୟସ୍ୟତି

ହେ ଉତ୍କଳ ରାଜ, ଆ... ଜନକ ତର୍କରେ କର୍କଶ ହୋଇଥିବାରୁ ପୂର୍ବ ଓ ପଶ୍ଚିମର ରାଜା ... ଙ୍କ ସଭାରେ ପ୍ରସିଦ୍ଧ ପଣ୍ଡିତମାନଙ୍କର ବିଦ୍ୟାମଦକୁ ଛେଦି ବିଚ୍ଛିନ୍ନ ...ି ତୁମ୍ଭ ସଭାରେ ଯେଉଁ ପଣ୍ଡିତମାନେ ଅଛି ସମ୍ମାନିତ, ଶ୍ରୀ ଜୟଦେବ ...ାମକ କବି ସେମାନଙ୍କ ମସ୍ତକରେ ବିନ୍ୟସ୍ତ କରୁଛନ୍ତି ଅର୍ଥାତ୍ ତୁମ୍ଭ ରାଜ... ...ରେ ସେ ଶ୍ରେଷ୍ଠ କବି। କେଶବ ମିଶ୍ର ସ୍ୱକୃତ ଅଳଙ୍କାର ଶେଖ... ...ଲ ଗୋବର୍ଦ୍ଧନଙ୍କର ଏହି ଶ୍ଳୋକ ସହ ଶବ୍ଦାଳଙ୍କାର ଅର୍ଥାଳଙ୍କାରରେ ଗୋଟିଏ କରି ଓ ଘୋଷିତ ବର୍ଣ୍ଣନାରେ ଆଠଟି ଶ୍ଳୋକ ଉଦ୍ଧାର କରିଛନ୍ତି। ଅଳଙ୍କାର ଶେଖର ବର୍ଣ୍ଣିତ ଗୋବର୍ଦ୍ଧନ ଓ ଆର୍ଯ୍ୟା ସପ୍ତସତୀର ଗୋବର୍ଦ୍ଧନ ଜଣେ ଅଛି।

ସେହି ଭଳି ଗଜପତି ସମ୍ରାଟ ପ୍ରତାପରୁଦ୍ର ଦେବଙ୍କ ୪ ଅଙ୍କରେ ଅର୍ଥାତ ୧୩୩୫ ଶ୍ରୀଃ ଅଃରେ କବି ମାଧବ ପଟ୍ଟନାୟକ ସ୍ୱକୃତ ବୈଷ୍ଣବ ଲୀଳାମୃତ କାବ୍ୟରେ ଜୟଦେବଙ୍କ ଜନ୍ମସ୍ଥାନ, ପୁରୀବାସ, ମୃତ୍ୟୁ ଓ ଗୀତ ଗୋବିନ୍ଦ ରଚନା ସଂପର୍କରେ ଉଲ୍ଲେଖ ଅଛି ଯେ–

ବିପ୍ରଙ୍କ ...ୟଦେବ ନାମ– ...ଙ୍ଗଦେବଙ୍କୁ ଆଗମନ
କେନ୍ଦୁଲୀ ଶାସନ ତା ଗ୍ରାମ–ପ୍ରାଚୀ ...ୀର ତଟେ ପୁଣ
ନିଆଳୀ ମାଧବ ସମୀପେ–ଭକତି କଲାନାନା ରୂପେ
ଶାସ୍ତ୍ର ପୁରାଣେ ବିଚକ୍ଷଣ କବିତ୍ୱ ମାର୍ଗେ ... ତାରମନ

ଶ୍ରୀ ଜଗନ୍ନାଥର ସମୀପେ–ଶୁଦ୍ଧସାତ୍ୱିକ ମତି ଭାବେ

ତତ୍‌କାଳୀନ ସମାଜରେ କେନ୍ଦୁଲୀ ଶାଢ଼ୀ ଅତ୍ୟନ୍ତ ଉତ୍କୃଷ୍ଟ ଥିଲା। ଏହି ଶାଢ଼ୀରେ ଗୀତଗୋବିନ୍ଦର ପଦ୍ୟାବଳୀ ବୁଣାଯାଇ ଜଗନ୍ନାଥଙ୍କ ଅଙ୍ଗରେ ବଡ଼ସିଂହାର ବେଳେ ଘୋଡ଼ାଇ ଦିଆଯାଇଥାଏ। ଏହି ପ୍ରଥା ସେହି ଯୁଗରୁ ଆଜି ପର୍ଯ୍ୟନ୍ତ ଚାଲି ଆସୁଛି। ଅଷ୍ଟାଦଶ ଶତାବ୍ଦୀର କବି ଦ୍ୱିଜ ଶ୍ରୀଧର କୃତ କାଞ୍ଚନ ଲତା କାବ୍ୟରେ ଅଛି

ସହଯେ ଦ୍ୱିଜ ନନ୍ଦିନୀ ତେଜୋଧମା କନକକାନ୍ତି
କଳା କେନ୍ଦୁଲୀ ଶାଢ଼ୀ ଭିଡ଼ି ପିନ୍ଧିଛି ମୋତି
ଦନ୍ତୀ।

ଏଥିରୁ କେନ୍ଦୁଲୀ ଗ୍ରାମର ଅବସ୍ଥିତି ସେ କାଳରେ ଥିବାର ଜଣାଯାଏ।

ସହାୟକ ଗ୍ରନ୍ଥ



୧: Souvenir on Jayadeva–1968

୨: ଓଡ଼ିଶାର କବି ଜୟଦେବ (ଓଡ଼ିଶା ସଂସ୍କୃତି ପରିଷଦ)

୩: ଶ୍ରୀଜୟଦେବ ଓ ଗୀତଗୋବିନ୍ଦ

୪: ସ୍ମରଣୀକା–୧୯୬୮–ସଦାଶିବ ସଂସ୍କୃତ ମହାବିଦ୍ୟାଳୟ

୫: ବୈଷ୍ଣବ ଲୀଳା ମୃତ

# ଭକ୍ତ କବିବରଂ
# ଗୀତଗୋବିନ୍ଦକାରମ୍

● ଶ୍ରୀ ହରେକୃଷ୍ଣ ଧୂପାଳ ଶର୍ମା

(୧)

ପ୍ରାଚୀତୀରେ ସୁରମ୍ୟେ ବିବିଧ ତରୁଯୁତେ କେନ୍ଦୁବିଲ୍ୱେ ହି ଜାତୋ ।
ଯୋ ବାମା–ଭୋଜଦେବ୍ୟୋ ଶିଶୁ ନିହିତ ସୁଧା–ବାଲ୍ୟଲୀଳା ବଳେନ ।
ପ୍ରୀତୌ କୃତ୍ୱା ଜନାନାଂ ହୃଦୟମପି ସଦା ପ୍ରୀଣୟନ୍ ଚନ୍ଦ୍ରକାନ୍ତି–
ତୁଲ୍ୟଂ ସସର୍ଦ୍ଧମାନୋଽପଠଦତି ମଧୁରାଂ ଦିବ୍ୟସଂସ୍କୃତଭାଷାମ୍ ॥

(୨)

ଆବାଲ୍ୟାଦ୍ ଭକ୍ତିପୂତାଗ୍ରହଯୁତଜୟଦେବୋ ଜଗନ୍ନାଥ–ତୁଷ୍ଟ୍ୟୈ
ସ୍ତୋତ୍ରଂ ଗୀତଂ ଚ ଗାୟନ୍ ସ୍ୱରଚିତକବିତା–ମାଧ୍ୟମେନ ପ୍ରଭୂତମ୍ ।
ତୁଷ୍ଟିଂ କର୍ତ୍ତୁଂ ନିବଧ୍ୟାତୁଲଲଳିତଗିରା ଗୀତଗୋବିନ୍ଦକାବ୍ୟଂ
ଶ୍ରୀରାଧା କୃଷ୍ଣଲୀଳା ନିହିତମନୁପମଂ ଗୀତବାନ୍ ସର୍ବଦୈବ ॥

(୩)

କାବ୍ୟଂ ତନ୍ନୀଳଶୈଳାଧିପତିମନୁଗତଂ କାରୟିତ୍ୱା ନନର୍ତ୍ତ
ପଦ୍ମା ସାକଂ ସବାଦ୍ୟଂ ଗଜପତିହୃଦୟଂ ତେନ ତୁଷ୍ଟଂ ଚ ଜାତମ୍ ।
ନିତ୍ୟଂ ଶ୍ରୀମନ୍ଦିରେ ତଦ୍‌ଭୁବନପତି ମହାବାହୁ–ପୂତସମକ୍ଷେ
ଗାତବ୍ୟଂ ନୃତ୍ୟବାଦ୍ୟୈଂ ସହ ମଧୁରତରଂ **ସ୍ୱଦିଦେଶାଗ୍ରହେଣ** ॥

(୪)

ମାହାତ୍ମ୍ୟଂ ବ୍ୟାପ୍ତମାସୀଦନୁପମମଧୁରଂ ତସ୍ୟ କାବ୍ୟସ୍ୟ ତସ୍ମାନ୍
ନୃତ୍ୟୈ ର୍ବାଦ୍ୟୈଃ ପ୍ରସାରଂ ବହୁଳତରମଭୂତ୍ ସାଦରଂ ଭାରତେଽସ୍ମିନ୍ ।
ଖ୍ୟାତିଶ୍ଚୈନୋତ୍କଳାନାମତିଶୟବିଦିତା ନୃତ୍ୟନାମ୍ନୋଡ଼ିଶୀତି
ବିଶ୍ୱସ୍ମିନ୍ନୁତ୍କଳୋଽସୌ ଭବତି ପରିଚିତଃ ତତ୍‌କବିଶ୍ରେଷ୍ଠକାବ୍ୟାତ୍ ॥

(୫)

ଅଦ୍ୟାସ୍ମିନ୍ ଜନ୍ମବାରେ ସ୍ମରତ ଗୁଣିଜନାଃ ! ତସ୍ୟ ମାହାତ୍ମ୍ୟରାଜିଂ
ତତ୍‌କାବ୍ୟକାନ୍ତଗୀତେ ଲଳିତ ପଦତର୍ଯ୍ୟୈର୍ମୋଦୟଧ୍ୱଂ ରମେଶମ୍
ସର୍ବେ ସଂକଳ୍ପବଦ୍ଧା ଭବତ କବିମଣେରୁତ୍କଳୀୟତ୍ୱରକ୍ଷାଂ
କର୍ତ୍ତୁଂ ପୂଜାସ୍ପଦାନାଂ ଭଜନରତଜନା ଆଦୃତା ନେତରେବୈ ॥

ସଂସ୍କୃତ ଶିକ୍ଷକ,
ସରକାରୀ ଉଚ୍ଚବିଦ୍ୟାଳୟ,
ୟୁନିଟ୍–୧, ଭୁବନେଶ୍ୱର–୯ ।

# ସର୍ବଭାରତୀୟ ପରମ୍ପରାରେ ଜୟଦେବ

● ନୀଳମଣି ମିଶ୍ର

ଓଡ଼ିଶାର ବଡଠାକୁର ଶ୍ରୀଜଗନ୍ନାଥ ମହାପ୍ରଭୁ ବହୁ ପ୍ରାଚୀନକାଳରୁ ଅଦ୍ୟାପି ବିଭିନ୍ନ ଧର୍ମ ଓ ସମ୍ପ୍ରଦାୟର ଅନୁଗାମୀମାନଙ୍କ ଦ୍ୱାରା ଓଡ଼ିଶାର ଜନସାଧାରଣଙ୍କ ସମ୍ମୁଖରେ ଭିନ୍ନ ଭିନ୍ନ ରୂପରେ ପ୍ରତିଭାତ ହୋଇଛନ୍ତି । ଜୈନମାନେ ତାଙ୍କୁ ଜଗନ୍ନାଥ, ବୌଦ୍ଧମାନେ ବୁଦ୍ଧ ବା ତ୍ରିରତ୍ନର ପ୍ରତୀକ, ଶୈବ ଓ ଶାକ୍ତମାନେ ତାଙ୍କୁ ଭୈରବ, ଆକାର ନିର୍ଗୁଣ ବ୍ରହ୍ମବାଦୀମାନେ ତାଙ୍କୁ ଶୂନ୍ୟବ୍ରହ୍ମ, ବୈଷ୍ଣବମାନେ ତାଙ୍କୁ ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ସୁଦର୍ଶନ, ମାଧବ, ଭୂଦେବୀ ଓ ଶ୍ରୀଦେବୀଙ୍କ ସମ୍ମିଳିତ ବିଗ୍ରହ ନାମରେ ନାମିତ କରି ଆସିଛନ୍ତି । ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ଅମଳରୁ ମହାପ୍ରଭୁ ଜଗନ୍ନାଥ କଳିନ୍ଦଜାତଟବିପିନସଙ୍ଗୀତକବର ଆଭୀରୀନାରୀବଦନ—କମଳାସ୍ୱାଦମଧୁପ, ସଦା ଶ୍ରୀମଦ୍‌ବୃନ୍ଦାବନବସତି ଲୀଳା—ପରିଚୟ, ରସାନନ୍ଦ, ରାଧାସରସବପୁରାଲିଙ୍ଗନସୁଖ ତଥା ଧୃତ ତନୂଧର ରୂପେ ଉତ୍କଳର ଜନସାଧାରଣଙ୍କ ଆଗରେ ସୁପରିଚିତ ହୋଇଛନ୍ତି । ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଠାରେ ଶ୍ରୀରାଧାକୃଷ୍ଣତତ୍ତ୍ୱ ଆରୋପର ପରମ୍ପରା 'ଜଗନ୍ନାଥାଷ୍ଟକ'ରୁ ଆରମ୍ଭ ହୋଇଥିଲେ ହେଁ ଉତ୍କଳୀୟ କବି ଜୟଦେବ ହେଉଛନ୍ତି ପ୍ରଥମ ବ୍ୟକ୍ତି ଯେ କି ଜଗନ୍ନାଥଙ୍କୁ ରାଧାମାଧବଙ୍କ ସମ୍ମିଳିତ ବିଗ୍ରହ ତଥା ଦଶକୃତିକୃଦ୍‌ରୂପେ ଗୀତଗୋବିନ୍ଦରେ ବର୍ଣ୍ଣନା କରିଛନ୍ତି । ଶ୍ରୀଜୟଦେବ ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କ ସେବାରେ ଆତ୍ମନିୟୋଗ କରି କାନ୍ତକୋମଳ ପଦାବଳୀ ବିଶିଷ୍ଟ ଯେଉଁ 'ଗୀତଗୋବିନ୍ଦ' ପୁସ୍ତକ ରଚନା କରିଛନ୍ତି, ତାହା ସମଗ୍ର ବିଶ୍ୱରେ ଉତ୍କଳର ଗୌରବ ପ୍ରଖ୍ୟାପନ କରୁଛି ।

ଶ୍ରୀ ଜୟଦେବଙ୍କ ବାସସ୍ଥାନ, ରଚନା ସମୟ ଓ ପୃଷ୍ଠପୋଷକ ଆଦି ବିଷୟରେ ନାନା ପ୍ରକାର ମତମତାନ୍ତର ରହିଛି, କିନ୍ତୁ ଖ୍ରୀଷ୍ଟୀୟ ଷୋଡଶ ଶତାବ୍ଦୀଠାରୁ ଆରମ୍ଭ କରି ବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ବହୁ ଗବେଷକ ଏ ସମ୍ବନ୍ଧରେ ଯେଉଁ ଗବେଷଣାପୂର୍ଣ୍ଣ ମତ ଦିଅନ୍ତି, ତାହା କ୍ରମାନ୍ୱୟରେ ଏଠାରେ ଉଲ୍ଲେଖ କରାଗଲା ।

ସଂସ୍କୃତରେ ରଚିତ ଭକ୍ତମାଳାର ପ୍ରଣେତା ମୈଥିଳ ପଣ୍ଡିତ ଚନ୍ଦ୍ରଦତ୍ତ ଖ୍ରୀଷ୍ଟୀୟ ଷୋଡଶ ଶତାବ୍ଦୀରେ ଭାରତୀୟ ଭକ୍ତମାନଙ୍କ ଜୀବନ–ଚରିତ ଆଲୋଚନା ପ୍ରସଙ୍ଗରେ ଜୟଦେବଙ୍କ ସମ୍ବନ୍ଧରେ ଲେଖିଛନ୍ତି—

"ଜଗନ୍ନାଥ ପୁରୀ ପ୍ରାନ୍ତେ ଦେଶେ ଚୈବୋତ୍କଳାଭିଧେ ।
କେନ୍ଦୁବିଲ୍ୱ ଇତି ଖ୍ୟାତୋ ଗ୍ରାମଃ ବ୍ରାହ୍ମଣସଙ୍କୁଳଃ ॥
ତତ୍ରୋତ୍କଳେ ଦ୍ୱିଜୋ ଜାତଃ ଜୟଦେବ ଇତି ଶ୍ରୁତଃ ।
ବିଦ୍ୟାଭ୍ୟାସରତଃ ଶାନ୍ତଃ ପୁରୁଷୋତ୍ତମପୂଜକଃ ॥

× × ×

ନିର୍ମାୟ ଗୀତଗୋବିନ୍ଦଂ ପୁସ୍ତକଂ ପୁରୁଷୋତ୍ତମେ
ନିବେଦ୍ୟ କୃତକୃତ୍ୟୋଽଭୂତ୍ ଜୟଦେବୋ ମହାମନାଃ ॥"

କେବଳ ଚନ୍ଦ୍ରଦତ୍ତ ନୁହନ୍ତି, ଖ୍ରୀ:ଅ: ୧୫୬୩ରେ ମୈଥିଳ କବି କେଶବ ମିଶ୍ର ସ୍ୱରଚିତ ପୁସ୍ତକ 'ଅଳଙ୍କାର ଶେଖର' ଶୀର୍ଷକ ଗ୍ରନ୍ଥରେ ଆଚାର୍ଯ୍ୟ ଗୋବର୍ଦ୍ଧନଙ୍କର ଗୋଟିଏ ଶ୍ଳୋକ ଉଦ୍ଧାର କରିଛନ୍ତି—

"ପ୍ରାକ୍ ପ୍ରତ୍ୟକ୍ ପୃଥିବୀଭୃତଃ ପରିଷଦି ପ୍ରଖ୍ୟାତ ସଂଖ୍ୟାବତା ।
ଅସ୍ମାଭ୍ୟାଭୂତ୍ ତର୍କ କର୍କଶତୟା ବିଚ୍ଛିଦ୍ୟ ବିଦ୍ୟାମଦମ୍ ॥
ଯେ କେଽପ୍ୟୁତ୍କଳ ଭୂପତେ ତବ ସଭା ସମ୍ଭାବିତାଃ ପଣ୍ଡିତାଃ ।
ପତ୍ରଂ ଶ୍ରୀଜୟଦେବ ପଣ୍ଡିତକବି ସ୍ତନ୍ମୂର୍ଦ୍ଧ୍ନି ବିନ୍ୟସ୍ୟତି ॥"

ପ୍ରସ୍ତୁତ ଶ୍ଳୋକଟିର ସାରାର୍ଥ ହେଉଛି–ହେ ଉତ୍କଳରାଜ, ଆପଣ ରାଜସଭାରେ ଯେତେ ପଣ୍ଡିତ ଅଛନ୍ତି, ତନ୍ମଧ୍ୟରେ ଜୟଦେବଙ୍କ ସ୍ଥାନ ଶୀର୍ଷରେ ଅବସ୍ଥିତ । କେତେକ ସଂସ୍କୃତ ଅନଭିଜ୍ଞ ଆଲୋଚକ ଏହି ଶ୍ଳୋକଟିକୁ ବିରୋଧାଭାସ ଅଳଙ୍କାରର ଉଦାହରଣ ବୋଲି କହିଛନ୍ତି । କିନ୍ତୁ ସେମାନେ ବିରୋଧାଭାସ ଅଳଙ୍କାର, ତା'ର ଲକ୍ଷଣ ଓ ଉଦାହରଣ କଥଣ, ଏ ସମ୍ବନ୍ଧରେ ସମ୍ପୂର୍ଣ୍ଣ ଅଜ୍ଞ । ତେଣୁ 'ବିରୋଧାଭାସ'କୁ ସେମାନେ ବିରୋଧ ବୋଲି ଧାରଣା କରି ସେପ୍ରକାର ମତ ଦିଅନ୍ତି । ଖ୍ରୀଷ୍ଟାବ୍ଦ ୧୫୮୫ରେ ହିନ୍ଦୀ–ଜଗତର ପ୍ରସିଦ୍ଧ କବି ନାଭାଜୀ 'ଭକ୍ତମାଳ' ଶୀର୍ଷକ ଖଣ୍ଡିଏ ପୁସ୍ତକ ଲେଖି ସେଥିରେ ଜୟଦେବଙ୍କ ନାମ ଉଲ୍ଲେଖ କରିଥିଲେ । ସେ ଅବଶ୍ୟ ଜୟଦେବଙ୍କ ସମ୍ବନ୍ଧରେ ସେପରି ପୁଙ୍ଖାନୁପୁଙ୍ଖ ଆଲୋଚନା କରିନାହାନ୍ତି; କିନ୍ତୁ ତାଙ୍କ ଶିଷ୍ୟ ପରମ୍ପରାର ଭକ୍ତକବି ପ୍ରିୟାଦାସ 'ଭକ୍ତମାଳ' ପୁସ୍ତକର 'ରସିକ ପ୍ରିୟା' ଶୀର୍ଷକ ଖଣ୍ଡିଏ ଟୀକା ରଚନା କରିଥିଲେ । ଏହି ଟୀକାଟି ସମ୍ବତ୍ ୧୭୬୯ ଅର୍ଥାତ୍ ଖ୍ରୀ:ଅ: ୧୭୧୨ ସାଲରେ ରଚିତ ହୋଇଥିଲା ବୋଲି ହିନ୍ଦୀ ସାହିତ୍ୟର ଇତିହାସ ପ୍ରଣେତା ସ୍ବର୍ଗତଃ ରାମଚନ୍ଦ୍ର ଶୁକ୍ଳ ପ୍ରଭୃତି ବିଦ୍ୱାନମାନେ ଆଲୋଚନା କରିଛନ୍ତି । ପ୍ରିୟାଦାସ ସ୍ୱରଚିତ ଟୀକାରେ 'ଗୀତଗୋବିନ୍ଦ ଓ ଜୟଦେବ'ଙ୍କ ସମ୍ବନ୍ଧରେ ଲେଖିଛନ୍ତି–

'କେନ୍ଦୁବିଲ୍ୱ ଗ୍ରାମ ତାମେଁ ଭୟ କବିରାଜରାଜ ।
ଭିତ୍ୟୋ ରସରାଜ ହିୟେ, ମନ ମନ ଚାଖିୟେ ॥
ଦିନ ଦିନ ପ୍ରତି ରୁଖ ରୁଖ ତରକାଇଂ ରହେଁ ।
ଗହେଁ ଏକ ଗୁଦରୀଂ କମଣ୍ଡଲକୋ ରାଖିୟେ ॥
କହି ଦେବେ ବିପ୍ର ସୁତ ଜଗନ୍ନାଥ ଦେବଜୁ କୋଂ ।
ଭୟୋ ଜବସମେ ଚଲ୍ୟୋ ଦୈନ ପ୍ରଭୁ ଭାଖିୟେ ।
ରସିକ ଜୈଦେବ ନାମ ମେରାଇ ସରୂପ ।
ତାହି ଦେବୌ ତତକାଲ ଅହୋ ମେରୋ କହି ସାଖିୟେ ॥

ପ୍ରାଚୀନ କବି ନାଭାଜୀଙ୍କ 'ଭକ୍ତମାଳ' ପରି ମହାରାଷ୍ଟ୍ରର କବି ମହୀପତି 'ଭକ୍ତ ବିଜୟ' ଶୀର୍ଷକ ପୁସ୍ତକଟିଏ ଶକାବ୍ଦ ୧୬୮୪ ଅର୍ଥାତ୍ ଖ୍ରୀଷ୍ଟାବ୍ଦ ୧୭୬୨ରେ ରଚନା କରିଥିଲେ । ସେ ଉତ୍କଳୀୟ ସଙ୍ଗୀତଜ୍ଞ ବୈଷ୍ଣବ କବି ତଥା ଶ୍ରୀ ଗୀତଗୋବିନ୍ଦର ପ୍ରଣେତା ଜୟଦେବଙ୍କର ଜନ୍ମ ଶ୍ରୀଜଗନ୍ନାଥଙ୍କ ଶ୍ରୀକ୍ଷେତ୍ର ନିକଟବର୍ତ୍ତୀ କେନ୍ଦୁବିଲ୍ୱରେ ହୋଇଥିଲା ବୋଲି ସୂଚନା ଦେଇ ଲେଖିଛନ୍ତି–

"ଜଗନ୍ନାଥ କ୍ଷେତ୍ର ସମୀପ ଜାଣ,
କେନ୍ଦୁବିଲ୍ୱ ଗ୍ରାମ ନାମାଭିଧାନ ।
ବ୍ରାହ୍ମଣ ବଂଶ ଅବତାର ପୂର୍ଣ୍ଣ,
ତେଥେ ଜେତଲା ଶ୍ରୀ ବ୍ୟାସେ ।
ହୋନି ଜୟଦେବ କବିନେଂ ଜବିନ,
ଶ୍ରୀଗୀତଗୋବିନ୍ଦ ଗ୍ରନ୍ଥ କଲା ।"

ବଙ୍ଗଳାରେ ଲିଖିତ 'ଶ୍ରୀଶ୍ରୀଭକ୍ତମାଳା' ଶୀର୍ଷକ ପୁସ୍ତକର ପ୍ରଣେତା କୃଷ୍ଣ ଦାସ ଜୟଦେବଙ୍କ ଜନ୍ମ ସମ୍ବନ୍ଧରେ କୁ ଅପ୍ରାସଙ୍ଗିକ ତଥ୍ୟ ପରିବେଷଣ କରିବା ସଙ୍କୋଚବୋଧ ପ୍ରକୃତ ସତ୍ୟକୁ ଏଡାଇ ନପାରି ଲେଖିଛନ୍ତି–

"ଜୟଦେବ ମହାଶୟ ମହାନ ମାନୁଷ,
ଶ୍ରୀପୁରୁଷୋତ୍ତମ କ୍ଷେତ୍ରେ ବୃକ୍ଷ ତଳେ ବାସ ।
ଅଗାଧ ପାଣ୍ଡିତ୍ୟ ହୟ ଅତୁଲ ଭକ୍ତିମାନ୍,
ଶ୍ରୀଜଗନ୍ନାଥ ପ୍ରଭୁର କୃପାର ଭାଜନ ।"

ଓଡିଆରେ ରଚିତ ଦାର୍ଢ୍ୟତାଭକ୍ତି ରସାମୃତର ପ୍ରଣେତା ଅଷ୍ଟାଦଶ ଶତାବ୍ଦୀର କବି ରାମ ଦାସ ସର୍ବ ଭାରତୀୟ ସ୍ତରରେ ପ୍ରଖ୍ୟାତି ଅର୍ଜନ କରିଥିବାର କେତେଜଣ ବିଶିଷ୍ଟ ଭକ୍ତଙ୍କ ଜୀବନ ଚରିତ ସମେତ ବହୁ ଓଡିଆ ଭକ୍ତଙ୍କ ଚରିତ ଲେଖିଛନ୍ତି । କିନ୍ତୁ ଏଥିରେ ଲକ୍ଷ୍ୟ କରିବାର କଥା ହେଉଛି, କବି ରାମଦାସ ଓଡିଶା ବାହାରର ଭକ୍ତମାନଙ୍କ ରାଜ୍ୟ ବା ଅଞ୍ଚଳର ନାମ ଉଲ୍ଲେଖ କରିଥିବା ସ୍ଥଳେ ଓଡିଶାର ଭକ୍ତମାନଙ୍କର କେବଳ ଗ୍ରାମର ଉଲ୍ଲେଖ କରିଛନ୍ତି । ଉଦାହରଣ ସ୍ୱରୂପ ଏଠାରେ ପିପାଦାସ ଓ ଯଶଚନ୍ଦ୍ରଙ୍କ ସମ୍ବନ୍ଧରେ ଦୁଇଟି ଉଦାହରଣ ଦିଆଯାଇପାରେ ।

"ଦ୍ରାବିଡ ଦେଶେ ତା'ର ଘର ।
ଜାତିରେ ଅଟେ ଦ୍ୱିଜବର ॥
ଶ୍ରୀରଙ୍ଗପୁରେ ତା'ର ବାସ ।
ନାମ ତାହାର ପିପାଦାସ ॥
× × ×
ପଶ୍ଚିମ ଗୋଦାବରୀ ତଟେ ।
କଣୟ ଗିରିର ନିକଟେ ॥
ସକଳ ଦେଶରୁ ଯେ ଶେଷ ।
ଜାଙ୍ଗଳ ନାମେ ଏକ ଦେଶ ॥
ତହିଁ ନୃପତି ଯଶଚନ୍ଦ୍ର ।
ଅତି ଧାର୍ମିକ ସେ ନରେନ୍ଦ୍ର ॥"

ଅଥଚ ଶ୍ରୀଜୟଦେବଙ୍କ ସମ୍ବନ୍ଧରେ ଆଲୋଚନା କରିବା ସମୟରେ ଭକ୍ତକବି ରାମଦାସ କେବଳ କେନ୍ଦୁବିଲ୍ୱବାସୀ ଜୟଦେବ ଶ୍ରୀକ୍ଷେତ୍ରକୁ ଆସି ଗୀତଗୋବିନ୍ଦ ରଚନା କରିଥିଲେ ବୋଲି ଉଲ୍ଲେଖ କରିଛନ୍ତି ।

"ଜନମ କେନ୍ଦୁବିଲ୍ୱ ଗ୍ରାମେ ।
ବ୍ରାହ୍ମଣ ଜୟଦେବ ନାମେ ॥
ମହା ପଣ୍ଡିତ ବିଷ୍ଣୁ ଭକ୍ତ ।
ଜିତ ଇନ୍ଦ୍ରିୟ ସୁବିଦିତ ॥
ବିରକ୍ତ ନିସଙ୍ଗ ଉଦାସୀ ।
ଶ୍ରୀକ୍ଷେତ୍ରେ ପରଦେଶ ଆସି ॥

ଏକ ବୃକ୍ଷର ତଳେ ଥାଇ ।
ଶ୍ରୀଜଗନ୍ନାଥଙ୍କୁ ସେବଇ ॥
ରଚିଲା ଅପୂର୍ବ ପ୍ରବନ୍ଧ ।
ନାମ ଯା ଶ୍ରୀଗୀତଗୋବିନ୍ଦ ॥
ଶୁଣନ୍ତି ଅଜି ଯାଏ ନିତ୍ୟ ।
ତ୍ରିକାଳେ ଯାହା ଜଗନ୍ନାଥ ॥"

ପାଶ୍ଚାତ୍ୟ ଗବେଷକ ତଥା ଏସିଆଟିକ ସୋସାଇଟିର ପ୍ରତିଷ୍ଠାତା ସାର୍ ଉଇଲିୟମ୍ ଜୋନସ୍ ଭାରତୀୟ ସଂସ୍କୃତ ପଣ୍ଡିତମାନଙ୍କର ସମ୍ବନ୍ଧରେ ଗବେଷଣା ଚଳାଇ ବହୁ ଲୋକଙ୍କ ସମ୍ବନ୍ଧରେ ତଥ୍ୟ ପରିବେଷଣ କରିଥିଲେ । ସେ ମହୋଦୟ ଖ୍ରୀଷ୍ଟାବ୍ଦ ୧୭୮୪ରୁ ୧୭୯୯ ପର୍ଯ୍ୟନ୍ତ ଦୀର୍ଘକାଳ ଧରି ଗୀତଗୋବିନ୍ଦ ସମ୍ବନ୍ଧରେ ଗବେଷଣାରତ ଥିଲେ । ସେ ଖ୍ରୀଷ୍ଟାବ୍ଦ ୧୭୯୯ରେ 'Asiatic Researches' ଶୀର୍ଷକ ପତ୍ରିକାରେ 'On the musical modes of the Hindus' ଏବଂ 'Gitagovinda, the songs of Jayadeva' ଶୀର୍ଷକ ଦୁଇଟି ପ୍ରବନ୍ଧ ପ୍ରକାଶ କରିଥିଲେ । ସେଥିମଧ୍ୟରୁ ଶେଷୋକ୍ତ ପ୍ରବନ୍ଧରେ ସେ ଲେଖିଛନ୍ତି–

"The loves of Krishna and Radha are the Subject of this Pastoral Drama entitled Gitagovinda. It was the work of Jayadeva who was born, he tells himself, in Kenduli which many believe to be in Kalinga."

ଖ୍ରୀଷ୍ଟାବ୍ଦ ୧୮୬୫ରେ ମହାରାଷ୍ଟ୍ରର ଜନୈକ ଆଲୋଚକ 'ହରିଦାସ ହୀରାଚାନ୍ଦ' ଖଣ୍ଡିଏ ପୁସ୍ତକ ସମ୍ପାଦନା କରି ତାର ମୁଖବନ୍ଧ ଉଭୟ ମରାଠୀ ଓ ଇଂରାଜୀରେ ଲେଖିଛନ୍ତି । ସେହି ମୁଖବନ୍ଧରେ ସେ ପ୍ରସଙ୍ଗକ୍ରମେ ଜୟଦେବଙ୍କ ଜନ୍ମସ୍ଥାନ ପିତାମାତାଙ୍କ ନାମ ଉଲ୍ଲେଖ କରିଛନ୍ତି । ସେଥିରୁ ଜଣାପଡ଼େ, ଜୟଦେବ ଶ୍ରୀକ୍ଷେତ୍ର ନିକଟବର୍ତ୍ତୀ କେନ୍ଦୁବିଲ୍ୱ ଗ୍ରାମରେ କାନ୍ୟକୁବ୍ଜ ବ୍ରାହ୍ମଣ ଭୋଜଦେବ ଓ ତାଙ୍କ ପତ୍ନୀ ରାଧାଙ୍କ କ୍ରୋଡ ମଣ୍ଡନ କରି ଜନ୍ମଗ୍ରହଣ କରିଥିଲେ ।

"ଶ୍ରୀଜଗନ୍ନାଥ କ୍ଷେତ୍ର ପାସେଂ କେନ୍ଦୁବିଲ୍ୱ ନାମେ ଗ୍ରାମମାଂ କାନ୍ୟକୁବ୍ଜ ଜାତିନା ଭୋଜଦେବ ନାମେ ଏକ ବ୍ରାହ୍ମଣ ହତା । ତେନୀ ରାଧା ନାମେ ସ୍ତ୍ରୀ ହତୀ । ତେଥି ଶ୍ରୀ ଜୟଦେବ କବି ଉତ୍ପନ୍ନ ଥୟା ।"

"In the Northern Hindustan near jagannath there lived in village named Kenduvilva, Bhojadeva, a Brahmin of Kanyakubja family, he had a wife named Radha from whom Jayadeva the king of poets took birth." (ଓଡ଼ିଶା ରାଜ୍ୟ ସଂଗ୍ରହାଳୟର *No. L 13332* ପୁସ୍ତକ ଦ୍ରଷ୍ଟବ୍ୟ) ।

ଆନ୍ତର୍ଜାତିକ କ୍ଷେତ୍ରରେ ଖ୍ୟାତିପ୍ରାପ୍ତ ବିଦ୍ୱାନ୍ ପ୍ରସିଦ୍ଧ ସମାଲୋଚକ ଡକ୍ଟର ସୁକୁମାର ସେନ 'ଶେଖ୍ ଶୁଭୋଦୟା' ଶୀର୍ଷକ ପୁସ୍ତକ ସମ୍ପାଦନା କରି ମୁଖବନ୍ଧରେ (ପୃଷ୍ଠା ୭) ଲେଖିଛନ୍ତି–

"It indicates that Jayadeva did not originally belong to the court of Lakshmana Sen and that he had first come there as an outsider."

ଏହି ପୁସ୍ତକଟି ଏସିଆଟିକ୍ ସୋସାଇଟି, ବେଙ୍ଗଲ ପକ୍ଷରୁ ପ୍ରକାଶିତ । ଡକ୍ଟର ସୁକୁମାର ସେନ ସ୍ୱରଚିତ 'ବାଂଲା ସାହିତ୍ୟେର ଇତିହାସ' ପ୍ରଥମ ଖଣ୍ଡ ୩୯–୪୦ ପୃଷ୍ଠାରେ ଗୀତଗୋବିନ୍ଦର ପ୍ରଣେତା ଜୟଦେବଙ୍କ ସମ୍ବନ୍ଧରେ ଲେଖିଛନ୍ତି–

"ଜୟଦେବେର କୋନ କୋନ ଗାନେର ଭଣିତାୟ ନିଜକେ କେନ୍ଦୁବିଲ୍ୱ ସମ୍ଭବ ରୋହିଣୀରମଣ ବଲିୟାଛେନ । ଇହା ହଇତେ ଅନୁମାନ କରାଯାୟ ଯେ ତାହାର ଅଭିଜନ ଅଥବା ନିବାସ ଛିଲ କେନ୍ଦ୍ରିବିଲ୍ୱେ । କେନ୍ଦୁବିଲ୍ୱ ତାହାର ଅଭିଜନ ଅର୍ଥାତ୍ ପୂର୍ବପୁରୁଷେର ନିବାସ ହଇଲେ କିଛୁ ବଲିବାର ନାଇଁ, କେନ ନା କେନ୍ଦୁଲି ବଲିୟା ଏଖନ କୋନ ଗାଁଇ ନାଇ । ନିବାସ ହଇଲେ ଅନ୍ୟ କଥା । କେନ୍ଦୁଲି ଗ୍ରାମେର ଅସ୍ତିତ୍ୱ ବାଙ୍ଗଲା ଦେଶେ କଖୋନୋ ହୟ ତୋ ଛିଲ, ଏଖନ ଲୁପ୍ତ । ଜୟଦେବେର ମେଲା ଯେକାନେ ବସିୟା ଥାକେ, ତାହାକେ କେନ୍ଦୁଲି ବଲିଲେଓ ତାହା କୋନ ଗ୍ରାମେର ମେଲା ନୟ । ଅଜୟେର ଧାରେ ବାଲୁତଟେ ପୌଷ ସଂକ୍ରାନ୍ତି ସ୍ନାନେର ମେଲା ନିକଟେ ଯେ ଗ୍ରାମ ଆଛେ, ତାହାର ନାମ କେନ୍ଦୁଲି ନୟ । ଏଖାନେ କେନ୍ଦୁଲି ଗ୍ରାମ ଛିଲ ବଲିୟା କୋନ ପ୍ରମାଣ ଓ ନାଇଁ । ଶୁଧୁ ସ୍ନାନ ମେଲାର ନାମ ଜୟଦେବ କେନ୍ଦୁଲି ବା ଶୁଧୁ କେନ୍ଦୁଲି । ଯେହା ଓ ଅନୁଧ୍ୟାନ ଯୋଗ୍ୟ ଯେ ଏଇ ଅଞ୍ଚଲେ କେନ୍ଦୁଲି ଶବ୍ଦଟି ମେଲା ଅର୍ଥେ ସାଧାରଣ ବିଶେଷ୍ୟ ରୂପେ ସମଧିକ ପ୍ରଚଲିତ । ଚୈତନ୍ୟେର ସମୟେ ଜୟଦେବେର ସ୍ମୃତି ସମ୍ବଲିତ ଏ ମେଲାର କୋନ ଉଲ୍ଲେଖ ନାଇଁ ଏବଂ ଜୟଦେବେର ଜନ୍ମସ୍ଥାନ ବା ବାସସ୍ଥାନ ରୂପେ କେନ୍ଦୁଲିର ବା ଅନ୍ୟ କୋନ ଗ୍ରାମେର କଥା ଓ ନାଇଁ । ନିତ୍ୟାନନ୍ଦେର ଜନ୍ମସ୍ଥାନ ଏ ସ୍ଥାନ ହଇତେ ଖୁବ୍ ବେଶୀ ଦୂରେ ନୟ । ସୁତରାଂ ଚୈତନ୍ୟ ଚରିତେ କେନ୍ଦୁବିଲ୍ୱେର ଅନୁଲେଖ ବିସ୍ମୟାବହ । ମେଲାର ସ୍ଥାନେର ନିକଟେ ଯେ ମନ୍ଦିର ଓ ଦେବସ୍ଥାନ ଆଛେ, ତା'ର ଇତିହାସ ଆରମ୍ଭ ହଇୟାଛେ ୧୬୯୫ ଖ୍ରୀଷ୍ଟାବ୍ଦ ହଇତେ । X X X X

ଓଡ଼ିଶାର ପୁରୀର ଅନତିଦୂରରେ ପ୍ରାଚୀ ନଦୀର ଧାରେ କେନ୍ଦୁବିଲ୍ୱ ଗ୍ରାମ ଅଛେ । × × × × ମନେ ହଇତେ ପାରେ ଯେ ଗୀତଗୋବିନ୍ଦେର ଗାନ ଅଦିରସ ଓଡ଼ିଶାର ମନ୍ଦିରେର ଏକ ଧରଣେର ସ୍ଥାପତ୍ୟ ହଇତେ ଶିଳ୍ପେଇ ପ୍ରତିଫଳନ, ସୁତରାଂ ଜୟଦେବ ଓଡ଼ିଶା ନିବାସୀଇ ହଇବେନ ।"

କେବଳ ଡକ୍ଟର ସୁକୁମାର ସେନ ନୁହନ୍ତି, ବଙ୍ଗଳାର ଅନ୍ୟତମ ପ୍ରସିଦ୍ଧ ଗବେଷକ ସ୍ୱର୍ଗତଃ ଡକ୍ଟର୍ ଆଶୁତୋଷ ଭଟ୍ଟାଚାର୍ଯ୍ୟ ୧୯୬୯ ମସିହା 'ପ୍ରଜାତନ୍ତ୍ର' ପ୍ରଚାର ସମିତି ପକ୍ଷରୁ ଆୟୋଜିତ 'ବିଷୁବ ମିଳନ' ଉତ୍ସବରେ ପ୍ରଧାନ ଅତିଥିରୂପେ ଯୋଗଦେଇ ଭାଷଣ ପ୍ରସଙ୍ଗରେ କହିଥିଲେ ।

"ମୁଁ ଏଠାକୁ ଆସି ଆପଣଙ୍କ ସମ୍ମୁଖରେ ଭାଷଣ ଦେଉଛି ବୋଲି ଏହା କହୁନାହିଁ । ଜଣେ ଗବେଷକ ହିସାବରେ ମୁଁ ଦୃଢ଼ତାର ସହିତ କହୁଛି ଯେ, ଜୟଦେବଙ୍କ ଜନ୍ମ ଓଡ଼ିଶାରେ । ବଙ୍ଗଳାରେ ଜନ୍ମ ବୋଲି ଯାହା କୁହାଯାଉଛି , ସେଥିରେ ଐତିହାସିକ ପ୍ରମାଣ କିଛି ନାହିଁ । × × × × ବଙ୍ଗଳାର କେନ୍ଦୁଲିରେ ଯେଉଁ ମେଳା ହୁଏ, ତାହା ଜୟଦେବଙ୍କ ପାଇଁ ନୁହେଁ; ବାଉଲ ସମ୍ପ୍ରଦାୟର ସେହି ମେଳା । ସେଥି ସହିତ ଜୟଦେବ ନାମର କୌଣସି ସମ୍ପର୍କ ନାହିଁ ।"

(ପ୍ରଜାତନ୍ତ୍ର ୧୫.୪.୧୯୬୯)

ଆହୁରି ମଧ୍ୟ ସ୍ୱର୍ଗତଃ ଡକ୍ଟର୍ ଆଶୁତୋଷ ଭଟ୍ଟାଚାର୍ଯ୍ୟ ବଙ୍ଗଳା ସାପ୍ତାହିକ ପତ୍ରିକା 'ଯୁଗବାଣୀ' ଜୁନ୍ ୭ ତାରିଖ ୧୯୬୯ ସଂଖ୍ୟାରେ ଜୟଦେବଙ୍କ ସମ୍ବନ୍ଧରେ ଲେଖିଛନ୍ତି—

"ଜୟଦେବ ଛିଲେନ ଓଡ଼ିୟା ଏବଂ ବୀରଭୂମେର କେନ୍ଦୁଲିତେ ଅନୁଷ୍ଠିତ ବାତ୍ସରିକ ମେଲା ଆସଲେ ବାଉଲ ମେଲା ଏବଂ ଜୟଦେବେର ଜନ୍ମେର ସଙ୍ଗେ ଏର କୋନ ସମ୍ପର୍କ ନେଇ । ଜୟଦେବ ଲକ୍ଷ୍ମଣ ସେନେର ସଭାକବି ଛିଲେନ ବଲେ ଏ ଯାବତ୍ ଯେ ସିଦ୍ଧାନ୍ତ ବିଦଗ୍ଧ ସମାଜେ ଗୃହୀତ ହୟେଛିଲ ତା ଗ୍ରହଣଯୋଗ୍ୟ ନୟ । ଲକ୍ଷ୍ମଣ ସେନେର ଅନ୍ୟାନ୍ୟ କବିଦେର ସଙ୍ଗେ ଜୟଦେବ ନିଜେର ନାମକେ ଯୁକ୍ତ କରଲେଓ ତିନି ଲକ୍ଷ୍ମଣ ସେନେର ସଭାକବି ଛିଲେନ ତା' ପ୍ରମାଣିତ ହୟନା । ପ୍ରାଚୀନ ପଣ୍ଡିତ କବିଦେର ନାମେର ସଙ୍ଗେ ନିଜେର ନାମ ଯୁକ୍ତ କରାର ରୀତି ଏଖନୋ ଓଡ଼ିଶ୍ୟାୟ ପ୍ରଚଳିତ ରୟେଛେ ।"

କେବଳ ବଙ୍ଗୀୟ ଆଲୋଚକ ନୁହନ୍ତି ହିନ୍ଦୀ ଆଲୋଚନା ଜଗତର ଜଣେ ଖ୍ୟାତିପ୍ରାପ୍ତ ଗବେଷକ ଡକ୍ଟର୍ ପରଶୁରାମ ଚତୁର୍ବେଦୀଙ୍କର ବିଭିନ୍ନ ମତ ମଧ୍ୟରେ କବି ଜୟଦେବଙ୍କ ଜନ୍ମସ୍ଥାନ ଓଡ଼ିଶାର ପ୍ରାଚୀନଦୀ ତଟବର୍ତ୍ତୀ କେନ୍ଦୁବିଲ୍ୱଠାରେ ହୋଇଥିବାର ମତବିଶେଷ ପ୍ରଣିଧାନ ଯୋଗ୍ୟ—

ଇନ୍‌କା (ଜୟଦେବକା) ଜନ୍ମସ୍ଥାନ ବାସ୍ତବ ମେ କେନ୍ଦୁବିଲ୍ୱ ଶାସନ ଗାଓ ମେ ହେ, ଯୋ ଉଡ଼ିଶା ପ୍ରାନ୍ତ ମେ ପୁରୀକେ ନିକଟ କିସୀ ପ୍ରାଚୀ ନଦୀ ପର ଅବସ୍ଥିତ ହୈ । ଇନକେ ଉଡ଼ିୟା ହୋନେକା ପ୍ରମାଣ ଇସ୍ ବାତସେ ଭୀ ଦୀଖଲାୟା ଜାତା ହୈ କି, ଓ୍ୱହାଁକେ ଲୋଗ୍ ଇସ୍ କବିସେ ଅଧିକ ପରିଚିତ ଜାନ ପଡ଼ତେ ହୈଁ । × × × × ଉଡ଼ିଶା ପ୍ରାନ୍ତ ବୈଷ୍ଣବ ସମ୍ପ୍ରଦାୟ କୀ ଭାଁତି ବୌଦ୍ଧୋଁକେ ବଜ୍ରୟାନ୍ ଏବଂ ସହଜୟାନ୍ ସମ୍ପ୍ରଦାୟୋଁକା ଭୀ ଏକ ପ୍ରସିଦ୍ଧ କେନ୍ଦ୍ର ରହ ଚୁକା ହୈ ଔର ଜୟଦେବ କୋ ସହଜୟାନ୍ ସମ୍ପ୍ରଦାୟ ଦ୍ୱାରା ପ୍ରଭାବିତ ଭୀ କହତେ ହୈଁ । ଅତଏବ ସମ୍ଭବ ହୈ କି ଜୟଦେବ ଉଡ଼ୀଶା ପ୍ରାନ୍ତ କେ ମୂଳ ନିବାସ ହୈଁ ।

(ଉତ୍ତରଭାରତକୀ ସନ୍ତ ପରମ୍ପରା)

ଏହା ବ୍ୟତୀତ 'ସଂସ୍କୃତ ସାହିତ୍ୟର ଇତିହାସ'ରେ ବରଦାଚାରୀ ମହୋଦୟ ଜୟଦେବଙ୍କ ଜନ୍ମସ୍ଥାନ ସମ୍ବନ୍ଧରେ ମତ ଦେଇ ଲେଖିଛନ୍ତି—

"He (Jayadeva) is the author of lyric Gitagovinda in twelve cantos. He was born in Kenduvilva, a place in Orissa."

ସୁପ୍ରସିଦ୍ଧ ଆଲୋଚକ ସ୍ୱର୍ଗତଃ ଡକ୍ଟର ଭି. ରାଘବନ୍ ପୁରୀର ସଂସ୍କୃତ ମହାବିଦ୍ୟାଳୟରେ ଭାଷଣ ପ୍ରସଙ୍ଗରେ କହିଥିଲେ—

"କୋ ବା ଭକ୍ତଃ ଏତଦ୍ଦେଶପ୍ରତିଷ୍ଠିତଂ ଜଗନ୍ନାଥଂ ନ ପଶ୍ୟତି ? କୋ ବା ସାହିତ୍ୟିକ ଏତଦ୍ଦେଶ ପ୍ରସୂତଂ ସାହିତ୍ୟଦର୍ପଣଂ ନାଧୀତେ ? କୋ ବା ଗାୟକଃ ଏତଦ୍ଦେଶପ୍ରସୂତଂ ଗୀତଗୋବିନ୍ଦଂ ନ ଗାୟତି" ?

ଗୀତଗୋବିନ୍ଦର ପ୍ରଣେତା କବି ଜୟଦେବ ଓଡ଼ିଶାର ଅଧିବାସୀ ଥିଲେ ବୋଲି ଅନ୍ତଃରାଷ୍ଟ୍ରୀୟ ଖ୍ୟାତିପ୍ରାପ୍ତ ବିଦୁଷୀ ଡକ୍ଟର ଶ୍ରୀମତୀ କପିଳା ବାତ୍ସ୍ୟାୟନ 'ଭାରତୀୟ ଭାଷା ପରିଷଦ' ପକ୍ଷରୁ ପ୍ରକାଶିତ 'ସନ୍ଦର୍ଭଭାରତୀ' ପତ୍ରିକାର ଅଗ୍ରଲେଖରେ ଲେଖିଛନ୍ତି—

"ଉଡ଼ିଶା ଜୟଦେବକା ନିବାସସ୍ଥାନ ୟା ଜନ୍ମସ୍ଥାନ ମାନା ଗୟା ହୈ ।"

ଉକ୍ତ ପତ୍ରିକାରେ ଡକ୍ଟର ସୁନୀଲ କୋଠାରୀ ମଧ୍ୟ ପରୋକ୍ଷରେ ଜୟଦେବଙ୍କ ନିବାସ ସ୍ଥାନ ତଥା ତାଙ୍କଦ୍ୱାରା ଲିଖିତ ଗୀତଗୋବିନ୍ଦର ପ୍ରଭାବ ଓଡ଼ିଶାର ନୃତ୍ୟକଳାରେ ହୋଇଥିବାର ଦର୍ଶାଇ ଲେଖିଛନ୍ତି—

"ଜୟ ବିଜୟ କେ ଦ୍ୱାର ମାର୍ଗକେ ଦାଇଁ ଓର ସ୍ଥିତ ଓଡ଼ିଆଭାଷା ଔର ଲିପିମେଁ ଅଙ୍କିତ ଏକ ଶିଳାଲେଖମେଁ ଯହ୍ ବାତ୍ କା ଉଲ୍ଲେଖ ହୈ କି ମନ୍ଦିର (ଜଗନ୍ନାଥ ମନ୍ଦିର) ମେଁ ଗୀତଗୋବିନ୍ଦ କା ଅଭିନୟ ହୋତା ଥା । ତଥ୍ୟ ତୋ ୟହ ହୈ କି ଗୀତଗୋବିନ୍ଦ କୀ ଅଷ୍ଟପଦୀୟାଁ ସମକାଳୀନ ନବଶାସ୍ତ୍ରୀୟ ଓଡିଶୀ ନୃତ୍ୟକା ଅଙ୍ଗ ହୈ ।

ପ୍ରସିଦ୍ଧ ବଙ୍ଗଳା ଦୈନିକ ପତ୍ରିକା ଯୁଗାନ୍ତରର ୧୯୭୦ ମସିହା ନଭେମ୍ବର ୧୩ ତାରିଖ ସଂଖ୍ୟାର ପ୍ରଥମ ପୃଷ୍ଠାରେ ପ୍ରକାଶିତ ହୋଇଥିଲା—

"କବି ଜୟଦେବ ଉଡିଷ୍ୟାୟ ଜନ୍ମେଛିଲେନ୍ । ତ୍ରୟୋଦଶ ଶତାବ୍ଦୀର ସଂସ୍କୃତ କବି ଜୟଦେବେର ଜନ୍ମସ୍ଥାନ ଠିକ୍ କୋଥାୟ ଛିଲ, ତା ନିୟେ ତୀବ୍ର ମତଦ୍ୱୈଧତା ଆଛେ । ସମ୍ପ୍ରତି ଉଡିଷ୍ୟାର ଏକ ଜନସଂସ୍କୃତ ପଣ୍ଡିତ ଡକ୍ଟର ସାବିତ୍ରୀ ରାଉତ ଏଇ ବିଷୟେ ନୂତନ ଆଲୋକପାତ କରେ । X X X X ଡକ୍ଟର ରାଉତ ଅକ୍ଟୋବର ମାସେର ଦ୍ୱିତୀୟ ସପ୍ତାହେ ଅକ୍ସଫୋର୍ଡସ୍ଥିତ ଓରିଏଣ୍ଟାଲ୍ ଇନ୍‌ଷ୍ଟିଚ୍ୟୁଟେର ଡିରେକ୍ଟର୍ ଅଧ୍ୟାପକ ଟି. ବରୋର ସଙ୍ଗେ କାଜ କରେନ୍ । ସେଖାନେ ବୋଡଲିନ୍ ଗ୍ରନ୍ଥାଗାରେର ଏକଟି ପୁଁଥିତେ ଦେଖତ୍ ପାନଯେ, ସଂସ୍କୃତ କବି ଜୟଦେବେର ଜନ୍ମ ହୟେଛିଲ ଉତ୍କଲେ । ଉକ୍ତ ପୁଁଥିଟିର ୧୭୯୪ ସାଲେର । ଡକ୍ଟର ରାଉତ ବଲେନ୍ ଐ ପୁଁଥିତେ ଲେଖାଛିଲ—'ଉତ୍କଳୀୟେନ ଜୟଦେବେନ' ଅର୍ଥାତ ଜୟଦେବେର ଜନ୍ମ ଉତ୍କଲେ । କିନ୍ତୁ ଏ ବିଷୟେ ଆରଓ ତଥ୍ୟ ସଂଗ୍ରହ କରତେ ହଲେ ପୁଙ୍ଖାନୁପୁଙ୍ଖ ରୂପେ ଗବେଷଣା କାର୍ଯ୍ୟେର ବିଶେଷ ପ୍ରୟୋଜନ ଆଛେ । ତିନି ବଲେନ୍ ଉକ୍ତ ଗ୍ରନ୍ଥାଗାରେ ଗୀତଗୋବିନ୍ଦ ସମ୍ପର୍କିତ ଆରଓ ଅନେକ ପୁଁଥି ଆଛେ ଏବଂ ସେଗୁଲି ଦେବନାଗରୀତେ ଲେଖା ।"

ଗୀତଗୋବିନ୍ଦ ପ୍ରଣେତା ଜୟଦେବ ଉତ୍କଳର ପୁରୀ ଜିଲ୍ଲାନ୍ତର୍ଗତ କେନ୍ଦୁବିଲ୍ୱ ଗ୍ରାମରେ ଜନ୍ମଗ୍ରହଣ କରିଥିବାର ବହୁ ପ୍ରମାଣ ଥିବାବେଳେ କେତେକ ଆଲୋଚକ ତାଙ୍କ ଜନ୍ମ ବଙ୍ଗଳାର ବୀରଭୂମି ଅନ୍ତର୍ଗତ 'ଅଜୟ' ନଦୀ ତଟବର୍ତ୍ତୀ ତଥାକଥିତ କେନ୍ଦୁବିଲ୍ୱରେ ହୋଇଥିବାର ବିଭ୍ରାନ୍ତିକର ମତ ଉପସ୍ଥାପିତ କରନ୍ତି । ଅଉ କେତେକ ନ୍ୟସ୍ତସ୍ୱାର୍ଥଗୋଷ୍ଠୀ ତାଙ୍କ ଜନ୍ମ ଲକ୍ଷ୍ମଣ ସେନଙ୍କ ରାଜଧାନୀ ଲକ୍ଷ୍ମଣାବତୀ ଅଧୁନିକ 'ନଦୀୟା'ରେ ହୋଇଥିବାର ଉଦ୍ଭଟ କଳ୍ପନା ମଧ୍ୟ କରିଥାନ୍ତି । ଏହା ସପକ୍ଷରେ ସେମାନେ ଯେଉଁ ଯୁକ୍ତିମାନ ଉପସ୍ଥାପିତ କରନ୍ତି, ସେଗୁଡିକର ଯଥାର୍ଥତା ସମ୍ବନ୍ଧରେ ଆଲୋଚନା କରାଯାଉଛି ।

ଯେଉଁମାନେ ଲକ୍ଷ୍ମଣ ସେନଙ୍କ ସଭାକବି ଥିବାର ଯୁକ୍ତି ଉପସ୍ଥାପିତ କରନ୍ତି ସେମାନଙ୍କର ବଳିଷ୍ଠ ଯୁକ୍ତିମାନଙ୍କ ମଧ୍ୟରୁ ପ୍ରଥମ ଯୁକ୍ତି ହେଉଛି—'ସଦୁକ୍ତି କର୍ଣ୍ଣାମୃତ' ଶୀର୍ଷକ ଗ୍ରନ୍ଥରେ ଥିବା ଜୟଦେବଙ୍କ ରଚିତ ଶ୍ଳୋକଗୁଡିକ । ତନ୍ମଧ୍ୟରେ ଯେଉଁଗୋଟିଏ ଶ୍ଳୋକକୁ ବିଶେଷ ପ୍ରାମାଣିକ ବୋଲି ମତ ଦିଅନ୍ତି ସେହି ଶ୍ଳୋକଟି ହେଉଛି—

"ଲକ୍ଷ୍ମୀକେଳିଭୁଜଙ୍ଗ ଜଙ୍ଗମହରେ ସଙ୍କଳ୍ପକଳ୍ପଦ୍ରୁମ
ଶ୍ରେୟଃ ସାଧକସଙ୍ଗସଙ୍ଗରକଳା ଗାଙ୍ଗେୟ, ବଙ୍ଗପ୍ରିୟ !
ଗୌଡେନ୍ଦ୍ର ପ୍ରତିରାଜରାଜକ ସଭାଲଙ୍କାରକର୍ଣ୍ଣାର୍ପିତ
ପ୍ରତ୍ୟର୍ଥିକ୍ଷିତିପାଳପାଳକ ସତାଂ ଦୃଷ୍ଟୋଽସି ତୁଷ୍ଟା ବୟମ୍ ।"

ଅର୍ଥାତ୍—ହେ ଲକ୍ଷ୍ମୀଙ୍କ ସହିତ କେଳିକାରି, ହେ ଯାଚକଜନ ମନସ୍କାମନା ପୂର୍ଣ୍ଣକାରି କଳ୍ପଦ୍ରୁମ, ହେ ମଙ୍ଗଳ ବିଧାୟକ, ହେ ଭୀଷ୍ମଙ୍କ ତୁଲ୍ୟ ରଣଦକ୍ଷ ମହାବୀର, ହେ ବଙ୍ଗପ୍ରିୟ, ହେ ଗୌଡାଧିପ, ହେ ଶତ୍ରୁରାଜନ୍ୟବର୍ଗ ମଧ୍ୟରେ ଶ୍ରେଷ୍ଠ, ହେ ଶତ୍ରୁରାଜାମାନଙ୍କ ବନ୍ଧନକାରୀ, ହେ ସଜ୍ଜନପାଳକ, ଆମ୍ଭେମାନେ ଆପଣଙ୍କ ଦର୍ଶନରେ ପରମପ୍ରୀତ ହୋଇଛୁ ।

ଜୟଦେବ ନାମକ କୌଣସି ଜଣେ କବି ପ୍ରସ୍ତୁତ ଶ୍ଳୋକଟି ରଚନା କରିଥିଲେ ବୋଲି 'ସଦୁକ୍ତିକର୍ଣ୍ଣାମୃତ'ର ସଂଗ୍ରାହକ ଶ୍ରୀଧର ଦାସ ମତ ଦିଅନ୍ତି । ଜୟଦେବ ଏକ ନାମବାଚକ ଶବ୍ଦ । ସମଗ୍ର ଭାରତବର୍ଷର ବହୁ ଅଞ୍ଚଳର ପିତାମାତା ସେମାନଙ୍କ ପୁତ୍ରଙ୍କ ନାମ ଜୟଦେବ ଦେଇଥିବାର ପ୍ର[illegible]ମିଳି । ବୈୟାକରଣ ଜୟଦେବ, ଆଳଙ୍କାରିକ [illegible]ଦେବ, ନାଟ୍ୟକାର ଜୟଦେବ, ଟୀକାକାର ଜୟଦେବ ପ୍ରଭୃତି ପ୍ରାୟ ୨୦ ଜଣ ଜୟଦେବଙ୍କ ନାମ ସଂସ୍କୃତ ଗ୍ରନ୍ଥଭଣ୍ଡାରରୁ ମିଳୁଛି । ସାଧୁପ୍ରଧାନ ତଥା ଗୀତଗୋବିନ୍ଦର ପ୍ରଣେତା ଭୋଜଦେବଙ୍କ ପୁତ୍ର ଜୟଦେବଙ୍କ ପ୍ରସିଦ୍ଧି ପରେ ପରେ ଜୟଦେବଙ୍କ ନାମକରଣ ହୋଇଥିବାର ମନେହୁଏ । ତେଣୁ କେଉଁ ଜୟଦେବ ଏ ଶ୍ଳୋକଟି ରଚନା କରିଥିଲେ ତା'ର ପ୍ରମାଣ ଅଦ୍ୟାପି ମିଳିନାହିଁ । ସେପରି ସ୍ଥଳେ ଗୀତଗୋବିନ୍ଦର ପ୍ରଣେତା ଉପରୋକ୍ତ ଶ୍ଳୋକଟି ରଚନା କରିଥିଲେ ବୋଲି ମତ ଦେବା ଆଦୌ ସମୀଚୀନ ନୁହେଁ ।

ପ୍ରସ୍ତୁତ 'ଲକ୍ଷ୍ମୀକେଳିଭୁଜଙ୍ଗ' ଶ୍ଳୋକଟି ଜଣେ କେହି ଚାରଣକବି ରଚନା କରି ହୁଏତ ପୃଷ୍ଠପୋଷକ ଗୌଡେନ୍ଦ୍ରଙ୍କୁ ଅର୍ପଣ କରିଥିବେ । ଅଉ ମଧ୍ୟ ଆଲୋଚନାରୁ ଜଣାଯାଏ ଯେ ଗୋଟିଏ ଚାଟୁପୂର୍ଣ୍ଣ ଶ୍ଳୋକରେ 'ଗୌଡେନ୍ଦ୍ର' ଶବ୍ଦ ରହିବା ହୁଏତ ସମୀଚୀନ ହୋଇପାରେ । କିନ୍ତୁ 'ବଙ୍ଗପ୍ରିୟ' ବୋଲି ବର୍ଣ୍ଣନା କରିବା ନିତାନ୍ତ ତ୍ରୁଟିଗର୍ହିତ ଉକ୍ତି । କାରଣ, ସେ ଯୁଗର ରାଜାମାନେ ସୀମିତ ପରିବେଶ ମଧ୍ୟରେ ରାଜତ୍ୱ କରୁନଥିଲେ । ସେମାନେ ନିଜର ମହତ୍ତ୍ୱାକାଂକ୍ଷା ଚରିତାର୍ଥ କରିବା ଉଦ୍ଦେଶ୍ୟରେ ସୀମିତ ସୀମାକୁ ଅତିକ୍ରମ କରି ବହୁ ବ୍ୟାପକ ଅଞ୍ଚଳରେ ସେମାନଙ୍କ ଆଧିପତ୍ୟ ବିସ୍ତାର କରୁଥିଲେ । 'ବଙ୍ଗପ୍ରିୟ' କହି ତାଙ୍କ ଶକ୍ତିକୁ ସୀମିତ କରିଥିବା କବିଙ୍କୁ ରାଜା କେବେହେଲେ ସମ୍ମାନିତ କରିନଥିବେ ।

ଗୀତଗୋବିନ୍ଦ ପରି ଖଣ୍ଡିଏ ଭକ୍ତିଭାବାତ୍ମକ ପୁସ୍ତକର ପ୍ରଣେତା ହେଉଛନ୍ତି–'ସାଧୁପ୍ରଧାନ' ଏବଂ'କୃଷ୍ଣୈକତାନାତ୍ମନ' କବି । ସେ ରାଧାକୃଷ୍ଣଙ୍କ ସମ୍ମିଳିତ ବିଗ୍ରହ ଜଗଦୀଶ ବା ଜଗନ୍ନାଥଙ୍କ ବ୍ୟତୀତ ଆଉ କାହାରି ଆଗରେ ଭକ୍ତି ଅର୍ଘ୍ୟ ଅର୍ପଣ କରିଥିବେ ବୋଲି ମନେ ହୁଏନାହିଁ । ବିଶେଷତଃ ସାଧୁ ବୈଷ୍ଣବ ଓ ବିତରାଗୀମାନେ ରାଜାମାନଙ୍କୁ ତୋଷାମଦ କରୁଥିବାର ପ୍ରମାଣ ଆଦୌ ନାହିଁ । ସେମାନେ ଆରାଧ୍ୟ ଦେବଙ୍କ ପାଦ ବନ୍ଦନାରେ କାଳ ଅତିବାହିତ କରୁଥିବାରୁ ଜଣେ ବିଷୟାଶକ୍ତ ଧନାଢ୍ୟ ରାଜା ନିକଟରେ ତୋଷାମଦ ଦ୍ୱାରା ଅନୁଗ୍ରହ ଲାଭ କରିବାକୁ ଆଦୌ ପସନ୍ଦ କରନ୍ତି ନାହିଁ ।

କବି ଜୟଦେବ ଗୀତଗୋବିନ୍ଦ ରଚନା କରି ଭାବବିହ୍ୱଳ କଣ୍ଠରେ ଗାନ କରୁଥିଲେ ଏବଂ ତାଙ୍କ ପତ୍ନୀ ପଦ୍ମାବତୀ ତାହାଙ୍କୁ ନୃତ୍ୟରେ ପରିସ୍ଫୁଟ କରୁଥିବାର ବର୍ଣ୍ଣନା ରହିଛି । ମୈଥିଳ କବି ଚନ୍ଦ୍ରଦତ୍ତ ସ୍ୱରଚିତ 'ଭକ୍ତମାଳା'ରେ ଉଲ୍ଲେଖ କରିଛନ୍ତି–

"ନିର୍ମାୟ ଗୀତଗୋବିନ୍ଦଂ ପୁସ୍ତକଂ ପୁରୁଷୋତ୍ତମେ ।
ନିବେଦ୍ୟ କୃତକୃତ୍ୟୋଽଭୂଜ୍ଜୟଦେବ ମହାମନାଃ ।।"

ଜୟଦେବଙ୍କ ପତ୍ନୀ ପଦ୍ମାବତୀ ଜଣେ ନୃତ୍ୟଶିଳ୍ପୀ ଥିଲେ ଏବଂ ସ୍ୱାମୀଙ୍କ ଗୀତଗୁଡ଼ିକୁ ସେ ନୃତ୍ୟ ଦ୍ୱାରା ପରିସ୍ଫୁଟ କରୁଥିବାର ସୂଚନା ମଧ୍ୟ 'ଗୀତଗୋବିନ୍ଦ'ର 'ପଦ୍ମାବତୀଚରଣଚାରଣ ଚକ୍ରବର୍ତ୍ତୀ' ପଦରୁ ମିଳୁଛି । ଏଭଳି ଜଣେ ବୈଷ୍ଣବ କବି କେବେହେଲେ କୌଣସି ଏକ ରାଜଦରବାରରେ ବୃତ୍ତିଭୋଗୀହୋଇ ରାଜପ୍ରଶଂସାରେ ଶତଜିହ୍ୱ ହୋଇନଥିବେ ।

ସର୍ବୋପରି 'ଲକ୍ଷ୍ମୀକେଳିଭୁଜଙ୍ଗ' ଶ୍ଳୋକରେ ଲକ୍ଷ୍ମଣ ସେନଙ୍କ ନାମୋଲ୍ଲେଖ ନାହିଁ କିମ୍ବା ଗୀତଗୋବିନ୍ଦ ପରି ସରସ ସାବଲୀଳ ପଦଯୋଜନା ମଧ୍ୟ ଦେଖାଯାଏ ନାହିଁ । 'ପ୍ରସନ୍ନରାଘବ' ନାଟକର ପ୍ରଣେତା ଜୟଦେବ 'ବଙ୍ଗପ୍ରିୟ ଗୌଡେନ୍ଦ୍ରଙ୍କୁ ଏପରି ଗୋଟିଏ ଚାଟୁକ୍ତିପୂର୍ଣ୍ଣ ଶ୍ଳୋକ ରଚନା କରି ଅର୍ପଣ କରିଥିବେ ବୋଲି ବହୁ ଆଲୋଚକ ମନ୍ତବ୍ୟ କରିଛନ୍ତି । 'ପ୍ରସନ୍ନରାଘବ' ନାଟକର ଭାଷା ଓ ରଚନା ଶୈଳୀ ସହିତ କେବଳ ପ୍ରସ୍ତୁତ ଶ୍ଳୋକଟି ନୁହେଁ 'ସଦୁକ୍ତି କର୍ଣ୍ଣାମୃତ'ରେ ଧ୍ରୁବର ତଥା ଜୟଦେବଙ୍କ ରଚିତ ଶ୍ଳୋକରୂପେ ଚିହ୍ନିତ ଅନ୍ୟାନ୍ୟ ଶ୍ଳୋକଗୁଡ଼ିକର ଶୈଳୀଗତ ସାମଞ୍ଜସ୍ୟ ସ୍ପଷ୍ଟ ପରିଲକ୍ଷିତ ହେଉଛି ।

କବି ଜୟଦେବ ଲକ୍ଷ୍ମଣ ସେନଙ୍କ ସଭାକବି ଥିବାର ଦ୍ୱିତୀୟ ଉଦ୍ଭଟ କଳ୍ପନା ହେଉଛି–ଆଉ ଗୋଟିଏ ଶ୍ଳୋକ । ସେ ଶ୍ଳୋକଟି ହେଉଛି–

"ଗୋବର୍ଦ୍ଧନଶ୍ଚ ଶରଣୋ ଜୟଦେବ ଉମାପତିଃ ।
କବିରାଜଶ୍ଚ ରତ୍ନାନି ସମିତୌ ଲକ୍ଷ୍ମଣସ୍ୟ ଚ ।।"

ଏହି ଶ୍ଳୋକଟିର ଅର୍ଥ ହେଉଛି ଲକ୍ଷ୍ମଣଙ୍କର ପାଞ୍ଚଜଣ ରତ୍ନ । ସେ ପାଞ୍ଚଜଣ ହେଉଛନ୍ତି–ଗୋବର୍ଦ୍ଧ[ନ], ଶରଣ, ଜୟଦେବ, ଉମାପତି ଓ କବିରାଜ । ଶ୍ଳୋକ[ରେ] ଥିବା 'କବିରାଜ' ଗୋଟିଏ ଉପାଧି ମାତ୍ର । ଜୟଦେ[ବ] ତାଙ୍କ 'ଗୀତଗୋବିନ୍ଦ'ରେ 'ଧୋୟୀ କବି କ୍ଷ୍ମାପତି' ଅର୍ଥା[ତ୍] କବି ଧୋୟୀଙ୍କୁ କବିରାଜ ବୋଲି ଉଲ୍ଲେଖ କରିଥିବାରୁ ପ୍ରସ୍ତୁତ ଶ୍ଳୋକରେ ଧୋୟୀଙ୍କ ଉଦ୍ଦେଶ୍ୟରେ 'କବିରାଜ' ବୋଲି ରହିଛି । ତେଣୁ ପ୍ରସ୍ତୁତ ଶ୍ଳୋକଟି ଗୋଟିଏ ଉଦ୍ଦେଶ୍ୟମୂଳକ ଶ୍ଳୋକ ବୋଲି ଅନୁମାନ କରାଯାଏ ।

ଖ୍ରୀଷ୍ଟାବ୍ଦ ୧୨୬୦ରେ ସଙ୍କଳିତ 'ତାବାକତ୍–ଇ–ନାସିରୀ' ଶୀର୍ଷକ ଗ୍ରନ୍ଥରେ ମୁସଲମାନ ସେନାପତି ମହମ୍ମଦ–ଇ–ବକ୍ତିଆରଙ୍କ ବିଜୟ କାହାଣୀ ରହିଛି । ଖ୍ରୀ:ଅ: ୧୨୦[୦] ପୂର୍ବରୁ ସେନାପତି ବକ୍ତିଆର ଲକ୍ଷ୍ମଣ ସେନଙ୍କ ରାଜଧାନୀ ଲକ୍ଷ୍ମଣାବତୀ ବା ନଦୀୟାକୁ ଧ୍ୱଂସସ୍ତୂପରେ ପରିଣତ କରି ଦେଇଥିବାର ବର୍ଣ୍ଣନା ରହିଛି । ଯଦି ପ୍ରକୃତରେ ଲକ୍ଷ୍ମ[ଣ] ସେନଙ୍କ ରାଜଦରବାରର ଦ୍ୱାରଦେଶଠାରେ ଏହି ଶ୍ଳୋ[କ] ସମ୍ବଳିତ ଖଣ୍ଡିଏ ଶିଳାଫଳକ ରହିଥିଲା ତାହା ଧ୍ୱଂସ[ର] କରାଳ କବଳରୁ ରକ୍ଷା ପାଇଲା କିପରି ?

ନଦୀୟାର ରାଜପ୍ରାସାଦ ଧ୍ୱଂସସ୍ତୂପରେ ପରିଣତ ହୋ[ଇବା] ପରେ ପଞ୍ଚରତ୍ନଙ୍କ ନାମ ଲିଖିତ ଏହି ଫଳକଟି ତାପରେ କେଉଁଠି ରହିଲା ? ତାହା ଐତିହାସିକ ଓ ପ୍ରତ୍ନତତ୍ତ୍ୱବିତ୍‌ଙ୍କ ଦୃଷ୍ଟିକୁ ଆସିବା ପୂର୍ବରୁ, ଘନବନାଚ୍ଛାଦିତ ସେହି ଧ୍ୱଂସସ୍ତୂପ ଚାରିଶହ ବର୍ଷ ପରବର୍ତ୍ତୀ ଗୌଡୀୟ ବୈଷ୍ଣବ ଶ୍ରୀରୂପସନାତନ ପାଇଥିଲେ ବୋଲି କେତେକ ଆଲୋଚକ ବର୍ଣ୍ଣନା କରିଛନ୍ତି । ଜଣେ ସନ୍ନ୍ୟାସୀ ସେହି ଫଳକଟିର ଅନୁସନ୍ଧାନରେ ବ୍ରତୀ ହୋଇଥିବାର କାରଣ କ'ଣ ? ଏ[ହା] ମଧ୍ୟ ସନାତନଙ୍କର କୌଣସି ଲେଖାରୁ ପ୍ରମାଣ ମିଳିନାହିଁ । ଏହା କେବଳ ବିଂଶ ଶତାବ୍ଦୀର ଆଲୋଚକଙ୍କୁ ମିଳିଥିବାରୁ ତାହାହିଁ ସନ୍ଦେହର କାରଣ ହୋଇଛି । ଏଥିରୁ ଜଣାପଡ଼େ ଯେ, ପଞ୍ଚରତ୍ନଙ୍କ ନାମ ସମ୍ବଳିତ ସେହି ଶିଳାଫଳକଟି ଗୋଟିଏ ମନଗଢ଼ା ପରିକଳ୍ପନା ବ୍ୟତୀତ ଅନ୍ୟ କିଛି ନୁହେଁ । ବର୍ତ୍ତମାନ କାଳେ କୌଣସି ନୀତିତତ୍ତ୍ୱବିତ୍ ଆଲୋଚ[କ] ଶିଳାଫଳକଟିକୁ ଆଧୁନିକ ସମୟର ବୋଲି ମତ ଦେଇ[ଛନ୍ତି] । ସେଥିପାଇଁ ଶିଳାଫଳକଟି ମଧ୍ୟ କୌଣସିଠାରେ ମିଳୁ ନାହିଁ । ତାହା ଯେପରି ଭାବରେ ଉଦ୍ଦେଶ୍ୟ ପ୍ରଣୋଦିତ ଆଲୋଚକଙ୍କ କଳ୍ପନାରୁ ଉଦ୍ଭୁତ, ଠିକ୍ ସେହିପରି କଳ୍ପନାର ବନାନୀରେ କାଳ୍ପନିକ ମୃଗ ପରି ଭାରତୀୟ ଆଲୋଚକମାନଙ୍କ ଦୃଷ୍ଟିକୁ ଆସିବା ପୂର୍ବରୁ କେଉଁଠାରେ ଉଭେଇ ଯାଇଛି । ତେଣୁ ନିର୍ଦ୍ଦିଷ୍ଟ ଭାବରେ ଧାରଣା ହୁଏ ଯେ 'ଗୋବର୍ଦ୍ଧନଶ୍ଚ ଶରଣୋ' ଶ୍ଳୋକଟି ଗୋଟିଏ ମନଗଢ଼ା ପ୍ରସ୍ତର ଫଳକରେ ଲିଖିତ ଥିଲା । ଏହା କେବଳ ଭାରତୀୟ ବିଦ୍ୱାନ୍ ଆଲୋଚକମାନଙ୍କୁ ବିଭ୍ରାନ୍ତ କରିବାର ଏକ ଅଭିନବ କୌଶଳ ବ୍ୟତୀତ ଅନ୍ୟ କିଛି ନୁହେଁ ।

ଜୟଦେବଙ୍କୁ ସେନକୁଳତିଳକ ଲକ୍ଷ୍ମଣ ସେନଙ୍କ ସଭାକବିରୂପେ ପ୍ରମାଣିତ କରିବାର ଆଉ ଗୋଟିଏ ପ୍ରମାଣ

ହେଉଛି–ବନମାଳୀ ଦାସଙ୍କ ଲିଖିତ 'ଜୟଦେବ ଚରିତ' ଶୀର୍ଷକ ଖଣ୍ଡିଏ କାଳ୍ପନିକ ପୁସ୍ତକ । ଏହି ପୁସ୍ତକରେ ବହୁ ଅବିଶ୍ୱାସନୀୟ କାହାଣୀ ପୂରି ରହିଛି । ପୁସ୍ତକଟିର ପ୍ରାମାଣିକତା ସମ୍ବନ୍ଧରେ କାଳେ କେହି ପ୍ରଶ୍ନ ଉତ୍‌ଥାପନ କରିବେ, ତେଣୁ ଅନନ୍ୟୋପାୟ ହୋଇ 'ବୀରଭୂମ ବିବରଣ' ପୁସ୍ତକର ପ୍ରଣେତା ହରେକୃଷ୍ଣ ମୁଖୋପାଧ୍ୟାୟ ଉକ୍ତ ପୁସ୍ତକର ତୃତୀୟ ଖଣ୍ଡର ଏକ ପୃଷ୍ଠାର ପାଦଟୀକାରେ ଅତି ଚତୁରତାର ସହିତ ଲେଖିଛନ୍ତି–

"ବଙ୍ଗଲା ୧୨୦୮ ସାଲେର ୩ରା ଫାଲଗୁନ ଶନିବାର ଭୈମିକ ଏକାଦଶୀର ଦିନେ ଅଲିନଗର ପରଗୟାଣ ଶରିକ୍ ଖାଏର ପଡା ମୋକାମ ଶିଉଡିର ମାଲଫଂଟକେ ଏଇ ଗ୍ରନ୍ଥ ଲିଖିତ ହୟ । କୋନ୍ ଆଦର୍ଶ ପୁଁଥି ହଇତେ ଏଇ ଗ୍ରନ୍ଥ ନକଲ କରା ହୟ ତାହା ଜାନା ଯାୟ ନାଇଁ । ଏ ଗ୍ରନ୍ଥ ଅନ୍ୟ କୋଥାୟ ପାଓୟା ଯାୟ ନାଇଁ" ।

ଏହି ଉଦ୍ଧୃତିରୁ ଜଣାପଡେ ଯେ, ତଥାକଥିତ 'ଜୟଦେବ ଚରିତ' ବାଙ୍ଗଲା ୧୨୦୮ ସାଲ ଅର୍ଥାତ୍ ୧୮୦୧ ଖ୍ରୀଷ୍ଟାବ୍ଦରେ ନକଲ କରାଯାଇଛି । କିନ୍ତୁ କେଉଁ ମୂଳ ପୋଥିରୁ ଏହା ନକଲ କରାଯାଇଛି ତାହା କେହି ଜାଣି ନାହାନ୍ତି ଏବଂ ଏହି ତଥାକଥିତ ପ୍ରାମାଣିକ ପୋଥିଟି "ଅନ୍ୟ ପୋଥାୟ ପାଓୟା ଯାୟ ନାଇଁ ।" ଏଥିରୁ ବେଶ୍ ଜଣାପଏ ଯେ ପ୍ରାଚୀନ ବଙ୍ଗଳା ସାହିତ୍ୟରେ ଏପରି ଶୀର୍ଷକ ପୁସ୍ତକଟିଏ ନଥିଲା, ତେଣୁ ଏହାର ମୂଳ ପୋଥି ଏବେ କୌଣସିଠାରେ ମିଳୁନାହିଁ । କେବଳ ଜୟଦେବଙ୍କୁ ଲକ୍ଷ୍ମଣ ସେନଙ୍କ ସଭାକବି ଥିବାର ପ୍ରମାଣ ଦ୍ୱାରା ବିଂଶ ଶତାବ୍ଦୀର ଜନମତକୁ ବିଭ୍ରାନ୍ତ କରିବା ଉଦ୍ଦେଶ୍ୟରେ ଏପରି ଖଣ୍ଡିଏ ପୁସ୍ତକ 'ବଙ୍ଗୀୟ ସାହିତ୍ୟ ପରିଷଦ' ଦ୍ୱାରା ପ୍ରକାଶ ପାଇଛି । ଜୟଦେବ ବୀରଭୂମର ଅଜୟନଦୀତଟବର୍ତ୍ତୀ ତଥାକଥିତ କେନ୍ଦୁବିଲ୍ୱର ଅଧିବାସୀ ଥିବାର କେତେକ ଯୁକ୍ତି ଉପସ୍ଥାପିତ କରାଯାଉଥିବା ବେଳେ, 'ଶେଖ୍ ଶୁଭୋଦୟ' ଶୀର୍ଷକ ଆଉ ଖଣ୍ଡିଏ ଗ୍ରନ୍ଥରେ ତାଙ୍କ (ଜୟଦେବ) ବାସସ୍ଥାନ ନଦୀୟାରେ ବୋଲି ଲିଖିତ ରହିଛି । 'ଶେଖ ଶୁଭୋଦୟ' ଶୀର୍ଷକ ଗ୍ରନ୍ଥଟି ସଂସ୍କୃତ ଗଦ୍ୟରେ ଲିଖିତ ହୋଇଛି । ଏହି ପୁସ୍ତକର ପ୍ରଣେତା ହେଉଛନ୍ତି ହଳାୟୁଧ ମିଶ୍ର । ପୁସ୍ତକଟି ଡକ୍ଟର ସୁକୁମାର ସେନଙ୍କ ଦ୍ୱାରା ସମ୍ପାଦିତ ହୋଇ ୧୯୬୩ ମସିହାରେ 'ଏସିଆଟିକ୍ ସୋସାଇଟି' ଦ୍ୱାରା ପ୍ରକାଶ ପାଇଛି । ଏହି ପୁସ୍ତକରେ ଶେଖ୍ ନାମକ ଜଣେ ମୁସଲମାନ ଫକୀରଙ୍କ ସମ୍ବନ୍ଧରେ ବହୁ ଅବିଶ୍ୱାସନୀୟ ତଥା ଅମାନବୀୟ ଘଟଣା ବର୍ଣ୍ଣିତ ହୋଇଛି । ଶେଖ୍ ଲକ୍ଷ୍ମଣ ସେନଙ୍କୁ ନିଜର ଅଦ୍ଭୁତ କରାମତି ଦେଖାଇ ତାଙ୍କର ପ୍ରିୟପାତ୍ର ହୋଇଥିଲେ ଏବଂ ରାଜା ଲକ୍ଷ୍ମଣ ସେନ ଶେଖଙ୍କୁ ଉପଦେଷ୍ଟା ରୂପେ ନିଯୁକ୍ତି କରିଥିଲେ । ଶେଖଙ୍କ ପରାମର୍ଶକ୍ରମେ ଲକ୍ଷ୍ମଣ ସେନ ଓଡିଶା ରାଜା କପିଳେଶ୍ୱରଦେବଙ୍କଠାରୁ 'ଜୟପତ୍ର' ପାଇଥିବା ପ୍ରସିଦ୍ଧ ସଙ୍ଗୀତଜ୍ଞ ବୁଢନ ମିଶ୍ରଙ୍କୁ ଡକାଇ ଆଣି ସଙ୍ଗୀତ ଶୁଣିବା ପରେ ତାଙ୍କୁ 'ଜୟପତ୍ର'ରେ ସମ୍ମାନିତ କରିବା ପାଇଁ ସ୍ଥିର କରିଥିଲେ । ଖାଜଦରବାରର ବାଦ୍ୟନାଦ ଶୁଣି ଗଙ୍ଗାନଦୀକୁ ପାଣି ଆଣିବାକୁ ଯାଉଥିବା ସେଠାକାର ଅଖ୍ୟାତ ନାମା ଜୟଦେବଙ୍କ ପତ୍ନୀ ପଦ୍ମାବତୀ ରାଜସଭାକୁ ପ୍ରବେଶ କରିଥିଲେ । ସେ ରାଜା ଲକ୍ଷ୍ମଣ ସେନଙ୍କୁ କହିଥିଲେ 'ମୋ ସ୍ୱାମୀଙ୍କୁ ସଙ୍ଗୀତ ବିଦ୍ୟାରେ ପରାସ୍ତ ନ କରିବା ପର୍ଯ୍ୟନ୍ତ ଆପଣ କାହାରିକୁ 'ଜୟପତ୍ର' ଦେଇ ପାରିବେ ନାହିଁ । ସେ ନିଜେ ଜଣେ ସଙ୍ଗୀତଜ୍ଞା ବୋଲି ଜଣାଇବାରୁ ଶେଖ୍ ପଦ୍ମାବତୀଙ୍କୁ ଗୋଟିଏ ଗୀତ ଗାଇବା ଲାଗି ନିର୍ଦ୍ଦେଶ ଦେଲେ । ପଦ୍ମାବତୀ 'ଗାନ୍ଧାର' ରାଗରେ ଗୋଟିଏ ଗୀତ ଗାନ କରିବା ମାତ୍ରେ ଗଙ୍ଗାନଦୀରେ ଯାଉଥିବା ନୌକାଗୁଡିକ ଆକର୍ଷିତ ହୋଇ କୂଳରେ ଲାଗିଗଲେ । ଏହା ଲକ୍ଷ୍ୟ କରି ଶେଖ୍ ଅତ୍ୟନ୍ତ ପ୍ରଭାବିତ ହୋଇଥିଲେ ଏବଂ ବୁଢନ ମିଶ୍ରଙ୍କୁ ପଦ୍ମାବତୀ ସହିତ ସଙ୍ଗୀତରେ ପ୍ରତିଯୋଗିତା କରିବା ଲାଗି ଅନୁରୋଧ କରିଥିଲେ । ଜଣେ ସ୍ତ୍ରୀଲୋକ ସହିତ ପ୍ରତିଯୋଗିତା କରିବା ଲାଗି ବୁଢନ ମିଶ୍ର ଅନିଚ୍ଛା ପ୍ରକାଶ କରନ୍ତେ, ପଦ୍ମାବତୀ ଦାସୀକୁ ପଠାଇ ତାଙ୍କ ସ୍ୱାମୀ ଜୟଦେବଙ୍କୁ ଡକାଇ ଆଣିଲେ । ଜୟଦେବ ସେଠାରେ ପହଞ୍ଚିବା ପରେ ଶେଖ୍ ବୁଢନ ମିଶ୍ରଙ୍କୁ ସଙ୍ଗୀତ ଗାନ କରି ଶୁଷ୍କ ଅଶ୍ୱତ୍‌ଥ ବୃକ୍ଷରେ ପତ୍ର କଅଁଳେଇ ଦେବା ପାଇଁ ଅନୁରୋଧ କଲେ । ବୁଢନ ମିଶ୍ର ନିଜର ଅସାମର୍ଥତା ପ୍ରକାଶ କରନ୍ତେ, ଜୟଦେବ ଗୀତ ଗାନ କରି ଶୁଷ୍କ ଅଶ୍ୱତ୍‌ଥ ବୃକ୍ଷରେ ପତ୍ର କଅଁଳେଇ ଦେଲେ । 'ବସନ୍ତ' ରାଗରେ ଗାନ କରିଥିବା ଗୀତଟି ସଭାସଦ୍‌ଙ୍କୁ ମୁଗ୍ଧ କରିଥିଲା । ତେଣୁ ଶେଖ୍ ମହୋଦୟ 'ଜୟପତ୍ର' ବୁଢନ ମିଶ୍ରଙ୍କୁ ନ ଦେଇ ଜୟଦେବଙ୍କୁ ଦେବା ଲାଗି ରାଜାଙ୍କୁ ପରାମର୍ଶ ଦେଇଥିଲେ । ଓଡିଶାର ରାଜା କପିଳେଶ୍ୱରଦେବଙ୍କ ଦରବାରୀ କବିଙ୍କୁ ନିମନ୍ତ୍ରଣ କରି ଡକାଇ ନିଆଯାଇଥିବାରୁ ତାଙ୍କୁ ସାମାନ୍ୟ ଉପଢୌକନ ଦେଇ ବିଦାୟ କରାଯାଇଥିଲା ।

କେବଳ ଏତିକି ନୁହେଁ, ଅନ୍ୟ ଏକ ଅବସରରେ ଶେଖ୍‌ଙ୍କୁ ଗୀତ ଶୁଣାଇ ଜୟଦେବ ମିଶ୍ର ଦୁଇଟି କୁଣ୍ଡଳ ଉପହାର ପାଇଥିଲେ ।

'ଶେଖ୍ ଶୁଭୋଦୟ' ପୁସ୍ତକରେ ଆହୁରି ଅନେକ ମନଗଢା କାହାଣୀ ଲିପିବଦ୍ଧ ହୋଇଥିବାର ଦେଖାଯାଏ । ସେଥିରେ ଆହୁରି ମଧ୍ୟ ବର୍ଣ୍ଣିତ ହୋଇଛି ଯେ ଲକ୍ଷ୍ମଣ ସେନଙ୍କ ରାଣୀ ଜଣେ ବଣିକ ପତ୍ନୀଙ୍କଠାରୁ କଙ୍କଣ ଦୁଇପଟ ଛଡାଇ ଆଣିଥିବାରୁ, ଶେଖ୍ ରାଣୀଙ୍କୁ ଭର୍ତ୍ସନା କରିଥିଲେ ଏବଂ ଲକ୍ଷ୍ମଣ ସେନଙ୍କ ମନ୍ତ୍ରୀ ଉମାପତି ଧର ଦୁଇଜଣ ନର୍ତ୍ତକୀଙ୍କ ସହିତ ଅବୈଧ ପ୍ରଣୟରେ ଲିପ୍ତ ଥିବାରୁ ଶେଖ୍ ତାଙ୍କୁ ମଧ୍ୟ ଭର୍ତ୍ସନା କରିଥିଲେ ..... ଇତ୍ୟାଦି ।

ବିଭ୍ରାନ୍ତିପୂର୍ଣ୍ଣ ଏହି ଗ୍ରନ୍ଥଟିର ବିବରଣୀ ପାଠ କଲେ ବହୁ ପ୍ରଶ୍ନ ମନରେ ଉଙ୍କିମାରେ । ଅନ୍ୟାନ୍ୟ ବଙ୍ଗୀୟ ପୁସ୍ତକରେ ଜୟଦେବ ବୀରଭୂମ ଜିଲ୍ଲାର ଅଜୟନଦୀ ତଟବର୍ତ୍ତୀ କେନ୍ଦୁବିଲ୍ୱର ଅଧିବାସୀ ଥିବାର ପ୍ରମାଣ ମିଳୁଥିବା ବେଳେ

'ଶେଖ୍ ଶୁଭୋଦୟ'ରେ ତାଙ୍କ ବାସସ୍ଥାନ ନଦୀୟାରେ ବୋଲି ଲିଖିତ ହୋଇଛି ।

କପିଳେଶ୍ୱରଦେବ ନାମକ କୌଣସି ରାଜା ଓଡିଶା ରାଜବଂଶରେ ଜନ୍ମଗ୍ରହଣ କରିନଥିଲେ । ଯଦି ତାଙ୍କୁ କପିଳେନ୍ଦ୍ର ଦେବ ବୋଲି ଗ୍ରହଣ କରାଯାଏ, ତେବେ ସେ ଲକ୍ଷ୍ମଣ ସେନଙ୍କ ସମସାମୟିକ ହେଲେ କିପରି ? ଗଜପତି ରାଜା କପିଳେନ୍ଦ୍ର ଦେବ ବା କପିଳେଶ୍ୱର ଦେବ ଓଡିଶାରେ ଗଙ୍ଗବଂଶର ଶେଷ ଦାୟାଦ, ନିଃଶଙ୍କ ଭାନୁଦେବ (୪ର୍ଥ)ଙ୍କ ପରେ ଖ୍ରୀ:ଅ: ୧୪୩୫ରେ ରାଜସିଂହାସନ ଅଧିକାର କରିଥିଲେ । ଗଜପତି କପିଳେନ୍ଦ୍ର ଦେବ ଉତ୍କଳୀୟ କଳା ( ସଂସ୍କୃତିର ଜଣେ ମହାନ୍ ପ୍ରଚାରକ ଥିଲେ ଏବଂ ତ।ଂ ସୁଦୂର କର୍ଣ୍ଣାଟ ପର୍ଯ୍ୟନ୍ତ ଓଡିଶାର ସୀମା ବୃଦ୍ଧି କରିଥିଲେ । ତାଙ୍କ ରାଜତ୍ୱରେ ଓଡିଶାର ବହୁ କବି କୋବିଦ ଅନେକ ଗ୍ରନ୍ଥ ରଚନା କରି ମାତୃଭୂମିର ଗୌରବ ବୃଦ୍ଧି କରିଥିଲେ । ସେତେବେଳେ ବୁଢନ ମିଶ୍ର ନାମରେ କୌଣସି ସଙ୍ଗୀତଜ୍ଞ ନଥିଲେ । ସମୟର ଦୀର୍ଘ ବ୍ୟବଧାନ ଥିବା ସତ୍ତ୍ୱେ ଲକ୍ଷ୍ମଣ ସେନଙ୍କ ଦରବାରରୁ କପିଳେଶ୍ୱରଙ୍କ ଦରବାରକୁ ବୁଢନ ମିଶ୍ର କିପରି ଯାଇଥିଲେ ଏହାହିଁ ବିଚିତ୍ର ବିଷୟ ।

ରାଜା ଲକ୍ଷ୍ମଣ ସେନ ଦରବାର ଡକାଇ ବୁଢନ ମିଶ୍ରଙ୍କୁ 'ଜୟପତ୍ର' ଦେବାର ଅୟୋଜନ କରୁଥିବା ବେଳେ ଜଣେ ପଲ୍ଲୀବଧୂ ଗଙ୍ଗାକୁ ପାଣି ଅଣିବାକୁ ଯାଇ ରାଜଦରବାରକୁ ପ୍ରବେଶ କରିଥିଲେ କିପରି ? ତା'ହେଲେ କ'ଣ ବୁଝିବାକୁ ହେବ ଯେ, ରାଜା ଲକ୍ଷ୍ମଣ ସେନ ତାଙ୍କ ପରାମର୍ଶ ଦାତା ଶେଖଙ୍କ ପରାମର୍ଶ ଗ୍ରହଣ କରି ବିଲମାଳରେ ରାଜଦରବାର ଡକାଇଥିଲେ !

ତେଣୁ ନିଶ୍ଚିତ ଭାବରେ ଧାରଣା କରିବାକୁ ହୁଏ ଯେ, 'ଜୟଦେବ ଚରିତ' ପରି ଏହା ମଧ୍ୟ ଖଣ୍ଡିଏ କପୋଳକଳ୍ପିତ ପୁସ୍ତକ । ଜୟଦେବ କବିରାଜଙ୍କୁ ଲକ୍ଷ୍ମଣ ସେନଙ୍କ ସଭାକବି ତଥା ବଙ୍ଗ ଦେଶର ଅଧିବାସୀ ବୋଲି ବର୍ଣ୍ଣନା କରିବା ଉଦ୍ଦେଶ୍ୟରେ 'ଶେଖ୍ ଶୁଭୋଦୟ' ଶୀର୍ଷକ ପୁସ୍ତକଟି କୌଣସି ଜଣେ ସୁଚତୁର ବ୍ୟକ୍ତିଙ୍କର ଏକ ଉଦ୍ଭଟ ପରିକଳ୍ପନା ଏଥିରେ ସନ୍ଦେହ ନାହିଁ ।

ଉପର୍ଯ୍ୟୁକ୍ତ ଅଲୋଚନାରୁ ବଙ୍ଗଳାର ଲକ୍ଷ୍ମଣ ସେନଙ୍କ ସହିତ କବିରାଜ ଜୟଦେବଙ୍କର କୌଣସି ସମ୍ପର୍କ ନଥିବାର ପ୍ରମାଣିତ ହୁଏ । କାରଣ, ଲକ୍ଷ୍ମଣ ସେନଙ୍କ ରାଜତ୍ୱର ଅରମ୍ଭ ପୂର୍ବରୁ ଜୟଦେବ 'ଗୀତଗୋବିନ୍ଦ' ରଚନା କରି ସାରିଥିଲେ । ଲକ୍ଷ୍ମଣ ସେନ ଖ୍ରୀ:ଅ ୧୧୭୮ରେ ସିଂହାସନାରୂଢ ହୋଇଥିଲେ । 'ସଦୁକ୍ତି କର୍ଣ୍ଣାମୃତ' ଗ୍ରନ୍ଥ ଖ୍ରୀ:ଅ ୧୧୬୯ରେ ସଙ୍କଳିତ ହୋଇଥିବାର ପ୍ରମାଣ ସ୍ୱର୍ଗୀୟ ଐତିହାସିକ କେଦାର ନାଥ ମହାପାତ୍ର ସ୍ୱରଚିତ 'ଶ୍ରୀଜୟଦେବ ଓ ଶ୍ରୀ ଗୀତଗୋବିନ୍ଦ' ପୁସ୍ତକରେ ଉଲ୍ଲେଖ କରିଛନ୍ତି । ସ୍ୱର୍ଗତଃ ମହାପାତ୍ର ଅତୁରି ମଧ୍ୟ ଦର୍ଶାଇଛନ୍ତି ଯେ ଭାରତର ଶେଷ ସ୍ୱାଧୀନ ହିନ୍ଦୁ ନରପତି ପୃଥ୍ୱୀରାଜଙ୍କ ସଭାକବି ଚନ୍ଦବରଦାୟୀ ଖ୍ରୀ:ଅ ୧୧୬୯ ବେଳକୁ 'ପୃଥ୍ୱୀରାଜ ରାସ' ଶୀର୍ଷକ ପୁସ୍ତକ ଲେଖି ସେଥିରେ ଜୟଦେବଙ୍କ କୀର୍ତ୍ତିଗାନ କରିଥିଲେ । ଗଙ୍ଗ ସମ୍ରାଟ ରାଜରାଜ ଦେବ ଓ ଅନିୟଙ୍କ ଦେବଙ୍କ ରାଜତ୍ୱ କାଳ (ଖ୍ରୀ:ଅ: ୧୧୭୦–୧୧୯୮) ମଧ୍ୟରେ ଗୋବର୍ଦ୍ଧନ ଅଚାର୍ଯ୍ୟଙ୍କ କନିଷ୍ଠ ସହୋଦର ଉଦୟନାଚାର୍ଯ୍ୟ ଗୀତଗୋବିନ୍ଦ ମହାକାବ୍ୟ ଉପରେ 'ଭାବବିଭାବିନୀ' ଟୀକା ପ୍ରଣୟନ କରି ସାରିଥିଲେ । ତେଣୁ ଖ୍ରୀ:ଅ: ୧୧୬୯–୭୦ ପୂର୍ବରୁ ରଚିତ ଗୀତଗୋବିନ୍ଦ ସର୍ବଭାରତୀୟ ସ୍ତରରେ ପ୍ରସିଦ୍ଧି ଅର୍ଜନ କରି ସାରିଥିଲା । ଗୀତଗୋବିନ୍ଦ ପ୍ରତିଦିନ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଶ୍ରୀମନ୍ଦିରରେ ଗୀତ ହେଉଥିବାରୁ ସେଠାକୁ ଅସୁଥିବା ଭାରତର ସବୁ ଅଞ୍ଚଳର ଲୋକମାନେ ତାହା ଶୁଣୁଥିଲେ ଏବଂ କେହି କେହି ଅଗ୍ରହୀ ବ୍ୟକ୍ତି ଗୀତଗୋବିନ୍ଦର ପ୍ରଚାର ନିଜ ନିଜ ଅଞ୍ଚଳରେ କରାଇଥିଲେ । ତେଣୁ ତାହାର ଖ୍ୟାତି ଖ୍ରୀ:ଅ: ୧୧୬୯ ବେଳକୁ ସୁଦୂର ରାଜସ୍ଥାନ ପର୍ଯ୍ୟନ୍ତ ବ୍ୟାପି ଯାଇଥିଲା । ତା'ରି ଫଳରେ ଚନ୍ଦବରଦାୟୀ ସ୍ୱରଚିତ 'ପୃଥିବୀରାଜ ରାସ'ରେ ଜୟଦେବ ଓ ଗୀତଗୋବିନ୍ଦର ଜୟଗାନ କରି ଲେଖିଥିଲେ—

"ଜୟଦେବ ଅଠଂ କବି କବ୍‌ବିରାୟଂ ।
କିନୈଂ କେବଲଂ କୀର୍ତ୍ତି ଗୋବିନ୍ଦ ଗାୟଂ ॥"

ଉଦୟନାଚାର୍ଯ୍ୟଙ୍କ 'ଭାବବିଭାବିନୀ' ଟୀକାର ନାମ କେବଳ ଶୁଣିବାକୁ ମିଳୁଥିଲେ ହେଁ ଏହି ଟୀକା ସମ୍ବଳିତ ଗୀତଗୋବିନ୍ଦ ଆମର ହସ୍ତଗତ ହୋଇନାହିଁ । ସେ ଟୀକାଟି ମିଳିଲେ, ଜୟଦେବଙ୍କ ସମ୍ବନ୍ଧରେ ହୁଏତ ଅଉ କେତେକ ନୂତନ ତଥ୍ୟ ମିଳିପାରନ୍ତା ।

ଯା'ହେଉ ଅଲୋଚନାରୁ ଏତିକି ମାତ୍ର ଜଣାଯାଏ ଯେ, ଗୀତଗୋବିନ୍ଦର ପ୍ରଣୟନ ସମୟକୁ ସେନ ବଂଶର ରାଜଧାନୀ ଲକ୍ଷ୍ମଣାବତୀ ତଥା ସମଗ୍ର ଗୌଡଭୂମି ଘୋର ଦୁର୍ଦ୍ଦିନର ସମ୍ମୁଖୀନ ହୋଇଥିଲା । ସେତେବେଳେ ସମଗ୍ର ଗୌଡ ଦେଶ ମୁସଲମାନଙ୍କ ଅକ୍ରମଣରେ ଛିନ୍ନଭିନ୍ନ ହୋଇଯାଇଥିଲା । ପୂର୍ବାଞ୍ଚଳରେ ଉତ୍କଳଭୂମି ଗଙ୍ଗରାଜାମାନଙ୍କ ଛତ୍ରଛାୟାରେ ରହିଥିବାରୁ ସମଗ୍ର ହିନ୍ଦୁ ଜଗତରେ ଓଡିଶା ଏକମାତ୍ର ଅଶ୍ରୟସ୍ଥଳ ଥିଲା । ତେଣୁ ଶ୍ରୀଜଗନ୍ନାଥ ଧାମରେ ପ୍ରାଚୀତଟର କେନ୍ଦୁଲୀ ବା କେନ୍ଦୁବିଲ୍ୱର ଅଧିବାସୀ କବିରାଜ ଜୟଦେବ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ମନୋନିବେଶ କରି 'ଗୀତଗୋବିନ୍ଦ' ପରି ଖଣ୍ଡିଏ ଲୋକୋତ୍ତର କାବ୍ୟ ରଚନା କରିଥିଲେ । ପରବର୍ତ୍ତୀ କାଳରେ ସୁଚତୁର ବଙ୍ଗୀୟ ଅଲୋଚକ ହରେକୃଷ୍ଣ ମୁଖୋପାଧ୍ୟାୟ ପ୍ରମୁଖ ଜୟଦେବଙ୍କୁ ଅଜୟତଟବର୍ତ୍ତୀ ତଥାକଥିତ କେନ୍ଦୁବିଲ୍ୱର ଅଧିବାସୀ ବା ନଦୀୟାର ଅଧିବାସୀ ଏବଂ ଲକ୍ଷ୍ମଣ ସେନଙ୍କ ସଭାକବି ବୋଲି ଏକ ଉଦ୍ଭଟ କଳ୍ପନା କରି ସମଗ୍ର ଗବେଷକ ଜଗତକୁ ବିଭ୍ରାନ୍ତ କରିଛନ୍ତି ।

କେଦାରନାଥ ଗବେଷଣା ପ୍ରତିଷ୍ଠାନ,
ଭୁବନେଶ୍ୱର ।

# ତୁଳସୀ ପତ୍ରରେ "ଗୀତଗୋବିନ୍ଦ"

● ଶ୍ରୀ ଗଣେଶ ପ୍ରସାଦ ପରିଜା

ପଦ୍ମା ! ଗୀତଗୋବିନ୍ଦ ମୋର ଅତି ପ୍ରିୟ । ମୁଁ ଚାହେଁ ତୁଳସୀପତ୍ର ଉପରେ ଚନ୍ଦନରେ ଗୀତଗୋବିନ୍ଦ ଲେଖି ତୁ ମୋତେ ସମର୍ପଣ କରିବୁ । ମୁଁ ବିଶ୍ୱକୁ ଦେଖାଇ ଦେବି ତୁଳସୀ ପ୍ରିୟ ମୋ ହୃଦୟର ନିକଟତର ।

ହଠାତ୍ ନିଦ ଭାଙ୍ଗିଗଲା ପଦ୍ମାର । ସେ ବିଛଣା ଉପରେ ଉଠି ବସିଲେ । ସେ ଭାବିଲେ ନିଦରେ ଶୋଇ ଯାହା ଦେଖୁଛନ୍ତି ତାହା ସ୍ୱପ୍ନ । ସେହି ସ୍ୱପ୍ନ କଥାକୁ ସତ ବୁଝି ତୁଳସୀପତ୍ରରେ ଗୀତଗୋବିନ୍ଦ ଲେଖି ସମର୍ପଣ କରିବା ଠିକ୍ ହେବ ନାହିଁ । ପୁଣି ଶ୍ରୀଜଗନ୍ନାଥଙ୍କ ସେବକମାନେ ତାହା କରାଇ ଦେବାରେ ବାଧା ଦେଇ ପାରନ୍ତି । ସେମାନେ ବାଧା ଦେଲେ ଆଉ ସମର୍ପଣ କରିବା ସହଜ ହେବ ନାହିଁ । ପୁଣି ଗୀତଗୋବିନ୍ଦ ଦ୍ୱାଦଶ ସର୍ଗରେ ସମାପ୍ତ ହୋଇଛି । ଏତେ ଗୁଡ଼ିଏ ଶ୍ଳୋକ ଲେଖିବାକୁ ଯେଉଁଭଳି ବହୁ ତୁଳସୀପତ୍ର ଆବଶ୍ୟକ ସେହିଭଳି ଯଥେଷ୍ଟ ସମୟ ଦରକାର ତାହା ଲେଖିବା ପାଇଁ । ଗୋଟିଏ ଦିନର ତୁଳସୀପତ୍ର ତା' ପରଦିନକୁ ରହିଲେ ମଉଳି ଯିବ । ତେଣୁ ଏହା ସମ୍ଭବପର ନୁହେଁ ।

ତଥାପି ପଦ୍ମାର ହୃଦୟ ଭିତରେ କିଏ ଯେପରି ରହି ରହି କହୁଛି, ପଦ୍ମା: ଗୀତଗୋବିନ୍ଦ ମୋର ଅତି ପ୍ରିୟ । ତୁ ତୁଳସୀ ପତ୍ରରେ ତାହା ଲେଖ ମୋତେ ସମର୍ପଣ କର ।

ମହାପ୍ରଭୁ ! ତାହା କରିବା ମୋ ପକ୍ଷରେ ସହଜସାଧ୍ୟ ନୁହେଁ । ନୂତନ କଥା କରିବା ପାଇଁ ଗଲେ ପ୍ରଥମେ ଆପଣଙ୍କ ସେବକମାନେ ବାଧା ଦେବେ । ମୁଁ ଜଣେ ସ୍ତ୍ରୀଲୋକ । ପୁଣି ଗୀତଗୋବିନ୍ଦ ଲେଖକର ଧର୍ମପତ୍ନୀ । କୌଣସି ବିବାଦରେ ଉପନୀତ ହୋଇ ସଫଳ କାମ ହେବା ମୋ ପକ୍ଷରେ ମୋତେ ସହଜ ନୁହେଁ । ପ୍ରଥମେ ଗୀତଗୋବିନ୍ଦ ଲେଖିବାକୁ ଗୁଡ଼ାଏ ତୁଳସୀପତ୍ର ଦରକାର । ତୁଳସୀପତ୍ର ଯଦି ମିଳେ, ସେସବୁରେ ଗୀତଗୋବିନ୍ଦ ଲେଖିବାକୁ ମୁଁ ଏକା ପାରିବି ନାହିଁ । ମୋତେ କ୍ଷମା ଦିଅନ୍ତୁ ମହାପ୍ରଭୁ ! ଏଥିପାଇଁ ମୁଁ ଅପାରଗ ।

ପୁଣି ଟିକିଏ ପରେ ପଦ୍ମା ଭାବିଲା, ମହାପ୍ରଭୁ ଯେତେବେଳେ ଚାହୁଁଛନ୍ତି ତାଙ୍କୁ ନାସ୍ତି କରିଦେବା ଅପରାଧ ବରଂ ଚେଷ୍ଟା କରିବା ଦରକାର । ଯଦି ନହୁଏ ତେବେ ଦୋଷ ଲାଗିବ ନାହିଁ । କିନ୍ତୁ ଯଦି ସେ କହନ୍ତି ଅଥଚ ତାଙ୍କୁ ସମର୍ପଣ କରି ନହୁଏ ? କାହିଁକି ନା ରାଜା ଆଉ ଗୋଟିଏ ଗୀତଗୋବିନ୍ଦ ଲେଖିଛନ୍ତି । ରାଜା ଆଉ ତାଙ୍କ ଲୋକେ କହୁଛନ୍ତି ସେ ଗୀତଗୋବିନ୍ଦ ମୋ ସ୍ୱାମୀଙ୍କ ଲେଖାଠାରୁ ଆହୁରି ଅଧିକ ସରସ ଆଉ ସୁନ୍ଦର । ମନ୍ଦିରର ପଣ୍ଡା ପଡ଼ିଆରୀମାନେ ରାଜାଙ୍କ ସପକ୍ଷରେ । ସେମାନେ ପ୍ରଚାର ଚଳାଇଛନ୍ତି ରାଜାଙ୍କ ଗୀତଗୋବିନ୍ଦର କଣିକାଏ ସରି ନୁହେଁ ଜୟଦେବଙ୍କ ଗୀତଗୋବିନ୍ଦ । ଏପରି ଅବସ୍ଥାରେ ତୁଳସୀପତ୍ରରେ ଗୀତଗୋବିନ୍ଦ ଲେଖି ସମର୍ପଣ ହେବ କିପରି ? ପତ୍ର ସଂଗ୍ରହ କରି ଲେଖିସାରିଲା ପରେ ଯଦି ସମର୍ପଣ ନହୁଏ ତେବେ ଦୁଃଖ ଲାଗିବ ।

ତାହାହେଲେ କ'ଣ ସେଭଳି ଚେଷ୍ଟା କରିବା ଉଚିତ ନୁହେଁ ? ପଦ୍ମା ଅନେଇଲା ନୀଳଚକ୍ର ଆଡ଼କୁ । ମନେ ମନେ କହିଲା, ହେ ମହାପ୍ରଭୁ, ଯଦି ତୁମେ ଇଚ୍ଛା କରିଛ ଗୀତଗୋବିନ୍ଦ ଲିଖିତ ତୁଳସୀପତ୍ରରେ ଶୋଭିତ ହେବା ପାଇଁ ତେବେ ତୁଳସୀପତ୍ର ମୋ ପାଖକୁ ପଠାଇଦେଲେ ସେଥିରେ ଗୀତଗୋବିନ୍ଦ ଲେଖି ତୁମକୁ ସମର୍ପଣ କରିବି ।

ନୀଳଚକ୍ରକୁ ଅନାଇ ତା' ମନ କଥା କହି ସାରିଲା ପରେ ପୁଣି ସେ ମନେ ମନେ ହସିବାକୁ ଆରମ୍ଭ କଲା, ଆରେ ଏ କ'ଣ ମୁଁ କରୁଛି ? ମୋ କଥା ମୁତାବକ ଜଗତରେ ଯେ ନାଥ ସେ କ'ଣ ତୁଳସୀପତ୍ର ପଠାଇ ଦେବେ ? ଯଦି ନପଠାଇ ଦେବେ ତେବେ କହିଲେ କାହିଁକି ? ସେ କ'ଣ

ଜାଣୁ ନାହାନ୍ତି ପଦ୍ମା ଗୋଟିଏ ସ୍ତ୍ରୀଲୋକ । ଗୀତଗୋବିନ୍ଦର ସମସ୍ତ ପଦ ଲେଖିବା ପାଇଁ ବହୁ ତୁଳସୀପତ୍ର ଆବଶ୍ୟକ ସେତକ ସେ ଯୋଗାଡ କରିବ କେଉଁଠୁ ?

ପଦ୍ମା ଭାବି ଚାଲିଥାଏ ଆଗପଛ ବହୁ କଥା । ବେଳ କେତେ ହେଲାଣି ତାକୁ ଜଣା ପଡୁ ନଥାଏ । ହଠାତ୍ ବାହାର ପାଟି ସେ ଶୁଣିଲା । କିଏ ଯେପରି ଜଣେ ବାହାରେ ତାଙ୍କୁ ଡାକୁଛି । ହୁଏତ କେହି ତାଙ୍କ ସ୍ୱାମୀ ଜୟଦେବଙ୍କୁ ଖୋଜୁଥିବ । ସେ ତ କେତେଦିନ ଲାଗି ପୁରୁଷୋତ୍ତମ ବାହାରକୁ ଚାଲିଯାଇଛନ୍ତି । ଗଲାବେଳେ କହି ଯାଇଛନ୍ତି, ତାଙ୍କର ଫେରିବାକୁ କେତେ ଦିନ ଲାଗି ଯାଇପାରେ । ପଦ୍ମା ଦାଣ୍ଡ କବାଟ ଫିଟାଇ ଅନାଇଲେ । ଜଣେ କିଏ ଟୋକେଇଟିଏ ମୁଣ୍ଡ ଉପରେ ରଖି ଛିଡା ହୋଇଛି । ପଦ୍ମା ପଚାରିଲା, "କାହାକୁ ଖୋଜୁଛ ? ଗୋସେଇଁଙ୍କୁ ? ସେ ନାହାନ୍ତି ।" ଲୋକଟି କହିଲା, "ସାଆନ୍ତେ ତୁଳସୀପତ୍ର ତୁମ ଘରେ ଦେଇଯିବାକୁ

— ସାଆନ୍ତେ ? ସେ କୋଉ ସାଆନ୍ତେ ?

— ଏଇ ଆମ କାଳିଆ ସାଆନ୍ତେ । ଆପଣ ତାଙ୍କୁ ଚିହ୍ନି ନାହାନ୍ତି ? ସେ ତ ଗୋସେଇଁଙ୍କୁ ଭଲଭାବରେ ଚିହ୍ନନ୍ତି । ସେ କହୁଥିଲେ ତୁମେ କୁଆଡେ ଖବର ପଠାଇଥିଲ ତୁଳସୀ ପତ୍ର ପାଇଁ ।

କ୍ଷଣକ ପାଇଁ ଗମ୍ଭୀର ହୋଇଗଲେ ପଦ୍ମା । ସେ ମନେ ମନେ ଭାବିଲେ କାଳିଆ ସାଆନ୍ତ କ'ଣ ବଡ ଦେଉଳର ଜଗନ୍ନାଥ ? ତା'ପରେ ମୁହଁରେ ହସ ଫୁଟାଇ କହିଲେ, "କେଉଁ କାଳିଆ ସାଆନ୍ତ କହିଲ ? ତାଙ୍କ ଘର କ'ଣ ଏହି ପୁରୁଷୋତ୍ତମରେ—ଯାହାଙ୍କୁ ସମସ୍ତେ ନୀଳାଚଳ ନାଥ କହନ୍ତି, ସେ କ'ଣ ସେହି ?"

ଲୋକଟି କହିଲା, "ହଁ, ପୁରୁଷୋତ୍ତମରେ ତାଙ୍କର ଘର ଅଛି । ସେହିଭଳି ବହୁ ସ୍ଥାନରେ ଦୂର ଦୂରାନ୍ତରେ ତାଙ୍କର ଘରଥିବାର ମୁଁ ଶୁଣିଛି । ତାଙ୍କର ଆଉ କ'ଣ ନାଁ ଥିବ ମୁଁ ଜାଣିନାହିଁ । ମୁଁ ଜାଣେ ଲୋକେ ତାଙ୍କୁ କାଳିଆ ସାଆନ୍ତ ବୋଲି ଡାକନ୍ତି । ମା ! ମୋର କେତେ କାମ ଅଛି । ସାଆନ୍ତେ କହିଲେ ତୁ ଏଇଲେ ଝଅଟ ଯାଇ ତୁଳସୀପତ୍ରତକ ଦେଇ ଫେରିଆ ।

ଦାଣ୍ଡ ପିଣ୍ଡାରେ ତୁଳସୀପତ୍ର ଟୋକେଇଟି ଥୋଇ ଲୋକଟି ଦାଣ୍ଡ ଆଡକୁ ଚାଲିଗଲା । ପଦ୍ମା ତା'ର ଯିବା ପଥକୁ କିଛି ସମୟ ଅନାଇ ରହିଲେ । ତା'ପରେ ଭାବିଲେ ଖାଲି ଅନେଇ ରହିଲେ ତ ହେବ ନାହିଁ, ତୁଳସୀପତ୍ରତକ ନେଇ ଗୀତଗୋବିନ୍ଦ ଲେଖିବା ଦରକାର । କାଳିଆ ସାଆନ୍ତ କିଏ ତାହା ଭାବିବାକୁ ବହୁତ ବେଳ ଅଛି । ବଡଲୋକେ କହିଛନ୍ତି କାମ କଲା ଲୋକ ବସି ପଛ କଥା ଚିନ୍ତା କରେ ନାହିଁ ।

ପଦ୍ମା ତୁଳସୀପତ୍ର ଟୋକେଇଟି ନେଇ ଭିତରକୁ ଚାଲିଗଲା । ଟୋକେଇଟିରେ ପତ୍ର ଭରପୁର । ସବୁଗୁଡ଼ିକ ବଡବଡ ପତ୍ର । ଗୋଟିଏ ପତ୍ରରେ ଖୁସିରେ ତିନିଧାଡ଼ି ଲେଖିହେବ ।

ପଦ୍ମା ଚନ୍ଦନ ଘୋରି ବସିଲା । ଘୋରିଲା ବେଳେ ଭାବୁଥାଏ, ଗୀତଗୋବିନ୍ଦର ଦ୍ୱାଦଶ ସର୍ଗ । ଏତେଗୁଡ଼ାଏ ଶ୍ଳୋକକୁ ଏଇ କେଇ ଘଣ୍ଟା ଭିତରେ ସେ କିପରି ଲେଖିଦେବ ? ଏହା ବଡ ଅସମ୍ଭବ କଥା ।

ଅସମ୍ଭବ କଥା ? ନୀଳଚକ୍ରକୁ ଅନାଇ ତୁଳସୀପତ୍ର ମାଗିବା କ'ଣ ଦରକାର ଥିଲା ? ମାଗିବା ପୂର୍ବରୁ ତାକୁ ଉଚିତ ଥିଲା ଭାବିବା, ଯଦି ତୁଳସୀପତ୍ର କେହି ଦେଇଯାଏ ତେବେ ସେ ଲେଖି ପାରିବ ତ ?

ଅଚ୍ଛା କାଳିଆ ସାଆନ୍ତ ତୁଳସୀପତ୍ର ପଠାଇଲେ, ସେ କ'ଣ ଲେଖିବାର ବନ୍ଦୋବସ୍ତ କରିବେ ନାହିଁ ? ସେ କରିବେ, ଏହି ଧାରଣା ଧରି ରହିଗଲେ ତ ହେବ ନାହିଁ । ଲେଖୁ ଲେଖୁ ଯେତିକି ହେବ ସେତିକି କରିବା ଦରକାର ।

ଏହିଭଳି ଏଣୁ ତେଣୁ ଭାବୁ ଭାବୁ ଚନ୍ଦନ ଘୋରା ହୋଇଗଲା । ଘୋରା ସରିବା ସଙ୍ଗେସଙ୍ଗେ ତୁଳସୀପତ୍ର ଆଣି ଗୀତଗୋବିନ୍ଦର ପଦ ରଚନା ସେ ଆରମ୍ଭ କରିଦେଲେ । ଗୋଟିଏ ପତ୍ର ଲେଖା ସରିଗଲେ ତାକୁ ସଫା ଲୁଗା ବିଛାଇ ଶୁଖାଇ ଦିଅନ୍ତି । ତା'ପରେ ଆଉ ଗୋଟିଏ ପତ୍ର ଧରନ୍ତି । ଏହିଭଳି ଗୋଟିକୁ ଗୋଟି ପତ୍ର ସେ ଅବିରାମ ଗତିରେ ଲେଖି ଚାଲନ୍ତି । ଶ୍ଳୋକ ପରେ ଶ୍ଳୋକ ଲେଖୁଲେଖୁ ଗୋଟିଏ ସର୍ଗ ସରିଯାଏ । ତା'ପରେ ଦ୍ୱିତୀୟ ସର୍ଗର ଆରମ୍ଭ । ଦ୍ୱିତୀୟ ପରେ ତୃତୀୟ । ତୃତୀୟ ପରେ ପୁଣି ଆରମ୍ଭ ହୁଏ ଚତୁର୍ଥ ।

ରାତି ଆସିଗଲା । ଦୀପ ଲଗାଇ ଗୀତଗୋବିନ୍ଦର ପଦଗୁଡିକ ତୁଳସୀପତ୍ରରେ ଲେଖି ବସିଲେ ପଦ୍ମା । ନା – ଏହା କେବେ ସମ୍ଭବ ନୁହେଁ । ସକାଳ ପୂର୍ବରୁ ଏହା କେବେ ସରିପାରିବ ନାହିଁ । ଲେଖା ନସରିଲେ ସମର୍ପଣ ହୋଇପାରିବ ନାହିଁ ।

ହେ ମହାପ୍ରଭୁ ! ପଦ୍ମା ନିରୁପାୟ । ବେଳକୁ ବେଳ ସେ କ୍ଳାନ୍ତି ଅବସନ୍ନ ହୋଇପଡୁଛି । ଅଙ୍ଗେଅଙ୍ଗେ ଅନୁଭବ କରୁଛି କ୍ଳାନ୍ତିର ଏକ ଶିଥିଳ ପରଶ । ଅବଶ ହୋଇ ଆସୁଛି ତା' ଦେହ । ତୁମ ଇଚ୍ଛା ତୁମେ ପୂରଣ କର ।

ହେ କାଳିଆ ସାଆନ୍ତ ! ତୁମେ କିଏ, ପଦ୍ମା ଜାଣି ପାରୁନାହିଁ । ମୁଁ ଜଣେ ମଣିଷ । ମୋର ସ୍ୱାମୀ ମହାପ୍ରଭୁଙ୍କର ଭକ୍ତ ହେଲେ ବି ସେ ମଣିଷ । ତେଣୁ ମାନବ ଲୋକ କାହାକୁ ବା ଆମେ ଚିହ୍ନି ପାରିବୁ — ଜାଣି ପାରିବୁ ? ତୁମେ ଯଦି ଅନ୍ତର୍ଯ୍ୟାମୀ ହୋଇଥାଅ ତେବେ ଯେଉଁଭଳି

ତୁଳସୀପତ୍ର ପଠାଇଦେଲ, ସେହିଭଳି ଲେଖାଇବାର ବନ୍ଦୋବସ୍ତ କର ।

ପଦ୍ମା ଆଉ ପାରୁନାହିଁ । ଏଣିକି ଲେଖିବା ପାଇଁ ଚେଷ୍ଟାକଲେ ଅକ୍ଷର, ଶବ୍ଦ, ପଦ ଭୁଲ ହୋଇଯିବ । ଅସମ୍ପୂର୍ଣ୍ଣ ଲେଖା ମହାପ୍ରଭୁଙ୍କୁ ସମର୍ପଣ କରିବା ବିଡମ୍ବନା । ଏହା ଦ୍ୱାରା ଅପରାଧ ହେବ ।

ହଠାତ୍ ବାହାର କବାଟ ଠକ୍‌ଠକ୍ ହେବାର ଶବ୍ଦ ହେଲା । କିଏ ଜଣେ ଡାକୁଛି ନିଶ୍ଚୟ । ଏ ରାତିରେ ସେ କିଏ ? କାହିଁକି ଆସି ଡାକୁଛି ? ସେ କ'ଣ ଜାଣେ ନାହିଁ ଘରେ ଗୋସେଇଁ ନାହାନ୍ତି ବୋଲି ।

ପଦ୍ମା ପଚାରିଲେ, "କିଏ ?" ଉତ୍ତର ଆସିଲା, "କାଳିଆ ସାଆନ୍ତ ପଠାଇଛନ୍ତି ଆପଣ କବାଟ ଖୋଲନ୍ତୁ ।"

ପଦ୍ମା ଥତମତ ହୋଇ କବାଟ ଖୋଲିଦେଲେ । ଦେଖିଲେ ଦୁଇଜଣ ବୈଷ୍ଣବ ସାଧୁ । ବେକରେ ସେମାନଙ୍କର ତୁଳସୀର ମାଳ । କପାଳରେ ହରେକୃଷ୍ଣ ତିଳକ । ଧଳାବସ୍ତ୍ର ଖଣ୍ଡେ ପିନ୍ଧିଛନ୍ତି, ଆଉ ଧଳାଚାଦର ଉତ୍ତରୀ ରୂପେ କାନ୍ଧରେ ପଡ଼ିଛି ।

ପଦ୍ମା କିଛି ପଚାରିବା ପୂର୍ବରୁ ସେମାନଙ୍କ ମଧ୍ୟରୁ ଜଣେ କହିଲେ, "କାଳିଆ ସାଆନ୍ତ ଆମକୁ ଡାକି ପଠାଇଲେ ତୁଳସୀପତ୍ରରେ ଗୀତଗୋବିନ୍ଦ ଆପଣ ଲେଖୁଛନ୍ତି । ଏତେଗୁଡ଼ାଏ ପଦ ଜଣେ ଲେଖିବା ସମ୍ଭବ ନୁହେଁ । ତେଣୁ ବର୍ତ୍ତମାନ ଆପଣ କେଉଁ ପର୍ଯ୍ୟନ୍ତ କହି ଅବଶିଷ୍ଟ ପତ୍ର, ଚନ୍ଦନ ଦେଲେ ଆମେ ଲେଖିଦେବୁ ।"

– କାଳିଆ ସାଆନ୍ତ କିଏ ? ସେ ବା କିପରି ଜାଣିଲେ, ମୁଁ ଗୀତଗୋବିନ୍ଦ ପଦଗୁଡ଼ିକୁ ତୁଳସୀପତ୍ରରେ ଲେଖୁଛି ବୋଲି ?

– ହଁ, ଆପଣ କାଳିଆ ସାଆନ୍ତଙ୍କୁ ଜାଣନ୍ତି ନାହିଁ ? ସେ ତ ଆପଣଙ୍କୁ ଭଲଭାବରେ ଜାଣନ୍ତି । ସେ ଏହି ପୁରୁଷୋତ୍ତମରେ ରହନ୍ତି । ସେ ଅନ୍ୟର ଦୁଃଖ ସହି ପାରନ୍ତି ନାହିଁ । ଦୁଃଖ ଅସୁବିଧାରେ ପଡ଼ି କେହି ଯଦି ତାଙ୍କୁ ନିଜର ପରିସ୍ଥିତି ଜଣାଏ ତେବେ ସେ ସଙ୍ଗେସଙ୍ଗେ ତାକୁ ସାହାଯ୍ୟ କରନ୍ତି । ସେ ଆମ ବୈଷ୍ଣବମାନଙ୍କୁ ବହୁତ ଶ୍ରଦ୍ଧା କରନ୍ତି । ଆପଣ ଯିନା ତାଙ୍କୁ ଜାଣି ନାହାନ୍ତି, ହେ ଜୟଦେବ ଗୋସେଇଁ ତାଙ୍କୁ ଭଲକରି ଚିହ୍ନନ୍ତି । ଗୋସେଇଁ ଫେରିଲା ପରେ ଆପଣ ତାଙ୍କୁ ପଚାରିବେ । ତାଙ୍କ ସାହାଯ୍ୟ ନ ପାଇଥିଲେ ଗୋସେଇଁ କ'ଣ ଗୀତଗୋବିନ୍ଦ ଲେଖି ପାରିଥାନ୍ତେ କି ପୁରୁଷୋତ୍ତମରେ ରହି ପାରିଥାନ୍ତେ ?

ପଦ୍ମା ବିସ୍ମିତ ହେଲେ ତାଙ୍କ କଥା ଶୁଣି । ଗୋସେଇଁ କେବେ ଦିନେ ତ କାଳିଆ ସାଆନ୍ତଙ୍କ କଥା କହିନାହାନ୍ତି । ହେଉ, ଗୋସେଇଁ ଆସିଲେ ସେ ତାଙ୍କୁ ପଚାରି ବୁଝିନେବେ । ସେମାନେ ଗୀତଗୋବିନ୍ଦ କେଉଁଠୁ ଲେଖିବେ ତାହା ବତାଇ ଦେଇ ତୁଳସୀପତ୍ର ଆଉ ଚନ୍ଦନ ତାଙ୍କୁ ପ୍ରଥମେ ଦେଇଦେବା ଦରକାର ।

ପଦ୍ମା ତୁଳସୀପତ୍ର ଓ ଚନ୍ଦନ ଦେଇ କେଉଁ ପର୍ଯ୍ୟନ୍ତ ଲେଖା ସରିଛି ବତାଇ ଦେଲେ ।

ଦେବଶର୍ମାଙ୍କ ଏକମାତ୍ର ସନ୍ତାନ ହେଉଛି ପଦ୍ମା । ଦେବଶର୍ମା ନିଃସନ୍ତାନ ଥିଲେ । ସେ ଶ୍ରୀକ୍ଷେତ୍ର ଆସି ମହାପ୍ରଭୁଙ୍କୁ ପ୍ରାର୍ଥନା କରିବା ପରେ ତାଙ୍କ ପତ୍ନୀଙ୍କର ସନ୍ତାନବତୀ ହେବାର ସଙ୍କେତ ଦେଖାଦେଲା । ଶ୍ରୀକ୍ଷେତ୍ର ଆସି କଳ୍ପବଟରେ ଗୋଡ଼ି ବାନ୍ଧିଦେଇ ମହାପ୍ରଭୁଙ୍କୁ କହି ଯାଇଥିଲେ, ପୁଅଟିଏ ହେଲେ ସେ ସନ୍ନ୍ୟାସୀ ହୋଇ ଶ୍ରୀଜଗନ୍ନାଥଙ୍କର ଗୁଣକୀର୍ତ୍ତନ କରିବ । ଯଦି ପୁଅ ନହୋଇ ଝିଅ ହୁଏ ତେବେ ସେ ମହାପ୍ରଭୁଙ୍କର ସେବିକା ହେବ । ସୌଭାଗ୍ୟ ହେଉ ଦୁର୍ଭାଗ୍ୟ ହେଉ, ତାଙ୍କର ଝିଅଟିଏ ହେଲା । ସେହି ଝିଅଟିର ନାମ ଦେବଶର୍ମା ରଖିଲେ ପଦ୍ମା ।

ଝିଅଟି ବଡ଼ ହେଲା । ତା'ର ରୂପଗୁଣ ସମସ୍ତଙ୍କୁ ମୁଗ୍ଧକଲା । ବଡ଼ ହେଲା ପରେ ସେ ଝିଅଟିକୁ ଯେ ଶ୍ରୀଜଗନ୍ନାଥଙ୍କୁ ସମର୍ପଣ କରାଯିବ ଏକଥା ଦେବଶର୍ମା ସମ୍ପୂର୍ଣ୍ଣ ଭୁଲିଗଲେ । ସେ ଗୋଟିଏ ବ୍ରାହ୍ମଣ ପିଲା ଖୋଜିଲେ ଘରଜୋଇଁ କରି ରଖିବାକୁ । ସେଭଳି ପିଲା ମିଳିଲେ କିନ୍ତୁ ବାହାଘର ପୂର୍ବରୁ ସେ ପିଲାର ମୃତ୍ୟୁହେଲା । ଯେ ଜଗନ୍ନାଥଙ୍କର, ଅନ୍ୟ କିଏ ତାଙ୍କୁ ଗ୍ରହଣ କରିବ ? ଏହିଭଳି ତିନୋଟି ଯୁବକଙ୍କ ମୃତ୍ୟୁ ପରେ ପଦ୍ମା ବେମାର ପଡ଼ିଲା । କବିରାଜଙ୍କର କୌଣସି ଔଷଧ କାମ କଲା ନାହିଁ । ଶେଷରେ ପଦ୍ମାର ମା' ଶ୍ରୀଜଗନ୍ନାଥଙ୍କ ଚିତ୍ରପଟ୍ଟ ପାଖରେ ମୁଣ୍ଡପିଟି କହିଲେ, "ମହାପ୍ରଭୁ ! ଯାହା ଭୁଲ୍ ହେବାର ହୋଇ ସାରିଛି, ଏଣିକି ଆଉ ଭୁଲ୍ ହେବ ନାହିଁ । ପଦ୍ମା ଭଲ ହୋଇଗଲେ ତାଙ୍କୁ ନେଇ ଆପଣଙ୍କ ପାଖରେ ସମର୍ପଣ କରିଦେଇ ଆସିବୁ ।"

ଜଗନ୍ନାଥ ତାଙ୍କ ଡାକ ଶୁଣିଲେ । ସେହିଦିନୁ ସେ ଆରୋଗ୍ୟ ଲାଭ କରିବାକୁ ଲାଗିଲା । ଭଲ କରି ଟିକିଏ ସୁସ୍ଥ ହେଲା ପରେ ପଦ୍ମାକୁ ଧରି ବାପା ମା' ପୁରୁଷୋତ୍ତମ ଆସିଲେ । ସେଠାରେ ସେମାନେ ଶ୍ରୀଜଗନ୍ନାଥଙ୍କୁ ସମର୍ପଣ କରି ଚାଲିଯିବା କଥା । ଦିନେ ପୁରୁଷୋତ୍ତମରେ ସେମାନେ ଥିଲାବେଳେ ଦେବଶର୍ମା ସ୍ୱପ୍ନ ଦେଖିଲେ, ମହାପ୍ରଭୁ ତାଙ୍କୁ କହୁଛନ୍ତି, "ଦେବଶର୍ମା ! ପଦ୍ମାକୁ ତୁମେ ଜୟଦେବଙ୍କୁ ସମର୍ପଣ କର । ସେ ମୋର ଜଣେ ଭକ୍ତ । ପ୍ରାଚୀନଦୀ କୂଳରେ କେନ୍ଦୁଲିଶାସନରୁ ଆସି ତା'ର ସମସ୍ତ କିଛି ମୋତେ ସମର୍ପଣ କରି ଏଠାରେ ଅଛି । ତା' ମୋ ମଧ୍ୟରେ କୌଣସି ପ୍ରଭେଦ ନାହିଁ । ତୁ କାଲି ପଦ୍ମାକୁ ତାକୁ ସମର୍ପଣ କରିବୁ ।"

ତା' ପରଦିନ ସକାଳେ ପଦ୍ମାଙ୍କୁ ଧରି ଦେବଶର୍ମା ଖୋଜିଲେ ଜୟଦେବଙ୍କୁ । ସେହି ସମୟରେ ଜୟଦେବ ଜଣେ ସାଧାରଣ ଲୋକଭାବେ ପୁରସ୍ତମରେ ରହୁଥିଲେ । ସେଭଳି ତାଙ୍କୁ କେହି ଚିହ୍ନି ନଥିଲେ । ଦେବଶର୍ମା ବହୁ ଖୋଜିଲା ପରେ ସେ ଜୟଦେବଙ୍କ ଭେଟ ପାଇଲେ । ମାତ୍ର ଜୟଦେବ ପଦ୍ମାଙ୍କୁ ଗ୍ରହଣ କରିବାକୁ ଅନିଚ୍ଛୁକ । ସେ କହିଲେ, "ମୁଁ ମୋ ଘରଦ୍ୱାର ତ୍ୟାଗକରି ସନ୍ନ୍ୟାସବ୍ରତ ଗ୍ରହଣ କରି ସାରିଛି । ଏ ଅବସ୍ଥାରେ ପଦ୍ମାଙ୍କୁ ଗ୍ରହଣ କରି ସଂସାର କରିବା ସମ୍ଭବ ନୁହେଁ ।" ଦେବଶର୍ମା ବହୁ ବୁଝାଇଲା ପରେ ଜୟଦେବ ଯେତେବେଳେ ଶୁଣିଲେ ନାହିଁ, ସେତେବେଳେ ସେ ପଦ୍ମାଙ୍କୁ କହିଲେ, "ମା ! ମହାପ୍ରଭୁ ନିର୍ଦ୍ଦେଶ ଦେଇଛନ୍ତି ଏହି ହେଉଛନ୍ତି ତୋର ସ୍ୱାମୀ । ଆମେ ଜନ୍ମ କରିଛୁ ସିନା, କିନ୍ତୁ ତୋ ଭାଗ୍ୟ ଉପରେ କୌଣସି ହାତ ନାହିଁ । ଏହି ଶ୍ରୀକ୍ଷେତ୍ରରେ ଶ୍ରୀମନ୍ଦିର ଭିତରେ ମହାପ୍ରଭୁଙ୍କ ନିର୍ଦ୍ଦେଶରେ ତୋତେ ତା'ପାଖରେ ଛାଡି ଚାଲିଯାଉଛି । ଦେଖିବି ତୋ ଭାଗ୍ୟରେ ଯାହାଥିବ ।"

ଦେବଶର୍ମା ଚାଲିଗଲେ । ସେଠାରେ ମହାପ୍ରଭୁଙ୍କର ଜଣେ ବୃଦ୍ଧ ସେବକ ଥିଲେ । ତାଙ୍କର ନିକଟରେ ପଦ୍ମା ବୟସର ଗୋଟିଏ ଝିଅ ମରି ଯାଇଥିଲା । ସେ ପଦ୍ମାର ଅବସ୍ଥା ଲକ୍ଷ୍ୟ କରି ଜୟଦେବଙ୍କୁ ବହୁତ ବୁଝାଇଲେ, ତାଙ୍କ କଥା ମଧ୍ୟ ଜୟଦେବ ଶୁଣିଲେ ନାହିଁ । ଶେଷରେ ସେହି ବୃଦ୍ଧଙ୍କ ନିର୍ଦ୍ଦେଶରେ ପଦ୍ମା ଜୟଦେବଙ୍କ ପିଛା ଧରିଲେ । ସେତେବେଳେ ଜୟଦେବ ପୁରୁଷୋତ୍ତମ କ୍ଷେତ୍ରରେ କୁଡିଆଟିଏ କରି ରହୁଥିଲେ । ଜୟଦେବ କୁଡିଆ ଭିତରେ ପଶି ବନ୍ଦ କରିଦେଲେ ତା'ର ଦ୍ୱାର । ସାରାରାତି ପଦ୍ମା କୁଡିଆ ବାହାରେ ବସି ଡାକି ଚାଲିଲେ ମହାପ୍ରଭୁଙ୍କୁ । ବର୍ତ୍ତମାନ ତାଙ୍କଛଡା ତା'ର ଆଉ କେହି ସାହାଭରସା ନାହିଁ ।

କୁଡିଆ ଭିତରେ ରହିଲେ ମଧ୍ୟ ଜୟଦେବଙ୍କୁ ନିଦ ନାହିଁ । ଗୋଟାଏ ଝିଅ ତା' ବାପର ନିର୍ଦ୍ଦେଶରେ ତାଙ୍କୁ ଅନୁସରଣ କରି ବାହାରେ ବସିଛି । ଏ ପରିସ୍ଥିତିରେ ତାଙ୍କୁ ନିଦ ଆସିବ କିପରି ? ତଥାପି ସେ କେତେବେଳେଯାଏ ବା ଚେଇଁବେ ? ପାହାନ୍ତା ପହରକୁ ଜୟଦେବଙ୍କ ଆଖି ଟିକିଏ ମୁଦି ହୋଇ ଆସିଥାଏ । ହଠାତ୍ ସେ ଦେଖିଲେ ମହାପ୍ରଭୁ ଜଗନ୍ନାଥ ତାଙ୍କୁ ଡାକି କହୁଛନ୍ତି, "ଜୟଦେବ ତୋ ପ୍ରତି ଏହା ହେଉଛି ମୋର ଆଦେଶ । ପଦ୍ମାକୁ ତୁ ବିବାହ କରିବୁ । ତାସମ୍ପର୍କରେ ଆସିଲା ପରେ ତୋ ମଧ୍ୟରେ କବିତ୍ୱ ପରିପ୍ରକାଶ ହେବ । ମୋତେ ତୃପ୍ତ ଭାବେ ଗ୍ରହଣ କରି ରାଧା ପ୍ରେମର ଯେଉଁ ସୁନ୍ଦର ଆଲେଖ୍ୟକୁ ତୁ ଲେଖନୀମୁନରେ ଅଙ୍କିପିବୁ ତାହା କାଳକାଳକୁ ତୋତେ ଅମର ରଖିବ ।"

ଏହାପରେ ଜୟଦେବଙ୍କର ଆଉ ଦ୍ୱିମତ ହେବାର କିଛି କାରଣ ନାହିଁ । ତା' ପରଦିନ ସେ ପଦ୍ମାଙ୍କୁ ପତ୍ନୀଭାବେ ଗ୍ରହଣ କଲେ । ସେହି ଶ୍ରୀକ୍ଷେତ୍ରରେ ପତିପତ୍ନୀ ଦୁହେଁ ଏ କୁଡିଆଟିଏ କରି ରହିଲେ । ଏ ମଧ୍ୟରେ ଜୟଦେବ ଗୀତଗୋବିନ୍ଦ ଲେଖି ସାରିଛନ୍ତି । ତାହା ଲୋକସମାଜରେ ବେଶ୍ ଆଦର ଲାଭ କରିପାରିଛି । ବିଶେଷଭାବରେ ଶ୍ରୀଜଗନ୍ନାଥଙ୍କର ଅତି ପ୍ରିୟ ହୋଇପାରିଛି ।

ସକାଳ ହେବା ପୂର୍ବରୁ ସମସ୍ତ ଗୀତଗୋବିନ୍ଦର ଶ୍ଳୋକଗୁଡିକ ତୁଳସୀପତ୍ରରେ ଲେଖା ସରିଗଲା ସଙ୍କେତରେ ଲେଖୁଥିବା ଦୁଇଜଣ ବୈଷ୍ଣବ ବିଦାହୋଇ ଚାଲିଗଲେ । ଏଣିକି ପଦ୍ମାର ସେଗୁଡିକ ସମର୍ପଣ କରିବା କଥା । ପଦ୍ମାର ମନରେ ଅସମ୍ଭବ ଦମ୍ଭ–ନିଶ୍ଚୟ ସମର୍ପଣ ହୋଇପାରିବ । ମହାପ୍ରଭୁ ଯେତେବେଳେ ନିଜେ ଚାହୁଁଛନ୍ତି, ସେତେବେଳେ ବାରଣ କିଏ କରିବ ? ମନରେ ତା'ର ଅସୀମ ଆନନ୍ଦ । ତା'ସ୍ୱାମୀଙ୍କ ଲିଖିତ ଗୀତଗୋବିନ୍ଦ ତୁଳସୀପତ୍ରରେ ନିଜେ ଲେଖି, ଅନ୍ୟଦ୍ୱାରା ଲେଖାଇ ମହାପ୍ରଭୁଙ୍କୁ ସମର୍ପଣ କରିବ । କେବଳ ଆଜି ଗୋଟିଏ ଦିନ ନୁହେଁ, ଯଦି ତାହା ମହାପ୍ରଭୁଙ୍କର ଅତି ପ୍ରିୟ ଗୋଷ୍ଠି ଗୃହୀତ ହୁଏ, ତେବେ ଯୁଗଯୁଗ ପାଇଁ ତୁଳସୀରେ ଗୀତଗୋବିନ୍ଦ ଲେଖି ସମର୍ପଣ କରିବା ପ୍ରଥା ରୂପେ ର

ବୈଷ୍ଣବ ଦୁଇଜଣ ବିଦା ହୋଇ ଚାଲିଗଲା ବେଳକୁ ସକାଳ ହେବାର ପୂର୍ବାଭାସ ପୂର୍ବ ନଭରେ ଫୁଟି ଉଠୁଥାଏ । ପଦ୍ମା ଆଉ ଡେରି ନକରି ସ୍ନାନ ଶୌଚ ପାଇଁ ବାହାରିଗଲେ । ମନ ତାଙ୍କର ଚଞ୍ଚଳ । ଶ୍ରୀମନ୍ଦିରରେ ଦିଅଁଙ୍କର ମାଜଣା ହେବା ପୂର୍ବରୁ ତୁଳସୀ ପହଞ୍ଚାଇବା ଦରକାର ।

ସକାଳ ହେବା ପୂର୍ବରୁ ଦିଅଁଙ୍କ ଦର୍ଶନ ଲାଗି ତେତିଶି କୋଟି ଦେବତା ଆସନ୍ତି । ସେମାନେ ମହାପ୍ରଭୁଙ୍କୁ ଜଣାନ୍ତି ଦୁନିଆଁର ଭଲ, ମନ୍ଦ, ହାନି, ଲାଭ । ତା' ପରେପରେ ମଣିଷମାନଙ୍କର ପାଳି ପଡେ । ଯେତେବେଳେ ଭିତରକୁ ମହାପାତ୍ର, ପାଳିଆ ମେକାପ, ପ୍ରତିହାରୀ, ଅଖଣ୍ଡ ମେକାପ ସିଂହଦ୍ୱାରରେ ଉପସ୍ଥିତ ହୁଅନ୍ତି ଓ ମୁଦୁଲି ସିଂହଦ୍ୱାରର ଚାବି ଖୋଲନ୍ତି, ସେତେବେଳେ ଦେବତାମାନେ ମହାପ୍ରଭୁଙ୍କଠାରୁ ବିଦାୟ ନେଇ ଚାଲିଯିବାକୁ ତରତର ହୁଅନ୍ତି । ଏମାନେ ସିଂହଦ୍ୱାରଠାରୁ ବାଜା ବଜାଇ ଦେଉଳ ଆଡକୁ ଆଗେଇ ଯାଆନ୍ତି । ବାଜା ବାଜିବା ଅର୍ଥ ସେମାନଙ୍କୁ ଜଣାଇଦେବା, ହେ ଦିଗପାଳ ! ହେ ଦେବଗଣ ! ଆପଣମାନେ ବିଦାୟ ନିଅନ୍ତୁ ।"

ସେବକମାନେ ଶ୍ରୀମନ୍ଦିର ଆଡକୁ ଆଗେଇଯାଇ ଜୟବିଜୟ ଦ୍ୱାରରେ ପହଞ୍ଚନ୍ତି । ପୂର୍ବ ରାତିରେ ଚଳିଛୁ ସେ ଦ୍ୱାରରେ ଚାବିଦେଇ ମାଟିର ମୁଦର ମୁଦ ଦେଇଥାନ୍ତି । ସକାଳେ ତାହାକୁ ପରୀକ୍ଷା କରନ୍ତି ଭିତରଛୁ ମହାପାତ୍ର । ମୁଦ ଠିକ୍ ଅଛି ଜାଣିଲା ପରେ ଦ୍ୱାର ଖୋଲାଯାଏ । ସେତେବେଳକୁ ଆଉ କୌଣସି ଦେବତା ସେଠାରେ

ଛନ୍ତି । ଏହାପରେ ଅଖଣ୍ଡ ମେକାପ ଭିତରକୁ ଯାଇ ଗଡ଼ ଲଗାଇ ଦିଅନ୍ତି ।

ପଦ୍ମା ଠିକ୍ ସମୟରେ ଗୀତଗୋବିନ୍ଦ ଲେଖା ହୋଇଥିବା ତୁଳସୀପତ୍ର ଧରି ପହଞ୍ଚିଲେ । ପଦ୍ମାଙ୍କର ତୁଳସୀପତ୍ର ଟୋକେଇଟି ଦେଖି ସେବକମାନେ ପରସ୍ପରକୁ ପ୍ରଶ୍ନବାଚୀ ଚକ୍ଷୁରେ ଚାହିଁଲେ–ଅର୍ଥାତ୍ ସେ କ'ଣ ? ମହାପ୍ରଭୁଙ୍କର ଯେତେ ଫୁଲ ଆବଶ୍ୟକ ହୁଏ ତାହା ଦୟଣାମାଳୀ ଯୋଗାଉଥାନ୍ତି । ପଦ୍ମାଙ୍କର ଟୋକେଇଟି ଦେଖି ଦୟଣାମାଳୀ ପଚାରିଲେ, "ସେ କ'ଣ ?"

ଉତ୍ତରରେ ପଦ୍ମା କହିଲେ, "ଗୀତଗୋବିନ୍ଦ ଚନ୍ଦନରେ ଲେଖା ହୋଇଥିବା ତୁଳସୀପତ୍ର ।"

ସିଂହାରୀ ପଚାରିଲେ, "ଗୀତଗୋବିନ୍ଦ ଚନ୍ଦନରେ ଲେଖା ହୋଇଥିବା ତୁଳସୀପତ୍ର ? କାହାର ଗୀତଗୋବିନ୍ଦ– ଆଉ କାହାଙ୍କର ତୁମ ସ୍ୱାମୀ ଜୟଦେବଙ୍କର ? କିନ୍ତୁ ଏଭଳି ତ ଆଗରୁ ବିଧି ନଥିଲା ?"

ପଦ୍ମା କହିଲେ, "ମହାପ୍ରଭୁ ମୋତେ ଆଦେଶ କରିଥିଲେ, ଜୟଦେବଙ୍କ ଲିଖିତ ଗୀତଗୋବିନ୍ଦ ଚନ୍ଦନ ଦ୍ୱାରା ତୁଳସୀପତ୍ରରେ ଲେଖି ତାଙ୍କୁ ସମର୍ପଣ କରିବାକୁ । ମୁଁ ମହାପ୍ରଭୁଙ୍କ ଆଦେଶ କେବଳ ପାଳନ କରିଛି ମହାଭାଗ !"

"ନା, ଏହା ସମର୍ପଣ ହୋଇ ପାରିବ ନାହିଁ । ଯାହା ପୂର୍ବରୁ କରାଯାଇ ନାହିଁ, ତାହା ବର୍ତ୍ତମାନ ହୋଇ ପାରିବ ନାହିଁ । ଏ ବିଷୟରେ ତୁମେ ମହାରାଜାଙ୍କ ପାଖରେ ଅଭିଯୋଗ କରିପାର । ମହାପ୍ରଭୁ ତୁମକୁ ଆଦେଶ କଲେ ଗୀତଗୋବିନ୍ଦ ଲେଖି ସମର୍ପଣ କରିବାକୁ, ଆଉ ଆମକୁ ତ ନିର୍ଦ୍ଦେଶ ଦେଲେ ନାହିଁ ସେସବୁ ଲାଗି କରିବା ପାଇଁ ?

ଖୁଣ୍ଟିଆ କହିଲେ, "ଆମେସବୁ ଦିଅଁଙ୍କର କିଏ କି ସେ ଆମକୁ କହିବେ ? ନିଜେ ଦିଅଁ ଯାଇ ଗୀତଗୋବିନ୍ଦ ଶୁଣୁଦେଇ ଆସିଲେ, ତାହା ସେ ଦେଖିଥିଲେ ତାଙ୍କୁ ଆଦେଶ ଦେବେ ନା ତୁମକୁ କାହିଁକି ଦେବେ ? ଯେତେବେଳେ ମହାପ୍ରଭୁଙ୍କ ଆଶୀର୍ବାଦରେ ଏ ମହିୟସୀ ମାଆ ଜନ୍ମଗ୍ରହଣ କରିଥିଲେ, ସେତେବେଳେ ସେ ମହାପ୍ରଭୁଙ୍କ ନାମରେ ଯେତେ ଯାହା କହିବାର କହିପାରିବେ । ଆମେସବୁ କେହି ତାଙ୍କୁ କିଛି କହିପାରିବୁ ନାହିଁ ।"

ସୁଆର ବଡୁ ସେଠାରେ ଛିଡା ହୋଇଥିଲେ, ସେ କହିଲେ, "ହେଉ ତୁଳସୀପତ୍ର ତ, ମହାପ୍ରଭୁଙ୍କ ଉପରେ ଲାଗିଲେ କ'ଣ ଅସୁବିଧା ହୁଅନ୍ତା ? ସିଂହାରୀ ବେଶ କଲାବେଳେ ଚଢେଇ ଦିଅନ୍ତୁ ।"

"ହେଉ ହେଉ, ବହୁତ୍ କହି ଦେଲଣି । ତୁମେ ତୁମ କାମକୁ ଯାଅ । ତୁମଟାରେ ଏସବୁ ବିଷୟରେ ମୁଣ୍ଡ ଖେଳାଇବା ଉଚିତ ନୁହେଁ । କହିଲେ, ସିଂହାରୀ ବେଶ କଲାବେଳେ ଚଢେଇ ଦିଅନ୍ତୁ । ସିଂହାରୀ କାହିଁକି ଚଢେଇବ ? ତୁମେ ଚଢେଇ ଦେଉନା –" ଖୁଣ୍ଟିଆ କହିଲେ ।

ସୁଆରେ ନୀରବ ହୋଇଗଲେ ସିଂହାରୀ କଥାରେ । ବଲ୍ଲଭ ଭୋଗ ପରେ ସକାଳ ଧୂପ ହେବା ପାଇଁ ଅବସର ପିଣ୍ଡି ଓ ଭିତରବେଢା ସଫା କରିବା ସୁଆର-ବଡୁଙ୍କର କାମ । ତାଂଛଡା କୋଠଭୋଗ ମଧ୍ୟ ସେମାନେ କରିଥାନ୍ତି । ତେଣୁ ତୁଳସୀ ଲାଗି କରାଇବାରେ ତାଙ୍କର ମୁଣ୍ଡ ପୂରାଇବା ଉଚିତ ନୁହେଁ । ଏହାପରେ ପଦ୍ମା କ'ଣ କରିବେ ତାହା ସେ ଭାବୁଥାନ୍ତି । ମହାପ୍ରଭୁଙ୍କ ସେବକମାନେ ଦେଖେଇ ଦେଖେଇ ଯେଉଁସବୁ କଥା କହିଲେ, ସେ କଥାଗୁଡାକ ଯେପରି ଛୁଞ୍ଚିଭଳି ତାଙ୍କ ଦେହରେ, ମୁଣ୍ଡରେ ପଶିଯାଇଛି । ତାହାର ଯନ୍ତ୍ରଣାରେ ସେ ଛଟପଟ ହେବାକୁ ଲାଗିଲେ । ସେ ମହାରାଜାଙ୍କୁ ଜଣାଇ ପାରନ୍ତେ । ମାତ୍ର ମହାରାଜା ପୁରସ୍ତମରେ ନାହାନ୍ତି । ଥିଲେ ସେ ଉପଯୁକ୍ତ ବିଚାର କରିବେ ଏ ଧାରଣା ତାଙ୍କର ନାହିଁ । ଗଜପତି ପୁରୁଷୋତ୍ତମ ଦେବ ନିଜେ ଲେଖନ୍ତୁ ବା ତାଙ୍କ ପାଖରେ ଥିବା କବିଚନ୍ଦ୍ର ରାୟ ଦିବାକର ମିଶ୍ର ଲେଖନ୍ତୁ, ତାହା ପୁରୁଷୋତ୍ତମଙ୍କ ନାମରେ ଭଣତି ହୋଇଛି । ସେହି ଗୀତଗୋବିନ୍ଦ ଜୟଦେବଙ୍କ ଗୀତଗୋବିନ୍ଦଠାରୁ ଉତ୍କୃଷ୍ଟ ବୋଲି ରାଜାଙ୍କ ଲୋକେ କହୁଛନ୍ତି । ତେଣୁ ଜୟଦେବଙ୍କ ଗୀତଗୋବିନ୍ଦର ଶ୍ଳୋକଗୁଡିକ ଚନ୍ଦନ ଦ୍ୱାରା ତୁଳସୀରେ ଲେଖାହୋଇ ମହାପ୍ରଭୁଙ୍କୁ ସମର୍ପିତ ହେବା କଥାକୁ ମହାରାଜ କାହିଁକି ସମର୍ଥନ କରିବେ ? ବରଂ ସେ ଏଥିପାଇଁ ରାଜ ଦରବାରରେ ଅପମାନିତା ହେବା ସ୍ୱାଭାବିକ ।

ତୁଳସୀପତ୍ର ଟୋକେଇଟି ଧରି ପଦ୍ମା ଛିଡା ହୋଇଥାନ୍ତି ଜୟ ବିଜୟ ଦ୍ୱାର ପାଖରେ । ମହାପ୍ରଭୁଙ୍କ ସେବକମାନେ ତାଙ୍କୁ ଚାହିଁଥାନ୍ତି କଣେଇ । ଏହାଦ୍ୱାରା ଅସୁସ୍ଥତା ଅନୁଭବ କରୁଥାନ୍ତି ପଦ୍ମା । କ'ଣ କରିବେ ତାଙ୍କୁ ଉପାୟ ଦେଖାଯାଉ ନଥାଏ । ହେ ଜଗନ୍ନାଥ ତୁମେ କ'ଣ ଶେଷରେ ଏୟା କଲ ? ଗୀତଗୋବିନ୍ଦ ତୁଳସୀପତ୍ରରେ ଲେଖାଇ ସମର୍ପଣ କରିବାକୁ କହିଲ । ତୁଳସୀ ପତ୍ର କାଳିଆ ସାଆନ୍ତ ପଠାଇଲେ । ଲୋକ ବି ପଠାଇଲେ ଲେଖାଇବା ପାଇଁ । ଶେଷରେ ସମର୍ପଣ କରିବାକୁ ଆଣିଲା ବେଳକୁ ତୁମ ସେବକମାନେ ନାହିଁ କରୁଛନ୍ତି–ପୁଣି ଥଟ୍ଟା କରି କେତେ କଥା କହୁଛନ୍ତି । ସବୁ ଘଟୁଛି ତୁମରି ଆଗରେ । ସବୁ ଶୁଣି ସବୁ ଦେଖି ତୁମେ ମହାପ୍ରଭୁ ନୀରବ ରହୁଛ । ତାହାହେଲେ ତୁମେ କ'ଣ ମୋତେ ଅପମାନିତ କରିବାକୁ ଏଭଳି ବ୍ୟବସ୍ଥା କରିଥିଲ–କାହିଁକି ? କି ଅପରାଧ ମୁଁ ତୁମର କରିଥିଲି ।

ବୁଢା ଗୋଛିକାର ସେଠାରେ ଠିଆ ହୋଇଥିଲେ । ସେ କହିଲେ, "ଯା ମା, ଠିଆ ହେଲୁ କାହିଁକି ? ଯଦି ପାରିବୁ

ମହାରାଜାଙ୍କ ଅନୁମତି ଅଣିଲେ ତୋ ତୁଳସୀ ଲାଗି ହେବ ନ ହେଲେ ଶ୍ୱେତଗଙ୍ଗାରେ କି ସମୁଦ୍ରରେ ମେଲି ଦେବୁ ।"

ଏଥର ପଦ୍ମା ଫେରିଲେ । ତା ଆଖିରେ ଲୁହ ଟଳମଳ ହେଉଥାଏ । ମନ୍ଦିରରୁ ବାହାରି ସେ ବେଢା ଭିତର ଦେଇ ଆଗେଇଗଲା ଆଡ଼କୁ । ସିଂହଦ୍ୱାର ଆଗରେ ବାଇଶି ପାହଚ, ପାହଚ ପରେ ପାହଚ ଡେଇଁ ଡେଇଁ ସେ ବଡ ଦାଣ୍ଡରେ ପାଦ ଦେଲା । ସେହିଠାରେ ସେ ଛିଡା ହୋଇଗଲା ଟିକିଏ । ଚିନ୍ତା କଲା କୁଆଡେ ଯିବ ? ମହାରାଜାଙ୍କଠାରୁ ତ ଅନୁମତି ଅଣି ହେବ ନାହିଁ । ସବୁତକ ପାଣିରେ ପକେଇଦେବା ଭଲ । ସେ ପାଣି କ'ଣ ସମୁଦ୍ର ନା ଶ୍ୱେତଗଙ୍ଗା ? ..... ନା, ନା ସମୁଦ୍ରରେ ପକେଇ ଦେବା ଭଲ ।

ପଦ୍ମା ଧାଇଁ ଚାଲିଲେ ସମୁଦ୍ର ଆଡ଼କୁ । ଅଭିଯୋଗ, ଅଭିମାନରେ ଭାରି ହୋଇଯାଇଥାଏ ତାଙ୍କର ମନ, ହୃଦୟ । ହେ ମହାପ୍ରଭୁ ! ତୁମେ କୃଷ୍ଣ ଅବତାରରେ ଗୋପୀମାନଙ୍କୁ କେତେ ହଇରାଣ ନ କରିଛ — ସେହି ସ୍ୱଭାବ କ'ଣ ଏବେ ବି ତୁମର ରହିଛି ? ସେଥିପାଇଁ ମୋତେ ଅପମାନିତା, ଲାଞ୍ଛିତା କରୁଛ ?

ଆଖିରୁ ଧାର ଧାର ହୋଇ ଲୁହ ବୋହି ଆସୁଥାଏ ପଦ୍ମାର । ଅଭିମାନରେ ଫୁଲି ଉଠୁଥାଏ ତା'ର ନାକ । ବାଷ୍ପାକୁଳ କଣ୍ଠରୁ ନିର୍ଗତ ହେଉଥାଏ କେବଳ ମହାପ୍ରଭୁ ଶବ୍ଦ । ସେ ଧାଇଁ ଚାଲିଥାଏ ସମୁଦ୍ର ଆଡ଼କୁ ।

ହେଇ ସମୁଦ୍ର ପାଖେଇ ଆସିଲା । ଘୁ ଘୁ ଗର୍ଜନ କରି ସମୁଦ୍ର ପାଣି ଧାଇଁ ଆସୁଛି କୂଳକୁ । କୂଳରେ ପାଣି ଅଡବାଟା କଚାଡି ହୋଇ ପଡି ପୁଣି ଫେରି ଯାଉଛି ସମୁଦ୍ର ଭିତରକୁ । ପୁଣି ସମୁଦ୍ର ମଝିରୁ ଲହଡିମାଳା କୂଳ ଆଡ଼କୁ ଧାଇଁ ଆସୁଛି । ଯେତେ ଯେପରି ସେ କହୁଛି, "ଦେ ପଦ୍ମା; ଗୀତଗୋବିନ୍ଦ ଲେଖା ହୋଇଥିବା ତୁଳସୀପତ୍ରଗୁଡ଼ିକୁ ମୋ ବକ୍ଷରେ ମେଲି ଦେ । ସେହି ପତ୍ରଗୁଡ଼ିକୁ ଦେହରେ ଧାରଣ କରି ତାପିତ ହୃଦୟକୁ ଟିକିଏ ଶାନ୍ତ କରେ । ହୁଏତ ପାର୍ଥିବ ତୁଳସୀପତ୍ରଗୁଡ଼ିକୁ ମୁଁ ପରକ୍ଷଣରେ କୂଳରେ, ସମୁଦ୍ର ବାଲିରେ ଫୋପାଡି ଦେବି । କିନ୍ତୁ ଚନ୍ଦନରେ ଲିଖିତ ଗୀତଗୋବିନ୍ଦର ପଦଗୁଡ଼ିକୁ ମୁଁ ମୋ ଭିତରେ ସାଇତି ରଖିବି ।" ସମୁଦ୍ରର ଘୁ ଘୁ ଗର୍ଜନ ସହିତ ନିଜ ସ୍ୱର ମିଶାଇ ପଦ୍ମା କହିଲା, "ହେ କାଳିଆ ସାଆନ୍ତ ! ତୁମେ କିଏ ମୁଁ ଜାଣେ ନାହିଁ । ତୁମ ପଠାଇଥିବା ତୁଳସୀପତ୍ର, ତୁମରି ଲୋକ ଦୁଇଜଣ ଯେଉଁ ପତ୍ରରେ ଗୀତଗୋବିନ୍ଦ ଲେଖିଦେଇ ଯାଇଥିଲେ ତାହାକୁ ଏହି ସମୁଦ୍ରର ନୀଳ ଜଳରେ ମେଲି ଦେଉଛି । ସେଥିପାଇଁ ମୋତେ ତୁମେ ଦୋଷ ଦେବ ନାହିଁ । ମୋର ଆଉ କିଛି ଉପାୟ ନାହିଁ — ଗୋଟାଏ ସ୍ତ୍ରୀଲୋକର କେତେ ବା ଶକ୍ତି ଅଛି ?"

ପଦ୍ମା ଟୋକେଇର ସମସ୍ତ ତୁଳସୀପତ୍ରକୁ ସମୁଦ୍ର ପାଣିରେ ପକାଇ ଦେଲେ ।

ନୀଳ ସମୁଦ୍ର ପାଣିରେ ସବୁଜ ତୁଳସୀପତ୍ରଗୁଡ଼ିକ ଖେଳେଇ ହୋଇଗଲା ।

— ଏଁ-ଏ କ'ଣ ହେଲା ? ଘୁଘୁ ହୋଇ ମାଡି ଆସୁଥିବା ସମୁଦ୍ର ଜଳ ସ୍ଥିର ହୋଇଗଲା କାହିଁକି ? ତା'ର ସେହି ଭୟଙ୍କର ଶବ୍ଦ ବି ଆଉ ଶୁଣା ଯାଉନାହିଁ । ଯେତେ କ'ଣ ହେଲା ତା'ର ?

— ପଦ୍ମା ! କାଳିଆ ସାଆନ୍ତ ତୋ ତୁଳସୀପତ୍ରଗୁଡ଼ିକୁ ନିଜ ହୃଦୟରେ ଧାରଣ କରିଛନ୍ତି । ଗର୍ବିତ ସେବକଙ୍କର ଗର୍ବ ଖଣ୍ଡନ ହୋଇଛି । ତୁ ବଡଦେଉଳକୁ ଯାଇ ଦେଖ ନୀଳାଦ୍ରିନାଥ ସେହି କାଳିଆ ସାଆନ୍ତ କିପରି ଗୀତଗୋବିନ୍ଦ ଲେଖା ହୋଇଥିବା ତୁଳସୀପତ୍ରରେ ଶୋଭିତ ହୋଇଛନ୍ତି ।

ପଦ୍ମା ଚାହିଁଲା ସମୁଦ୍ର ଭିତରକୁ । କାହିଁ ଗୋଟିଏ ବି ପତ୍ର ସମୁଦ୍ର ପାଣିରେ ନାହିଁ ? ତାହାହେଲେ ପତ୍ରଗୁଡ଼ିକୁ ମହାପ୍ରଭୁ ସମୁଦ୍ର ପାଣିରୁ ଛାଣି ନେଇଗଲେ ?

ପଦ୍ମା ଧାଇଁଲା ଉତ୍ତର ମୁହାଁ ହୋଇ ଶ୍ରୀମନ୍ଦିର ଆଡ଼କୁ । କେଇ ଖେପାରେ ସମୁଦ୍ର ବାଲିକୁ ପଛରେ ପକାଇ ସେ ପହଞ୍ଚିଗଲା ବଡଦାଣ୍ଡରେ । ବଡଦାଣ୍ଡରେ ବହୁ ଲୋକ ଠିଆ ହୋଇଛନ୍ତି ପଦ୍ମାକୁ ଦେଖି ସମସ୍ତଙ୍କ ମୁଖରେ ଗୋଟିଏ ବିସ୍ମୟର ଚିହ୍ନ । କାହାଠାରୁ କିଛି ବୁଝିବା ତା'ର ଅବସର ନାହିଁ । ସେ ପାହାଚ ପରେ ପାହାଚ ଉଠି ସିଂହଦ୍ୱାରରେ ପହଞ୍ଚିଗଲା । ତା'ପରେ ଧାଇଁଗଲା ଶ୍ରୀମନ୍ଦିର ଭିତରକୁ । ମହାପ୍ରଭୁଙ୍କ ସେବକମାନେ ତା' ଯିବା ପଥରୁ ଅପସୃତ ହୋଇଗଲେ । କେହି ତାକୁ କିଛି କହିଲେ ନାହିଁ ।

ଜୟ ବିଜୟ ଦ୍ୱାର ପାଖରେ ଠିଆ ହୋଇ ପଦ୍ମା ଦେଖିଲା ଗୀତଗୋବିନ୍ଦ ଲେଖାଥିବା ତୁଳସୀପତ୍ର ମହାପ୍ରଭୁଙ୍କ ଦେହସାରା ବିଛେଇ ହୋଇ ରହିଛି ।

ପଦ୍ମା ଭକ୍ତି ଗଦ୍‌ଗଦ୍ ହୋଇ ବଡ ପାଟିରେ କହି ଉଠିଲା, "ହେ ମହାପ୍ରଭୁ ! କାଳିଆ ସାଆନ୍ତ !"

ବାସ୍ ସେତିକି । ଆଉ ସେ କିଛି କହି ପାରିଲା ନାହିଁ । ହୃଦୟର କୋହ ତା'ର କଣ୍ଠରୋଧ କରିଦେଲା ସେ ସେହିଠାରେ ସାଷ୍ଟାଙ୍ଗ ପ୍ରଣତି ଜଣାଇଲା ।

ଠିକ୍ ସେତିକିବେଳେ କେହି ଜଣେ ଭକ୍ତ ଗାଇ ଉଠିଲେ—

ପ୍ରଳୟପୟୋଧିଜଳେ ଧୃତବାନସି ବେଦମ୍
ବିହିତ ବହିତ୍ର ଚରିତ୍ରମଖେଦମ୍
କେଶବଧୃତ ମୀନଶରୀର ଜୟ ଜଗଦୀଶ ହରେ ।

କ୍ୱାଟରସ୍ ନଂ.—୬୬, ଟାଇପ୍—୪,
ଡେଲ୍ଟା କଲୋନି,
ଭୁବନେଶ୍ୱର—୧୨ ।

# ଗୀତଗୋବିନ୍ଦ
# ଓଡ଼ିଶୀ ଗୀତ ଓ ନୃତ୍ୟ

● ଗୁରୁ ଦେବପ୍ରସାଦ ଦାସ

ଆମର କବି ଜୟଦେବ ଗୋସ୍ୱାମୀ ଉତ୍କଳର ପ୍ରାଚୀ ତଟବର୍ତ୍ତୀ କେନ୍ଦୁବିଲ୍ୱ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। କେନ୍ଦୁ ଓ ବିଲ୍ୱ ଦୁଇଟି ଶବ୍ଦ ମିଶି କେନ୍ଦୁବିଲ୍ୱ ନାମକରଣ ହୋଇଅଛି। କାରଣ ସେ ଗ୍ରାମରେ ବହୁ କେନ୍ଦୁଗଛ ଓ ବେଲଗଛ ଅଦ୍ୟାପି ଦେଖିବାକୁ ମିଳେ। ତେଣୁ ଏ ଗ୍ରାମର ନାମ ଯଥାର୍ଥ। କାଳକ୍ରମେ କେନ୍ଦୁବିଲ୍ୱ ଅପଭ୍ରଂଶ ହୋଇ କେନ୍ଦୁଲି ନାମ ହୋଇଛି। ସେହି ମନୀଷୀ ଗୀତଗୋବିନ୍ଦକାର କବିରାଜ ଜୟଦେବଙ୍କ ଜନ୍ମଭୂମିର ଜଣେ ନୃତ୍ୟଶିଳ୍ପୀ ହିସାବରେ ଜନ୍ମ ଗ୍ରହଣ କରି ମୁଁ ଧନ୍ୟ ଓ ମୋର ଜୀବନ ଧନ୍ୟ ହୋଇଛି।

କବି ଗୀତଗୋବିନ୍ଦ ଶବ୍ଦଟିକୁ ଗୀତ ସହ ଗୋବିନ୍ଦକୁ ଯୋଡ଼ି କାବ୍ୟର ନାମକରଣ କରିଛନ୍ତି। "ଗାବଃ ଯସ୍ୟ ପଦାରବିନ୍ଦଂ ବିନ୍ଦନ୍ତି ସ ଗୋବିନ୍ଦଃ"। ଆଉ ଗୋପାଙ୍ଗନାମାନେ, ନିଜର କୁଳ, ମାନମହତ ତେଜି ଯାହାର ସଙ୍ଗୀତରେ ବାଇ ହୋଇ ଧାଇଁ ଆସନ୍ତି ଯମୁନା ତଟ କୁଞ୍ଜ ବନକୁ, ଆଉ ଯାହାର ବେଣୁଧ୍ୱନି ଶୁଣିଲେ ପାଦ ଚଞ୍ଚଳ ହୋଇଉଠେ, ନଟ ନାଗର ନଟପଟ ଯାହାକୁ କରପଲ୍ଲବରେ ଆବଦ୍ଧ କରି, ବିଳାସମତ୍ତ ହୁଅନ୍ତି ତାଙ୍କରି ଗୀତ, ସେଇ ଗୋବିନ୍ଦ ଗୀତ ଲେଖିଥିବାରୁ କାବ୍ୟର ନାମ 'ଗୀତଗୋବିନ୍ଦ' ହୋଇଅଛି। କାବ୍ୟର ମୂଳରୁ ସଙ୍ଗୀତର ଆଭାସ ମିଳେ। ରାଗ ପରିଚୟ ତାଳ ପରିଚୟ ସହ ବାରଟି ସର୍ଗ, ୨୪ଟି ଗୀତରେ କବି ନିଜର କାବ୍ୟ ସମ୍ପୂର୍ଣ୍ଣ କରିଅଛନ୍ତି। ଶକ୍ତି ଓ ଶକ୍ତିମାନଙ୍କର ଶୁଦ୍ଧ ମିଳନର ନିଦର୍ଶନ ଅପ୍ରାକୃତ ପ୍ରେମଲୀଳା। ଏହାର ବିଷୟବସ୍ତୁ ଲୀଳା ହେଉଛି ଶକ୍ତି ଓ ଶକ୍ତିମାନଙ୍କର ସୃଷ୍ଟିର ପ୍ରକାଶ କ୍ରିୟା। ଶକ୍ତି ଓ ଶକ୍ତିମାନ୍, ଉଭୟଙ୍କ କର୍ମ ହିଁ ଲୀଳାର ରହସ୍ୟ।

ଲୀଳାକୁ ଆମ ଓଡ଼ିଶାରେ ସୁଆଙ୍ଗ ଯାତ୍ରୀ ବୋଲି କହନ୍ତି, ଏଥିରେ ନାଟ୍ୟ ଧର୍ମର ପୂର୍ଣ୍ଣ ଇଙ୍ଗିତ ମିଳେ। କାରଣ ନାଟ୍ୟ ହେଉଛି ନାଟକ, ଯେଉଁ ନାଟକରେ ଗୀତ ମୁଖ୍ୟ ଅଙ୍ଗ ବା ଯେଉଁ ନାଟକ ଗୀତ ବହୁଳ ତାକୁ ଗୀତିନାଟ୍ୟ ବୋଲି କୁହାଯାଏ। ନାଟକର ଲଳିତ ବୃତ୍ତି, ରୀତି ନେଇ ଏହା ପରିଚାଳିତ ହୁଏ। ନାଟକ ଅପେକ୍ଷା ଗୀତିନାଟ୍ୟ ଅଧିକ ହୃଦୟସ୍ପର୍ଶୀ। କାରଣ ଏହା ଗୀତ ବହୁଳ। ଗୀତ ବାଦ୍ୟ ନୃତ୍ୟ ତିନୋଟିର ସମାବେଶକୁ ସଙ୍ଗୀତ ବୋଲି କହନ୍ତି। ସଙ୍ଗୀତ ସୃଷ୍ଟିର ଆଦିମ ସହଚର। ସଙ୍ଗୀତ ଜୀବନ୍ତ, ଏହା ସମାଜ ଭାବଧାରାକୁ ଶୃଙ୍ଖଳିତ କରେ। ଗୀତି ଏକକୁ ଆରକେ ସହ ମିଶାଇଦିଏ। ବାଦ୍ୟ ଶାସନର ମାନଦଣ୍ଡ ଅଟେ। ପ୍ରତିସ୍ପନ୍ଦନ ଦ୍ୱାରା ଏକ ସୀମାରେଖାରେ ନେଇ ପହଞ୍ଚାଇ ଦିଏ। ନୃତ୍ୟ ଶରୀରର ଛନ୍ଦୋମୟ ଅଭିବ୍ୟକ୍ତି ମାଧ୍ୟମରେ ଭାବର ଆଦାନ ପ୍ରଦାନ ଦ୍ୱାରା ଅନ୍ୟ ସହ ସମ୍ବନ୍ଧ ସ୍ଥାପନ କରି ଏକ ବିଶାଳ ପରିବାର ସୃଷ୍ଟି କରେ। ଏହା ବିନା ଜୀବନ ନିରର୍ଥକ।

କୃଷ୍ଣ ନଟବର ଓ ନଟନାଗର। ଏହାଙ୍କ ତାଣି ତ୍ରିଭଙ୍ଗୀ ଠାଣି ଏବଂ ତ୍ରିଭଙ୍ଗ ଠାଣି ଓଡ଼ିଶୀ ନୃତ୍ୟର ବିଶେଷତ୍ୱ ଓ ନିଜସ୍ୱ। ତେଣୁ ଶ୍ରୀଜଗନ୍ନାଥଙ୍କ ଛାମୁରେ କବି ସ୍ୱରଚିତ ଗୀତଗୋବିନ୍ଦ ଗାନ କରୁଥିଲେ। ଏ କାବ୍ୟଭରା, ଭାବଭରା ହୋଇଥିବାରୁ ଏହାର ମୁଖ୍ୟ ରସ ହେଉଛି ଶୃଙ୍ଗାର। ତେଣୁ ପରକୀୟା ପ୍ରୀତିକୁ ପାଥେୟ କରି ଦ୍ୱାଦଶ ସର୍ଗରେ ସ୍ୱାଧୀନ ଭର୍ତ୍ତୃକା ଅବସ୍ଥାରେ ଶେଷ କରିଛନ୍ତି। ସରଳ ସଂସ୍କୃତ ଭାଷାରେ ଲିଖିତ, ମିଳନ, ବିରହ, ମାନ, ଅଭିମାନ ଓ ଆତ୍ମ ସମର୍ପଣ ପ୍ରଭୃତି ସମସ୍ତ ଧାରା ପ୍ରାଞ୍ଜଳ ଭାବେ ବର୍ଣ୍ଣିତ। ତେଣୁ ଏହା ନୃତ୍ୟ ଓ ଅଭିନୟ ପାଇଁ ସହଜ ହୁଏ। ଏହାର ଶ୍ରବଣ ଓ ଦର୍ଶନରେ ଦର୍ଶକ ଆତ୍ମହରା ହୋଇଯାଏ। କବି ନାୟିକା ପଦ୍ମାବତୀ ରସର ତରଙ୍ଗ ସଞ୍ଚାର କରିବା ପାଇଁ ଓ ପ୍ରୀତିର ମାଦକତାକୁ ଉପଲବ୍ଧି କରାଇବା ପାଇଁ ନିଜ ନାୟକ ଗୀତକୁ ରଚିତ ଶାରୀରିକ ଚେଷ୍ଟା ଓ ପଦସ୍ଫୁରଣ ଦ୍ୱାରା ହିଁ ପ୍ରକାଶ କରିଛନ୍ତି। ତେଣୁ ଜୟଦେବ ନିଜକୁ ପଦ୍ମାବତୀଙ୍କର ନୃତ୍ୟଗୁରୁ ବୋଲି ସ୍ୱୀକାର କରିବା ସଙ୍ଗେ ସଙ୍ଗେ ପଦ୍ମାବତୀ ରସ ଦାୟିନୀ, ଭାବମୟୀ ବୋଲି ଉଲ୍ଲେଖ କରିଅଛନ୍ତି।

ଏ ନୃତ୍ୟ ରାଜାଜ୍ଞା ଅନୁସାରେ ଶ୍ରୀମନ୍ଦିରରେ ସନ୍ଧ୍ୟା ଧୂପ ସରିବାଠାରୁ ବଡ଼ସିଂହାର ପର୍ଯ୍ୟନ୍ତ ଅନୁଷ୍ଠିତ ହୁଏ। ଗୀତଗୋବିନ୍ଦ ଗାନ ସହିତ ନୃତ୍ୟ ମଧ୍ୟ କରାଯାଏ। ଗୀତଗୋବିନ୍ଦ ଛଡ଼ା ଅନ୍ୟ ଗୀତ ଯିଏ ଗାଇବ ବା ନୃତ୍ୟ କରିବ ସେ ଜଗନ୍ନାଥ ଦ୍ରୋହୀ ହେବ ବୋଲି କେହି ଅନ୍ୟ ଗୀତ ଗାଉ ନଥିଲେ। ଗୀତଗୋବିନ୍ଦକୁ ଅଷ୍ଟପଦୀ ମଧ୍ୟ କୁହାଯାଏ। କାରଣ ଗୀତଗୁଡ଼ିକ ଆଠପଦ ବିଶିଷ୍ଟ। ଅଷ୍ଟପଦୀ ଏକ ଲୀଳାର କାବ୍ୟ। ଗୋଟିଏ ଲୀଳା ପ୍ରସ୍ତୁତ କଲେ ଅଭିନୟର ୪ଟି ଗୁଣ ଉପରେ ଦୃଷ୍ଟି ଦେବାକୁ ପଡ଼େ। ସେଗୁଡ଼ିକ ହେଲା : (୧) ଅନୁକରଣ ନୈପୁଣ୍ୟ, (୨) ଦୃଶ୍ୟ ସୌଷ୍ଠବ, (୩) ଶ୍ରୁତି ମାଧୁର୍ଯ୍ୟ, (୪) ରୀତି ଓ

ଇତିବୃତ୍ତି ସାମ୍ୟସଙ୍ଗୀତ ରଚନା । ଗୀତଗୋବିନ୍ଦ କାବ୍ୟରେ ଏ ସମସ୍ତ ରକ୍ଷା କରାଯାଇଅଛି ।

କାବ୍ୟଟି ଦୁଇଟି ରାତି ଓ ଗୋଟିଏ ଦିନର ଘଟଣା । ପ୍ରଭାତ, ସନ୍ଧ୍ୟା, ଚନ୍ଦ୍ରୋଦୟ, ସୂର୍ଯ୍ୟ ଓ ଚନ୍ଦ୍ରର ଅସ୍ତକାଳ ବର୍ଣ୍ଣିତ ହୋଇଅଛି । ପରକୀୟା ପ୍ରୀତିର ଚରମ ପରାକାଷ୍ଠା ଆତ୍ମସମର୍ପଣ ଏହାର ବିଷୟବସ୍ତୁ ଅଟେ । ରସରାଜ ମହାଭାବ ଓ ରସ ସଞ୍ଚାରିକା ସଖୀ । ତାର ନାମକରଣ ନାହିଁ, କିନ୍ତୁ ଏଇ ତିନିଜଣ ନାଟକର ମୁଖ୍ୟ ଚରିତ୍ର । ସଙ୍ଗୀତର ରାଗ ତାଳ ନିର୍ଦ୍ଦେଶ ପୂର୍ବକ ଅଭିନୟକୁ ସରସ ସୁନ୍ଦର କରିବାରେ ପ୍ରୟାସ କରାଯାଇଛି । ଏହା ଏକ ମାନର କାବ୍ୟ କହିଲେ ଅତ୍ୟୁକ୍ତି ହେବନାହିଁ । ରତି ଏହାର ସ୍ଥାୟୀଭାବ । ବିରହ, ଆଶା, ଉତ୍କଣ୍ଠା ଏହାର ସଞ୍ଚାରୀକ ଭାବ । ନାୟକ ନାୟିକାଙ୍କର ପ୍ରଣୟ ଓ ପ୍ରୀତିରେ ଟିକିଏ ତ୍ରୁଟି ହେଲେ ମାନର ଉତ୍ପତ୍ତି ହୁଏ । ସହେତୁ ମାନ, ନିର୍ହେତୁ ମାନ ରୂପେ ମାନ ଦୁଇ ପ୍ରକାର, ଅଷ୍ଟପଦୀ ସହେତୁ ମାନର କାବ୍ୟ । ପ୍ରଥମ ମଙ୍ଗଳାଚରଣରେ ଓଡ଼ିଶାର ପ୍ରାଚୀନ ଲୀଳା ରୀତି ସୁରକ୍ଷିତ ରହିଛି । କାରଣ, କୁଶୀଲବଙ୍କର ପରିବେଷଣରେ ଯେପରି ତ୍ରୁଟି ନହୁଏ । ତାପରେ ପ୍ରଥମେ 'ବସନ୍ତେ ବାସନ୍ତୀ'ରୁ ଆରମ୍ଭ କରାଯାଇଅଛି । ରାଗର ରୂପ ମଧ୍ୟ କବି ରକ୍ଷା କରିଛନ୍ତି । ସଖୀ ଉକ୍ତିରେ ଓ କଥୋପକଥନ ଛଳରେ ବିଷୟବସ୍ତୁର କ୍ରମ ପରିଣତି ଚିତ୍ରଣ କରାଯାଇଅଛି । ସଖୀ ମୁଖରେ ରାଧାଙ୍କ ପ୍ରତି ୭ଟି ଓ ଶେଷ ଗୋଟିଏ ଗୀତ ଛାଡ଼ିଦେଲେ ବାକି ୨୧ଟି ଗୀତ ନଟ ନଟୀଙ୍କର ସଂଳାପ । ସେଥିରୁ ସଖୀ ମୁଖରେ ୧୦ ଗୋଟି ବାକି ୮ ଗୋଟି ରାଧାଙ୍କ ମୁଖରେ ବର୍ଣ୍ଣିତ । ଶ୍ଳୋକଗୁଡ଼ିକ ବିଷୟବସ୍ତୁର ସଂଯୋଜକ ଓ ସ୍ଥାନ କାଳ ନିରୂପକ । ଗୀତଗୁଡ଼ିକ ଓଡ଼ିଶା ଗୀତିନାଟ୍ୟରେ ଶୈଳୀରେ ରାଗ ତାଳ ସହିତ ଗୀତ ହେବାର ନିର୍ଦ୍ଦେଶ ଥିବାରୁ ଏହା ଗୀତିନାଟ୍ୟ ପାଇଁ ଉପଯୁକ୍ତ ।

ଗୀତିନାଟ୍ୟରେ ସାଧାରଣତଃ ରତି ଭାବକୁ ପ୍ରାଧାନ୍ୟ ଦିଆଯାଇ ଶୃଙ୍ଗାର ରସକୁ ଆଲମ୍ବନ, ଉଦ୍ଦୀପନ, ଅନୁଭାବ ଓ ସଞ୍ଚାରୀ ଭାବ ମାଧ୍ୟମରେ ପରିସ୍ଫୁଟ କରାଯାଇଥାଏ । ସେ ଦୃଷ୍ଟିରୁ ଗୀତଗୋବିନ୍ଦ ଏକ ସଫଳ ଗୀତିନାଟ୍ୟ ରୂପେ ଗ୍ରହଣୀୟ । ଏଥିରେ ନାୟକ ନାୟିକାମାନଙ୍କୁ ନାଟ୍ୟରେ ଯେପରି ସୁରକ୍ଷା କରିବା କଥା ସେହିପରି ରଖାଯାଇଅଛି । ଗୀତିନାଟ୍ୟରେ ନାୟକ ଯେପରି ଧୀରୋଦ୍ଧତ, ଧୀରୋଦାତ୍ତ, ଧୀରଲଳିତ ଓ ଧୀର ପ୍ରଶାନ୍ତ ଶ୍ରେଣୀୟ ଓ ଅବସ୍ଥା ଭେଦରେ ଅନୁକୂଳ, ଶଠ, ଧୃଷ୍ଟ ଓ ଦକ୍ଷିଣ ଶ୍ରେଣୀ ପ୍ରକାର ହୁଅନ୍ତି, ଗୀତଗୋବିନ୍ଦରେ ସେହି ରୀତିକୁ ଅବଲମ୍ବନ କରାଯାଇଅଛି । ନାଗର ସବୁ ଅବସ୍ଥାର ସମ୍ମୁଖୀନ ହୋଇ, ରାଧାଙ୍କୁ ସେହି ଅବସ୍ଥାକୁ ଟାଣି ନେଇଯାଉଅଛନ୍ତି । ପ୍ରୋଷିତ ଭର୍ତ୍ତୃକା, ବାସକ ସଜ୍ଜିକା, ବିରୋତ୍କଣ୍ଠିତା, ଅଭିସାରିକା, ବିପ୍ରଲବ୍ଧା, ଖଣ୍ଡିତା, କଳହାନ୍ତରିତା ଓ ସ୍ୱାଧୀନ ଭର୍ତ୍ତୃକା ଅବସ୍ଥା ବର୍ଣ୍ଣନା କରି କବିରାଜ ଜୟଦେବ ଗୀତିନାଟ୍ୟ ଧର୍ମକୁ ଅକ୍ଷୁଣ୍ଣ ରଖିଛନ୍ତି । ରସ୍ୟତେ ଅନେନ ଇତି ରାସଃ, ଅର୍ଥାତ୍ ରସ ହିଁ ରାସ । ଗୀତଗୋବିନ୍ଦ କାବ୍ୟକୁ ବସନ୍ତ ରାସ କୁହାଯାଏ । ବସନ୍ତ ବର୍ଣ୍ଣନାରୁ ଏହାର ଆରମ୍ଭ । ଆଲିଙ୍ଗନ, ଚୁମ୍ବନ, ଆଶ୍ଳେଷ ଦ୍ୱାରା ସମୂହ ନୃତ୍ୟରେ ଗୋପୀମାନଙ୍କ ସହ ହଲ୍ଲୀଶକ ନୃତ୍ୟରୁ ବିଷୟବସ୍ତୁ ଆରମ୍ଭ ହୋଇଛି । ନାଟ୍ୟ ଶାସ୍ତ୍ରାନୁସାରେ ହଲ୍ଲୀଶକ, ମଣ୍ଡଳୀ, ଶୃଙ୍ଖଳା, ଲତାବନ୍ଧ ଓ ଜାଙ୍ଗଡ଼ି ନାମରେ ରାସ ପାଞ୍ଚ ଭାଗରେ ବିଭକ୍ତ । ଏ ସମସ୍ତ ନୃତ୍ୟ ରୀତି ଏହି କାବ୍ୟରେ ସୂଚିତ ଥିବାରୁ କାବ୍ୟ ସମ୍ପୂର୍ଣ୍ଣ ନୃତ୍ୟ ପାଇଁ ପ୍ରଯୁଜ୍ୟ । ପ୍ରଥମ ପର୍ଯ୍ୟାୟରେ କବି ମଙ୍ଗଳାଚରଣ ପରେ ବସନ୍ତ ରାଗରେ ରଚିତ ଗୀତରେ ହଲ୍ଲୀଶକ ନୃତ୍ୟର ସୂଚନା ଦେବା ପୂର୍ବରୁ 'ବସନ୍ତେ ବାସନ୍ତୀ....ସରସ ମିଦମୁଦେ ସହଚରୀ' ଶ୍ଳୋକଟିରେ ସ୍ଥାନ କାଳ ନିରୂପଣ ସହ 'ମାନ'କୁ ପୂର୍ଣ୍ଣ ମାତ୍ରାରେ ଫୁଟାଇଛନ୍ତି । ପ୍ରଥମ ଦୁଇଟି 'ବିହରତି ହରିହର ସରସ ବସନ୍ତେ ଓ ଚନ୍ଦନ ଚର୍ଚ୍ଚିତ ନୀଳ କଳେବର' ଗୀତରେ ଗୋପୀ ପରିବେଷ୍ଟିତ ଶ୍ରୀକୃଷ୍ଣଙ୍କ ରାସ ନୃତ୍ୟ ଦୃଶ୍ୟ ପ୍ରଦର୍ଶିତ ହୋଇଛି ।

ମାନିନୀ ବ୍ୟଥା ପାଇଲେ ଅନ୍ତରରେ କାହାକୁ ବା କହିବେ? ସେ ସ୍ଥାନ ଛାଡ଼ି ଚାଲିଗଲେ ଅନ୍ୟ କୁଞ୍ଜକୁ ଯେଉଁଠାରେ ଭାବବତୀ ଗୁଣ୍ଡମାନେ ନିଜ ନାଗର ସହ ଆଲିଙ୍ଗନ ଚୁମ୍ବନରେ ବ୍ୟସ୍ତ, ଆଉ ମୋ ଦଶା କ'ଣ ? ସଖୀ ଆଜି ସେହିଗୁଡ଼ିକ ମୋର ମନେ ପଡ଼ୁଛି — ସ୍ମରତି ମନୋ ମମ କୃତ ପରିହାସମ୍ । ସ୍ଥାୟୀ ଭାବ ପୁଷ୍ଟି ଉଦ୍ଦୀପନ ବିଭାବ ଦ୍ୱାରା ଉଦ୍ଦୀପ୍ତ କରାଇ, ଆଶ୍ରୟ ଓ ବିଷୟ ବିଭାବକୁ ନାଗରଙ୍କ ଦ୍ୱାରା ପ୍ରକଟିତ କରାଇଅଛନ୍ତି ।

ସଖୀ କହିଲା 'ସା ବିରହେ ତବ ଦୀନା' କଥାରେ ଯାହା ପାଇଁ ଯାହା ସୁଖ ଦାୟକ, ବିରହରେ ତାହା ଦୁଃଖଦାୟକ । କାରଣ ବିରହିଣୀର ୧୦ ଗୋଟି ଦଶା ମଧ୍ୟରୁ କବି, ମନ, ସଙ୍କଳ୍ପ, ଜାଗରଣ, ଅପ୍ରୀତି, କୃଶତା, ଲଜ୍ଜା ତ୍ୟାଗ, ଉନ୍ମାଦ ଓ ମୂର୍ଚ୍ଛା ସଖୀ ମାଧ୍ୟମରେ ସୂଚାଇ ଦେଇଥିଲେ । କିନ୍ତୁ ନାଗର ପୁଣି କହୁଛନ୍ତି ମୁଁ ତା ପାଇଁ ଅତି ବ୍ୟାକୁଳ, ତୁ ଯା, ତାକୁ ଏହି କୁଞ୍ଜକୁ ପଠାଇଦେ । ନୋହିଲେ ନିଜେ ସାଙ୍ଗରେ ନେଇଆ । ସଖୀ ଫେରିଯାଇ ରାଧାଙ୍କୁ 'ରତି ସୁଖ ସାରେ ଗତ ଧରି ସାରେ ମଦନ ମନୋହରବେଶମ୍'ରେ ନିତମ୍ବିନୀ ତୁ ଆଉ ଡେରି କରନା, ରାଧା ହୃଦୟେଶଙ୍କୁ ଅନୁସର ସେ ଯମୁନା ତଟକୁ, ଅର୍ଥାତ୍ ଅଭିସାର କର ।

ଶ୍ରୀମତୀ ସଖୀର କଥା ରଖି ପାରିଲେ ନାହିଁ । କାରଣ ନାଗର ବିନା ଏତେ ବ୍ୟଥିତା ଯେ କାନ୍ଦି କାନ୍ଦି ଆଉ ଚାଲିବାର ଶକ୍ତି ନାହିଁ — 'ଭବତି ବିଳମ୍ବି ବିଗଳିତ ଲଜ୍ଜା ବିଳପତି ରୋଦିତ ବାସକ ସଜ୍ଜା' । କବି ଏଠି ଦ୍ୱନ୍ଦ୍ୱରେ ପକାଇଛନ୍ତି । କଷ୍ଟ ଦେଖିବାରୁ କାନ୍ଦୁଛନ୍ତି ଓ ବାହୁନୁଛନ୍ତି ବୋଲି ସଖୀ କହିଲା ଦେଖୁ ବାସକ ସଜ୍ଜିକାରୁ ବିରହୋତ୍କଣ୍ଠିତାକରାଇ ବିପ୍ରଲବ୍ଧା ଅବସ୍ଥାକୁ ନେଇଯାଇ, ପୁଣି ଏକ ଦ୍ୱନ୍ଦ୍ୱରେ ପକାଇଛନ୍ତି । ଦ୍ୱନ୍ଦ୍ୱ ନଥିଲେ ନାଟକରେ ମାଧୁର୍ଯ୍ୟ ନଥାଏ ।

ପୁଣି ଏଣେ ସଖୀଙ୍କୁ କହୁଛନ୍ତି — 'ଯାମିହେ କମିହ ଶରଣଂ ସଖୀ ଜନବଚନ ବଞ୍ଚିତା' ଅଭିନୟ ପାଇଁ ଏହାର ଭାବ ପ୍ରକାଶ ପାଇଁ ଅତି କଷ୍ଟ ହୁଏ । ପରେ ଖଣ୍ଡିତା, ନାଗର ଶ୍ୟାମଙ୍କୁ ଅନ୍ୟ ନାଗରୀ ସମ୍ଭୋଗ ଚିହ୍ନ ସହ ଦେଖି ଈର୍ଷାରେ ଦେହ ଜଳିଯାଏ । ଦୁଃଖରେ ଆହୁରି ବ୍ୟଥିତା ହୋଇ କହନ୍ତି — 'ଯାହି ମାଧବ, ଯାହି କେଶବ ଫେରିଯାଅ ମୋ ପାଖରେ ଆଉ ଛଳନା କର ନାହିଁ । ମିଛ କଥା ଆଉ କୁହନାହିଁ । ଏଠି ଦ୍ୱନ୍ଦ୍ୱ ସୁରକ୍ଷିତ ହୋଇଛି । ଶ୍ରୀକୃଷ୍ଣ କହିଲେ — ରାତିସାରା ରାଣ ଖୋଜୁଥିଲି, ଶୋଇ ନପାରି ଆଖି କଷା ଦିଶୁଛି । ବୃକ୍ଷମ ପାଟି କରିଥିଲା, ଶିଶିର ବିନ୍ଦୁ ଦ୍ୱାରା

ଣ୍ଠା ଦେହ ହଳଦିଆ ହୋଇଯାଇଛି । ଗିଲ କଣ୍ଟା ଲାଗି ମୋ ଅଧରରେ କ୍ଷତ ଚିହ୍ନ ଦିଶୁଅଛି । ନାୟକ ଏଠି ଧୃଷ୍ଟତାର ପରିଚୟ ଦେଇଛନ୍ତି । ଯେତେ ସ୍ତୁତି କଲେ ମଧ୍ୟ ଶ୍ରୀମତୀ ରାଧା ନାୟକଙ୍କୁ ଫେରାଇ ଦେଉଅଛନ୍ତି ।

ରାଧା ଫେରାଇଦେଲେ ସିନା ନିଜ ଅପରାଧକୁ ଭାଳି ଅନୁତାପ କଲେ । କଳହାନ୍ତରିତା ଶ୍ରୀମତୀଙ୍କୁ ସଖୀ କହିଲେ ଅନୁତାପ କରୁଛ କାହିଁକି, ଏ ନିର୍ଜନ କୁଞ୍ଜରେ ଏକାକିନୀ ବସି କ'ଣ କରୁଛୁ ? ମାଧବଙ୍କ ପ୍ରତି ଆଉ ମାନ କରନା, ଆମେ ଯାଉଛୁ ତାଙ୍କୁ ଆଣି ତୋ ସହ ମିଳନ କରାଇଦେବୁ । କିନ୍ତୁ ତୁ ତାଙ୍କୁ ତଡ଼ିବୁ ନାହିଁ ତ ? ସଖୀମାନେ ଯାଇ ମାଧବଙ୍କୁ ଫେରାଇ ଆଣିଲେ । ରାଧାଙ୍କ ପାଖରେ ଛାଡ଼ିଦେଇ କୁଞ୍ଜରୁ ଅପସରି ଗଲେ ।

ନାଗର ଜାନୁ ପାଡି ପ୍ରେମ ଭିକ୍ଷା କଲେ—
ଦେହି ପଦ ପଲ୍ଲବ ମୁଦାରଂ ।

ଏଠି ମାନ ଭାଙ୍ଗି ଯାଇଛି, ଶ୍ରୀମତୀ ମାଧବଙ୍କର କର ଦ୍ୱୟକୁ ଟାଣି ଆଣି ନେଇ ଆଲିଙ୍ଗନ କରିଛନ୍ତି । ହେ ଯଦୁନନ୍ଦନ ! ମୋର କୁଚ କଳସକୁ ମୃଗ ମଦରେ ତୁମ ନିଜ ହାତରେ ଚିତ୍ରିତ କର । ଅପସରି ଯାଇଛି ମାନ, ଦୂର ହୋଇଛି ବାଧା ବନ୍ଧନ, ଶକ୍ତି ଓ ଶକ୍ତିମାନ ଏକତ୍ର ହୋଇଛନ୍ତି । ମଳୟ ବହିଛି କୁଞ୍ଜରେ, ସୁବାସିତ କୁସୁମ ପ୍ରସ୍ଫୁଟିତ ହୋଇଛି, ରସରାଜଙ୍କ ସହ ରାସ ରାସେଶ୍ୱରୀ, ମାତିଛନ୍ତି ଲତାବନ୍ଧ ନୃତ୍ୟରେ । ଏହି ସ୍ୱାଧୀନ ଭର୍ତ୍ତୃକା ଅବସ୍ଥାରେ କବି ମିଳନ କରାଇ କାବ୍ୟ ସମ୍ପୂର୍ଣ୍ଣ କରିଛନ୍ତି ।

ମାଳବ, ବସନ୍ତ, ରାମକିରୀ, ଗୁନ୍ଦକିରୀ, ଭୈରବ, ଗୁର୍ଜରୀ, କର୍ଣ୍ଣାଟ, ଦେଶବରାଡ଼ି, ପ୍ରଭୃତି ରାଗରେ ରଚିତ ୨୪ଟି ଗୀତ ପାଇଁ ୫ ଗୋଟି ତାଳର ସୂଚନା ଦେଇଛନ୍ତି । ଏହି ରାଗଗୁଡ଼ିକ ୧୫ଶ—୧୬ଶ ଶତାବ୍ଦୀଠାରୁ ଓଡ଼ିଆ ସଙ୍ଗୀତରେ ବ୍ୟବହୃତ ହୋଇଆସିଛି । ଯତି, ନିଃସାରୀ ରୂପକ, ଏକତାଳି ଓ ଆଠତାଳି, ଏ ସମସ୍ତ ତାଳ ଓଡ଼ିଶାରେ ହିଁ ଅଧିକ ପ୍ରଚଳିତ ଥିବାର ଦେଖାଯାଏ । ନାଟ୍ୟ ମନୋରମା ଅନୁସାରେ ପୂର୍ବେ ୧୦ଟି ତାଳର ପ୍ରଚଳନ ଥିଲା । କର୍ଣ୍ଣାଟକୀ ସଙ୍ଗୀତର ଛାୟା ପଡ଼ିଥିଲେ ମଧ୍ୟ ଉତ୍କଳୀୟମାନେ ନିଜ ରାଗରାଗିଣୀରେ ନିଜସ୍ୱ ବଜାୟ ରଖିଛନ୍ତି । ଗୀତଗୋବିନ୍ଦ ସହ ନାଟ ଓ ଗୀତ ଏ ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ଚଳିଆସୁଥିଲା । ମାତ୍ର ଏଇ କେତେବର୍ଷ ହେବ ଗୀତ ବ୍ୟତୀତ ନାଟ ପ୍ରାୟ ବନ୍ଦ ହୋଇ ଯାଇଅଛି ।

ଓଡ୍ର ନୃତ୍ୟ ଶୈଳୀରେ ଅଭିନୟର ସ୍ୱତନ୍ତତା ରହିଛି । ଏ ନୃତ୍ୟରେ ଅଙ୍ଗଶୁଦ୍ଧି ଓ ଅଭିନୟରେ ଭାବ ପ୍ରକାଶକୁ ପ୍ରାଧାନ୍ୟ ଦିଆଯାଇଥାଏ । ମୁଦ୍ରାର ବହୁଳତା ନରଖି, ସ୍ଥାୟୀ ଭାବକୁ ଆଶ୍ରା କରି ସଞ୍ଚାରୀ ଦ୍ୱାରା ରସ ପରିସ୍ଫୁଟ କରାଯାଏ । ସେଥିପାଇଁ ଗୀତଗୋବିନ୍ଦ ନାଟକ ଓ ନୃତ୍ୟ ସହିତ ତାର ଭାବ ଉଦ୍ଦୀପକ ସରଳ କୋମଳ କାନ୍ତ ପଦାବଳୀ ଦର୍ଶକର ପ୍ରାଣ ମନ ହରଣ କରିଥାଏ ।



# ଶ୍ରୀଜଗନ୍ନାଥ ମନ୍ଦିରରେ ଗୀତଗୋବିନ୍ଦ ସେବା

● ଡକ୍ଟର ମହେଶ ପ୍ରସାଦ ଦାଶ

ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ହେବାର ଠିକ୍ ପରେ ପରେ ମନ୍ଦିର ସୁପରିଚାଳନା ନିମନ୍ତେ କେତେଜଣ କାର୍ଯ୍ୟନିର୍ବାହକ ନିଯୁକ୍ତ ହେଲେ । ସେମାନଙ୍କୁ ନଅଟି ଶ୍ରେଣୀରେ ବିଭକ୍ତ କରାଗଲା । ସେମାନେ ହେଲେ ଗୁରୁଦ୍ରୋଣ, ପାଟଯୋପ, ବ୍ରହ୍ମା, ଆଚାର୍ଯ୍ୟ, ପ୍ରତିହାରୀ, ପୁଷ୍ପାଳକ, ଦଇତା, ଧୋବା ଓ ଭଣ୍ଡାରୀ । ପ୍ରତ୍ୟେକଙ୍କ ଉପରେ ଗୋଟିଏ ଲେଖାଏଁ କାର୍ଯ୍ୟ ନ୍ୟସ୍ତ କରାଗଲା । ମନ୍ଦିର ପରିଚାଳନାରେ କୌଣସି ପ୍ରକାରର ତ୍ରୁଟି ଯେପରି ରହି ନ ଯାଏ ଏହାହିଁ ଥିଲା ଉଦ୍ଦେଶ୍ୟ । ଏହାପରେ ରାଜା ଅନଙ୍ଗଭୀମଙ୍କ ଦ୍ୱାରା "ଛତିଶା ନିଯୋଗ" ଆରମ୍ଭ କରାଗଲା । ଏହି ଛତିଶା ନିଯୋଗରେ ମୁଖ୍ୟତଃ ତିନି ଜଣ ପ୍ରତିନିଧି ଥାଆନ୍ତି, ସେମାନେ ହେଲେ :—(୧) ପ୍ରତିହାରୀ ନିଯୋଗ (୨) ସୁଆର ଓ ମହାସୁଆର ନିଯୋଗ (୩) ଭିତରଛୁ ନିଯୋଗ । ମନ୍ଦିରର ଅନ୍ୟାନ୍ୟ ସେବକମାନଙ୍କର କାର୍ଯ୍ୟ ତଦାରଖ କରିବା ଏହି ତିନିଜଣ ପ୍ରତିନିଧିଙ୍କର ମୁଖ୍ୟ କାର୍ଯ୍ୟ । ଗଜପତି ହେଉଛନ୍ତି ସର୍ବୋଚ୍ଚ କର୍ତ୍ତା । ସେବକମାନଙ୍କର କାର୍ଯ୍ୟରେ ତ୍ରୁଟି ଦେଖିଲେ, ଦଣ୍ଡବିଧାନ କରିବା କ୍ଷମତା ତାଙ୍କର ରହିଛି ।

ଗୀତଗୋବିନ୍ଦ ସେବକମାନେ ମନ୍ଦିର କାର୍ଯ୍ୟ ନିର୍ବାହକମାନଙ୍କର ଅନ୍ୟ ଶ୍ରେଣୀ । ଶ୍ରୀମନ୍ଦିରର ଘଟଣାବଳୀ ଲିପିବଦ୍ଧ ଥିବା ମାଦଳା ପାଞ୍ଜିରେ ବର୍ଣ୍ଣନା କରାଯାଇଛି କବି ନରସିଂହଦେବ, ସର୍ବପ୍ରଥମେ ଶ୍ରୀମନ୍ଦିର ମଧ୍ୟରେ ଗୀତଗୋବିନ୍ଦ ଆବୃତ୍ତି କରିବା ପାଇଁ ଅନୁମତି ପ୍ରଦାନ କରିଥିଲେ । କବି ନରସିଂହଦେବଙ୍କୁ, ଗଙ୍ଗରାଜା ଦ୍ୱିତୀୟ ନରସିଂହ ଦେବଙ୍କ ସହିତ ଚିହ୍ନିତ କରାଯାଏ । ସେ ୧୨୭୮ ଠାରୁ ୧୩୦୯ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜ୍ୟ ଶାସନ କରିଥିଲେ । ଶ୍ରୀମନ୍ଦିର ମଧ୍ୟରେ ଗୀତଗୋବିନ୍ଦ ଆବୃତ୍ତିର ପ୍ରଥା କେତେ ବର୍ଷ ଧରି ଚାଲୁ ରହିଥିଲା । କିନ୍ତୁ ପ୍ରତାପରୁଦ୍ରଦେବ (୧୪୯୭—୧୫୩୪ ଖ୍ରୀ:)ଙ୍କ ଶାସନ ସମୟରେ ଏହାକୁ ଅସ୍ୱୀକାର କରାଯାଇ ତାଙ୍କ ପିତା ଶ୍ରୀ ପୁରୁଷୋତ୍ତମ ଦେବଙ୍କ ଦ୍ୱାରା ରଚିତ ଅଭିନବ ଗୀତଗୋବିନ୍ଦ ଆବୃତ୍ତିର ପ୍ରଚଳନ କରାଗଲା । କିନ୍ତୁ ପୂଜକ ଏବଂ ଭକ୍ତମାନଙ୍କ ଦ୍ୱାରା ଏହାର ଘୋର ପ୍ରତିରୋଧ ହେଲା । ଜୟଦେବଙ୍କ ଶ୍ରୀଗୀତଗୋବିନ୍ଦର ପୁନର୍ବାର ଆବୃତ୍ତି ନିମନ୍ତେ ଦାବି ହେବାରୁ ଅଳ୍ପଦିନ ମଧ୍ୟରେ ରାଜା ପ୍ରତାପରୁଦ୍ରଦେବ ପୂର୍ବ ଆଦେଶକୁ ପ୍ରତ୍ୟାହରଣ କରିଥିଲେ । ଓଡ଼ିଶାର ଶେଷ ଗଜପତି ଶ୍ରୀ ପ୍ରତାପରୁଦ୍ର ଦେବଙ୍କର ମୃତ୍ୟୁ ପରେ କିଛି ଦିନ ପାଇଁ ରାଜ୍ୟ ରାଜନୈତିକ ଅନିଶ୍ଚିତତା ମଧ୍ୟରେ ଗତି କରିଥିଲା । ଶ୍ରୀମନ୍ଦିର ଉପରେ ଏହାର ଯଥେଷ୍ଟ ପ୍ରଭାବ ପଡ଼ିଥିଲା । ପରବର୍ତ୍ତୀ ବର୍ଷଗୁଡ଼ିକରେ ବିବାଦ, ରକ୍ତପାତ, ଚକ୍ରାନ୍ତ, ଷଡ଼ଯନ୍ତ୍ର ଏବଂ ଯୁଦ୍ଧ ଲାଗିରହିଥିଲା । ଗଜପତି ରାଜାଙ୍କର ପୁତ୍ରମାନେ ତାଙ୍କର ବିଶ୍ୱାସଘାତକ ମନ୍ତ୍ରୀ ଗୋବିନ୍ଦ ବିଦ୍ୟାଧରଙ୍କ ଦ୍ୱାରା ମୃତ୍ୟୁ ମୁଖରେ ପଡ଼ିଥିଲେ । ଗୋବିନ୍ଦ ବିଦ୍ୟାଧର ପାପ, ଅଧର୍ମ ଓ ବ୍ୟଭିଚାରର ଏକ ପ୍ରତିକ ଥିଲେ ବୋଲି ଐତିହାସିକମାନେ ମତ ଦିଅନ୍ତି ।

ଏହିପରିଭାବେ ଯେତେବେଳେ ସୂର୍ଯ୍ୟବଂଶ ଶାସନ ଲୋପ ପାଇଲା, ସେତେବେଳେ ଗୋବିନ୍ଦ ବିଦ୍ୟାଧର ସିଂହାସନ ଆରୋହଣ କଲେ ଏବଂ ନିଜକୁ ଗଜପତି ରାଜା ରୂପେ ଘୋଷଣା କଲେ । ତାଙ୍କର ସୀମିତ ଶାସନ କାଳରେ ଓଡ଼ିଶା ଖଣ୍ଡ ବିଖଣ୍ଡିତ ହୋଇ ଅପ୍ରବେଶ୍ୟ ପାର୍ବତ୍ୟ ଅଞ୍ଚଳଗୁଡ଼ିକରେ କେତେଗୁଡ଼ିଏ ଛୋଟ ଛୋଟ ସ୍ୱାଧୀନ ରାଜ୍ୟ ପ୍ରତିଷ୍ଠା ଲାଭ କରିଥିଲା । ତାଙ୍କର ନିରର୍ଥକ ଉତ୍ତରାଧିକାରୀମାନଙ୍କୁ ପରଦା ଉପରୁ ହଟାଇ ଦିଆଯାଇ ମୁକୁନ୍ଦ ହରିଚନ୍ଦନ ନାମରେ ଜଣେ ସାହସୀ ସେନାପତି ବିପର୍ଯ୍ୟୟଗ୍ରସ୍ତ ସାମ୍ରାଜ୍ୟର ପୁନରୁଦ୍ଧାର ନିମନ୍ତେ ସିଂହାସନ ଆରୋହଣ କଲେ ।

ମୁକୁନ୍ଦଦେବ ନଅବର୍ଷ ପର୍ଯ୍ୟନ୍ତ ଶାସନ କରିଥିଲେ । ସେ ସମୟରେ ବହିଃ ଆକ୍ରମଣ ବା ଅନ୍ତର୍ବିବାଦ ରାଜ୍ୟର ଏକ ଦୁଃଖପୂର୍ଣ୍ଣ କାହାଣୀ ପ୍ରାୟ ଥିଲା । ପରିଶେଷରେ ୧୫୬୮ ଖ୍ରୀଷ୍ଟାବ୍ଦରେ ମୁକୁନ୍ଦଦେବ ଏକ ଆନ୍ତଃ ରାଜ୍ୟ ଯୁଦ୍ଧରେ ପ୍ରାଣ ହରାଇଥିଲେ । ଏହାଦ୍ୱାରା ମୁସଲମାନ ଆକ୍ରମଣର ରାସ୍ତା ଫିଟି ହୋଇଯାଇଥିଲା । ପରବର୍ତ୍ତୀ କାଳଗୁଡ଼ିକରେ ଓଡ଼ିଶାରେ ସର୍ବତ୍ର ଅରାଜକତା ବ୍ୟାପୀ ଯାଇଥିଲା । ଠାକୁର ଏବଂ ବ୍ରାହ୍ମଣମାନଙ୍କ ତତ୍ତ୍ୱ ନେବା ପାଇଁ କେହି ନ ଥିଲେ । କଟକ ଜୟ କରିବା ପରେ ଆଫଗାନମାନଙ୍କ ସେନାପତି କଳାପାହାଡ଼, ପୁରୀ ଅଧିକାର କରି ଜଗନ୍ନାଥ ମନ୍ଦିରର ବହୁ ମୂଲ୍ୟ ଦ୍ରବ୍ୟ ଧ୍ୱଂସ କରିଥିଲେ ।

ଆହୁରି ମଧ୍ୟ କୁହାଯାଏ ଯେ, ସେ ଜଗନ୍ନାଥଙ୍କ ବିଗ୍ରହକୁ ଗୋଟିଏ ହାତୀ ହାତରେ ଦେଇଯାଇଥିଲେ ଏବଂ ପରେ ତାଙ୍କୁ ଫେରାଇଦେଇଥିଲେ । ପରବର୍ତ୍ତୀ କାଳରେ ଜଗନ୍ନାଥଙ୍କର ଅନ୍ୟ ଏକ ନୂତନ ବିଗ୍ରହ ନିର୍ମାଣ କରାଯାଇ ବହୁଦିନ ପର୍ଯ୍ୟନ୍ତ ଦକ୍ଷିଣ ଓଡ଼ିଶା କିମ୍ବା ଚିଲିକା ମଧ୍ୟରେ ଏକ ପାହାଡ଼ ଉପରେ ପୂଜକମାନଙ୍କ ଦ୍ୱାରା ଲୁକ୍କାୟିତ ଅବସ୍ଥାରେ ରଖା ଯାଇଥିଲା । ଓଡ଼ିଶା ୧୫୬୮ ରୁ ୧୫୯୦ ପର୍ଯ୍ୟନ୍ତ ଆଫଗାନମାନଙ୍କର ସମ୍ପୂର୍ଣ୍ଣ ଅଧିକାରରେ ଥିଲା, ଏହି ସମୟରେ ସେମାନେ ହିନ୍ଦୁଧର୍ମ ପ୍ରତି ଅସୂୟା ଭାବ ପୋଷଣ କରିଥିଲେ । ମନ୍ଦିରଗୁଡ଼ିକର ଯତ୍ନ ନିଆଯାଉ ନଥିଲା । ପ୍ରସିଦ୍ଧ ମୋଗଲ ସେନାପତି ରାଜା ମାନସିଂ ଆଫଗାନମାନଙ୍କୁ ୧୫୯୦ ଖ୍ରୀଷ୍ଟାବ୍ଦରେ ପରାସ୍ତ କରି ରାମଚନ୍ଦ୍ର ଦେବଙ୍କୁ ଖୋର୍ଦ୍ଧା ରାଜା ରୂପେ ଏବଂ ଶ୍ରୀମନ୍ଦିର ଅଧୀକ୍ଷକ ରୂପେ ପ୍ରତିଷ୍ଠିତ କରି ପରିସ୍ଥିତିକୁ ଭିନ୍ନ ରୂପ ଦେଇଥିଲେ । ରାମଚନ୍ଦ୍ର ଦେବ ଜଣେ ଦକ୍ଷ ଏବଂ ଖ୍ୟାତନାମା ଶାସକ ଥିଲେ । ତାଙ୍କୁ ଇନ୍ଦ୍ରଦ୍ୟୁମ୍ନ ବୋଲି ମଧ୍ୟ କୁହାଯାଉଥିଲା । ସେ ୧୫୯୨ ଖ୍ରୀଷ୍ଟାବ୍ଦରେ ଶ୍ରୀଜଗନ୍ନାଥ ତ୍ରିମୂର୍ତ୍ତିଙ୍କର ନବୀକରଣ ଓ ଶ୍ରୀମନ୍ଦିରର ପରିଚାଳନା କାର୍ଯ୍ୟର ପୁନଃ ସଂସ୍କାର କରିଥିଲେ ।

ପୁରୀର ଚତୁର୍ଦ୍ଦିଗରେ ନୂତନ ବ୍ରାହ୍ମଣ ଶାସନମାନ ପ୍ରତିଷ୍ଠା କରିଥିଲେ ଏବଂ ସେହି ନୂଆ ଏବଂ ପୁରୁଣା ଶାସନଗୁଡ଼ିକର ମୁଖ୍ୟ ବ୍ରାହ୍ମଣମାନଙ୍କୁ ମୁକ୍ତିମଣ୍ଡପ ସଭାରେ ସ୍ଥାନ ଦେବା ପାଇଁ ଆମନ୍ତ୍ରିତ କରିଥିଲେ । ଏହି ମୁକ୍ତିମଣ୍ଡପ ଧର୍ମ ସଂକ୍ରାନ୍ତୀୟ ସମସ୍ତ ପ୍ରଶ୍ନ ସମାଧାନର ସର୍ବୋଚ୍ଚ ଅଧିକାରୀ ରୂପେ ପରିଗଣିତ ହେଲା । ମନ୍ଦିରର ପୂର୍ବ ପବିତ୍ରତା ଫେରି ଆସିଥିଲା । ବିଭିନ୍ନ କାର୍ଯ୍ୟ ନିର୍ବାହକାରୀଗଣ ନିଜ ନିଜର ପୂର୍ବ ଦାୟିତ୍ୱ ଅନୁଯାୟୀ କାର୍ଯ୍ୟାରମ୍ଭ କଲେ । ଶ୍ରୀମନ୍ଦିର ପ୍ରତିଷ୍ଠାର ମୁଖ୍ୟ ଆଦିକରଣ ହେଉଛି ସେଗୁଡ଼ିକ 'ଛାମୁଚିଟାଉ' ଯେଉଁଗୁଡ଼ିକ ଦେଉଳକରଣଙ୍କ ମାଧ୍ୟମରେ ଜଗନ୍ନାଥ ମନ୍ଦିର ସଂକ୍ରାନ୍ତୀୟ ବିଭିନ୍ନ ଅନୁଷ୍ଠାନ ବ୍ୟକ୍ତି ବିଶେଷଙ୍କୁ ଦିଆଯାଇଥିଲା । ଏହି ଚିଟାଉଗୁଡ଼ିକ ଗବେଷକମାନଙ୍କ ଅନୁସନ୍ଧାନ କାର୍ଯ୍ୟରେ ବିଶେଷ ସହାୟକ ହେବ ବୋଲି ଆଶା କରାଯାଏ । ଯେତେବେଳେ ଏହା ସମ୍ପୂର୍ଣ୍ଣ ରୂପେ ଆଲୋଚନକୁ ଆସିପାରିବ ସେତେବେଳେ ଏହା ଶ୍ରୀମନ୍ଦିର ପରିଚାଳନା ଦାୟିତ୍ୱରେ ଥିବା କାର୍ଯ୍ୟ ନିର୍ବାହକମାନଙ୍କ କାର୍ଯ୍ୟ ଉପରେ ନୂତନ ଆଲୋକ ପ୍ରଦାନ କରିବ । ସେଥିରୁ ଗୀତଗୋବିନ୍ଦ ସେବା ଓ ମାହାରୀ ସେବା ବିଷୟରେ ବହୁ ମୂଲ୍ୟବାନ ତଥ୍ୟ ମିଳିପାରିବ ।

୧୬୨୨ରେ ରାଜା ନରସିଂହ ଦେବଙ୍କ ଦ୍ୱାରା ସଂଗୃହୀତ ଓ ପ୍ରକାଶିତ-ଅଧିକାର-ଓ-ପାରଣା-ନାମକ ଏକ ସହଜ ବ୍ୟବହାର୍ଯ୍ୟ ପୁସ୍ତକ । କୁହାଯାଏ ଯେ, ସେହି ସମୟରେ ଜଗନ୍ନାଥ ମନ୍ଦିର ନୀତିରେ ଯଥେଷ୍ଟ ଉନ୍ନତି କରାଯାଇଥିଲା । କିନ୍ତୁ ମୋଗଲ ଶାସନ କାଳରେ ଜାହାଙ୍ଗୀରଙ୍କଠାରୁ ଆଉରଙ୍ଗଜେବଙ୍କ ପର୍ଯ୍ୟନ୍ତ ଧର୍ମ କାର୍ଯ୍ୟଧାରାରେ ପରିବର୍ତ୍ତନ ଯୋଗୁଁ ଧର୍ମାନୁଷ୍ଠାନମାନଙ୍କରେ ପୂଜା ପଦ୍ଧତିର ବିଧିରେ ନାନାବିଧ ଅନ୍ତରାୟ ଘଟିଲେ ମଧ୍ୟ ଖୋର୍ଦ୍ଧା ରାଜା ବିଭିନ୍ନ ସମୟରେ ମୋଗଲ-ସୁବେଦାରମାନଙ୍କୁ ବିଶେଷ କରି କଟକରେ ଥିବାଙ୍କର ଶ୍ରୀମନ୍ଦିରକୁ ରକ୍ଷା କରିଥିଲେ । ଅନ୍ୟ ଦିଗରେ ଠାକୁରଙ୍କର ଶ୍ରୀମନ୍ଦିରରେ ଅନୁପସ୍ଥିତ ରହିବା ସମୟରେ ରାଜସ୍ୱ ହ୍ରାସ ପାଉଥିବା ହେତୁ ଲାଭ ଉଠାଉଥିବା ଦିଗରେ ସୁବେଦାରମାନେ ଜଗନ୍ନାଥଙ୍କ ପୂଜା ପାଇଁ ଯଥେଷ୍ଟ ଆଗ୍ରହୀ ହୋଇ ଉଠିଥିଲେ ।

ଆଉରଙ୍ଗଜେବଙ୍କ ମୃତ୍ୟୁ ପରେ ଓଡ଼ିଶା ବଙ୍ଗଳାର ନବାବଙ୍କ ହସ୍ତଗତ ହେଲା । ବଙ୍ଗଳାର ନବାବ ମୁର୍ସିଦ୍ କୁଲି ଖାଁଙ୍କ ଦୀର୍ଘ ଶାସନ କାଳରେ ପୁରୀ ଏବଂ ଖୋର୍ଦ୍ଧାରେ ଶାନ୍ତି ବିରାଜମାନ କରୁଥିଲା । ୧୭୩୩ରେ ଯେତେବେଳେ ତାକି ଖାଁ କଟକର ସୁବେଦାର ହେଲେ ସେତେବେଳେ ପରିସ୍ଥିତି ବଦଳି ଗଲା । ଏହି ସମୟରେ ଅଧିକାଂଶ ସମୟ ଠାକୁର ମନ୍ଦିରରେ ଅନୁପସ୍ଥିତ ରହୁଥିଲେ । ୧୭୩୩ରେ ତାକି ଖାଁଙ୍କ ମୃତ୍ୟୁ ପରେ ରାଜ୍ୟପାଳ ଦ୍ୱିତୀୟ ମୁର୍ସିଦ୍ କୁଲି ଖାଁ ବିଗ୍ରହଗୁଡ଼ିକୁ ଜୋର୍ କରି ମନ୍ଦିର ଭିତରକୁ ଅଣାଇଥିଲେ । କାରଣ ଠାକୁରମାନଙ୍କ ଅନୁପସ୍ଥିତି ହେତୁ ଯାତ୍ରୀ କରରେ କ୍ଷତି ଘଟୁଥିଲା ।

ଓଡ଼ିଶାରେ ମୁସଲମାନମାନେ ଯଦିଓ ଲୁଣ୍ଠନ ଚଳାଇଥିଲେ ତଥାପି ସେମାନେ ଜଗନ୍ନାଥଙ୍କର କିଛି କ୍ଷତି କରିପାରି ନଥିଲେ । କାରଣ ଶ୍ରୀଜଗନ୍ନାଥ, ସୋମନାଥ ଓ ବିଶ୍ୱନାଥଙ୍କ ପରି ବିଗ୍ରହ ନଥିଲେ ବରଂ ଏକ ଜୀବନ୍ତ ବିଗ୍ରହ ରୂପେ ଓଡିଶାର ଆବାଳ—ବୃଦ୍ଧ—ବନିତାଙ୍କର ହୃଦୟରେ ବିରାଜମାନ କରିଥିଲେ ।

ଓଡ଼ିଶା ଏହା ପରେ ୧୭୫୧ରେ ମରହଟ୍ଟାମାନଙ୍କ ହାତକୁ ଗଲା । ଖୋର୍ଦ୍ଧା ରାଜା ନାମକୁ ମାତ୍ର ଗଜପତି ହୋଇ ରହିଲେ, କିନ୍ତୁ ତାଙ୍କ କ୍ଷମତା ଜମିଦାରମାନଙ୍କ ସହିତ ସମାନ କରି ଦିଆଗଲା । ମରହଟ୍ଟା ସରକାର ମନ୍ଦିର ଅଧୀନରେ ଥିବା ଜମିଗୁଡ଼ିକର ଖଜଣା ଆଦାୟ ତଥା ଏହାର ରକ୍ଷଣାବେକ୍ଷଣ ପାଇଁ ଏକ ନୂଆ କର୍ମଚାରୀ ନିଯୁକ୍ତି କଲେ । ସେ ମଧ୍ୟ ମନ୍ଦିର ସେବକମାନଙ୍କର ନିତିଦିନିଆ କାର୍ଯ୍ୟ ତଦାରଖ ପାଇଁ ନିଯୁକ୍ତ ହେଲେ । ଯେତେଜଣ ମନ୍ଦିରର ସେବକ ଥିଲେ, ସେମାନେ ସରକାରଙ୍କର ସେବକ ହେଲେ ଏବଂ ସେମାନଙ୍କର କାର୍ଯ୍ୟ ସଂକ୍ରାନ୍ତୀୟ ସମସ୍ତ ବିବାଦକୁ ସରକାରଙ୍କ ଶେଷ ନିଷ୍ପତ୍ତି ନିମନ୍ତେ ଜଣାଇ ଦିଆଯାଇଥିଲା । ବର୍ତ୍ତମାନ ପୁରୀ ମନ୍ଦିର କାର୍ଯ୍ୟାଳୟରେ ବହୁ ମୂଲ୍ୟବାନ ମୋଡି ଲିପିର ନଥିପତ୍ର ରହିଛି । ଏହା ଓଡ଼ିଶା ରାଜ୍ୟ ଅଭିଲେଖାଗାରରେ କେନ୍ଦ୍ରୀଭୂତ କରାଯାଉଛି । ସେଗୁଡ଼ିକ ଯେତେବେଳେ ସମ୍ପୂର୍ଣ୍ଣ ରୂପେ ପୂର୍ଣ୍ଣ ଅର୍ଥ ପ୍ରକାଶ କରିବା ଲାଗି ଉପଯୁକ୍ତ ହେବେ, ସେତେବେଳେ ଏହା ଗୀତଗୋବିନ୍ଦ ସେବା ଏବଂ ମାହାରୀ ସେବା କାର୍ଯ୍ୟ ଉପରେ ନୂତନ ଆଲୋକ ପ୍ରଦାନ କରିବ ।

୧୮୦୩ରେ ଓଡ଼ିଶା ଇଂରେଜ ଶାସକଙ୍କ ହାତକୁ ଆସିଲା । ମନ୍ଦିର କାର୍ଯ୍ୟନିର୍ବାହକାରୀମାନଙ୍କ ଉପରେ ପ୍ରଥମ ରିପୋର୍ଟଟି ହେଉଛି ମିଃ ସିଃ ଗ୍ରୋମ୍ ଏବଂ ତାହା ୧୮୦୫ରେ ହୋଇଥିଲା । ଏହାର ମୁଖ୍ୟ ରିପୋର୍ଟଟି ଓଡ଼ିଶା ରାଜ୍ୟ ଅଭିଲେଖାଗାରରେ ସଂଗୃହୀତ ହୋଇଛି, କିନ୍ତୁ ଦୁଃଖର ବିଷୟ ଏହାର ଯୋଡ଼ପତ୍ରଗୁଡ଼ିକ ହଜିଯାଇଛି । ମିଃ ଗ୍ରୋମ୍ଙ୍କ ରିପୋର୍ଟ ଅନୁଯାୟୀ ଶ୍ରୀମନ୍ଦିରରେ ୩୬ ଗୋଟି ପ୍ରତିଷ୍ଠାନ ରହିଛି ଏବଂ ସେଗୁଡ଼ିକ ଛତିଶା ନିଯୋଗ ରୂପେ ପରିଗଣିତ । ସେ ଆହୁରି ମଧ୍ୟ ବର୍ଣ୍ଣନା କରିଛନ୍ତି ଯେ ପ୍ରାୟ

୨୦୦ ବର୍ଷ ପୂର୍ବରୁ ଅନ୍ୟ କେତେଜଣ ସେବକ ଏମାନଙ୍କ ସହିତ ମିଶି ବର୍ତ୍ତମାନ ମିଳିଥିବା ମନ୍ଦିର ହିସାବ ଅନୁସାରେ ସେବକଙ୍କ ସଂଖ୍ୟା ୨୫୦ ଅଟେ । ଆହୁରି ମଧ୍ୟ ତାଙ୍କ ଦ୍ୱାରା ମନ୍ଦିର ପରିଚାଳନା ଦାୟିତ୍ୱରେ ଥିବା କାର୍ଯ୍ୟ ନିର୍ବାହକାରୀମାନଙ୍କର ଏକ ତାଲିକା ପ୍ରସ୍ତୁତ କରାଯାଇଛି, ଯେଉଁଥିରେ ସେ ଗୀତଗୋବିନ୍ଦ ସେବାର ବର୍ଣ୍ଣନା କରିଛନ୍ତି । ଏଥିରୁ ଜଣାଯାଏ ଯେ ଗୀତଗୋବିନ୍ଦ ସେବା ଖୋର୍ଦ୍ଧା ରାଜାଙ୍କ ଶାସନ କାଳରେ ପ୍ରାଧାନ୍ୟଲାଭ କରିଥିଲା ଏବଂ ମରହଟ୍ଟା ଶାସନ କାଳ ମଧ୍ୟରେ ଖ୍ୟାତିଲାଭ କରିଥିଲା । ଏହି ସେବାରେ ଥିବା ବହୁ ମେଧାବୀ ପେଶାଦାର ଶିଳ୍ପୀଙ୍କୁ ସର୍ବୋଚ୍ଚ ଉପାଧିରେ ଭୂଷିତ କରାଇଥିଲା । ଧର୍ମ ଅନୁଷ୍ଠାନରୁ ସେମାନେ କେତେଗୁଡ଼ିଏ ସୁବିଧା ସୁଯୋଗ ମଧ୍ୟ ପାଇଥିଲେ । ଶ୍ରୀମନ୍ଦିରର ନୀତି ଅନୁସାରେ ଯିଏ ପୁରୀ ରାଜାଙ୍କଠାରୁ ଏହି ସେବା ପାଇଁ ଶାଢ଼ୀ ପାଇଥିବେ, ସେ ଗୀତଗୋବିନ୍ଦ ସେବକ ରୂପେ ପରିଗଣିତ ହୁଅନ୍ତି । ଛାମୁ ଚିଟାଉର ଏକ ନକଲ ଦେଉଳ କରଣଙ୍କ ଜାଣିବା ପାଇଁ ତାଙ୍କ ପାଖରେ ରହିଛି । ଏହି ସେବା "Record of Right" ଅନୁସାରେ ବଂଶାନୁକ୍ରମିକ । ଯେତେବେଳେ ଏହି "Record of Right" ପ୍ରକାଶିତ ହେଲା, ସେତେବେଳେ ଆଉ ଛାମୁଚିଟାଉର ଦରକାର ହେଲାନାହିଁ । ଗୀତଗୋବିନ୍ଦ ସେବାର ସମସ୍ତ ଦାୟିତ୍ୱ 'ଜଗନ୍ନାଥବଲ୍ଲଭ ମଠ' ଓ 'ରାଘବଦାସ ମଠ' ଉପରେ ନ୍ୟସ୍ତ ହେଲା । ଶ୍ରୀ ନାରାୟଣ ଆଚାର୍ଯ୍ୟ ନାମରେ ଜଣେ ବ୍ୟକ୍ତି ଗୀତଗୋବିନ୍ଦ ଆବୃତ୍ତି କରିବା ପାଇଁ ଥିଲେ । ଏହି ସେବା ସନ୍ଧ୍ୟା ସମୟରେ ଜୟବିଜୟ ଦ୍ୱାରରେ ହୋଇଥାଏ । ଆରତୀ ହୁଏ ଓ ଏହି ସମୟରେ ଠାକୁରଙ୍କ ପୋଷାକ ମଧ୍ୟ ପରିବର୍ତ୍ତନ କରାଯାଇଥାଏ । ମୂର୍ତ୍ତିଗୁଡ଼ିକ ଷୋଡ଼ଶ ଉପଚାରରେ ପୂଜା ହୁଅନ୍ତି ଓ ଏହି ସମୟରେ ଦ୍ୱିତୀୟଥର ଆରତୀ ହୁଏ । ସନ୍ଧ୍ୟାଧୂପ ପରେ ମୂର୍ତ୍ତିଗୁଡ଼ିକୁ ସିଲ୍କ ପୋଷାକ ପିନ୍ଧାଇ ଦିଆଯାଏ ଓ ଚନ୍ଦନଲାଗି ମଧ୍ୟ କରାଯାଇଥାଏ । ଏହାପରେ ଗୀତଗୋବିନ୍ଦ ଆବୃତ୍ତି ଏବଂ ତତ୍‌ସଙ୍ଗେ ବୀଣାବାଦନ ମଧ୍ୟ ହୋଇଥାଏ । ଏହାପରେ ବଡ଼ସିଂହାର ବେଶ ହୁଏ । ଏହି ସେବାର ମୁଖ୍ୟ ବିଶେଷତ୍ୱ ହେଉଛି, ବଡ଼ଲାଗି ପାଟ ନାମରେ ଗୋଟିଏ ସିଲ୍କ ଲୁଗା ଗୀତଗୋବିନ୍ଦର ଏକ ପଦ ସାଙ୍ଗରେ ତାଙ୍କୁ ଅର୍ପଣ କରାଯାଏ । ଏହି କାର୍ଯ୍ୟ ଶୃଙ୍ଗାରୀ ମେକାପ କରିଥାଆନ୍ତି ।

ମନ୍ଦିର ପରିଚାଳନାରେ ହସ୍ତକ୍ଷେପ ନକରିବା ମୁଖ୍ୟ ଉଦ୍ଦେଶ୍ୟ ଥିଲେ ମଧ୍ୟ ଇଂରେଜମାନେ ମନ୍ଦିରର ପୂଜାପଦ୍ଧତି ଉପରେ ଗଭୀର ଆଗ୍ରହ ପ୍ରକାଶ କରିଥିଲେ । ସେ ସଂକ୍ରାନ୍ତୀୟ ନଥିପତ୍ର ଓଡ଼ିଶା ରାଜ୍ୟ ଅଭିଲେଖାଗାରରେ ସଂଗୃହୀତ ହୋଇ ରହିଛି । ସେମାନେ ମୁଖ୍ୟତଃ ଗୀତଗୋବିନ୍ଦ ସେବା ଓ ମାହାରୀ ସେବା ସମ୍ବନ୍ଧରେ ଜାଣିବାକୁ ଇଚ୍ଛୁକ ଥିଲେ । ଜଣେ ବଙ୍ଗୀୟ ପଣ୍ଡିତଙ୍କୁ ଏ ସମ୍ବନ୍ଧରେ ରିପୋର୍ଟ ଦେବାକୁ ଅନୁରୋଧ କରାଯାଇଥିଲା । ପଣ୍ଡିତଙ୍କ ରିପୋର୍ଟ ଅନୁଯାୟୀ ପୂର୍ବରୁ ବହୁ ପେଶାଦାର ଗାୟକ ଥିଲେ, ସେମାନଙ୍କର ପୁସ୍ତକ ପଢ଼ିବା ଅଭ୍ୟାସ ଥିଲା । ସେଥିପାଇଁ ଯାତ୍ରୀମାନଙ୍କର ସେମାନଙ୍କ ପ୍ରତି ପ୍ରଗାଢ଼ ସମ୍ମାନ ଥିଲା । କିନ୍ତୁ ବର୍ତ୍ତମାନ ଏପରି ଦେଖାଯାଏ ନାହିଁ । ସେ କୁହନ୍ତି ବର୍ତ୍ତମାନ ଯେଉଁମାନେ ଗାଆନ୍ତି, ସେମାନେ ସମ୍ପୂର୍ଣ୍ଣ ଅଜ୍ଞ ଏବଂ ଜାଣିବା ପାଇଁ ଅନିଚ୍ଛୁକ ଇତ୍ୟାଦି । ଉକ୍ତ ବଙ୍ଗୀୟ ପଣ୍ଡିତ ତାରାନାଥ ବିଦ୍ୟାସାଗରଙ୍କ ରିପୋର୍ଟ ଅନୁସାରେ, "ଗୀତଗୋବିନ୍ଦ ଓ ମାହାରୀ ସେବା ଦୁର୍ବଳ ଭିତ୍ତି ଉପରେ ଗଠିତ ହୋଇଥିଲା ।" ତାରାନାଥ ବିଦ୍ୟାସାଗରଙ୍କ ରିପୋର୍ଟ ଅନୁଯାୟୀ ମନ୍ଦିର ପରିଚାଳନା ରୀତିନୀତି କିଛି ମାତ୍ରାରେ ତଳକୁ ଖସି ଯାଇଥିଲେ ମଧ୍ୟ ଅନୁଷ୍ଠାନଟିର ପବିତ୍ରତା ଅତୁଟ ରହିଛି । ସେବା କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କଲେ, ସେବକମାନଙ୍କୁ ଦଣ୍ଡବିଧାନ ମଧ୍ୟ କରାଯାଉଛି । ଗଙ୍ଗବଂଶୀୟ ରାଜା ନରସିଂହ ଦେବଙ୍କଠାରୁ (୧୨୭୮–୧୩୦୬) ଖ୍ରୀଷ୍ଟାବ୍ଦ ଶାସନ ପର୍ଯ୍ୟନ୍ତ ଓ ପରେ ଶ୍ରୀମନ୍ଦିରରେ ଗୀତଗୋବିନ୍ଦ ସେବା କିପରି ନିରବଚ୍ଛିନ୍ନ ଭାବେ ପ୍ରଚଳିତ ଅଛି ତାହା ଏଥିରୁ ସୂଚିତ ହୁଏ ।

---

ସୁପରିନ୍‌ଟେଣ୍ଡେଣ୍ଟ,
ଷ୍ଟେଟ୍ ଆର୍‌କାଇଭ୍‌ସ୍, ଭୁବନେଶ୍ୱର ।

# "ବୈଷ୍ଣବ ଲୀଳାମୃତ" ଗ୍ରନ୍ଥରେ ଶ୍ରୀ ଜୟଦେବ

• ଶ୍ରୀ ପଦ୍ମନାଭ ତ୍ରିପାଠୀ

"ବୈଷ୍ଣବ ଲୀଳାମୃତ"ର ରଚୟିତା କବି ମାଧବ ପଟ୍ଟନାୟକଙ୍କ ନିଜ ଘର ଥିଲା ପୁରୀ ଜିଲ୍ଲା ଅନ୍ତର୍ଗତ ଖଣ୍ଡପଡ଼ା । ତାଙ୍କର ପିତାଙ୍କ ନାମ ଥିଲା ଭଗବାନ ଓ ମା ଥିଲେ ହୀରା ଦେବୀ । ସେ ପଟ୍ଟନାୟକ ଉପାଧି ଗ୍ରହଣ କରିଥିଲେ । "ବୈଷ୍ଣବ ଲୀଳାମୃତ" ଗ୍ରନ୍ଥରେ ଅଛି :

ମୁଁ ହୀନ ମାଧବ ପାମର । ଶୂଦ୍ର କୁଳରେ ଜନ୍ମ ମୋର ॥
ମୋ ପିତା ନାମ ଭଗବାନ । ମାତା ମୋ
ହୀରା ଦେବୀ ଜାଣ ॥
କରଣ ବଂଶେ ଜନ୍ମ ହୋଇ । ପଟ୍ଟନାୟକ ସଂଜ୍ଞା ବହି ॥
ଖଣ୍ଡପଡ଼ା ମୋ ଜନ୍ମ ସ୍ଥାନ । ଶ୍ରୀକ୍ଷେତ୍ର ବାସେ
ଦେଲି ମନ ॥

(ପ୍ରଥମ ଅଧ୍ୟାୟ)

ତାଙ୍କର ଆଶ୍ରୟଦାତା ଥିଲେ ରାୟ ରାମାନନ୍ଦ ଓ ସେ ଚୈତନ୍ୟଙ୍କର ପରମ ଭକ୍ତ ଥିଲେ । ଗଜପତି ସମ୍ରାଟ ପ୍ରତାପରୁଦ୍ର ଦେବଙ୍କ ୨୪ ଅଙ୍କରେ କବି "ଚୈତନ୍ୟ ବିଳାସ" ନାମକ ଏକ ଗ୍ରନ୍ଥ ରଚନା କରିଥିଲେ । ରାଜାଙ୍କ ୨୪ ଅଙ୍କ ଖ୍ରୀ: ଅ: ୧୫୧୬ ସହ ସମାନ । ଏହି ଗ୍ରନ୍ଥରେ ସେ ନିଜକୁ ମାଧବ ଦାସ ନାମରେ ଅଭିହିତ କରାଇଛନ୍ତି । ଗଜପତି ମହାରାଜାଙ୍କ ୪୮ ଅଙ୍କରେ ଅର୍ଥାତ୍ ଖ୍ରୀ: ଅ: ୧୫୩୨ରେ ସେ ଆଲୋଚ୍ୟ "ବୈଷ୍ଣବ ଲୀଳାମୃତ" ଗ୍ରନ୍ଥ ରଚନା କରିଛନ୍ତି । ଏହି ଗ୍ରନ୍ଥରେ କବି ଚୋଡ଼ଗଙ୍ଗ ଦେବଙ୍କ ମନ୍ଦିର ନିର୍ମାଣ, ଜୟଦେବଙ୍କ "ଗୀତ ଗୋବିନ୍ଦ" ରଚନା, ଶ୍ରୀଧର ସ୍ୱାମୀଙ୍କର ଭାଗବତ ବ୍ୟାଖ୍ୟା ମାଧବେନ୍ଦ୍ରପୁରୀ ଓ "କ୍ଷୀର ଚୋରା ଗୋପୀନାଥ" ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ "ଗୀତ ଗୋବିନ୍ଦ" ଗାନ ସମ୍ପର୍କରେ ଉପଦେଶ, ରାୟ ରାମାନନ୍ଦ, ପଞ୍ଚସଖା, ଗାଜି ଇସ୍‌ମାଇଲ୍‌ର ପୁରୀ ମନ୍ଦିର ଆକ୍ରମଣ, ଖୋଲିଆ କବିର, ବିଜୟ ନଗର ରାଜା କୃଷ୍ଣଦେବ ରାୟଙ୍କ ସହିତ ଗଜପତି ପ୍ରତାପରୁଦ୍ର ଦେବଙ୍କ ଯୁଦ୍ଧ, ଶ୍ରୀଚୈତନ୍ୟଙ୍କ ମୃତ୍ୟୁ ଓ କୋଇଲି ବୈକୁଣ୍ଠରେ ତାଙ୍କର ମର ଦେହର ସମାଧି ପ୍ରଭୃତି ସେ ଦେଖିଥିବା ଓ ଶୁଣିଥିବା ଉଲ୍ଲେଖ କରିଛନ୍ତି । ଫଳରେ ବହୁ ଚମତ୍କାର ଇତିହାସ ଆବିଷ୍କୃତ ହୋଇପାରିଛି । ଜୟଦେବଙ୍କ ଜନ୍ମସ୍ଥାନ ସମ୍ପର୍କରେ ବର୍ଣ୍ଣନା କରିବାକୁ ଯାଇ ସେ ଲେଖିଛନ୍ତି :

ବିପ୍ର ସେ ଜୟଦେବ ନାମ । କ୍ଷେତ୍ର ବରକୁ ଆଗମନ ॥
କେନ୍ଦୁଳି ଶାସନ ତା ଗ୍ରାମ । ପ୍ରାଚୀ ନଦୀର ତଟ ପୁଣ ॥
ନିଆଳି ମାଧବ ସମୀପେ । ଭଗତି କଲା ନାନା ରୂପେ ॥
ଶାସ୍ତ୍ର ପୁରାଣେ ବିଚକ୍ଷଣ । କବିତ୍ୱ ମାର୍ଗେ ତାର ମନ ॥
ଗୀତ ସେ ରଚିବି ବୋଇଲା । କ୍ଷେତ୍ରବାସକୁ
ମନ ଦେଲା ॥
ଶ୍ରୀଜଗନ୍ନାଥ ଦାସ ସମୀପେ । ଶୁଦ୍ଧ ସାତ୍ତ୍ୱିକ ମତି ଭାବେ ॥
ରଚିଲା ଶ୍ରୀଗୀତ ଗୋବିନ୍ଦ । ଲଭିଲା ପରମ ଆନନ୍ଦ ॥
ଶ୍ରୀରାଧା ମାଧବର ଲୀଳା । ମଧୁର ସ୍ୱରରେ ଗାଇଲା ॥
ପତ୍ନୀ ତାହାର ପଦ୍ମାବତୀ । ଗୀତର ତାଳେ
ସେ ନୃତ୍ୟତୀ ॥
ରାହାସ ନୃତ୍ୟ କଳା ଜାଣି । ନାଟ ସେ
କଲାକ ନାଟୁଣୀ ॥
ଭଗତେ ଧନ୍ୟ ଧନ୍ୟ କଲେ । ଭଗତି ଭାବେ
ଭୋଳ ହେଲେ ॥

(ଦ୍ୱିତୀୟ ଅଧ୍ୟାୟ ୫୬-୬୬)

"ଗୀତ ଗୋବିନ୍ଦ" ସେବା ମନ୍ଦିରରେ କିପରି କରାଗଲା ସେ ସମ୍ପର୍କରେ କବି ଲେଖିଛନ୍ତି :

ଗୀତ ଗୋବିନ୍ଦ ନାଟ ସେବା । ମନ୍ଦିରେ ପ୍ରତ୍ୟହ
ହୋଇବା ॥
ରାଜା ସେ ସେବା ଭିଆଇଲା । କେନ୍ଦୁଳୀ ଶାଢ଼ୀ
ଯୋଗାଇଲା ॥
ଶ୍ରୀଗୀତ ଗୋବିନ୍ଦ ରସ ଏ । ଶ୍ରୀଜଗନ୍ନାଥ ର ପ୍ରିୟ ଏ ॥

ବୋଲି କଲାଙ୍କ ଏ ଭିଆଣ । ଭଗତେ ହେଲେ
ତୋଷମନ ॥
କାଳେ ସେ କବି ସ୍ୱର୍ଗ ଗଲା । କ୍ଷେତ୍ରବରେ ତା
ଗତି ହେଲା ॥
ଗୀତ ଗୋବିନ୍ଦ ନାଟ ପୁଣ । ନାଟ ମନ୍ଦିର କଲା ଭିଆଣ ।
ଗାହାସ ନୃତ୍ୟର ନିମିତ୍ତ । ଗୀତ ଗୋବିନ୍ଦ କଲେ ନୃତ୍ୟ ॥
ଭୀମ ଦେବର ଏ କୀରତି । କାଳେ ସେ ଗଲା
କୀର୍ତ୍ତିଥାପି ॥

(ଦ୍ୱିତୀୟ ଅଧ୍ୟାୟ ୬୭—୭୪)

କବିଙ୍କ ଭୀମଦେବ ହିଁ ଗଙ୍ଗ ସମ୍ରାଟ ଅନଙ୍ଗ ଭୀମଦେବ ତୃତୀୟ (ଖ୍ରୀ: ଅ: ୧୨୧୧—୧୨୩୮) ବୋଲି କୁହାଯାଇ ପାରିବ । କବି ବୈଷ୍ଣବ ପଟ୍ଟନାୟକ ଅନଙ୍ଗ ଭୀମଦେବଙ୍କ ରାଜତ୍ୱର ପ୍ରାୟ ତିନିଶତ ବର୍ଷ ପରେ ହୋଇଥିଲେ ମଧ୍ୟ ତତ୍କାଳୀନ ପ୍ରଚଳିତ କିମ୍ବଦନ୍ତୀ ବା ଅନ୍ୟ କୌଣସି ପ୍ରାମାଣିକ ତଥ୍ୟ ଉପରେ ନିର୍ଭର କରି ଏହା ଲେଖିଥିବା ସୁସ୍ପଷ୍ଟ । କବି ଜୟଦେବ କେନ୍ଦୁଳୀ ଗ୍ରାମରେ ଜନ୍ମ ଗ୍ରହଣ କରି ପୁରୀରେ ରହୁଥିଲେ ଓ ସେହି ପୁରୀରେ ହିଁ ତାଙ୍କର ମୃତ୍ୟୁ ହୋଇଥିବାର କବି ଉଲ୍ଲେଖ କରିଛନ୍ତି ।

ପୁଣି ପୁରୁଷୋତ୍ତମ ଦେବଙ୍କ ରାଜତ୍ୱ ସମୟରେ ଦିବାକର ବିପ୍ର ଗଜପତିଙ୍କ ଦରବାରରେ "ଅଭିନବ ଗୀତ ଗୋବିନ୍ଦ" ରଚନା କରି ଗଜପତିଙ୍କ ନାମରେ ଭଣିତା କରି ଶ୍ରୀମନ୍ଦିରରେ ତାହା ପ୍ରଚଳନ କରିଥିଲେ । ସେ ଜୟଦେବଙ୍କ "ଗୀତ ଗୋବିନ୍ଦ" ଗାନର ନିଷେଧ କରିଥିଲେ । ଖ୍ରୀ: ଅ: ୧୪୯୭ରେ ପୁରୁଷୋତ୍ତମ ଦେବଙ୍କ ପରେ ସେବକମାନେ ପୁନର୍ବାର ଶ୍ରୀମନ୍ଦିରରେ ଜୟଦେବଙ୍କ "ଗୀତ ଗୋବିନ୍ଦ" ଗାନ ଚଳାଇବାର ଉଦ୍ୟମ କଲେ । ଏଭଳି ସଙ୍କଟ ସମୟରେ ଗଜପତି ପ୍ରତାପରୁଦ୍ର ଦେବ ଉଭୟ "ଗୀତ ଗୋବିନ୍ଦ"କୁ ଜଗନ୍ନାଥଙ୍କ ନିକଟରେ ଏକ ରାତ୍ରରେ ଥୋଇଦେଲେ । ପରଦିନ ପ୍ରଭାତରୁ ଦେଖାଗଲା ଜୟଦେବଙ୍କ "ଗୀତ ଗୋବିନ୍ଦ" ଉପରେ ଅଛି । ତେଣୁ ଗଜପତି ପ୍ରତାପରୁଦ୍ର ଦେବ ଉଭୟ ଗୀତ ଗୋବିନ୍ଦ ଶ୍ରୀମନ୍ଦିରରେ ଗାୟନ ଲାଗି ବ୍ୟବସ୍ଥା ଖଞ୍ଜିଦେଲେ । ଏଥିପାଇଁ ରାଜାଙ୍କର ଆଦେଶ ଶ୍ରୀମନ୍ଦିରର ଜୟ ବିଜୟ ଦ୍ୱାରରେ ଲେଖାଗଲା । "ବୈଷ୍ଣବ ଲୀଳାମୃତ"ରେ ଅଛି :

ସାଧୁଏ ଗୁଣ ଅଙ୍ଗ ଧରି । ଗୀତ ଗୋବିନ୍ଦର ମାଧୁରୀ ॥
ଜୟଦେବ ଏ ଗୀତ କଲା । ଛାମୁରେ ଗାହାସ ହୋଇଲା ॥
ବହୁତ କାଳରୁ ଏ ନାଟ । ହୋଇଲା ଛାମୁରେ ପ୍ରକଟ ॥
ଦିବାକର ସେ ବିପ୍ରବର । ପଣ୍ଡିତ ପଣେ ଆସୁସାର ॥
ସଭାରେ ପାତିଲା ଆସନ । "ଗୀତ ଗୋବିନ୍ଦ"
ରସେ ପୁଣ ॥
ରାଜାର ଅଟେ ପ୍ରିୟ ପାଟ । ରଚିଲା ଏକ ଗୀତ ନାଟ ॥
ରାଜାର ନାମେଣ ଭଣିଲା । ବହୁତ ମେଲାଣି ପାଇଲା ॥
ଶ୍ରୀଗୀତ ଗୋବିନ୍ଦ ନାଟ ଏ । ଅଭିନବ ଗୀତ ବୋଲାଏ ॥
ଆଉ "ଗୀତ ଗୋବିନ୍ଦ" ନାଟ । ରାଜାର
ନିଷେଧ ପ୍ରକଟ ॥
ରାଜାର ଗୀତ ନାଟ ହେବ । ଆଗ ପଦକୁ ନ ବୋଲିବ ॥
କାଳେ ସେ ରାଜା ସ୍ୱର୍ଗ ଗଲା । ରାଜାର ଗୀତେ
ବିଘ୍ନ ହେଲା ॥
ଜୀବ ଦେବ ଯେ ବିପ୍ରବର ॥ ବିଦ୍ୟା ବିବାଦେ
ମତି ତାର ॥
ରୁଦ୍ର ଦେବକୁ ଜଣାଇଲା । ଏ ନାଟ ନୋହଇଟି ଭଲା ॥
ସେବକେ ବୋଇଲେ କେମନ୍ତ । ଏ ନାଟ ସେ
ନାଟ ନୋହନ୍ତ ॥
ଦୁଇ ପୋଥି ଛାମୁରେ ଦେଲେ । ଭଲ ଭେଲ
ବାଛ ବୋଇଲେ ॥
ଶ୍ରୀଛାମୁରେ ପୋଥି ରଖାଇ । କବାଟ କିଳିଲେକ ତହିଁ ॥
ଅନ୍ୟ ଦିବସ ପ୍ରଭାତରେ । ସେବକେ ଦେଖିଲେ ଚକ୍ଷୁରେ ॥
ବଡ଼ ଠାକୁର ଗୀତ ପୋଥି । ତଳେ ଅଛଇଟି ଲୋଟି ॥
ଜୟଦେବର ଗୀତ ନାଟ । ଉପରେ ଅଛଇ ପ୍ରକଟ ॥
ସେବକେ ଯାଇ ଜଣାଇଲେ । ଶ୍ରୀରୁଦ୍ର ଦେବ ଆଦେଶିଲେ ॥
ଏ ନାଟ ସେ ନାଟ ହୋଇବ । କାହାକୁ ଛାଡ଼ିଣ
ନ ଦେବ ॥

XX XX XX

(ତୃତୀୟ ଅଧ୍ୟାୟ ୧—୨୦)

ପୌଷ ପୂର୍ଣ୍ଣମୀ ତିଥିରେ ଶ୍ରୀଚୈତନ୍ୟ ଦେବ ଓ ଜଗନ୍ନାଥ ଦାସଙ୍କ ସହ ପଞ୍ଚସଖା କୀର୍ତ୍ତନ କରି ଏକାମ୍ର କ୍ଷେତ୍ର ଭୁବନେଶ୍ୱରକୁ ପ୍ରତିବର୍ଷ ଯାଉଥିଲେ । କୃତିବାସ ଲିଙ୍ଗରାଜଙ୍କୁ ଏମାନେ ଗଙ୍ଗା ତୁଳସୀ ଓ ବେଲପତ୍ରରେ ପୂଜା କରି ଏବଂ ଅନନ୍ତ ବାସୁଦେବ ମନ୍ଦିରରେ କୀର୍ତ୍ତନ କରି ପ୍ରସାଦ ସେବା କରୁଥିଲେ । ଏଠାରୁ ସେମାନେ ପ୍ରତିବର୍ଷ ମକର ମେଳାରେ ଯୋଗ ଦେବା ପାଇଁ ନିଆଳି ମାଧବ ଯାଉଥିଲେ । ଏଠାରୁ ଅନୁରୂପେ ପୁଣି ଜୟଦେବଙ୍କ ଜନ୍ମସ୍ଥାନ କେନ୍ଦୁଳୀ ଶାସନରେ କୀର୍ତ୍ତନ କରିବାକୁ ଯାଉଥିଲେ । ଶ୍ରୀଚୈତନ୍ୟ ଓ ପଞ୍ଚସଖାଙ୍କ ନିମନ୍ତେ ଏହା ଥିଲା ଏକ ତୀର୍ଥ ସ୍ଥାନ । ଏଠାରୁ ଫେରି ତିଳ ସପ୍ତମୀକୁ ଚନ୍ଦ୍ରଭାଗା ଆଦିତ୍ୟ ବିଷ୍ଣୁଙ୍କ କ୍ଷେତ୍ରରେ କୀର୍ତ୍ତନ କରିବାକୁ ଯାଉଥିଲେ । "ବୈଷ୍ଣବ ଲୀଳାମୃତ"ରେ ଅଛି :

XX XX XX

ନିଆଳି ମାଧବେ ଗମନ । ପ୍ରାଚୀରେ ଅଙ୍ଗ ପ୍ରକ୍ଷାଳନ ॥
ମାଧବେ ଭଗତି ଅର୍ପଣ । କୀର୍ତ୍ତନ ରାସ ପ୍ରସାରଣ ॥
ବହୁତ ଲୋକ ମେଳ ହୋନ୍ତି । ମକର ମେଳା
ସେ କରନ୍ତି ॥
ଗୀତ ଗୋବିନ୍ଦ ନୃତ୍ୟ ରସେ । ଜୟଦେବର ପରଶଂସେ ॥
କେନ୍ଦୁଳୀ ଗ୍ରାମର ମଧ୍ୟେଣ । କୀର୍ତ୍ତନ ରସ ପ୍ରସାରଣ ॥
ତହୁଁ ଗମନ୍ତି ଚନ୍ଦ୍ରଭାଗା । ପଢ଼ଇ ମୁହିଁ ତହିଁ ରଙ୍ଗା ॥

XX XX XX

(ଅଷ୍ଟମ ଅଧ୍ୟାୟ ୪୯—୫୭)

ଉପରୋକ୍ତ ଲେଖାରୁ ଜଣାଯାଏ ଷୋଡ଼ଶ ଶତାବ୍ଦୀର ମଧ୍ୟଭାଗ ପର୍ଯ୍ୟନ୍ତ ଜୟଦେବଙ୍କ ଜନ୍ମସ୍ଥାନ କେନ୍ଦୁଳୀ ଗ୍ରାମରେ ମହାଚୈତନ୍ୟ

ମୁନି ଭାସ୍କର ପୂଜା ଓ ଶ୍ରୀଚୈତନ୍ୟ ଦେବ ଭାବ ରସରେ ବିହ୍ୱଳ ହୋଇ ଏଠାକୁ କୀର୍ତ୍ତନ କରିବାକୁ ଯାଉଥିଲେ । ଗଜପତି ପ୍ରତାପରୁଦ୍ର ଦେବ ମଧ୍ୟ କେନ୍ଦୁଲୀ ଗ୍ରାମ ପରିଦର୍ଶନ କରିବାକୁ ଯାଇ ତାହାର ସ୍ମାରକୀ ପାଇଁ ନିଜ ନାମରେ କେନ୍ଦୁଲୀ ଗ୍ରାମ ସନ୍ନିକଟରେ ଏକ ଶାସନ ବସାଇଥିଲେ । ଆଜି ବି ସେହି ଗ୍ରାମ "ପ୍ରତାପରୁଦ୍ରପୁର ଶାସନ" ନାମରେ ସୁଖ୍ୟାତ ।

ମହାକବି ଜୟଦେବଙ୍କ ସମ୍ପର୍କରେ ଏଭଳି ଚମକପ୍ରଦ ତଥ୍ୟମାନ ଆବିଷ୍କୃତ ହୋଇ ଇତିହାସରୁ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି । ଏହା ହିଁ ଜୟଦେବଙ୍କ ସମ୍ପର୍କରେ ଆବିଷ୍କୃତ ତଥ୍ୟମାନଙ୍କ ମଧ୍ୟରେ ପୁରାତନ ।

**ସହାୟକ ଗ୍ରନ୍ଥ :**

ବୈଷ୍ଣବ ଲୀଳାମୃତ,
ପ୍ରଦୀପ ପବ୍ଲିକେଶନ୍, ସମ୍ବଲପୁର ।

---

ଅର୍ବାନ୍ କୋଅପରେଟିଭ୍ ବ୍ୟାଙ୍କ୍,
ଭୁବନେଶ୍ୱର ।



# ଗୀତଗୋବିନ୍ଦରେ ସମାଜ ଓ ସଂସ୍କୃତି

● ଡକ୍ଟର ରବିନାରାୟଣ ଦାଶ

ପଣ୍ଡିତ କବି ଜୟଦେବଙ୍କ ଏକମାତ୍ର ସୁଲଳିତ ସଂସ୍କୃତ କୃତି "ଗୀତଗୋବିନ୍ଦ" ଗାନ୍ଧର୍ବ କଳା, ବୈଷ୍ଣବ ଧର୍ମାଶ୍ରିତ ଭକ୍ତି ଭାବଧାରା, ଶୃଙ୍ଗାର ତତ୍ତ୍ୱ ତଥା ଅଭିନୟାତ୍ମକ କାବ୍ୟ କୁଶଳତାରେ ପରିପୂର୍ଣ୍ଣ । ଏହାର ରଚନା ସମୟ, କବିଙ୍କ ବିସ୍ତୃତ ପରିଚୟ ଓ ତତ୍କାଳୀନ ସାମାଜିକ ସଂସ୍କୃତିର ଆଭାସ ଏହି କାବ୍ୟରୁ କିମ୍ବା ଅନ୍ୟାନ୍ୟ ଗୀତଗୋବିନ୍ଦ ସମ୍ପର୍କୀୟ ଲେଖାବଳୀରୁ ସ୍ପଷ୍ଟ ଭାବରେ ମିଳେ ନାହିଁ । ଫଳରେ ତହିଁରେ ନିହିତ ଥିବା ସାମାଜିକ ସଂସ୍କୃତିର ସୂଚନା ତୁଳନାତ୍ମକ ଭାବରେ ଅଧ୍ୟୟନ ହୋଇନାହିଁ । ଆଉ ମଧ୍ୟ ତତ୍କାଳୀନ ସଂସ୍କୃତି ତଥା ସମାଜର ଚଳଣି ଗୀତଗୋବିନ୍ଦରେ ପୂର୍ଣ୍ଣ ଭାବରେ ପ୍ରତିଫଳିତ ହୋଇଛି କି ନା ତାହା ମଧ୍ୟ ସଠିକ୍ ଭାବରେ ବୁଝାଯାଇ ପାରୁନାହିଁ । କାରଣ କାବ୍ୟର କଳେବର କାଳ୍ପନିକ ବା ଅତୀତର ବାସ୍ତବ ସାମାଜିକତାରେ ମଣ୍ଡିତ ହୋଇଛି ସେ ସମ୍ପର୍କରେ ଆଲୋଚନା ନିର୍ଦ୍ଦିଷ୍ଟ ପର୍ଯ୍ୟାୟରେ ଉପନୀତ ହୋଇନାହିଁ । ତେଣୁ ସେ ସମ୍ପର୍କରେ କେତେକ ସୂଚନା ଦେବା ପାଇଁ ଉଦ୍ୟମ କରାଯାଉଛି । ଏହି ଆଲୋଚନା କଟକର ମନମୋହନ ପ୍ରେସ୍‌ରେ ଓଡ଼ିଆ ଅକ୍ଷରରେ ମୁଦ୍ରିତ ଗୀତଗୋବିନ୍ଦ ସାହାଯ୍ୟରେ କରାଯାଇଛି ।

ଅମର କବି ଜୟଦେବ ଗୀତଗୋବିନ୍ଦରେ ନିଜର ସାମୟିକତା ସୂଚାଇ ନାହାନ୍ତି । ପରବର୍ତ୍ତୀ କାଳରେ ଗୀତଗୋବିନ୍ଦରେ ହୋଇଥିବା ପ୍ରକ୍ଷେପ ଏହାକୁ ଅଧିକ ଜଟିଳ କରିଛି । ତଥାପି କବିନ୍ଦ୍ର ଉଦୟନାଚାର୍ଯ୍ୟଙ୍କ ଦ୍ୱାରା ରଚିତ ସର୍ବପ୍ରଥମ ଟୀକା "ଭାବବିଭାବିନୀ" ଗୀତଗୋବିନ୍ଦ ରଚନାର ଅବ୍ୟବହିତ ପରେ ହୋଇଥିବା ନିଶ୍ଚିତ । ଉଦୟନ ଆଚାର୍ଯ୍ୟ ନିଆଳିର ଶୋଭନେଶ୍ୱର ଓ ଭୁବନେଶ୍ୱରର ମେଘେଶ୍ୱର ମନ୍ଦିରର ପ୍ରଶସ୍ତିକାର ରୂପେ ପ୍ରମାଣିତ ହୁଅନ୍ତି । ଏହି ଦୁଇଟି ମନ୍ଦିର ଓଡ଼ିଶାର ଗଙ୍ଗ ବଂଶୀୟ ରାଜା ରାଜରାଜ ଦେବ (୧୧୭୦–୧୧୯୩ ଖ୍ରୀଷ୍ଟାବ୍ଦ)ଙ୍କ ରାଜତ୍ୱ କାଳରେ ନିର୍ମିତ ହୋଇଛି । ତେଣୁ ଓଡ଼ିଶାରେ ଗୀତଗୋବିନ୍ଦର ପ୍ରଥମ ଟୀକା ରଚିତ ହେବା ସଙ୍ଗେ ସଙ୍ଗେ ଏହି ମନ୍ଦିର ମାନଙ୍କରେ ଉତ୍କୀର୍ଣ୍ଣ ଶିଳାଲିପିମାନଙ୍କରେ ଓଡ଼ିଶାର ତତ୍କାଳୀନ ସାଂସ୍କୃତିକ ସଙ୍କେତ ମଧ୍ୟ ପ୍ରଦତ୍ତ ହୋଇଥିବା ସ୍ଥିର କରାଯାଇପାରେ । ସେଥିରେ ଥିବା ସାଂସ୍କୃତିକ ସଙ୍କେତ ଗୀତଗୋବିନ୍ଦରେ ପ୍ରଦତ୍ତ ସାଂସ୍କୃତିକ ସୂଚନା ସହିତ ସାମ୍ୟ ରକ୍ଷାକଲେ ତାହା ଓଡ଼ିଆ ସଂସ୍କୃତି ରୂପେ ଜୟଦେବଙ୍କ ଦ୍ୱାରା ସନ୍ନିବେଶିତ ହୋଇଥିବା ମଧ୍ୟ ଗ୍ରହଣ କରାଯାଇ ପାରିବ । ଆଉ ମଧ୍ୟ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିରରେ ଖୋଦିତ ଏକ ଶିଳାଲିପିରେ ବର୍ଣ୍ଣିତ ସାଧୁପ୍ରଧାନ ଜୟଦେବଙ୍କୁ ଗୀତଗୋବିନ୍ଦକାର ଜୟଦେବ ରୂପେ ଗ୍ରହଣ କଲେ, ଏହି ସାଂସ୍କୃତିକ ସଙ୍କେତମାନଙ୍କୁ ଓଡ଼ିଆ ସଂସ୍କୃତି ଭାବରେ ଗ୍ରହଣ କରିବା ଅଧିକ ସମିଚୀନ ହେବ ।

## ଓଡ଼ିଶାର ସାମୟିକ ଧର୍ମ ଜୀବନ

କଳିଙ୍ଗ ସମ୍ରାଟ ଚୋଡ଼ଗଙ୍ଗ ୧୧୧୧ ବା ୧୧୧୨ ଖ୍ରୀଷ୍ଟାବ୍ଦରେ ଉତ୍କଳ ଜୟ କରିଥିଲେ । ସେ ଶକ ୧୦୩୪ ବା ଖ୍ରୀଷ୍ଟ ୧୧୧୨ ପ୍ରକାଶ କରିଥିବା କୋର୍ଣ୍ଣି ତାମ୍ର ଶାସନରେ ପ୍ରଥମ ଥର ପାଇଁ ନିଜକୁ ପରମ ମାହେଶ୍ୱର ସହିତ ପରମ ବୈଷ୍ଣବ ରୂପେ ପରିଚିତ କରାଇଥିଲେ । ଶକ ୧୦୩୫ ବା ଖ୍ରୀଷ୍ଟ ୧୧୧୩ରେ ଶ୍ରୀକୂର୍ମମ୍‌ରେ ଉତ୍କୀର୍ଣ୍ଣ ସର୍ବ ପ୍ରାଚୀନ ଲେଖରେ ସେ କୂର୍ମନାଥଙ୍କୁ ଏକ ଅଖଣ୍ଡ ଦୀପର ବ୍ୟବସ୍ଥା କରିଥିଲେ । ଏହି ଦୁଇଟି ଅଭିଲେଖରେ ଚୋଡ଼ଗଙ୍ଗ ପରମ ବୈଷ୍ଣବ ହେବା ସହିତ ଶ୍ରୀକୂର୍ମମ୍‌ର ଶିବ ମନ୍ଦିରକୁ ବୈଷ୍ଣବ କୂର୍ମନାଥଙ୍କ ମନ୍ଦିରରେ ପରିଣତ କରାଇଥିଲେ । ଅନନ୍ତାଚାର୍ଯ୍ୟ ପ୍ରଣୀତ "ପ୍ରପନ୍ନାମୃତ" ଗ୍ରନ୍ଥରୁ ଜଣାଯାଏ ଯେ ରାମାନୁଜ ପୁରୀ ଓ ଶ୍ରୀକୂର୍ମକୁ ଆସି ଅମାତ୍ୟବର୍ଗଙ୍କ ସହିତ ନୃପତି ତଥା ସର୍ବସାଧାରଣଙ୍କୁ ବୈଷ୍ଣବ ଧର୍ମରେ ଦୀକ୍ଷିତ କରିଥିଲେ । (ନୃପଂ ବଶୀକୃତ୍ୟ ସମନ୍ତ୍ରୀବର୍ଗମ୍ ସର୍ବଜନାମ୍ସ୍ତରୁ ଲକ୍ଷ୍ମଣାର୍ଯ୍ୟ) । ଚୋଡ଼ଗଙ୍ଗ ୧୧୧୮ ଖ୍ରୀଷ୍ଟାବ୍ଦରେ ବିଶାଖାପାଟଣା ତାମ୍ର ଶାସନ ପ୍ରକାଶ କରିବା ବେଳକୁ କେବଳ ପରମ ବୈଷ୍ଣବ ଉପାଧିରେ ପରିଚିତ ହେଉଥିଲେ । ଗଙ୍ଗ ସମ୍ରାଟ ରାଘବ ଦେବଙ୍କ (୧୧୫୬–୧୧୭୦ ଖ୍ରୀଷ୍ଟାବ୍ଦ) ପରେ ବୈଷ୍ଣବମାନେ ବିଶେଷଭାବେ ରାମାନୁଜ ସମ୍ପ୍ରଦାୟର ଶ୍ରୀବୈଷ୍ଣବମାନେ ସପକ୍ଷ ହୋଇଥିଲେ । ତେଣୁ ରାଜରାଜ ଦେବଙ୍କ (୧୧୭୦–୧୧୯୦ ଖ୍ରୀଷ୍ଟାବ୍ଦ) ରାଜତ୍ୱର ମଧ୍ୟ ଭାଗରେ ଅର୍ଥାତ୍ ୧୧୮୪ ଖ୍ରୀଷ୍ଟାବ୍ଦରେ ଉତ୍କୀର୍ଣ୍ଣ ଏକ ସିଂହାଚଳ ଅଭିଲେଖରେ ଦାନର ସୁରକ୍ଷା ନିମିତ୍ତ ପ୍ରଥମ ଥର ପାଇଁ ବୈଷ୍ଣବମାନେ ଲେଖ ଶେଷରେ "ଶ୍ରୀବୈଷ୍ଣବ ରକ୍ଷଃ" ରୂ ଲେଖା କରାଇଲେ । ଏହା ସ୍ୱାଧୀନ ବୈଷ୍ଣବ ଉପାସକମାନଙ୍କ ପକ୍ଷରେ ଏକ ବନ୍ଧନ ରୂପେ କାର୍ଯ୍ୟ କରିଥିଲା । ଆଉ ମଧ୍ୟ ରାମାନୁଜ ୧୧୨୨ ଖ୍ରୀଷ୍ଟାବ୍ଦରେ ପ୍ରଥମ ଥର ଓଡ଼ିଶା ଆସିବାବେଳେ ସମ୍ଭବତଃ ଜଗନ୍ନାଥ ମନ୍ଦିରର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ନ ଥାଏ

ଶ୍ରୀକ୍ଷେତ୍ରରେ ତାଙ୍କର ପରବର୍ତ୍ତୀ ଓଡ଼ିଶା ଆଗମନ କାଳରେ ତାହା ପୂର୍ଣ୍ଣ ହୋଇଥିବା ମନେହୁଏ ।

ରାମାନୁଜଙ୍କ ସମସାମୟିକ ନିମ୍ବାର୍କ ପ୍ରଥମେ ଗୋପାଳକୃଷ୍ଣ ବା କୃଷ୍ଣ ରାଧାଙ୍କ ଉପାସନା ତାଙ୍କ ପ୍ରଣୀତ ଦଶ ଶ୍ଲୋକୀ ମାଧ୍ୟମରେ ପ୍ରଚାର କରିଥିଲେ । ସେ ତେଲେଗୁ ଦେଶୀୟ ଥିଲେ ମଧ୍ୟ ଶ୍ରୀକୂର୍ମମ୍ ଓ ସିଂହାଚଳରେ ତାଙ୍କ ମତକୁ ଲୋକପ୍ରିୟ କରାଇବାରେ ବିଶେଷ ସକ୍ଷମ ହୋଇନଥିଲେ । କାରଣ ରାମାନୁଜପନ୍ଥୀ ଶ୍ରୀବୈଷ୍ଣବମାନଙ୍କ ସଙ୍ଘବଦ୍ଧ ଉଦ୍ୟମ ଏହାର ପରିପନ୍ଥୀ ଥିଲା । ତେଣୁ ତାଙ୍କ ମତାନୁସରଣ କରୁଥିବା ଜୟଦେବ କୂର୍ମପାଟକରୁ ଭୁବନେଶ୍ୱରକୁ ଆସିବା ପାଇଁ ବାଧ୍ୟ ହୋଇଥିଲେ । ପରେ ପୁରୀ ଶ୍ରୀମନ୍ଦିରରେ ଜଗନ୍ନାଥଙ୍କ ନିକଟରେ ନିତ୍ୟ ଗୀତଗୋବିନ୍ଦ ଗାନ ସେବା ସହିତ ବୈଷ୍ଣବ ମତ (ସେଭକ୍ତି ଆତ୍ମ–ସମର୍ପଣ)ର ପ୍ରଚାର କରିବାରେ ସେ ସକ୍ଷମ ହୋଇଥିଲେ ।

ଜୟଦେବ ଗୀତଗୋବିନ୍ଦରେ ନିଜକୁ ବିଶିଷ୍ଟ ପଣ୍ଡିତ, କବି ତଥା ସଙ୍ଗୀତଜ୍ଞ ରୂପେ ପ୍ରଚାରିତ କରିଥିବା ହେତୁ ସେ ବୈଷ୍ଣବ ମଣ୍ଡଳୀ ମଧ୍ୟରେ ଉତ୍ତମ ରୂପେ ପରିଚିତ ଥିବା ସ୍ଥିର କରାଯାଇପାରେ । ସେ ମଧ୍ୟ ଗାନ୍ଧର୍ବ କଳା (ଗୀତ, ନୃତ୍ୟ ଓ ବାଦ୍ୟ) ଏବଂ ଲୀଳା ବା ଅଭିନୟ ମାଧ୍ୟମରେ ବୈଷ୍ଣବ ମତବାଦର ପ୍ରଚାରକୁ ଉପଯୁକ୍ତ ପନ୍ଥା ରୂପେ ଗ୍ରହଣ କରିଥିବା ହେତୁ ସଙ୍ଘ ଅଧୀନରେ ମନ୍ଦିରର ଶାସନ, ଅର୍ଥ ଭଣ୍ଡାରର ଦାୟିତ୍ୱ ଏବଂ ରାଜ୍ୟର ରାଜନୀତି ବିଷୟରେ ସମ୍ପୃକ୍ତ ହୋଇ ଶ୍ରୀ ବୈଷ୍ଣବମାନଙ୍କ ଭଳି ବୈଷ୍ଣବ ମତବାଦ ପ୍ରଚାରକୁ ପସନ୍ଦ କରିନଥିବା ସ୍ୱାଭାବିକ୍ । ତେଣୁ ସେ ଏହା ବଦଳରେ କୃଷ୍ଣଙ୍କ ସହିତ ଏକାତ୍ମ ଭାବ (କୃଷ୍ଣେ କତାନାତ୍ମନଃ) ଗ୍ରହଣ କରି ତାଙ୍କ ସ୍ତ୍ରୀ ପଦ୍ମାବତୀଙ୍କ ଚରଣ ସ୍ମରଣଜନିତ ନୃତ୍ୟ ଏବଂ ଭକ୍ତି ମାଧ୍ୟମରେ ବୈଷ୍ଣବ ମତ ପ୍ରଚାର କରୁଥିଲେ

ସାଧୁପ୍ରଧାନ ଜୟଦେବ ଓ ଦେବଦାସୀ ନଙ୍ଗମଙ୍କ କନ୍ୟା ମେଡ଼ମା ଦେବୀ ଗଙ୍ଗ ନୃପତି ରାଘବ ଦେବଙ୍କ ସମୟ ଅନ୍ତର୍ଗତ ୧୧୭୨ ଖ୍ରୀଷ୍ଟାବ୍ଦରେ କୋମିନାୟକଙ୍କ କନ୍ୟା ମେଡ଼ମା ଦେବୀଙ୍କ ସହିତ ଜନୈକ ସାଧୁପ୍ରଧାନ ଜୟଦେବ କୂର୍ମପାଟକରୁ ଭୁବନେଶ୍ୱରକୁ ଆସି କୃତ୍ତିବାସେଶ୍ୱରଙ୍କୁ ଅଖଣ୍ଡ ଓ ଗ୍ରାମ ଦାନ କରିଥିଲେ । ଏହି ସାଧୁପ୍ରଧାନ ଜୟଦେବଙ୍କୁ ଗୀତଗୋବିନ୍ଦର ପ୍ରଣେତା ଜୟଦେବ ରୂପେ ସ୍ୱର୍ଗତ କେଦାରନାଥ ମହାପାତ୍ର ଓ ଡକ୍ଟର ସତ୍ୟନାରାୟଣ ରାଜଗୁରୁ ପ୍ରମାଣ କରନ୍ତି । ଅଭିଲେଖ ବର୍ଣ୍ଣିତ ପସାଇତ କୋମିନାୟକ ଖ୍ରୀଷ୍ଟ ୧୧୯୯ରେ ମୁଖଲିଙ୍ଗମ୍‌ର ମଧୁକେଶ୍ୱରଙ୍କୁ ଅଖଣ୍ଡ ଦାନ କରିଥିବା ବ୍ୟକ୍ତି ହୋଇଛନ୍ତି । ଖ୍ରୀଷ୍ଟ ୧୧୦୬ର ଅନ୍ୟ ଏକ ମୁଖଲିଙ୍ଗମ୍ ଅଭିଲେଖରେ ସେହି ପସାଇତ କୋମିନାୟକ ଓ ତାଙ୍କ ସ୍ତ୍ରୀ ନଙ୍ଗମଙ୍କ ସୂଚନା ମିଳେ । ଏଥିରେ ନଙ୍ଗମ ଜଣେ ସାନି ବା ଦେବଦାସୀ ଓ ଦେନମ ପେରଡ଼ (ମନ୍ତ୍ରୀ)ଙ୍କ କନ୍ୟା ରୂପେ ବର୍ଣ୍ଣିତ ହୋଇଛନ୍ତି । ଚୋଳଗଙ୍ଗ ଦେବଙ୍କ ୧୧୧୮ ଖ୍ରୀଷ୍ଟାବ୍ଦରେ ପ୍ରକାଶିତ ବିଶାଖାପାଟଣା ତାମ୍ର ଶାସନରେ ଆର୍ଯ୍ୟକୁଳ ଜାତ ଭୀମୟ ନାୟକ ଓ ମେଡ଼ମନାୟିକାଙ୍କ ପୁତ୍ର ତଥା ଚୋଳଗଙ୍ଗଙ୍କ କର୍ମଚାରୀ (ମେତ୍‌ପାଦୋପଜୀବିନୋ) ମାଧବଙ୍କୁ ଅଖଣ୍ଡ ଗ୍ରାମ ଦାନ କରାଯାଇଥିବା ଜଣାଯାଏ । ଏଥିରୁ ସ୍ପଷ୍ଟ ହୁଏ ଦେବଦାସୀ ନଙ୍ଗମଙ୍କ କନ୍ୟା ମେଡ଼ମା ଦେବୀଙ୍କ ପିତା, ସ୍ୱାମୀ ତଥା ପୁତ୍ର ସମସ୍ତେ ଚୋଡ଼ଗଙ୍ଗଙ୍କ ଅଧୀନରେ ପଦସ୍ଥ କର୍ମଚାରୀ ଥିଲେ । ଜୟଦେବ ଗାନ୍ଧର୍ବକଳା ପ୍ରବୀଣ ଥିବାରୁ ନଙ୍ଗମଙ୍କ ସହିତ ଓ ସେହି ସୂତ୍ରରେ ମେଡ଼ମା ଦେବୀଙ୍କ ନିକଟରେ ପରିଚିତ ଥିଲେ । ସମ୍ଭବତଃ ଦେବଦାସୀ ନଙ୍ଗମଙ୍କ କନ୍ୟା ମେଡ଼ମା ଦେବୀ ନିଜେ ଦେବଦାସୀ ଥିଲେ । ତତ୍କାଳୀନ ସମାଜରେ ଦେବଦାସୀ ପ୍ରଥା ପଦସ୍ଥ ପରିବାର ଓ କୁଳ ନିର୍ବିଶେଷରେ ପାରିବାରିକ ଥିବା ମନେହୁଏ । ଉଦାହରଣ ସ୍ୱରୂପ ଚୋଡ଼ଗଙ୍ଗଙ୍କ ସମୟରେ ଅନ୍ୟ ଏକ ମୁଖଲିଙ୍ଗମ୍ ଅଭିଲେଖରୁ ଜଣାଯାଏ ଯେ ବିକଳିଙ୍ଗ ଭୋଗ ସମୟରେ ନୃତ୍ୟ, ବାଦ୍ୟ ଓ ଗୀତ ପାଇଁ ପୂର୍ଣ୍ଣକୋଟୀ ନିବାସୀ ଜନୈକ ଯାଜ୍ୟକୁଳ ସମ୍ଭୂତ ବ୍ୟକ୍ତିଙ୍କ ଭାର୍ଯ୍ୟା ଓ ଭାଇମାନେ ଚିରସ୍ଥାୟୀ ଭାବରେ ନର୍ତ୍ତକ ଦେବ ଗଣିକା, ବାଦ୍ୟକାର ଓ ଗାବୟବ (ଗାୟକ) ରୂପେ ନିଯୁକ୍ତି ପାଇଥିଲେ । ତେଣୁ ନୃତ୍ୟ, ଗୀତ ଓ ବାଦ୍ୟ ପାରମ୍ପରିକ ଭିତ୍ତିରେ ଏକ ପାରମ୍ପରିକ ବିଦ୍ୟା ରୂପେ ଅନୁସୃତ ହେଉଥିବା ଜଣାଯାଏ । ଆଉ ମଧ୍ୟ କୌଣସି ବ୍ୟକ୍ତିଙ୍କ ସ୍ତ୍ରୀ ପାରିବାରିକ ଜୀବନ ଯାପନ କରିବା ସଙ୍ଗେ ସଙ୍ଗେ ଦେବଦାସୀ ହେବାରେ କୌଣସି ବାଧା ନଥିଲା ଓ ତାହା ମଧ୍ୟ ରାଷ୍ଟ୍ରୀୟ ସ୍ୱୀକୃତି ଲାଭ କରୁଥିଲା ।

ଲିଙ୍ଗରାଜ ମନ୍ଦିରର ଉକ୍ତ ଶିଳାଲିପିରୁ ଉପଲବ୍ଧ ହୋଇଥାଏ ଯେ ମେଡ଼ମା ଦେବୀ ଦାସପୁର ଶ୍ରେଷ୍ଠୀଙ୍କ ନିକଟରୁ ବାହାଡ଼ାଖଣ୍ଡ କ୍ଷେତ୍ର କିଣି ଅଖଣ୍ଡ ନିମନ୍ତେ କୀର୍ତ୍ତିବାସଙ୍କୁ ପ୍ରଦାନ କରିଥିଲେ ଓ ସେହି ସମୟରେ କୂର୍ମପାଟକର ସାଧୁପ୍ରଧାନ ଜୟଦେବ ତାଙ୍କ ସହିତ ଉପସ୍ଥିତ ଥିଲେ । ବୈଷ୍ଣବ ଗୁରୁ ବା ସାଧୁମାନେ ଧର୍ମକାର୍ଯ୍ୟ ନିମନ୍ତେ ଭକ୍ତମାନଙ୍କୁ ପ୍ରବର୍ତ୍ତାଇ ଦେବତାଙ୍କ ନିକଟରେ ଖଣ୍ଡା ପାଇ ଆବଶ୍ୟକୀୟ ଦୀପ, ଗ୍ରାମ, ଭୂମି, ଭୋଗ ଅଥବା ଉଦ୍ୟାନାଦିର ଆୟୋଜନରେ ସାହାଯ୍ୟ କରୁଥିବା ଜଣାଯାଏ । ଚୋଡ଼ଗଙ୍ଗ ସମୟର ଖ୍ରୀଷ୍ଟ ୧୧୩୧ ମସିହାରେ ଉତ୍କୀର୍ଣ୍ଣ ମାର୍କଣ୍ଡେଶ୍ୱର ମନ୍ଦିର ଶିଳାଲେଖରେ ନିରଳା ଗ୍ରାମ (ନିଆଳି ଗ୍ରାମ) ବାସ୍ତବ୍ୟର ସାଧୁ ଭୀମଦେବ ଏକରୁଦ୍ର ଓ ହବି ଏକଛାୟା ଦୀପଦାନ ଗ୍ରହଣ କରି ତାଙ୍କ ପୁତ୍ର, ଯଥା–ଆରାଧ୍ୟ କୃଷ୍ଣ ଏବଂ ମାର୍କଣ୍ଡେଶ୍ୱର ଦେବଙ୍କ ପୂଜାରୀ ହରି ଓ ବନ୍ଦୋ ଓ କୋଙ୍କଣେଶ୍ୱର ଦେବଙ୍କ ପୂଜାରୀ ଜଗାଲାଙ୍କ ନାମରେ ଲିପିବଦ୍ଧ କରାଇଥିଲେ । ଦୀପ ନିମନ୍ତେ ତୈଳଦାନ କରିବା ପାଇଁ ଜୀବନ୍ତ ଶ୍ରେଷ୍ଠୀଙ୍କ ମାର୍ଫତରେ ଏହି ଭୂମି ରଖାଯାଇଥିଲା । ପରବର୍ତ୍ତୀ ଗଙ୍ଗ ରାଜତ୍ୱକାଳୀନ ଅଭିଲେଖମାନଙ୍କରୁ ନରହରି ତୀର୍ଥ ୧୨୮୨ ଓ ୧୨୯୨ ଖ୍ରୀଷ୍ଟାବ୍ଦରେ ବିଜ୍ଞାନସାଗରମବନୀ ଶ୍ରୀପାଦ ୧୩୮୯ ଖ୍ରୀଷ୍ଟାବ୍ଦରେ, କେଶବ ଭାରତୀ ୧୩୮୮ ଖ୍ରୀଷ୍ଟାବ୍ଦରେ ଓ ଅଖଣ୍ଡାନନ୍ଦ ଶ୍ରୀପାଦ ୧୩୧୪ ଖ୍ରୀଷ୍ଟାବ୍ଦରେ, ଭକ୍ତମାନଙ୍କ ସପକ୍ଷରେ ମଧ୍ୟସ୍ଥ ରୂପେ ସାହାଯ୍ୟ କରୁଥିବା ଶ୍ରୀକୂର୍ମମ୍ ଅଥବା ସିଂହାଚଳ ମନ୍ଦିରର ଅଭିଲେଖମାନଙ୍କରୁ ମଧ୍ୟ ଉପଲବ୍ଧ ହୋଇଥାଏ । ତେଣୁ ମେଡ଼ମା । ଭୁବନେଶ୍ୱର ଓ ଲିଙ୍ଗରାଜ ମନ୍ଦିରରେ ଖଣ୍ଡିଥିବା ଅଖଣ୍ଡ ପାଇଁ ଗ୍ରାମ କିଣିବାବେଳେ ଓ ଅଖଣ୍ଡ ଦାନବେଳେ ସାଧୁପ୍ରଧାନ ଜୟଦେବ ଉପସ୍ଥିତ ଥିବାରେ ବିଚିତ୍ରତା ନାହିଁ । ବରଂ ତାହା ତତ୍କାଳୀନ ସମାଜର ଧର୍ମଧାରଣା ଏବଂ ସାଧୁ ବୈଷ୍ଣବମାନଙ୍କ ନିରପେକ୍ଷ, ସତ୍ୟ, ନ୍ୟାୟ ଗୁଣଗୁଡ଼ିକର ସାମାଜିକ ସ୍ୱୀକୃତି ସପକ୍ଷରେ ସାକ୍ଷ୍ୟ ବହନ କରେ ।

## ବୈଷ୍ଣବ ଭାବନା

କବିରାଜ ଜୟଦେବ ଗୀତଗୋବିନ୍ଦରେ ବିଷ୍ଣୁ ଭକ୍ତିର ପ୍ରବାହ ମାଧ୍ୟମରେ ପାଠକ ତଥା ଭକ୍ତ ମନକୁ ସରସ କରିବା ପାଇଁ ଉଦ୍ୟମ କରିଛନ୍ତି । ତେଣୁ ସେ ଆଦ୍ୟରେ କହିଛନ୍ତି —

"ଯଦି ହରି ସ୍ମରଣେ ସରସଂ ମନୋ
ଯଦି ବିଳାସକଳାସୁ କୁତୁହଳମ୍ ।
ମଧୁର କୋମଳ କାନ୍ତ ପଦାବଳୀଂ
ଶୃଣୁ ତଦା ଜୟଦେବ ସରସ୍ୱତୀମ୍ ।

କାବ୍ୟର ଆଦ୍ୟରେ ଦଶାବତାର ବର୍ଣ୍ଣନା ଦେଇ ଜୟଦେବ ହରି ବା ବିଷ୍ଣୁଙ୍କ ଅନନ୍ତ କାଳର ଲୀଳା ବ୍ୟକ୍ତ କରିଛନ୍ତି । ସେଥି ସହିତ ଦୁଷ୍ଟ ଦଳନ ଓ ଶିଷ୍ଟ ପାଳନ ତତ୍ତ୍ୱର ବିଷ୍ଣୁଙ୍କ କଳ୍ପନା ବିବୃତ ହୋଇଛି । ଆଉ ମଧ୍ୟ ଏହି କ୍ରମରେ ସେ ସମସ୍ତ ଅବତାରଙ୍କୁ ଗୋଟିଏ ସୂତ୍ରରେ ବାନ୍ଧିଦେଇ ତାଙ୍କୁ "ଜଗଦୀଶ ହରି" ବା ଜଗନ୍ନାଥଙ୍କ ସହିତ ଏକୀକୃତ କରିଛନ୍ତି । ପରିଶେଷରେ ଅବତାରମାନଙ୍କର ସୃଷ୍ଟି କାରଣ ରୂପେ ତାଙ୍କୁ "ଦଶାକୃତି କୃତ" ରୂପେ ବର୍ଣ୍ଣନା କରି ବିଷ୍ଣୁଙ୍କୁ ଓ କୃଷ୍ଣଙ୍କୁ ଏକଭାବରେ କଳ୍ପନା କରିଛନ୍ତି । କିନ୍ତୁ ଗୀତଗୋବିନ୍ଦରେ ବିଷ୍ଣୁଙ୍କ ନାମମାନଙ୍କର ଯେଉଁ ସୂଚନା ମିଳେ ସେଥିରେ କୃଷ୍ଣ, ନନ୍ଦାତ୍ମଜ, କଂସରିପୁ, ବାସୁଦେବ ଇତ୍ୟାଦି ନାମ ସକଳର ଉଲ୍ଲେଖ ଭାଗବତ ପୁରାଣର ଲୋକପ୍ରିୟତା ଦର୍ଶାଇଥାଏ । ଅନ୍ତତଃ ଗୀତଗୋବିନ୍ଦ ରଚନାକାଳରେ ସମାଜର ଏହାର ଅଧିକ ଆଦର ଥିବା ଜଣାଯାଏ । ଜୟଦେବଙ୍କ ଦ୍ୱାରା ବିଷ୍ଣୁ ଓ କୃଷ୍ଣ ପରେ ଜଗନ୍ନାଥ ବ୍ୟକ୍ତ ହେବା ବ୍ୟତୀତ ମାଧବ ମଧ୍ୟ ବିଷ୍ଣୁଙ୍କ ଅନ୍ୟ ନାମ ରୂପେ ପ୍ରଦତ୍ତ ହୋଇଛି । ଏହା ବିଭିନ୍ନ ବିଷ୍ଣୁ ଭକ୍ତ ସମ୍ପ୍ରଦାୟ ମଧ୍ୟରେ ସମନ୍ୱୟ ତଥା ଐକ୍ୟ ପ୍ରତିଷ୍ଠା ନିମନ୍ତେ ଉଦ୍ଦିଷ୍ଟ ଥିବା ଜଣାଯାଏ । ଆଉମଧ୍ୟ ଜଗଦୀଶ ଓ ମାଧବ ନାମଦ୍ୱୟ ଯଥାକ୍ରମେ ଜଗନ୍ନାଥ ଓ ବିଷ୍ଣୁଙ୍କୁ ବୁଝାଇଥାଏ । ଏହି ଦୁଇ ଦେବତା ଓଡ଼ିଶାର ନିଜ ସୃଷ୍ଟ ଦେବତା । ଭାଗବତରେ ବିଷ୍ଣୁଙ୍କ ଜଗଦୀଶ ଓ ମାଧବ ନାମମାନ ଅନ୍ତର୍ଭୁକ୍ତ ହୋଇନାହିଁ । ତେଣୁ ଭାଗବତ ପୁରାଣୋକ୍ତ ନାମ ସକଳ ସହିତ ସେମାନଙ୍କ ବର୍ଣ୍ଣନା କରି ଜୟଦେବ ସେମାନଙ୍କୁ ସର୍ବଭାରତୀୟ ଭିତ୍ତିରେ ପ୍ରତିଷ୍ଠିତ କରିବା ପାଇଁ ଉଦ୍ୟମ କରିଥିବା ମନେହୁଏ । ଏହାଦ୍ୱାରା ଜୟଦେବଙ୍କ ଜାତୀୟତା ମଧ୍ୟ ପ୍ରକାଶ ପାଏ । କୃଷ୍ଣଙ୍କୁ ସମସ୍ତ ଅବତାରଙ୍କ ସ୍ରଷ୍ଟା କରି ଜଗନ୍ନାଥଙ୍କଠାରେ କୃଷ୍ଣତ୍ୱ ଆରୋପ କରିବା ଦ୍ୱାରା ସେ ଉତ୍କଳର ଦେବତା ଜଗନ୍ନାଥଙ୍କୁ ସର୍ବଶ୍ରେଷ୍ଠ ଦେବତା ରୂପେ ପ୍ରତିଷ୍ଠିତ କରାଇଛନ୍ତି ।

ବିଷ୍ଣୁଙ୍କ ଶକ୍ତି ଲକ୍ଷ୍ମୀଙ୍କ ବର୍ଣ୍ଣନା ଗୀତଗୋବିନ୍ଦରେ ପ୍ରଦତ୍ତ ହୋଇଛି । ସେ ମଧ୍ୟ କୃଷ୍ଣ ଓ ବିଷ୍ଣୁଙ୍କ ଶକ୍ତି ରୂପେ ବିବୃତ ହୋଇଛନ୍ତି । ସାଧୁ ବୈଷ୍ଣବମାନେ ଲକ୍ଷ୍ମୀ-ନାରାୟଣ ଓ ନୃସିଂହଙ୍କ ଆରାଧନା କରିଥିବା ଜଣାଯାଏ । କିନ୍ତୁ ନିମ୍ବାର୍କପନ୍ଥୀମାନେ ରାଧାକୃଷ୍ଣଙ୍କ ଉପାସନା କରନ୍ତି । ଜୟଦେବ ନିମ୍ବାର୍କପନ୍ଥୀ ଥିବାରୁ ରାଧାଙ୍କ ଉପାସନା କରୁଥିଲେ । ଆଉ ମଧ୍ୟ ସେ ଓଡ଼ିଶା ଅଧିବାସୀ ରୂପେ ମାଧବଙ୍କ ଉପାସନା କରିଥିଲେ । ତେଣୁ ମାଧବଙ୍କୁ କୃଷ୍ଣ ରୂପେ କଳ୍ପନା କରି ଜୟଦେବ "ରାଧାମାଧବଯୋର୍ଜୟନ୍ତି ଯମୁନା କୂଳେ ରହଃ କେଳୟଃ" ବ୍ୟକ୍ତ କରିଥିବା ଦେଖିବାକୁ ମିଳେ । ଏହାଦ୍ୱାରା ମଧ୍ୟ ଲକ୍ଷ୍ମୀ ଓ ରାଧାଙ୍କୁ ଏକ ତଥା ଅଭିନ୍ନ ରୂପେ ପରୋକ୍ଷରେ ଏବଂ "ଅଭିନବ ଜଳଧର ସୁନ୍ଦର, ଧୃତ ମନ୍ଦର, ଶ୍ରୀମୁଖ ଚନ୍ଦ୍ର ଚକୋର" ବର୍ଣ୍ଣନାରେ କୃଷ୍ଣଙ୍କୁ ଲକ୍ଷ୍ମୀ ପତି ରୂପେ ପ୍ରତ୍ୟକ୍ଷରେ ଉଲ୍ଲେଖ କରିଛନ୍ତି । ଜୟଦେବ କୃଷ୍ଣଙ୍କୁ ଶ୍ରୀରମାରମଣ ରୂପେ ବ୍ୟକ୍ତ କରିବା ସଙ୍ଗେ ସଙ୍ଗେ "ରାଧାମାଧବର୍ଜୟନ୍ତି ଯମୁନା କୂଳେ ରହଃ କେଳୟଃ"ର ଉଲ୍ଲେଖ ଦ୍ୱାରା ରମା ଓ ରାଧାଙ୍କ ଅଭେଦତ୍ୱ ସୂଚାଇବା ନିମନ୍ତେ ଉଦ୍ୟମ କରିଛନ୍ତି ।

ଜୟଦେବ ଶିବଭକ୍ତ ନ ଥିଲେ । ତେଣୁ ଗୀତଗୋବିନ୍ଦରେ ଶିବଙ୍କ ବର୍ଣ୍ଣନା ଗୌଣ । ସେ ମଧ୍ୟ କେବଳ ସ୍ମର ନିଧନକର୍ତ୍ତାରୂପେ ମାତ୍ର ଗୋଟିଏ ସ୍ଥାନରେ ବର୍ଣ୍ଣିତ ହୋଇଛନ୍ତି । ଅନ୍ୟ ପକ୍ଷରେ ଗୀତଗୋବିନ୍ଦ ଏକ ଶୃଙ୍ଗାର ରସାଶ୍ରିତ କାବ୍ୟ ଭାବରେ କାମଦେବଙ୍କ ପ୍ରତ୍ୟକ୍ଷ ତଥା ପରୋକ୍ଷ ଉପାସନାରେ ପରିପୂର୍ଣ୍ଣ ହୋଇଥିବା ଦେଖାଯାଏ । ଏଥିରୁ ମଧ୍ୟ ବିଷ୍ଣୁଙ୍କ ପୁତ୍ର ମନ୍ମଥଙ୍କ ପୂଜାର ପ୍ରସ୍ତର ସମ୍ପର୍କରେ ସୂଚନା ମିଳେ । ଜୟଦେବ ଯେଉଁ ଦେବତାମାନଙ୍କ ସୂଚନା ଗୀତଗୋବିନ୍ଦରେ ଦେଇଛନ୍ତି ସେମାନେ ବିଷ୍ଣୁ ବାସ କରୁଥିବା ସ୍ୱର୍ଗର ଦେବତା, ଯଥା-ବାସବ, ଚନ୍ଦ୍ର, ଯମ ଓ ଅଶ୍ୱିନୀକୁମାର ଆଦି ଅଟନ୍ତି । ଏହା ମଧ୍ୟ ପରୋକ୍ଷରେ ବୈଷ୍ଣବ ଭାବନା ପ୍ରକାଶର ଅନ୍ୟ ଏକ ଦିଗ ସୂଚାଇଥାଏ । ପରିଶେଷରେ ଜୟଦେବ ସର୍ବଜନ ଆଦୃତ ହୋଇ ଭକ୍ତି ଆଦି ରସାଶ୍ରିତ ଗୀତଗୋବିନ୍ଦ ରଚନା କରିବା ମୂଳରେ ପ୍ରେମଲୀଳାର ଆକର୍ଷଣ ମାଧ୍ୟମରେ ବିଷ୍ଣୁଙ୍କ ସ୍ତୁତି ସମସ୍ତଙ୍କ ନିକଟରେ ପହଞ୍ଚାଇବା କୌଶଳ ପ୍ରୟୋଗ କରିଥିବା ମନେହୁଏ । ସେଥିପାଇଁ ସେ ଗୀତଗୋବିନ୍ଦର ଦ୍ୱାଦଶ ସର୍ଗରେ କହିଥିଲେ-

"ଯଦ୍‌ଗାନ୍ଧର୍ବକଳାସୁ କୌଶଳମନୁଧ୍ୟାନଞ୍ଚ ଯଦ୍ ବୈଷ୍ଣବଂ
ଯଚ୍ଛୃଙ୍ଗାରବିବେକତତ୍ତ୍ୱମପି ଯତ୍ କାବ୍ୟେଷୁ
ଲୀଳାୟିତମ୍ ।
ତତ୍‌ସର୍ବଂ ଜୟଦେବ ପଣ୍ଡିତ କବେଃ କୃଷ୍ଣୈ
କତାନାତ୍ମନଃ
ସାନନ୍ଦାଃ ପରିଶୋଧୟନ୍ତୁ ସୁଧିୟଃ
ଶ୍ରୀଗୀତଗୋବିନ୍ଦତଃ" ।

ଅନ୍ୟ ପକ୍ଷରେ ଏହି ଶୃଙ୍ଗାରୀ ବୈଷ୍ଣବ ଭକ୍ତିକୁ ଗାନ୍ଧର୍ବକଳା ମାଧ୍ୟମରେ ଲୋକମାନଙ୍କ ପାଖରେ ପରିବେଷଣ କରିବା ଫଳରେ ବୈଷ୍ଣବ ଧର୍ମ ଓ ଭାବନାର ପ୍ରସାର କୌଶଳରେ ଏକ ଅଭିନବ ଦିଗ ଜୟଦେବ ପ୍ରବର୍ତ୍ତନ କରିଥିଲେ । କିନ୍ତୁ ବିଷ୍ଣୁଙ୍କ ପରିବର୍ତ୍ତେ କୃଷ୍ଣଙ୍କୁ ଏହି ଲୀଳାର ମୁଖ୍ୟ ନାୟକ କରିବା ହେତୁ କୃଷ୍ଣ ଚେତନା ଓ ଭାବନା ବିଶେଷ ଭାବରେ ତତ୍କାଳୀନ ସମାଜରେ ପ୍ରସାର ଲାଭ କରି ପାରିଥିଲା । ଫଳତଃ ଗୀତଗୋବିନ୍ଦ ବୈଷ୍ଣବ ଉପାସନାର ଏକ ସମନ୍ୱୟାତ୍ମକ ଦିଗ ପ୍ରକାଶ କରେ ।

ଜୟଦେବଙ୍କ ଆଦ୍ୟ ଜୀବନରେ ପୁରୀରେ ଜଗନ୍ନାଥ ମନ୍ଦିର ନିର୍ମାଣ ପ୍ରଭାବ ପକାଇଥିବା ମନେହୁଏ । ସମ୍ଭବତଃ ସେ ରାମାନୁଜଙ୍କଠାରୁ ଦୀକ୍ଷା ଗ୍ରହଣ କରି ବୈଷ୍ଣବ ହୋଇଥିଲେ ।

ଗଙ୍ଗଦେବ ଶାସନଙ୍କ ଦାସଗୋବା ତାମ୍ରଶାସନରୁ ଜଣାଯାଏ ଯେ ଚୋଡ଼ଗଙ୍ଗ ସମୁଦ୍ର ତୀରରେ ପୁରୁଷୋତ୍ତମଙ୍କ ନିମନ୍ତେ ଗୋଟିଏ ଶ୍ରେଷ୍ଠ ମନ୍ଦିର ନିର୍ମାଣ କରିଥିଲେ । ମୈଥିଳୀ ପଣ୍ଡିତ ଚନ୍ଦ୍ରଦତ୍ତ କୃତ ଭକ୍ତମାଳ ଗ୍ରନ୍ଥରୁ ଜଣାଯାଏ ଯେ ଜୟଦେବ ପୁରୁଷୋତ୍ତମ ପୂଜକ ଥିଲେ-

"ଉତ୍କଳେ ଦ୍ୱିଜ ଜାତ ଜୟଦେବ
ଇତିଶ୍ରୁତଃ ।
ଦ୍ୱିଧ୍ୟାଭ୍ୟାସ-ରତଃ ଶାନ୍ତଃ ପୁରୁଷୋତ୍ତମ
ପୂଜକଃ" ।

ଚୋଡ଼ଗଙ୍ଗ ରାମାନୁଜଙ୍କ ଦ୍ୱାରା ଦୀକ୍ଷିତ ହେବାପରେ ଏବଂ ଶ୍ରୀକ୍ଷେତ୍ରଙ୍କ ମନ୍ଦିର ନିର୍ମାଣ କରିସାରିବା ପରେ ସେ ପୁରୁଷୋତ୍ତମ ଜଗନ୍ନାଥଙ୍କ ପୂଜା କରିବା ଆରମ୍ଭ କରିଥିଲେ ।

## ଅବତାରରେ ସାଂସ୍କୃତିକ ବିବର୍ତ୍ତନ-

ମତ୍ସ୍ୟ ଅବତାର ଠାରୁ ବାମନ ଅବତାର ଯାଏଁ ମନୁଷ୍ୟର ଜୈବିକ ବିବର୍ତ୍ତନ ହୋଇଥିବା ଦେଖାଯାଏ । ଗୀତଗୋବିନ୍ଦ ରଚନା ସମୟ ପର୍ଯ୍ୟନ୍ତ ସମାଜରେ ଏହି ଧାରଣ ପ୍ରଚଳିତ ଥିବା ସ୍ଥିର କରାଯାଇପାରେ । କିନ୍ତୁ ପରଶୁରାମ ଅବତାରଠାରୁ ବଳରାମ ଅବତାର ପର୍ଯ୍ୟନ୍ତ ସାମାଜିକ ବିବର୍ତ୍ତନ ଉନ୍ନତ ଅସ୍ତ୍ର ନିର୍ମାଣ ପ୍ରଣାଳୀ ଓ ଖାଦ୍ୟ ସଂଗ୍ରହ କୌଶଳ ଦ୍ୱାରା ବ୍ୟକ୍ତ ହୋଇଥିବା ସ୍ଥିର କରାଯାଇପାରେ । ମାତ୍ର ବୁଦ୍ଧ ଓ କଳକି ଅବତାର ଲୋକାଧିକ୍ୟ ବିସ୍ଫୋଟରୁ ଉତ୍ପନ୍ନ ସମସ୍ୟା ସମାଧାନ ନିମନ୍ତେ ଉଦିଷ୍ଟ ଉଦ୍ୟମର ସୂଚନା ପ୍ରଦାନ କରିଥାଏ । ଅବତାରମାନଙ୍କ ମଧ୍ୟରୁ ପରଶୁରାମ, ବାମନ ଆଦି ଗୋଷ୍ଠୀମୁଖ୍ୟ ରୂପେ ବ୍ୟକ୍ତ ହୋଇଥିବା ମନେହୁଏ । ମାତ୍ର ବୁଦ୍ଧ ଏକ ଧର୍ମ ସମ୍ପ୍ରଦାୟର ମୁଖ୍ୟ ବ୍ୟକ୍ତି ବିଶେଷ ଅଟନ୍ତି । ପରଶୁରାମ ଅବତାର ଧନୁ ତୀର ଓ କୁଠାର ପ୍ରୟୋଗ ଫଳରେ ସହସ୍ର ସଂଖ୍ୟକ ଅର୍ଜୁନ ବା ସହସ୍ରାର୍ଜୁନ ଗୋଷ୍ଠୀର ଏକ ସହସ୍ରଙ୍କୁ ନିପାତ କରିଥିବା ମନେହୁଏ । ରାମ ଅବତାର ସମ୍ଭବତଃ ପ୍ରଥମ ଥର ପାଇଁ ଧନୁର ଅନୁନ୍ନତ ପଥରଫଳକ ଯୁକ୍ତ ତୀର ପରିବର୍ତ୍ତେ ବ୍ରୋଞ୍ଜ ତୀରର ବ୍ୟବହାର କରିଥିବା ଗୋଷ୍ଠୀମୁଖ୍ୟ ଅଟନ୍ତି । ମାତ୍ର ସେ ସମୟ ଯାଏ ଖାଦ୍ୟ ସଂଗ୍ରହ ପ୍ରଣାଳୀ ବଳବତ୍ତର ଥିଲା ଏବଂ ରାମଙ୍କ ଅନୁଗାମୀମାନେ ଖାଦ୍ୟ ସଂଗ୍ରହ କରୁଥିଲେ । ବଳରାମ ପ୍ରଥମେ ଲଙ୍ଗଳ ନିର୍ମାଣ କରି କୃଷିର ପ୍ରଚଳନ କରିଥିଲେ । ବଳରାମ ଗୋଷ୍ଠୀଙ୍କ ସାହାଯ୍ୟକାରୀ ରୂପେ କୃଷ୍ଣ ରହିଥିଲେ । ସମ୍ଭବତଃ ଲୌହ ତୀର ପ୍ରସ୍ତୁତ କରିବାରେ ଏବଂ ଲୌହ ଏକ ଯୁଦ୍ଧାସ୍ତ୍ର ନିର୍ମାଣ କରିବାରେ କୃଷ୍ଣ ସଫଳତା ଅର୍ଜନ କରିଥିଲେ । କିନ୍ତୁ ଖାଦ୍ୟ ସଂଗ୍ରହ ଅଭିଯାନରେ ବଳରାମଙ୍କ ସଫଳତା ହେତୁ ସେ ଅବତାର ପର୍ଯ୍ୟାୟକୁ ଉନ୍ନୀତ ହୋଇଥିଲେ । ପ୍ରଚୁର ଖା... ...ପାଦନ ସମାଜରେ ଅବସର ... ସମ୍ଭବ ... ... ଗ୍ରାମ୍ୟ ଓ ନଗର ଜୀବନର ବିକାଶ ... ହେଲା । ମାତ୍ର ସମ୍ଭୋଗ ଜନସଂଖ୍ୟାର ଅଭିବୃଦ୍ଧି ଘଟାଇବା ଫଳରେ ଖାଦ୍ୟାଭାବ ସୃଷ୍ଟି ହେଲା ଏବଂ ... ଶାନ୍ତି ପରିବର୍ତ୍ତେ ଯୁଦ୍ଧ ବିଗ୍ରହର ବିଶେଷ ସୂଚନା ... ପାଇଲା । ଏହି ଜନସଂଖ୍ୟା ଅଭିବୃଦ୍ଧି ରୋକିବା ପାଇଁ ବୁଦ୍ଧ ସତ୍ୟ, ଅହିଂସା, ଧ୍ୟାନ, ସଂଯମ ଓ ସଂଘ ଜୀବନ ଆଦିର ପ୍ରଚାର କଲେ । ମାତ୍ର ତାହା ମଧ୍ୟ ବିଫଳ ହେଲା ଓ ସମାଜରେ ଏହି ମ୍ଲେଛ ଭାବନାର ପରିଣତି ସ୍ୱରୂପ ଧ୍ୱଂସର ଭୟ ପ୍ରସାରିତ ହେଲା । ଧ୍ୱଂସର ଅବତାର ରୂପେ କଳକିଙ୍କୁ ସମାଜରେ କଳ୍ପନା କରାଗଲା । ଏହିଧ୍ୱଂସ ଜନିତ ମୃତ୍ୟୁର ଭୟ ଦୂର କରିବା ପାଇଁ ଶଙ୍କରାଚାର୍ଯ୍ୟ ଅବିନଶ୍ୱର ଆତ୍ମା ଓ ଚିରନ୍ତନ ବ୍ରହ୍ମ ମୃତ୍ୟୁର ପ୍ରବାହ ମଧ୍ୟରେ ତାହାର ଅମ୍ଳାନ ସ୍ଥିତି ସମ୍ପର୍କରେ ପ୍ରଚାର କରିଥିଲେ । ସେଥିପାଇଁ ସମ୍ଭୋଗରୁ ସୃଷ୍ଟି ଓ ପରିଣାମରେ ଲୟର ଦେବତା ଶିବଙ୍କର ଆରାଧନା ସର୍ବତ୍ର ବୌଦ୍ଧ ଦର୍ଶନକୁ ହଟାଇ ପ୍ରତିଷ୍ଠା ଲାଭକଲା । ଏହା ମୃତ୍ୟୁ ଭୟକୁ ସଙ୍କୁଚିତ କରିଥିଲା । ଆବଶ୍ୟକ ସମୟରେ ସୀମିତ ଭାବରେ ସାମାଜିକ ସ୍ୱୀକୃତି ଲାଭକଲେ ମଧ୍ୟ ଶିବଙ୍କର ଆଦର୍ଶ ରୂପେ ଯୋଗ ସାଧାରଣ ସମାଜରେ ଗ୍ରହଣୀୟ ହୋଇପାରିଲା ନାହିଁ । କୃଷ୍ଣ ସମସ୍ତ କ୍ରିୟାକୁ ଅବିନଶ୍ୱର ବିଶ୍ୱପୁରୁଷର ଲୀଳା ରୂପେ ବ୍ୟକ୍ତ କରି ଜୀବଜଗତ ତଥା ମନୁଷ୍ୟଙ୍କୁ ନିମିତ୍ତମାତ୍ର ରୂପେ ମୂଲ୍ୟଲେ ଏବଂ ଅବତାର ଗ୍ରହଣ ଦ୍ୱାରା ଧର୍ମ ରକ୍ଷା କରିବା ବିଷ୍ଣୁଙ୍କ କର୍ତ୍ତବ୍ୟ ଭାବରେ ଗୀତାରେ ଉଲ୍ଲେଖକଲେ-

ଯଦାଯଦାହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ ।
ଅଭ୍ୟୁତ୍‌ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ॥
ପରିତ୍ରାଣାୟ ସାଧୁନାଂ ବିନାଶାୟ ଚ ଦୁଷ୍କୃତାମ୍ ।
ଧର୍ମସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ॥

ସେହି କ୍ରମରେ କଳକି ଅବତାର ଧ୍ୱଂସର ଏକ ଅବଶ୍ୟମ୍ଭାବୀ ତଥା ଭଗବଦ୍ କ୍ରିୟା ରୂପେ ଖଡ୍‌ଗହସ୍ତ ଓ ବେଗବାନ୍ ଘୋଟକ ପୃଷ୍ଠରେ ଆସୀନ ବିଷ୍ଣୁ ଭାବରେ ବ୍ୟକ୍ତ ହେଲେ । ଅଧର୍ମ ବିନାଶ କରିବା ପାଇଁ ନୂତନ ଅସ୍ତ୍ର ରୂପେ ଖଡ୍‌ଗ ଓ ଘୋଟକର ପ୍ରଚଳନ ହେଲା । ମୃତ୍ୟୁ ଏକ ବିଶ୍ୱପୁରୁଷର ନିର୍ଦ୍ଧାରିତ କର୍ମ ହୋଇଥିବା ହେତୁ କାୟିକ ମିଳନ ବା ସମ୍ଭୋଗରେ ଉପୁଜିଥିବା ଦ୍ୱିଧା ଦୂର ହୋଇଗଲା । ଗୀତଗୋବିନ୍ଦରେ ଜୟଦେବ କୃଷ୍ଣଙ୍କ ସମ୍ଭୋଗର ବ୍ୟାପକ ପ୍ରଚାର କରି ଲୋକସମାଜରେ ଭୟ ପରିବର୍ତ୍ତେ ଆନନ୍ଦର ସ୍ରୋତ ପ୍ରବାହିତ କରିଥିଲେ । ଫଳରେ କୃଷ୍ଣ ଆନନ୍ଦମୟ ଜୀବନର ଉତ୍ସ ହୋଇ ଶଙ୍କର ଓ ବୌଦ୍ଧ ମତର ପରିପନ୍ଥୀ ଏକ ମାନବ ଅଭିପ୍ରେତ ମତର ପ୍ରସାରରେ ସହାୟକ ହେଲେ । ଜୟଦେବ ଏହି ସମ୍ଭୋଗକୁ କଳିକଳୁଷ ଦୂର କରିବାର ଏକ ପ୍ରକ୍ରିୟା ରୂପେ ବ୍ୟକ୍ତ କରି ନିମ୍ବାର୍କଙ୍କ କୃଷ୍ଣ ଭକ୍ତି ପ୍ରଚାର କରିଥିଲେ ।

## ଗାନ୍ଧର୍ବ କଳା

ଗୀତଗୋବିନ୍ଦର ଦ୍ୱାଦଶ ସର୍ଗରେ ଜୟଦେବ କହିଛନ୍ତି - ଗାନ୍ଧର୍ବକଳା ଅନୁଧ୍ୟାନ କରିବାକୁ ଥିଲେ ଗୀତଗୋବିନ୍ଦ ଅଧ୍ୟୟନ କର । ଏହା ବ୍ୟତୀତ ଜୟଦେବ ନର୍ତ୍ତକୀ ସ୍ତ୍ରୀ ପଦ୍ମାବତୀଙ୍କ ସ୍ୱାମୀ ରୂପେ ମଧ୍ୟ ଗୌରବ ଅନୁଭବ କରିଛନ୍ତି । ଗାନ୍ଧର୍ବକଳା-ନୃତ୍ୟ, ଗୀତ ଓ ବାଦ୍ୟର ସମଷ୍ଟିଗତ ଅଥବା ସ୍ୱତନ୍ତ୍ର ଉପସ୍ଥାପନକୁ ବୁଝାଇଥାଏ । ଗୀତଗୋବିନ୍ଦ ରଚନା କାଳରେ ଏହା ସାମାଜିକ ସଂସ୍କୃତିର ଅଙ୍ଗ ହୋଇଥିଲା । ତତ୍କାଳୀନ ମନ୍ଦିର ଗାତ୍ରରେ ବିଶେଷତଃ ବ୍ରହ୍ମେଶ୍ୱର, ଲିଙ୍ଗରାଜ, ଜଗନ୍ନାଥ ଆଦି ମନ୍ଦିରରେ ଖୋଦିତ ବହୁ ନୃତ୍ୟରତା ଲଳନାଙ୍କ ଭଙ୍ଗୀ, ମୁଦ୍ରାଦି ସହିତ କେତେକ

ଦେବାୟତନର ଅଭିଲେଖରେ ଏହାର ସାକ୍ଷ୍ୟ ପରିଦୃଷ୍ଟ ହୁଏ । ଶୋଭନେଶ୍ୱର ଓ ମେଘେଶ୍ୱର ମନ୍ଦିରମାନଙ୍କରୁ ଏହାର ଉଦାହରଣ ଦିଆଯାଇପାରେ । ଗୀତଗୋବିନ୍ଦ 'ନୃତ୍ୟତି ଯୁବତୀ ଜନେ'ର ବର୍ଣ୍ଣନା ଠାରୁ 'ନୃତ୍ୟପରା' ବା ନୃତ୍ୟରେ ଗଭୀର ମନୋନିବେଶର ଉଲ୍ଲେଖ ନୃତ୍ୟର ସାମାଜିକ ଆଦର ସୂଚାଇ ଥାଏ । ଏହା ବ୍ୟତୀତ ଗୀତଗୋବିନ୍ଦରେ ପ୍ରଦତ୍ତ 'ଲୀଳାସକେ' ଓ 'ନଟନୀସ୍ୱମ୍'ର ଉଲ୍ଲେଖରୁ ନୃତ୍ୟନାଟିକା ତଥା ଅଭିନୟର ସମାଜିକ ଆଦର ଥିବା ଜଣାଯାଏ । ଜୟଦେବଙ୍କ ସମୟରେ ନୃତ୍ୟ ଏକ ସାମାଜିକ ସଂସ୍କୃତି ରୂପେ ପ୍ରଚଳିତ ଥିବା ଅଭିଲେଖ ମାନଙ୍କରୁ ମଧ୍ୟ ଜଣାଯାଏ । ଚୋଡ଼ଗଙ୍ଗଙ୍କ ରାଜତ୍ୱକାଳୀନ . ୧୦୮୩ ଖ୍ରୀଷ୍ଟାବ୍ଦର ମନ୍ଦପାକ ତାମ୍ରଶାସନରୁ ଜଣାଯାଏ, ସେ ସେଠାରେ ନୃତ୍ୟ, ଗୀତ ଓ ବାଦ୍ୟର ବ୍ୟବସ୍ଥା କରିଥିଲେ । ଚୋଡ଼ଗଙ୍ଗଙ୍କ ପିତା ରାଜରାଜଦେବଙ୍କ ପ୍ରଧାନମନ୍ତ୍ରୀ ବନପତି ଦୀର୍ଘାସୀର ଭବବତୀ ମନ୍ଦିରରେ ୧୦୭୫ ଖ୍ରୀଷ୍ଟାବ୍ଦରେ ଏକ ନାଟ୍ୟଶାଳା ନିର୍ମାଣ କରାଇଥିଲେ । ରାଜରାଜଦେବ ୨ୟଙ୍କ ସମୟରେ ନିର୍ମିତ ଶୋଭନେଶ୍ୱର ଓ ମେଘେଶ୍ୱର ମନ୍ଦିରରେ ଅପ୍ସରୀମାନଙ୍କଠାରୁ ଅଧିକ ସୁନ୍ଦରୀ ଓ ବିଶ୍ୱବଶକାରିଣୀ ନୃତ୍ୟଗୀତ ପ୍ରବୀଣା ସ୍ତ୍ରୀମାନଙ୍କୁ ଶିବଙ୍କ ସେବା ନିମନ୍ତେ ଉତ୍ସର୍ଗ କରାଯାଉଥିଲା । ଏଥିରୁ ଜୟଦେବଙ୍କ ସମୟକୁ ଗାନ୍ଧର୍ବକଳାର ବିକାଶ ନିମନ୍ତେ ନାଟ୍ୟଶାଳା, ଶିକ୍ଷାଦେବା ପାଇଁ ଗୁରୁ ଓ ଗାନ–ବାଦନ ତଥା ନୃତ୍ୟ କରିବା ପାଇଁ ସ୍ତ୍ରୀ, କନ୍ୟା, ଭାଇ ଆଦିଙ୍କ ସହିତ ପରିବାରର ସମର୍ପଣ ଯୋଗଦେବା ସଂସ୍କୃତିର ଅଙ୍ଗ ହୋଇଥିଲା ।

ବାଦନ କ୍ରିୟା ଗାନ୍ଧର୍ବକଳାର ଏକ ଉନ୍ନତ ଅଂଶରୂପେ ଗୀତଗୋବିନ୍ଦରେ ମଧ୍ୟ ପ୍ରଦତ୍ତ ହୋଇଛି । ସେଥିରେ ବଂଶୀ ବାଦନର ଲୋକପ୍ରିୟତା କୃଷ୍ଣଙ୍କ ବଂଶୀ ବାଦନର ଉତ୍କର୍ଷରୁ ଉପଲବ୍ଧ ହୋଇଥାଏ । ଗୀତଗୋବିନ୍ଦରେ "ଚଞ୍ଚଳଦଧରସୁଧା ମଧୁର ଧ୍ୱନି ମୁଖରିତ ମୋହନ-ବଂଶୀମ୍" ଓ ନାମ ସମେତଂ କୃତସଙ୍କେତ ବାଦୟତେ ମୃଦୁବେଣୁମ୍" ଉଲ୍ଲେଖରୁ ମୃଦୁବାଦନ କ୍ରିୟା ଦ୍ୱାରା ନାମୋଚ୍ଚାରଣ ଓ ସଙ୍କେତ ଦେବା ତଥା ମନ ମୁଗ୍ଧକାରକ ସ୍ୱନ ସୃଷ୍ଟି କରୁଥିବା ବଂଶୀ ବା ବେଣୁର ସୂଚନା ମିଳିଥାଏ । ଏହା ବ୍ୟତୀତ "କରତଳ ତାଳ ତରଳବଳୟା–ବଳିତ କଳିତ କଳସ୍ୱନ ବଂଶେ"ର ବର୍ଣ୍ଣନାରୁ ସମାଜରେ କରତାଳ ଓ ବଂଶୀର ସୁନ୍ଦର ସ୍ୱର ସଂଯୋଜନା ଆଦୃତ ହେଉଥିବା ଜଣାଯାଏ । ଗୀତଗୋବିନ୍ଦରେ ଡିଣ୍ଡିମ, ରଣିତ ରସନା କ୍ୱଣିତ ବଳୟ ବାଦ୍ୟ ଯନ୍ତ୍ର ତଥା ଅଳଙ୍କାର ରୂପେ ବ୍ୟବହୃତ ବାଦ୍ୟମାନଙ୍କ ସମ୍ପର୍କରେ ସୂଚନା ଦେଇଥାଏ । ବାଦନ କ୍ରିୟା ସହିତ ଉଚ୍ଚ ସ୍ୱରରେ ଗାନ କରିବାର ଭଙ୍ଗୀ 'ଉଦ୍‌ବଞ୍ଚିତ' ଉଲ୍ଲେଖରୁ ମଧ୍ୟ ଜଣାପଡ଼େ ।

**ଅଳଙ୍କାର**

ଗୀତଗୋବିନ୍ଦରେ ଜୟଦେବ ଯେଉଁ ଅଳଙ୍କାରମାନଙ୍କର ଉଲ୍ଲେଖ କରିଛନ୍ତି– ସେଥିରେ ମଧୁରୀକୃତମାଳା, ତରଳହାରା, ହାର ଅମଳତର (ମୁକ୍ତାହାର), ହାର, ସକ୍ (ମାଳା), ହାରମୁଦାରମ୍ ଓ ମନୋହର ହାର ବିମଳ ଜଳଧାରମ୍ ଆଦିର ବର୍ଣ୍ଣନା ଦେଖାଯାଏ । ମାଳା ସମ୍ପର୍କରେ ତତ୍କାଳୀନ ଅଭିଲେଖମାନଙ୍କରୁ ବହୁ ସୂଚନା ମିଳିଥାଏ । ଚୋଡ଼ଗଙ୍ଗଙ୍କ ପିତା ରାଜାରାଜଦେବଙ୍କ ସମୟରେ ଉତ୍କୀର୍ଣ୍ଣ ମହେନ୍ଦ୍ରଗିରିର ଯୁଧିଷ୍ଠିର ମନ୍ଦିର ଅଭିଲେଖରୁ ଜଣାଯାଏ ଯେ ରାଜେନ୍ଦ୍ର ଚୋଡ଼ ବିପ୍ରମାନଙ୍କୁ ପ୍ରଣାମ କରୁଥିବା ବେଳେ ତାଙ୍କ ବେକର ମାଳ ସ୍ଥାନଚ୍ୟୁତ ହୋଇ ଲମ୍ବି ଯାଉଥିଲା (ବିପ୍ରମୌଳି ପ୍ରଣତିଗଳିତ ମାଲ୍ୟଲକ୍ଷ୍ମୀ ଆସ୍ଥାନ ଭୂ... ) ସିଂହାଚଳରେ ଖୋଦିତ ୧୧୦୩ ଖ୍ରୀଷ୍ଟାବ୍ଦରେ ଖୋଦିତ ଅଭିଲେଖରୁ ଜଣାଯାଏ ଯେ ବାରାଣସୀ କଟକସ୍ଥ ସିରିୟ ପ୍ରଧାନ ନରସିଂହନାଥଙ୍କ ଉଭୟ ଧୂପରେ ମାଳାଲାଗି ନିମନ୍ତେ ବ୍ୟବସ୍ଥା କରିଥିଲେ । ରାଜାରାଜଦେବଙ୍କ ସମୟରେ ଖୋଦିତ ମେଘେଶ୍ୱର ମନ୍ଦିର ପ୍ରଶସ୍ତିରେ ମଧ୍ୟ ବନମାଳ (ବନଶ୍ରୀମୁକ୍ତା ସ୍ତବକରଚିତ ପୁଷ୍ପୋ)ର ବର୍ଣ୍ଣନା ଦେଖିବାକୁ ମିଳେ । ପରବର୍ତ୍ତୀ ଗଙ୍ଗରାଜାମାନେ ତଥା ସେମାନଙ୍କ କର୍ମଚାରୀମାନେ ଶ୍ରୀକୂର୍ମ, ସିଂହାଚଳ, ଭୁବନେଶ୍ୱର, ଦ୍ରାକ୍ଷାରାମ ଓ ଅନ୍ୟାନ୍ୟ ମନ୍ଦିର ମାନଙ୍କରେ ବହୁ ମାଳା ଅର୍ପଣ କରିଥିବା ଦୃଷ୍ଟାନ୍ତ ଦେଖିବାକୁ ମିଳେ ।

ହାତର ଅଳଙ୍କାର ରୂପେ ବଳାର ଉଲ୍ଲେଖ ଦେଖାଯାଏ । ସେଥି ମଧ୍ୟରେ କଳୟ ବଳୟ ଶ୍ରେଣୀ, କିସଳିସଳୟ ବଳୟା, କ୍ୱଣିତ ବଳୟ ଓ ମଣି ବଳୟ ଆଦି ଅନ୍ତର୍ଭୁକ୍ତ । ତତ୍କାଳୀନ ଅଭିଲେଖମାନଙ୍କରେ ମଧ୍ୟ ଏହି ଅଳଙ୍କାର - ବର୍ଣ୍ଣିତ - ହୋଇଥିବା ଦେଖିବାକୁ ମିଳେ । ଚୋଡ଼ଗଙ୍ଗଙ୍କ ବିହାରବୋଡ଼ ରାଣୀ ସ୍ୱାମୀରୁ ଦେବି ଖ୍ରୀଷ୍ଟୀୟ ୧୧୪୩ ମସିହାରେ ଦ୍ରାକ୍ଷାରାମର ଭୀମେଶ୍ୱରଦେବଙ୍କୁ ଦୁଇଟି ମାଣିକ୍ୟବସା ସୁନା ହାତଖଡୁ ଦେଇଥିଲେ । ମେଘେଶ୍ୱର ମନ୍ଦିର ଅଭିଲେଖରେ ଦେବଦାସୀମାନେ ପିନ୍ଧିଥିବା ହାତବଳା ନୃତ୍ୟ କାଳରେ ରତ୍ନଦୀପ ସୃଷ୍ଟି କରୁଥିବା ବର୍ଣ୍ଣିତ ହୋଇଛି '(ନୃତ୍ୟାରମ୍ଭେ , ବଳୟମଣିଭିର୍ନିର୍ମିତା ରତ୍ନଦୀପା) । ଶୋଭନେଶ୍ୱର ମନ୍ଦିର ଅଭିଲେଖରେ ନାନାରତ୍ନ ଖଞ୍ଜାଯାଇଥିବା କଙ୍କଣର (ନାନାରତ୍ନ ସ୍ଫୁରିତ ବଳୟାଂ) ବର୍ଣ୍ଣନା ପ୍ରଦତ୍ତ ହୋଇଛି । ଏହା ବ୍ୟତୀତ ପରବର୍ତ୍ତୀ ଗଙ୍ଗ ରାଜତ୍ୱରେ ହାତ ଅଳଙ୍କାର ପ୍ରଦତ୍ତ ହୋଇଥିବା ମଧ୍ୟ ଅଭିଲେଖମାନଙ୍କରୁ ଉପଲବ୍ଧ ହୋଇଥାଏ ।

ଅନ୍ୟାନ୍ୟ ଅଳଙ୍କାର ମଧ୍ୟରେ କିଙ୍କିଣୀ, ଶିଞ୍ଜାନ ମଞ୍ଜୁ ମଞ୍ଜୀର (ରୁଣୁ ଝୁଣୁ ବାଜୁଥିବା ନୂପୁର), ମଣି ରସନଂ, ମଞ୍ଜୀର, ମଣିମୟ ରସନଂ (ମର୍କତ ମଣିର କିଙ୍କିଣୀ), ମଣି ମଞ୍ଜୀର, ରଣିତ ରସନା (ରୁଣୁ ଝୁଣୁ ବାଜୁଥିବା କଟି କିଙ୍କିଣୀ), କୁଣ୍ଡଳ, ମଣି କୁଣ୍ଡଳ, ମଣି ଖଚିତ ମକର କୁଣ୍ଡଳ ଆଦି ବର୍ଣ୍ଣନା ଜୟଦେବ ଦେଇଛନ୍ତି । ଏହି ଅଳଙ୍କାରଗୁଡ଼ିକ ସମାଜର ବିଭିନ୍ନ ଶ୍ରେଣୀ ବ୍ୟବହାର କରୁଥିବା ଅଳଙ୍କାର ରୂପେ ଉପଲବ୍ଧ ହୁଏ । ଅଭିଲେଖମାନଙ୍କରେ ଏହି ସମସ୍ତ ଅଳଙ୍କାରର ବର୍ଣ୍ଣନା ଜୟଦେବଙ୍କ ସମୟରେ ମିଳୁ ନଥିଲେ ମଧ୍ୟ ମନ୍ଦିର ଗାତ୍ରରେ ଖୋଦିତ ସମସାମୟିକ ପୁରୁଷ ଓ ନାରୀ ମୂର୍ତ୍ତିମାନଙ୍କ ଦେହରେ ତାହାର ପ୍ରତିଫଳନ ଦେଖିବାକୁ ମିଳେ । ବିଶେଷତଃ ବ୍ରହ୍ମେଶ୍ୱର, ଲିଙ୍ଗରାଜ, ଜଗନ୍ନାଥ ମନ୍ଦିର ପ୍ରଭୃତିରେ ଥିବା ନର୍ତ୍ତକୀ, ବାଦ୍ୟକାର ତଥା ଅନ୍ୟାନ୍ୟ ପୁରୁଷ ଓ ନାରୀମୂର୍ତ୍ତିମାନଙ୍କ ଦେହରୁ ସେହି ଅଳଙ୍କାରମାନଙ୍କର ଯଥେଷ୍ଟ ପ୍ରମାଣ ମିଳିଥାଏ । ଏପରିକି ପରବର୍ତ୍ତୀ ଗଙ୍ଗ ରାଜତ୍ୱରେ ନିର୍ମିତ ମନ୍ଦିରମାନଙ୍କରେ ପ୍ରଦତ୍ତ ଅଳଙ୍କାର ତଥା କୋଣାର୍କ ମନ୍ଦିରରେ ଖୋଦିତ ମୂର୍ତ୍ତିମାନଙ୍କ ଦେହରେ ସେସବୁର ବହୁ ଉଦାହରଣ ଦେଖାଯାଏ ।

**ବେଶଭୂଷା-**

ଜୟଦେବ ବେଶଭୂଷାର ସୂଚନା ଗୀତଗୋବିନ୍ଦରେ ଦେଇଛନ୍ତି । ସେଥିରେ କୃଷ୍ଣଙ୍କ ମୁଣ୍ଡରେ ମୟୂରପୁଚ୍ଛ ଖୋସାଥିବା ଉଲ୍ଲେଖ ଦେଖାଯାଏ । (ଚନ୍ଦ୍ରକ ଚାରୁ ମୟୂର ଶିଖଣ୍ଡକ ମଣ୍ଡଳ ବଳୟିତ କେଶମ୍) । ମୟୂର ପୁଚ୍ଛ ସାଜସଜ୍ଜା ରୂପେ ବ୍ୟବହାର କରାଯାଉଥିବା ମୁଖଲିଙ୍ଗମ୍‌ର ୧୦୩୨ ଖ୍ରୀଷ୍ଟାବ୍ଦର ଉତ୍କୀର୍ଣ୍ଣ ଏକ ଶିଳାଲିପିରୁ ଜଣାଯାଏ । ଏଥିରେ ଏକ ଉତ୍ତରାୟଣ ସଂକ୍ରାନ୍ତି ଉପଲକ୍ଷେ ପତାକା, ଘଣ୍ଟି ଓ ମୟୂରପୁଚ୍ଛ ସଜ୍ଜା ପାଇଁ ତୁଳଗ୍ରାମ କୃଷକ ସମାଜ ହସ୍ତରେ ସୁବର୍ଣ୍ଣ ଦାନ କରି ତାହାର ସୁଧରେ ଏ କାର୍ଯ୍ୟ ପ୍ରତିବର୍ଷ ସମ୍ପାଦନ କରିବା ପାଇଁ ବ୍ୟବସ୍ଥା କରିଥିଲେ । ରାଧାଙ୍କ କେଶସଜ୍ଜା ସମ୍ପର୍କରେ ରାଧା କୃଷ୍ଣଙ୍କୁ ପଦ୍ମରେ ଭ୍ରମର ଶ୍ରେଣୀ ପରି କୁଞ୍ଚିତ କରି କେଶ ବାନ୍ଧିବା ପାଇଁ ଦ୍ୱାଦଶ ସର୍ଗରେ ଅନୁରୋଧ କରିଛନ୍ତି । ଏହା ବ୍ୟତୀତ ତାଙ୍କ କେଶରେ ଫୁଲ ଖୋସିବା ପାଇଁ (ସକୁସୁମ କେଶମ୍) ମଧ୍ୟ କହିଛନ୍ତି ।

ଗୀତଗୋବିନ୍ଦର ଏକାଦଶ ସର୍ଗରେ କୃଷ୍ଣ ଅଣ୍ଟାରେ ଗୋଟିଏ ହଳଦିଆ ରେଶମ ବା ପାଟ ବେଢ଼ାଇ ପିନ୍ଧିବାର ବର୍ଣ୍ଣନା କରାଯାଇଛି । ଦଶମ ସର୍ଗରେ ତାଙ୍କର ପରିଧାନ ଧଳାଲୁଗା ବୋଲି ଉଲ୍ଲେଖ କରାଯାଇଛି । ଜୟଦେବ ରାଧାଙ୍କ ଲୁଗାକୁ ନୀଳାଭରଣାନି, କାଞ୍ଚିଦାମ, ନୀଳନିଚୋଳ, ଶ୍ୱେତ ଦୁକୂଳ, କନକ ନିକଷରୁଚି ସୁଚୀ ବସନ ଏବଂ କୃତବାସନ ରୂପେ ବିଭିନ୍ନ ସର୍ଗରେ ବର୍ଣ୍ଣନା କରିଛନ୍ତି । ଏହା ମଧ୍ୟ ତତ୍କାଳୀନ ସମାଜରେ ବ୍ୟବହୃତ ପୁରୁଷ ଓ ସ୍ତ୍ରୀମାନଙ୍କ ବସ୍ତ୍ରଭୂଷଣ ହୋଇଥିବା ସ୍ଥିର କରାଯାଇପାରେ । ମନ୍ଦିର ଗାତ୍ରରେ ଖୋଦିତ ତତ୍କାଳୀନ ମୂର୍ତ୍ତିମାନଙ୍କ ଦେହରେ ଧଡ଼ି ତଥା ଅନ୍ୟାନ୍ୟ ନମୁନାର ଆଭରଣ ଦେଖିବାକୁ ମିଳେ । କିନ୍ତୁ ଗୀତଗୋବିନ୍ଦରେ ଶୁଚି ବା ଶୁଚି ବସନ ସମ୍ପର୍କରେ କୁହାଯାଇଛି । ସମ୍ଭବତଃ ଏହା ମନ୍ଦିରରେ ବ୍ୟବହୃତ ଦେବତାଙ୍କ ବସନ ଅଟେ ।

ଦେହର ସାଜସଜ୍ଜା ମଧ୍ୟରେ କୃଷ୍ଣଙ୍କ ଛାତିରେ ଓ ରାଧାଙ୍କ ସ୍ତନରେ ଚନ୍ଦନର ପ୍ରଲେପ ଦିଆଯାଉଥିବା ଏବଂ ନାରୀମାନେ ସିନ୍ଦୂର ଧାରଣ କରୁଥିବା ଗୀତଗୋବିନ୍ଦରୁ ଜଣାଯାଏ । ଖ୍ରୀଷ୍ଟାବ୍ଦର ଏକ ଦ୍ରାକ୍ଷାରାମ, ଅଭିଲେଖରେ ଭୀମେଶ୍ୱରଙ୍କୁ ଲାଗି ଲେଖା ପାଇଁ ଚନ୍ଦନ ଓ କର୍ପୂରର ବ୍ୟବସ୍ଥା ହୋଇଥିବା ଜଣାଯାଏ । ଖ୍ରୀଷ୍ଟ ୧୧୬୨–୬୩ର ଏକ ଲିଙ୍ଗରାଜ ମନ୍ଦିର ଅଭିଲେଖରୁ କୀର୍ତ୍ତିବାସଙ୍କ 'ଚନ୍ଦନ ସମାଇ' ବା ଚନ୍ଦନବେଶ ନିମନ୍ତେ ଏକ ଖଣ୍ଡେ ଗ୍ରାମରେ ସାତବାଟି ଭୂମି ଦାନ କରାଯାଇଥିବା ଜଣାଯାଏ । ଯାହା ମଧ୍ୟ ତତ୍କାଳୀନ ସମାଜରେ ନାରୀମାନେ ସ୍ତନ ଉପରେ କୁଙ୍କୁମ ଲେପନ କରୁଥିବା ଗୀତଗୋବିନ୍ଦ ବର୍ଣ୍ଣିତ 'କୁଚ-ପୟୋଧର-ତଟୀ ପରିଚୟ ଲଗ୍ନ–କାଶ୍ମୀରମୁଦ୍ରିତମୁରୋ ମଧୁସୂଦନସ୍ୟ'ରୁ ଅନୁଭୂତ ହୋଇଥାଏ । ସେହିପରି ଦ୍ୱାଦଶ ସର୍ଗରେ ରାଧାଙ୍କ ପୟୋଧରରେ କସ୍ତୁରୀ ଲେପନ କରାଯାଉଥିବା ଉଲ୍ଲେଖ କରାଯାଇଛି । ଏହା ନାରୀମାନଙ୍କ ରୂପସଜ୍ଜାର ଅନ୍ୟ ଏକ ସୂଚନା ଦିଏ । ସେହିପରି କସ୍ତୁରୀ ତିଳକର ସୂଚନା ଗୀତଗୋବିନ୍ଦର ସପ୍ତମ ସର୍ଗରୁ ମିଳିଥାଏ । ଦେବ ମନ୍ଦିରରେ କସ୍ତୁରୀ ଅର୍ପଣ ପରବର୍ତ୍ତୀ ଗଙ୍ଗରାଜାମାନଙ୍କ ସମୟର ଅଭିଲେଖରୁ ମଧ୍ୟ ଉପଲବ୍ଧ ହୋଇଥାଏ । କାନର ଅଳଙ୍କାର ରୂପେ ତମାଳଗୁଚ୍ଛ (ତୋପିଞ୍ଛଗୁଚ୍ଛାବଳୀମ୍), ଆଖିରେ କଜ୍ଜଳ (ଅଞ୍ଜୌନିକ୍ଷିପଦଞ୍ଜନମ୍), ନଖରେ ଲାଲ ରଙ୍ଗ (ନଖରୁଚି କିଂଶୁକଜାଲେ), ପାଦରେ ଅଳତା(ସରସଲସଦଲକ୍ତକ ରାଗମ୍) ଓ ଓଠରେ କୁଙ୍କୁମର ବର୍ଣ୍ଣନା ପ୍ରଦତ୍ତ ହୋଇଛି । ଏହା ତତ୍କାଳୀନ ସମାଜର ବେଶଭୂଷା ନିର୍ଦ୍ଦେଶ କରିଥାଏ ।

## ଅନ୍ୟାନ୍ୟ ସାଂସ୍କୃତିକ ସୂଚନା

ଗୀତଗୋବିନ୍ଦରେ ଚିତ୍ରକଳା ବା ଛବି ଆଙ୍କିବା (ବିଲିଖତି), କାବ୍ୟକଳାରେ ମନଦେବା, ଉତ୍ତମ ଲିପିରେ ଲେଖିବା, ଲେଖ ବା ଅଭିଲେଖ ପ୍ରସ୍ତୁତ କରିବା ଆଦି ବିଭିନ୍ନ ସର୍ଗରୁ ମିଳିଥାଏ । ମେଘେଶ୍ୱର ମନ୍ଦିର ଅଭିଲେଖରୁ 'ସରଳାକ୍ଷରମାଳାଭିର୍ଲେଖ', 'ସଦ୍‌ବୃତ୍ତାମକ୍ଷରାବଳୀମ୍' ଓ 'ନିଚଖାନ ଶିଳାପଟ୍ଟେ ମୁକ୍ତାଫଳ ନିଭାମିହ' ଆଦିର ସରଳ ଅଭିଲେଖ ଉତ୍ତମ ତଥା ମୁକ୍ତାଫଳ ଭଳି ବୃତ୍ତାକାର ବା ଗୋଲ ଗୋଲ ଅକ୍ଷରରେ ଶିଳା ପ୍ରସ୍ତରରେ ଲେଖିବା ସୂଚିତ ହୋଇଥାଏ । ଭାସ୍କର୍ଯ୍ୟ କଳା ଅନ୍ତର୍ଗତ ତୋରଣର ବର୍ଣ୍ଣନା ମଧ୍ୟ ଗୀତଗୋବିନ୍ଦରୁ ଉପଲବ୍ଧ ହୋଇଥାଏ । ଚୋଡ଼ଗଙ୍ଗଦେବଙ୍କ ଶକ ୧୦୩୪ରେ ପ୍ରକାଶିତ କୋର୍ଣ୍ଣି ତାମ୍ର ଶାସନରୁ ରାଜକୀୟ ଚିହ୍ନରୂପେ ମକର ତୋରଣର ସୂଚନା ମଧ୍ୟ ମିଳିଥାଏ ।

## ଅସ୍ତ୍ରଶସ୍ତ୍ର

ଗୀତଗୋବିନ୍ଦରେ ପ୍ରଦତ୍ତ ଅସ୍ତ୍ରଶସ୍ତ୍ରମାନଙ୍କ ମଧ୍ୟରେ ଧନୁ, ତୀର, ଖଣ୍ଡା, କୁନ୍ତ, ବଜ୍ର ଓ କମ୍ବୁ ବା ଶଙ୍ଖର ବର୍ଣ୍ଣନା ରହିଛି । ଚୋଡ଼ଗଙ୍ଗଙ୍କ କୋର୍ଣ୍ଣି, ତାମ୍ର ଶାସନ (ଶକ ୧୦୩୪) ରୁ ପଞ୍ଚାଙ୍ଗିତ କୁନ୍ତନିକର ସେର ଲାଗିଥିବା କୁନ୍ତ ଓ ଏକ ଶଙ୍ଖ ଭେରୀର ସୂଚନା ମିଳେ । ଚୋଡ଼ଗଙ୍ଗଙ୍କ ପିତାମହ ବଜ୍ରହସ୍ତଦେବ ଯମ ଇନ୍ଦ୍ରଙ୍କ ହସ୍ତରୁ ବିଦ୍ୟୁତ ବଜ୍ରକୁ ପ୍ରବାହିତ କରିଥିବା ହେତୁ ଯଥାର୍ଥରେ ବଜ୍ରହସ୍ତ ରୂପେ ବ୍ୟକ୍ତ ହୋଇଥିବା ମଧ୍ୟ ଏହି ତାମ୍ର ଶାସନରୁ ଉପଲବ୍ଧ ହୁଏ । ଏହି କୋର୍ଣ୍ଣି ତାମ୍ର ଶାସନରୁ ଆହୁରି ମଧ୍ୟ ଜଣାଯାଏ ଯେ ଗଙ୍ଗବଂଶର ପୂର୍ବପୁରୁଷ ତୃତୀୟ–କାମାର୍ଣ୍ଣବ ବୈଚିତ୍ର୍ୟମ୍, ଦ୍ରୁଦତ ଓ ସୌଷ୍ଠବମ୍ ଆଦି ତିନି ପ୍ରକାର ଧନୁର୍ବିଦ୍ୟାରେ ପ୍ରବୀଣ ଥିଲେ । ଚୋଡ଼ଗଙ୍ଗଙ୍କ ବେଳକୁ ଏହି ତିନି ପ୍ରକାର ଧନୁର୍ବିଦ୍ୟାର ପ୍ରଚଳନ ମଧ୍ୟ ଥିଲା । କେନ୍ଦୁ ପାଟଣା ତାମ୍ର ଶାସନରୁ ଜଣାଯାଏ ଯେ ସେ ଧନୁର୍ଦ୍ଧାରୀମାନଙ୍କ ମଧ୍ୟରେ ଉଦାହରଣୀୟ ଥିଲେ ଓ ତାଙ୍କୁ ଅର୍ଜୁନ ତଥା ପରଶୁରାମଙ୍କ ସହିତ ତୁଳନା କରାଯାଉଥିଲା । ତେଣୁ ଜୟଦେବଙ୍କ ସମୟରେ ଏହି ଯୁଦ୍ଧ ଅସ୍ତ୍ରମାନଙ୍କର ପ୍ରଚଳନ ଥିବା ସ୍ଥିର କରାଯାଇପାରେ ।

## ସୁବାସିତ ଦ୍ରବ୍ୟ ଓ ମୂଲ୍ୟବାନ ପଦାର୍ଥ

ସୁବାସିତ ଦ୍ରବ୍ୟମାନଙ୍କ ମଧ୍ୟରେ ମୃଗମଦ ବା କସ୍ତୁରୀ, ସୁବାସିତ ଫୁଲ, ଚନ୍ଦନ ଓ କର୍ପୂରର ସୂଚନା ଗୀତଗୋବିନ୍ଦରୁ ମିଳିଥାଏ । କନକ ଦଣ୍ଡ ଓ କନକାସନ ଗୀତଗୋବିନ୍ଦର ପ୍ରଥମ ଓ ସପ୍ତମ ସର୍ଗରେ ପ୍ରଦତ୍ତ ଧାତୁଦ୍ରବ୍ୟ ରୂପେ ଗ୍ରହଣୀୟ ।

ଗୀତଗୋବିନ୍ଦରେ ଜୟଦେବ ବିଭିନ୍ନ ମୂଲ୍ୟବାନ ପଥରର ସୂଚନା ପରୋକ୍ଷ ଭାବରେ ଦେଇଥିବା ଦେଖାଯାଏ । ସେଗୁଡ଼ିକ ମଧ୍ୟରେ ମଣି, ମର୍କତ ମଣି, ସର୍ପ ମଣି ଆଦି ଅନ୍ୟତମ । ଏହା ବ୍ୟତୀତ ବିତାନ (ଶାମିଆନା), ମଙ୍ଗଳ କଳସ, ଭ୍ରମର, ମଧୁ (ମହୁ), ଧ୍ୱଜ (ପତାକା), ନିଧି, ଶର୍କରା ଆଦି ସୂଚନା ଗୀତଗୋବିନ୍ଦରୁ ମିଳେ । ମୁଖଲିଙ୍ଗମ୍‌ର ଖ୍ରୀଷ୍ଟ ୧୦୩୨ରେ ଉତ୍କୀର୍ଣ୍ଣ ଏକ ଶିଳାଲିପିରେ ପତାକା ବର୍ଣ୍ଣିତ ହୋଇଥିବା ଦେଖାଯାଏ । ଏହା ଏକ ଉନ୍ନତ ତଥା ସମୃଦ୍ଧ ସମାଜର ସଂସ୍କୃତି ବହନ କରୁଥିବା ଜଣାଯାଏ ।

## କଥା କହିବା ଭଙ୍ଗୀ

ଗୀତଗୋବିନ୍ଦରେ କଥା କହିବାର ଭଙ୍ଗୀ ସମ୍ପର୍କରେ ସୂଚନା ମିଳେ । ସେଥିରେ ମୃଦୁ ବଚନ, ସ୍ମିତ ବଚନ, ମଧୁର ବଚନ, ମଧୁର ମୃଦୁତର ବଚନ, ବଦତୁ ମଧୁରମ୍, ଶୃଣୁ ବଚନ, ବାଗ୍ ପଲ୍ଲବୟିତୁ ଓ ସୌନ୍ଦର୍ଯ୍ୟ ଶୁଦ୍ଧି ଗିରାଂ ଆଦି ବିଭିନ୍ନ ପ୍ରକାର ବର୍ଣ୍ଣିତ ହୋଇଥିବା ଦେଖାଯାଏ । ଏଥିରୁ ଉତ୍ତମ କଥା, ମଧୁର ବା ମନୋମୁଗ୍ଧକର ବଚନ, ବିସ୍ତାରିତ ବାକ୍ୟ ଓ ଉତ୍ତମ ନିର୍ମଳ ବକ୍ତବ୍ୟ ଆଦିର ସାମାଜିକ ଆଦର ଥିବା ଜଣାଯାଏ । ତତ୍କାଳୀନ ଅଭିଲେଖମାନଙ୍କରେ ମଧ୍ୟ ଏହା ଉପଲବ୍ଧ ହୋଇଥାଏ । ଖେଦଗଙ୍ଗଙ୍କ ପିତା ରାଜରାଜଦେବ (୧ମ)ଙ୍କୁ 'ବାଗ୍‌ବାଚିମଧୀଶ' ବା ଉତ୍ତମ ଆଳାପକାରୀଙ୍କ ମଧ୍ୟରେ ଶ୍ରେଷ୍ଠ ରୂପେ ଦୀର୍ଘାସୀ ଅଭିଲେଖରେ ବର୍ଣ୍ଣନା କରାଯାଇଛି । ଅନଙ୍ଗଭୀମଦେବ (୩ୟ)ଙ୍କୁ ନଗରୀ ତାମ୍ର ଶାସନରେ ଖେଦଗଙ୍ଗଦେବଙ୍କୁ କଥା କହିବାରେ ନିପୁଣ (କଥାଂ ନିପୁଣତା) ରୂପେ କୁହାଯାଇଛି । ଖେଦଗଙ୍ଗଙ୍କ ପୁତ୍ର ଅନଙ୍ଗଭୀମଦେବ ୨ୟ ସୁଭକ୍ତି ପ୍ରିୟ ଥିବା କେନ୍ଦୁପାଟଣା ତାମ୍ର ଶାସନରୁ ଜଣାଯାଏ । ଏହା ଏକ ଉନ୍ନତ ତଥା ସଂସ୍କୃତି ସମ୍ପନ୍ନ ସମାଜର ସୂଚନା ଦେଇଥାଏ ।

## ଅତିଥି ଚର୍ଚ୍ଚା

ଗୀତଗୋବିନ୍ଦରେ ପ୍ରଦତ୍ତ ସାମାଜିକ ବ୍ୟବହାର ମଧ୍ୟରେ ଅତିଥି ଚର୍ଚ୍ଚା ଉଲ୍ଲେଖଯୋଗ୍ୟ । ଅତିଥି ଆସିବା ସମୟରେ ତାଙ୍କୁ ପାଛୋଟି ଆଣିବା (ପ୍ରତ୍ୟୁଦ୍‌ଗଛତି), ଅତିଥି ଧୀର ପଦକ୍ଷେପରେ ଆସୁଥିବା, ତାଙ୍କୁ ପ୍ରଣତି ଜଣାଇବା, ସେ ବସିବା ପରେ ତାଙ୍କର ପଦସେବା କରିବା(ସେବିତ ପଦାମ୍ଭୋଜ) ଓ ଉତ୍ତମ କଥା କହି (ସୌଭାଷ୍ଟଣମ୍) ତାଙ୍କୁ ଆପ୍ୟାୟିତ କରିବାର ଚଳଣି ଏଥିରୁ ଉପଲବ୍ଧ ହୋଇଥାଏ । ବିଭିନ୍ନ ସର୍ଗରେ କୃଷ୍ଣ ଓ ରାଧାଙ୍କ ଚରିତ୍ର ମାଧ୍ୟମରେ ଏହାର ଅବତାରଣା କରାଯାଇଥିଲେ ମଧ୍ୟ ତତ୍କାଳୀନ ସାଧାରଣ ସମାଜର ସଂସ୍କୃତି ରୂପେ ଏହା ଗୃହୀତ ହୋଇପାରେ ।

## ନାରୀ ଓ ପୁରୁଷ ସମାଜ

ଜୟଦେବ ଗୀତଗୋବିନ୍ଦରେ ନାରୀ ଓ ପୁରୁଷ ସମାଜର ବିଭିନ୍ନ ଚିତ୍ର ସେମାନଙ୍କ ଚରିତ୍ର ବ୍ୟକ୍ତ କରୁଥିବା ନାମମାନଙ୍କରେ ଦେଇଛନ୍ତି । ଏଥିରେ ପୌରାଣିକ ତଥା ସାମୟିକ ନାରୀ ବା ପୁରୁଷଙ୍କର ପରିଚୟ ମିଳେ । ବିଶେଷତଃ ରାଧା ଓ କୃଷ୍ଣଙ୍କ ଚରିତ୍ର ସମ୍ପର୍କରେ ତାହା ପ୍ରକାଶିତ ହୋଇଥିବା ଦେଖାଯାଏ । ସଖୀ, ଗୋପବଧୂ, ବ୍ରଜସୁନ୍ଦରୀ, ଆଭିର ନାରୀ, ଲଳନା, ଯୁବତୀ ସଭା, ତରୁଣୀଜନ, ତନ୍ୱୀ, ନିତମ୍ବିନୀ, ରମଣୀ, ଭାମିନୀ, କଳାବତୀ, ଦୂତୀ, ଅବଳା, ନାୟିକା, ମାନିନୀ, ଚଣ୍ଡୀ, କାମିନୀ, ସାଧ୍ୱୀ, ଭଗିନୀ ଓ କୁଳଟା ଆଦି ତହିଁର ଅନ୍ତର୍ଗତ । ସମାଜର ବିଭିନ୍ନ ଗୋଷ୍ଠୀ ପରିସରରେ ଥିବା ନାରୀମାନେ ଏଥିରେ ପ୍ରତିନିଧିତ୍ୱ କରିଥିବା ଭଳି ମନେହୁଏ । ଏହା ବ୍ୟତୀତ ବିବୁଧସୈବିତ ବା ଦେବଦାସୀଙ୍କର ସୂଚନା ମଧ୍ୟ ଗୀତଗୋବିନ୍ଦରୁ ମିଳିଥାଏ । ପୁତନା ରାକ୍ଷସୀ ଓ ଜନକ ଦୁହିତା ଆଦି ରାମାୟଣ ବର୍ଣ୍ଣିତ ନାରୀକୁ ବୁଝାଇଥାଏ । ଏଥିରୁ ତତ୍କାଳୀନ ସମାଜରେ ରାମାୟଣ ପାଠର ସୂଚନା ମିଳିବା ସଙ୍ଗେ ସଙ୍ଗେ ଏହାର ପ୍ରାଚୀନତ୍ୱ ମଧ୍ୟ ପ୍ରମାଣିତ ହୋଇଥାଏ । ରାଧା ଓ ଲକ୍ଷ୍ମୀ (ବାରିଧି ସୁତା)ଙ୍କ ବର୍ଣ୍ଣନା ତଥା କମଳା ଓ ପଦ୍ମାଙ୍କ ଉଲ୍ଲେଖରୁ ଜୟଦେବଙ୍କ ସମୟରେ ରାଧା ଓ ଲକ୍ଷ୍ମୀଙ୍କ ଉପାସନାର ସଙ୍କେତ ମିଳିଥାଏ । ରୋହିଣୀଙ୍କ ଉଲ୍ଲେଖରୁ ଭାଗବତର ନାରୀଙ୍କ ସୂଚନା ମିଳିଥାଏ । ଏହା ବ୍ୟତୀତ ରମା ଦେବୀ ଓ ପଦ୍ମାବତୀ ଜୟଦେବଙ୍କ ପରିବାରର ନାରୀମାନଙ୍କ ବିଷୟରେ ଧାରଣା ଦେଇଥାନ୍ତି ।

ପୁରୁଷ ସମାଜର ଜନକ, ରାମ, ଦଶମୁଖ, ଖର ଓ ଦୂଷଣ ଆଦି ରାମାୟଣ ବର୍ଣ୍ଣିତ ବ୍ୟକ୍ତି ବିଶେଷ ଅଟନ୍ତି । ଏଥିରୁ ମଧ୍ୟ ରାମାୟଣର ଲୋକପ୍ରିୟତା ଜୟଦେବଙ୍କ ସମୟରେ ଥିବାର ଜଣାଯାଏ । ଆଉମଧ୍ୟ ଏହା ବୈଷ୍ଣବ ବା ବିଷ୍ଣୁ ଉପାସନାର ପରୋକ୍ଷ ସୂଚନା ଦିଏ । କୃଷ୍ଣ, ନନ୍ଦ, କେଶୀ, କଂସ ଆଦି ଭାଗବତ ବର୍ଣ୍ଣିତ ଚରିତ୍ର ଅଟନ୍ତି । ଏହା ମଧ୍ୟ ତତ୍କାଳୀନ ସମାଜରେ ଭାଗବତ ପାଠର ସୂଚନା ଦିଏ । ବଳ, ମୁର, ମଧୁ, ପରଶୁରାମ, ବାମନ, ବଳରାମ ଓ କଳ୍କି ଆଦି ଅବତାର ବିଶେଷ । ସେମାନେ ହରିବଂଶ ବର୍ଣ୍ଣିତ ତଥା ଦଶାବତାରରେ ବିବୃତ ଚରିତ୍ର ଅଟନ୍ତି । ଏହା ତତ୍କାଳୀନ ସମାଜରେ ଏହି ପୁରାଣାଦିର ଲୋକପ୍ରିୟତା ସୂଚାଇଥାଏ । ସେଥିରୁ ମଧ୍ୟ ବୈଷ୍ଣବ ଭାବନା ପ୍ରସାରର ଉନ୍ନତି ଅନୁଭୂତ ହୁଏ । ବିକଟବିଧୁନ୍ତୁଦ ବା ରାହୁ ମଧ୍ୟ ଅନ୍ୟ ଏକ ଅସୁର ଚରିତ୍ର ସୂଚାଇଥାଏ । ଭୋଜ୍‌ଦେବ ଓ ପରାଶର ଆଦି ଜୟଦେବଙ୍କ ପରିବାର ତଥା ତାଙ୍କର ବନ୍ଧୁ ବିଶେଷ ପୁରୁଷ । ଉମାପତି ଧର, ଶରଣ, ଗୋବର୍ଦ୍ଧନ ଆଚାର୍ଯ୍ୟ ଓ ଧୋୟୀ କବି ରୂପେ ବର୍ଣ୍ଣିତ ହୋଇଛନ୍ତି ।

## ପୁଷ୍ପ ଓ ବୃକ୍ଷ

ଜୟଦେବ ଗୀତଗୋବିନ୍ଦରେ ବହୁ ପୁଷ୍ପ ଓ ବୃକ୍ଷ ଲତାର ଉଲ୍ଲେଖ କରିଥିବା ଦେଖାଯାଏ । ସେଗୁଡ଼ିକ ମଧ୍ୟରେ ପଦ୍ମଫୁଲର ବର୍ଣ୍ଣନା ସର୍ବାଧିକ ଥିବା ଦେଖିବାକୁ ମିଳେ । ସେଥିରୁ ସମସାମୟିକ ସମାଜରେ ପଦ୍ମଫୁଲର ଅଧିକ ଲୋକପ୍ରିୟତା ଥିବା ପ୍ରମାଣିତ ହୋଇଥାଏ । ବୃକ୍ଷ ଲତାମାନଙ୍କ ମଧ୍ୟରେ କେନ୍ଦୁ ଓ ବିଲ୍ୱ ବୃକ୍ଷ ଆଦି ଦୁଇଟି ସହିତ ବେତବଣ (ବେତସ), କୁଞ୍ଜ ତଥା ଲତାକୁଞ୍ଜ ଆଦି ଓଡ଼ିଶାର ଉପକୂଳ ସହିତ ଆଦିବାସୀ ଅଧ୍ୟୁଷିତ କାନନର ପରିବେଶ ଏବଂ ସେଥିରେ ଫୁଟୁଥିବା ଫୁଲ ଓ ତାହାର ବ୍ୟବହାରକାରୀ ନାରୀ–ସମାଜର ସୂଚନା ଦେଇଥାନ୍ତି ।

## ପୁସ୍ତକ ସୂଚୀ–


(୧) ମହାପାତ୍ର କେଦାରନାଥ, ୧୯୭୩. ଶ୍ରୀଜୟଦେବ ଓ ଶ୍ରୀଗୀତଗୋବିନ୍ଦ ପୃ ୨୨୮ ।

(୨) Inscriptions of Orissa. Vol. III, pt. ii, p. 294.

(୩) I O Vol. III, pt. ii, Appendix, p. XIV

(୪) J. A. H. R. S. Vol. I, p. 113

(୫) I. O. Vol. III, pt. I, p. 69

(୬) Rao, C. V. R., 1976, Administration and Society in medieval Andhra (A. D. 1038—1538) under the Later Eastern Gangas and the Suryavamsa -Gajapti, p. 331

(୭) I. A. Vol. XVIII, pp. 165 ff.

(୮) I. O. Vol. V, pt. I. p 5

(୯) S. I. I. Vol. VI, No. 1189

(୧୦) S. I. I. Vol. V, No. 1288, Vol.VI, No. 943 and Vo. VI, No. 937

(୧୧) E. I. Vol. XXXI, pp. 249 ff, Dasgupta plates of Rajaraja III, S. 1120

(୧୨) E. I. Vol. XXVIII, pp. 235 ff, Verse 18-19.



କ୍ୟୁରେଟର,
ଓଡ଼ିଶା ଷ୍ଟେଟ୍ ମ୍ୟୁଜିୟମ,
ଭୁବନେଶ୍ୱର ।




# ଗୀତ ଗୋବିନ୍ଦର ମଙ୍ଗଳାଚରଣ

ଡକ୍ଟର-ଭଗବାନ ପ...

ସଂସ୍କୃତ ସାହିତ୍ୟର ଇତିହାସରେ କବିରାଜ ଜୟଦେବଙ୍କ ପ୍ରଣୀତ "ଗୀତଗୋବିନ୍ଦ" ଏକ ଅପୂର୍ବ ଓ ଅନୁପମ ସୃଷ୍ଟି ରୂପେ ଗୃହୀତ । ଆକାର ଦୃଷ୍ଟିରୁ କ୍ଷୁଦ୍ର ହେଲେ ମଧ୍ୟ ବିଗତ ଦୀର୍ଘ ଆଠଶହ ବର୍ଷ ଧରି ଏହା ସମଗ୍ର ଭାରତବର୍ଷର ବିଶେଷତଃ ଓଡ଼ିଶାର କଳା, ସାହିତ୍ୟ ଓ ସଂସ୍କୃତିକୁ ବହୁଧା ପ୍ରଭାବିତ ଓ ସମୃଦ୍ଧ କରିଛି । ଚବିଶଟି ପ୍ରବନ୍ଧ (ଗୀତ) ଓ ବାସ୍ତରି (ବା ୭୨) ଟି ଶ୍ଳୋକରେ ରଚିତ "ଗୀତଗୋବିନ୍ଦ" ଏକ ଅଭିନବ ମହାକାବ୍ୟ ରୂପେ ସ୍ୱୀକୃତ । ଭାରତ ଓ ଭାରତ ବାହାରେ ଏହାର ସହସ୍ରାଧିକ ଟୀକା, ଅନୁକୃତି ଓ ଅନୁବାଦ ରଚିତ ହେବା ସଙ୍ଗେ ସଙ୍ଗେ ଶତାଧିକ ସଂସ୍କରଣ ମଧ୍ୟ ପ୍ରକାଶ ପାଇଛି । ଏଥିରୁ ଗୀତଗୋବିନ୍ଦର ପ୍ରଭାବ ଓ ପ୍ରତିଷ୍ଠା କେତେଦୂର ଗଭୀର ଓ ବିସ୍ତୃତ ତାହା ସହଜରେ ଅନୁମେୟ । ଗୀତଗୋବିନ୍ଦ ମହାକାବ୍ୟର ସ୍ୱରୂପ,ପ୍ରତିପାଦ୍ୟତତ୍ତ୍ୱ ଓ ବୈଶିଷ୍ଟ୍ୟ ସମ୍ପର୍କରେ ଏହାର ମଙ୍ଗଳାଚରଣ ଶ୍ଳୋକକୁ ଭିତ୍ତି କରି ସାଧାରଣ ସୂଚନା ଦିଆଯାଇପାରେ ।

ଗୀତଗୋବିନ୍ଦର ଯେଉଁ ଆରମ୍ଭ ଶ୍ଳୋକଟି ଉପରେ ବହୁ ଗବେଷକ ବିଭିନ୍ନ ପ୍ରକାର ଅପ୍ରାସଙ୍ଗିକ ଓ ଅବାନ୍ତର ଯୁକ୍ତି ପ୍ରତିଯୁକ୍ତି ଉପସ୍ଥାପନ କରିଛନ୍ତି ସେହି ସଂଶିତ ଶ୍ଳୋକ ହେଲା –

ମେଘୈର୍ମେଦୁରମମ୍ବରଂ ବନଭୁବଃ ଶ୍ୟାମାସ୍ତମାଳଦ୍ରୁମୈ
ର୍ନକ୍ତଂ ଭୀରୁରୟଂ ତ୍ୱମେବ ତଦିମଂ ରାଧେ
ଗୃହଂପ୍ରାପୟ ।
ଇତ୍ଥଂ ନନ୍ଦନିଦେଶତ ଶ୍ଚଳିତୟୋଂ ପ୍ରତ୍ୟଧ୍ୱ କୁଞ୍ଜଦ୍ରୁମଂ
ରାଧାମାଧବୟୋର୍ଜୟନ୍ତି ଯମୁନାକୂଳେ ରହଃ କେଳୟଂ ॥

ଏହାହିଁ ଗୀତଗୋବିନ୍ଦର ଆରମ୍ଭ, ପ୍ରଥମ ଓ ମଙ୍ଗଳାଚରଣ ଶ୍ଳୋକ, ସାହିତ୍ୟଶାସ୍ତ୍ର ପରମ୍ପରା ଅନୁସାରେ କବି କାବ୍ୟ ଆରମ୍ଭରେ ରଚନାର ନିର୍ବିଘ୍ନ ପରିସମାପ୍ତି ପାଇଁ ଆଶୀର୍ବାଦାତ୍ମକ ନମସ୍କାରାତ୍ମକ ଓ ବସ୍ତୁନିର୍ଦ୍ଦେଶାତ୍ମକ ମଙ୍ଗଳାଚରଣରୁ ଯେ କୌଣସି ଗୋଟିକର ଅବତାରଣା କରିବା ଆବଶ୍ୟକ । ସେଥିପାଇଁ ଆଳଙ୍କାରିକ ଦଣ୍ଡି ତାଙ୍କ ପ୍ରଣୀତ କାବ୍ୟାଦର୍ଶ ଗ୍ରନ୍ଥରେ ଉଲ୍ଲେଖ କରିଛନ୍ତି –

ସର୍ଗବନ୍ଧୋ ମହାକାବ୍ୟ ମୁଚ୍ୟତେ ତସ୍ୟ ଲକ୍ଷଣମ୍ ।
ଆଶୀର୍ନମସ୍କ୍ରିୟାବସ୍ତୁ ନିର୍ଦ୍ଦେଶୋ ବାପି ତନ୍ମୁଖମ୍ ॥

ମହାକାବ୍ୟରେ ସର୍ଗବିଭାଗ ରହିବ ଏବଂ ତାହାର ... ଆଶୀଃ, ନମସ୍କାର ବା ବସ୍ତୁସୂଚନାତ୍ମକ ହେବା ବିଧେୟ । ... ଦୃଷ୍ଟିରୁ ବିଚାର କଲେ ଗୀତଗୋବିନ୍ଦ ଏକ ମହାକାବ୍ୟ କାରଣ ... ଦ୍ୱାଦଶ ସର୍ଗରେ ବିଭକ୍ତ । ଏହାର ଆମୁଖ ଗୋଟିଏ ନୁହେଁ, ତ୍ରିବିଧ ମଙ୍ଗଳର ସୂଚକ ।

ରାଧାମାଧବୟୋର୍ଜୟନ୍ତି ଯମୁନାକୂଳେ ରହଃକେଳୟଂ -ଅର୍ଥାତ୍ ଯମୁନା କୂଳରେ ରାଧାମାଧବଙ୍କ ରଚିତ ... ରହସ୍ୟ ଲୀଳା ଜୟଯୁକ୍ତ ହେଉ—ଏଥିରୁ ଗୀତଗୋବିନ୍ଦର ପ୍ରତି... ବିଷୟ ସୂଚିତ ହେଉଛି । ଏହା ବସ୍ତୁନିର୍ଦ୍ଦେଶାତ୍ମକ ମଙ୍ଗଳ... ଜୟନ୍ତି ,ଅର୍ଥାତ୍ ଜୟଯୁକ୍ତ ହେଉ – ଏହା ଆଶୀର୍ବାଦାତ୍ମକ... ନମସ୍କାରାତ୍ମକ ମଙ୍ଗଳ ଅର୍ଥଦ୍ୟୋତକ । ତେଣୁ ଗୀତଗୋ... ମଙ୍ଗଳାଚରଣରେ ତ୍ରିବିଧ ମଙ୍ଗଳାଚରଣର ଏକତ୍ର ... ହୋଇଥିବାର ଦେଖାଯାଏ । ସର୍ଗ ବିଭାଗ ବ୍ୟତୀତ ମଙ୍ଗଳା... ସଜ୍ଜନ ଦୁର୍ଜନ ସ୍ତୁତିନିନ୍ଦାଦି ମହାକାବ୍ୟର ଅନ୍ୟତମ ... ରୂପେ ଗୃହିତ ହୁଏ ।

ମହାକାବ୍ୟରେ ସୁର ବା ସଦ୍‌ବଂଶଜାତ କ୍ଷତ୍ରିୟ ନାୟକ ... ବାଞ୍ଛନୀୟ । ସେହି ଦୃଷ୍ଟିରୁ ଗୀତଗୋବିନ୍ଦର ନାୟକ ... ମାଧବ ଅର୍ଥାତ୍ ବିଷ୍ଣୁ ଯାହାଙ୍କୁ କବି ଜୟଦେବ, ବାସୁଦେବ, ... କେଶବ, ମଧୁମୁର ନରକ ବିନାଶନ, ଗରୁଡ଼ାସନ, ... ଗୋବିନ୍ଦ, କୃଷ୍ଣ ପ୍ରଭୃତି ନାମରେ ସ୍ତୁତି କରିଛନ୍ତି । ମହାକାବ୍ୟ... ଶୃଙ୍ଗାର ବା ବୀରରସ ପ୍ରାଧାନ୍ୟ ଲାଭ କରିଥାଏ । ... ଦେଖିଲେ, ଶ୍ରୀମତୀ ରାଧା ହେଉଛନ୍ତି କାବ୍ୟର ନାୟିକା... ରାଧାମାଧବ ପଦରେ ରାଧାଶବ୍ଦ ପ୍ରଥମେ ବ୍ୟବହୃତ ହୋଇ... କାବ୍ୟଟି ଶୃଙ୍ଗାରରସ ପ୍ରଧାନ ବୋଲି ସୂଚିତ ହୁଏ । ... ମହାକାବ୍ୟ ଲକ୍ଷଣ ଅନୁଯାୟୀ ଗୀତଗୋବିନ୍ଦର ମଙ୍ଗଳାଚରଣ... ତ୍ରିବିଧ ମଙ୍ଗଳ, ନାୟକ ନାୟିକା, ଶୃଙ୍ଗାର ରସର ପ୍ରଧାନ...

...ଧ୍ୟଙ୍କ ରହସ୍ୟଲୀଳାପରକ ବିଷୟବସ୍ତୁର ସ୍ପଷ୍ଟ ସୂଚନା ...ଙ୍କୁ ଏଥି ଏକ ମହାକାବ୍ୟ ରୂପେ ଗ୍ରହଣୀୟ ।

...ଙ୍ଗଳାଚରଣ ଶ୍ଳୋକରେ 'ରାଧା' ପଦଟି ଦୁଇଥର ବ୍ୟବହୃତ ...ହୋଇଥିବାରୁ ପୁନରୁକ୍ତି ଦୋଷ ହେଉଛି ବୋଲି କେତେକ ...ଲୋଚକ ମତ ଦିଅନ୍ତି । କବିଙ୍କ ପକ୍ଷରେ ଏହା ଏକ ଦୋଷାବହ ...ଥା । ଏଠାରେ ବିଶ୍ଳେଷିବାର କଥା ହେଉଛି—ଓଡ଼ିଆମାନେ ...ଗଲେ ଘିଟି କହନ୍ତି ବୋଲି ପ୍ରବାଦ ଅଛି । ସେହିପରି ଲୋକେ ...ଥାଏତଃ ସ୍ନେହ ସମ୍ବୋଧନ ପଦକୁ ଛାଡ଼ି ମୂଳ ନାମହିଁ ...ଚ୍ଚାରଣ କରିଥାନ୍ତି । ସେହି ଦୃଷ୍ଟିରୁ 'ନକ୍ତଂ ଭୀରୁରୟଂ ତ୍ୱମେବ ...ନଂ ରାଧେ ଗୃହଂ ପ୍ରାପୟ' ପଂକ୍ତିରେ ଗୋପପତି ନନ୍ଦ ...ମୁହୂର୍ତ୍ତରେ ବନଭୂମିରେ ଅନ୍ଧକାର ପରିବ୍ୟାପ୍ତ ହେବାର ...ଦେଖିଲେ କ୍ରୋଧାନ୍ୱିତ ହୋଇ ଆଦେଶ ଦେଇଥିଲେ—ବାଳକ ...ଏ ଅନ୍ଧାରକୁ ଭୟକରେ । ହେ ରାଧେ ! ତୁ ଏହାକୁ ନେଇ ...ର ପହଞ୍ଚାଇଦେ । କୃଷ୍ଣଙ୍କର ଅନ୍ଧାର ହେଲେ ଭୟ କରିବା ଚିନ୍ତା ...ହେ କ୍ରୋଧର କାରଣ ଥିଲା । ତେଣୁ ସେ କ୍ରୋଧବଶତଃ ସ୍ନେହ ...ଧନ ନ କରି ରାଧାଙ୍କୁ ନାମ ଧରି ଡାକି 'ତୁ ତାକୁ ଘରକୁ ...ଯାଆ' ବୋଲି ଆଦେଶ ଦେଇଥିଲେ । ତେଣୁ କବି ଏଠାରେ ...ଧେ' ପଦଟି ସମ୍ବୋଧନ ଅର୍ଥରେ ହିଁ ପ୍ରୟୋଗ କରିଛନ୍ତି । ...ଏ ରାଧାପଦଟି ପୁନରୁକ୍ତ ହୋଇଥିଲେ ମଧ୍ୟ ତାହା ...ଦୋଷ ନୁହେଁ । କାରଣ, ବିଷାଦ, ବିସ୍ମୟ, ହର୍ଷ, କୋପାଦି ...ରେ ପୁନରୁକ୍ତ ଦୋଷ ହୁଏ ନାହିଁ —

ବିଷାଦେ ବିସ୍ମୟେ ହର୍ଷେ କୋପେ<br>
ଦୈନ୍ୟେଽବଧାରଣେ ।<br>
...ନେହେତ୍ୱର୍ଥାୟାଂ ପୁନରୁକ୍ତଂ ନ ଦୁଷ୍ୟତି ॥

ଶ୍ରୀ ରାଧାମାଧବଙ୍କ ବସନ୍ତକାଳୀନ ରାସଲୀଳାକୁ ଆଧାର କରି ...ଗୋବିନ୍ଦ - ରଚିତ ହୋଇଛି । କିନ୍ତୁ କବି କାବ୍ୟର ...ଆରମ୍ଭରେ 'ମେଘୈର୍ମେଦୁରମମ୍ବରମ୍' ପ୍ରୟୋଗ ଦ୍ୱାରା ...ଆଚ୍ଛାଦିତ ଆକାଶର ଚିତ୍ର ଚିତ୍ରଣ କରିଛନ୍ତି । ଏହା କବିଙ୍କ ...ବସନ୍ତ ଅର୍ଥେ ଉଚିତ ହୋଇ ନାହିଁ ବୋଲି କେତେକ ମତବ୍ୟକ୍ତ ...ନ୍ତି । କିନ୍ତୁ କବି ଏଠାରେ ବର୍ଷାକାଳର ନୁହେଁ, ଦିବା ଭାଗରେ ...ରାତ୍ରି ଅନ୍ଧକାରର ସୂଚନା ଦେବା ପାଇଁ ମେଘମେଦୁର ଅଥବା ...ଆଚ୍ଛନ୍ନ ଆକାଶ, 'ବନଭୁବଃ ଶ୍ୟାମାସ୍ତମାଳଦ୍ରୁମୈଃ' ଘନ ...ବୃକ୍ଷ ଦ୍ୱାରା ବନଭୂମି ଅନ୍ଧକାରାଚ୍ଛନ୍ନ ହୋଇଥିବାର ଉଲ୍ଲେଖ ...ଛନ୍ତି । କାରଣ, ଏହି ପରିବେଶ ହିଁ ରହଃକେଳି ପାଇଁ ଏକାନ୍ତ ...ଜନକ । ଏଠାରେ ରହଃକେଳିର ଆକ୍ଷରିକ ଅର୍ଥ ...ଳ-ଗୋପନକ୍ରୀଡ଼ା । ରହଃ ପଦର ଅର୍ଥ ହେଲା — ରତ, ...ମ୍ଭୋଗ ରୂପା । ତେଣୁ ରହଃକେଳି ପଦକୁ କେବଳ ରତିଲୀଳା ...ଅର୍ଥରେ ଗ୍ରହଣ କରିବା ସର୍ବଥା ଅନୁଚିତ । କାରଣ ...ସଂସ୍ଥାପନ ପାଇଁ ଅବତୀର୍ଣ୍ଣ ଆତ୍ମାରାମ ସ୍ୱରୂପ ଭଗବାନ ...କୃଷ୍ଣଙ୍କ ପକ୍ଷରେ ପରଦାରା ଅଭିମର୍ଷଣ କଳ୍ପନା ସର୍ବଥା ...ମ୍ଭବ । ତେଣୁ ରାଧାମାଧବଙ୍କ ରହସ୍ୟଲୀଳା ସାଧାରଣ ...ମ୍ପାଦିତ ରତିଲୀଳା ନୁହେଁ । ସେଥିପାଇଁ ମହାଭାରତରେ ...ଯାଇଛି —

ଧର୍ମବ୍ୟତିକ୍ରମୋ ଦୃଷ୍ଟ ଈଶ୍ୱରାଣାଂ ଚ ସାହସମ୍ ।<br>
ତେଜୀୟସାଂ ନ ଦୋଷାୟ ବାହ୍ନେ ସର୍ବଭୁଜୋ ଯଥା ॥

ସର୍ବଭୁକ୍ ବହ୍ନିପରି ତେଜସ୍ୱୀ ବ୍ୟକ୍ତି ସର୍ବକର୍ମ ସମ୍ପାଦନ ପାଇଁ ସମର୍ଥ । ସାଧାରଣଙ୍କଠାରେ ଘଟୁଥିବା ଧର୍ମବ୍ୟତିକ୍ରମ ଓ ସାହସ ଦ୍ୱାରା ତେଜସ୍ୱୀମାନଙ୍କୁ ଦୋଷୀ ସାବ୍ୟସ୍ତ କରାଯାଏ ନାହିଁ । ସେହି ଦୃଷ୍ଟିରୁ ବାଳକୃଷ୍ଣଙ୍କ ପକ୍ଷରେ ଯୁବକନୋଚିତ ରତିଲୀଳା ସମ୍ପାଦନ ସର୍ବଥା ଅସମ୍ଭବ । ତେଣୁ ରହଃକେଳି ପଦରେ ଶ୍ରୀକୃଷ୍ଣଙ୍କର ରତିଲୀଳା ନୁହେଁ, ଲୋକୋତ୍ତର ଗୌରବ ପ୍ରଦର୍ଶନ ନିମିତ୍ତ ପ୍ରୌଢ଼ ଚେଷ୍ଟାର ହିଁ ବର୍ଣ୍ଣନା କରାଯାଇଛି ।

ଆତ୍ମା ଓ ପରମାତ୍ମା ସ୍ୱରୂପ ରାଧାମାଧବଙ୍କ ମିଳନ ଲୀଳାପରକ ଗୀତଗୋବିନ୍ଦ ସାଧାରଣ ଅଜ୍ଞାନ ବ୍ୟକ୍ତିର ଦୃଷ୍ଟିରେ ଅଶ୍ଳୀଳ ବିବେଚିତ ହେଲେ ମଧ୍ୟ ଜ୍ଞାନୀ ଭକ୍ତଙ୍କ ବିଚାରରେ ଏକ ଉପାଦେୟ ଭକ୍ତିଗ୍ରନ୍ଥ ରୂପେ ଗୃହୀତ ହୁଏ । ଗୀତଗୋବିନ୍ଦର ମଙ୍ଗଳାଚରଣରୁ ଏହି ରହସ୍ୟର ସୂଚନା ମିଳେ । ତେଣୁ ମଙ୍ଗଳାଚରଣ ଶ୍ଳୋକଟି କାବ୍ୟର ମୂଳତତ୍ତ୍ୱ ଉପସ୍ଥାପନରେ ସଫଳ ହେବା ସଙ୍ଗେ ସଙ୍ଗେ କବିରାଜ ଜୟଦେବଙ୍କ କାବ୍ୟପ୍ରତିଭାର ପରାକାଷ୍ଠା ପ୍ରତିପାଦନ କରେ ।

ମହାକାବ୍ୟ ରଚନାର ପରମ୍ପରା ଅନୁଯାୟୀ ଶୃଙ୍ଗାର ହିଁ ଗୀତଗୋବିନ୍ଦର ପ୍ରଧାନ ରସ ବୋଲି ପୂର୍ବରୁ ସୂଚିତ ହୋଇଛି । ଏହି କାବ୍ୟରେ ଅଙ୍ଗୀରସ ଶୃଙ୍ଗାରର ପରସ୍ପରାବଲୋକନ ପରିଚୁମ୍ବନାଦି ଭେଦ ବିଶିଷ୍ଟ ସମ୍ଭୋଗ ଶୃଙ୍ଗାର ଓ ଅଭିଳାଷ, ବିରହ, ଈର୍ଷ୍ୟା, ପ୍ରବାସ ଶାପାଦି ପଞ୍ଚବିଧ ବିପ୍ରଲମ୍ଭ ଶୃଙ୍ଗାରର ଚିତ୍ରଣ କରାଯାଇଛି । ଶୃଙ୍ଗାର ରସର ଆଲମ୍ବନରୂପା ଉତ୍କଣ୍ଠିତା, ଅଭିସାରିକା, ବାସକସଜ୍ଜା, ବିପ୍ରଲବ୍ଧା, ଖଣ୍ଡିତା, କଳହାନ୍ତରିତା, ସ୍ୱାଧୀନଭର୍ତ୍ତୃକା, ପ୍ରୋଷିତାଦି ଅଷ୍ଟବିଧ ନାୟିକା ମଧ୍ୟରୁ ଶେଷ ଦୁହିଁଙ୍କୁ ଛାଡ଼ି ଅନ୍ୟ ଛଅଟି ନାୟିକା ଏଥିରେ ରୂପାୟିତ ହୋଇଥିବାର ଦେଖାଯାଏ ।

ସାମବେଦରୁ ଉଦ୍ଭବିଲାଭ କରିଥିବା ଶୃଙ୍ଗାରରସ ବିଷ୍ଣୁସ୍ୱରୂପ । ବିଷ୍ଣୁ ହିଁ ଶୃଙ୍ଗାରର ଅଧିଦେବତା । ଶୃଙ୍ଗାରାଦି ଅଷ୍ଟବିଧ କାବ୍ୟରସର ଅଧିଦେବତା ପ୍ରସଙ୍ଗରେ କୁହାଯାଇଛି —

ଶୌରି ଶକ୍ରୋ ମହାକାଳୋ ରୁଦ୍ରୋ<br>
ଗଣପତିର୍ବିଧିଃ ।<br>
କାଳୋ ଯମଃ ପରଂ ଜ୍ୟୋତିରିତ୍ୟେଷାମଧି<br>
ଦେବତା ॥

ଗୀତଗୋବିନ୍ଦର ମଙ୍ଗଳାଚରଣରୁ ହିଁ କାବ୍ୟ ପ୍ରତିପାଦିତ ରସ, ଭାବ ଓ ରସାଭାସର ସୂଚନା ମିଳେ ।

କାବ୍ୟର ନାୟକ ମୃଦୁଳ, ଚତୁର, କଳାଭିଜ୍ଞ, ବିଳାସବାନ୍ ହେବା ବିଧେୟ । ସେହି ନାୟକ ଅନୁକୂଳ, ଦକ୍ଷିଣ, ଧୃଷ୍ଟ ଓ ଶଠ ରୂପେ ଚତୁର୍ବିଧ । ସେଥିପାଇଁ କୁହାଯାଇଛି —

ଛିତ୍ୟାନୁରାଗଃ ସୁଭଗଃ କଳାଭିଜ୍ଞୋ
ବିଳାସବାନ୍ ।
ଚତୁରଃ କାମତନ୍ତ୍ରଷୁ ଶୃଙ୍ଗାରରସ
ନାୟକଃ ॥

ଗୀତଗୋବିନ୍ଦର ନାୟକ ଶ୍ରୀକୃଷ୍ଣ ସେହି ଦୃଷ୍ଟିରୁ ସ୍ୱୟଂ ସମ୍ପୂର୍ଣ୍ଣ । ନାୟକଭେଦ ଦୃଷ୍ଟିରୁ ଶ୍ରୀକୃଷ୍ଣ ଏଥିରେ ଦକ୍ଷିଣ ଓ ଶଠ ଉଭୟବିଧ ନାୟକ ରୂପେ ଚିତ୍ରିତ ହୋଇଛନ୍ତି । ଏହାର ସପ୍ତମସର୍ଗ ବର୍ଣ୍ଣିତ 'ନ୍ୟାସ୍ୟାତଃ ସଖୀ ନିର୍ଦୟୋ ଯଦି ଶଠସ୍ତ୍ୱଂ ଦୂତି କିଂ ଦୂଷ୍ୟସେ' ଉକ୍ତିରୁ ଶଠନାୟକ ଓ 'ଛନ୍ଦନ ଚର୍ଚ୍ଚିତ ନୀଳକଳେବର' ସହିତ ଅନ୍ୟାନ୍ୟ ପ୍ରବନ୍ଧରୁ ଦକ୍ଷିଣ ନାୟକ, ଚରିତ୍ରର ପରିଚୟ ମିଳେ ।

ମହାକାବ୍ୟର ଅନ୍ୟାନ୍ୟ ଆନୁଷଙ୍ଗିକ ଉପାଦାନ ରୂପେ "ସନ୍ଧ୍ୟାସୂର୍ଯ୍ୟେନ୍ଦୁରଜନୀ ପ୍ରଦୋଷଧ୍ୱାନ୍ତବାସରାଃ" ପ୍ରଭୃତି ଗୀତଗୋବିନ୍ଦର ବିଭିନ୍ନ ସର୍ଗ ଓ ପ୍ରସଙ୍ଗରେ ବର୍ଣ୍ଣିତ ହୋଇଛି । ମଙ୍ଗଳାଚରଣରୁ ହିଁ ଏଗୁଡ଼ିକର ସୂଚନା ମିଳେ ।


ରସାନୁରାଗବୃତ୍ତି ଦୃଷ୍ଟିରୁ ଗୀତଗୋବିନ୍ଦ 'କୌଶିକୀ' ବୃତ୍ତିରେ ରଚିତ ହୋଇଥିବାର ଜଣାଯାଏ । କୌଶିକୀ ବୃତ୍ତିର ଲକ୍ଷଣ ହେଲା –

ଯା ଶ୍ଲକ୍ଷ୍ଣନେପଥ୍ୟ ବିଶେଷଯୁକ୍ତା
ସ୍ତ୍ରୀସଂଯୁତା ଯା ବହୁନୃତ୍ୟଗୀ…
କାମୋପ ଭୋଗପ୍ରସବୋପଚାରାଂ'
ତାଂ କୌଶିକୀଂ ବୃତ୍ତିମୁଦାହ…

'ଗୀତଗୋବିନ୍ଦ'ରେ ଏଗୁଡ଼ିକର ସ୍ପଷ୍ଟ ଚିତ୍ରଣ କରାଯାଉ… ଦେଖାଯାଏ । ମଧୁର କୋମଳ କାନ୍ତ ପଦାବଳୀ … ଗୀତଗୋବିନ୍ଦ କାବ୍ୟଶାସ୍ତ୍ରର ବିଧାନ ଅନୁଯାୟୀ 'ଦ୍ରାକ୍ଷାପା… ରଚିତ । ଏହାର ଲକ୍ଷଣ ହେଲା – ଦ୍ରାକ୍ଷାପାକଃ ସ ବିଜ୍ଞେ… ବହିରନ୍ତଃ ସ୍ଫୁରଦ୍ ରସଃ – ଯାହାର ଆସ୍ୱାଦ୍ୟ ରସ ଦ୍ରାକ୍ଷା… ପରି ସହଜ, ହୃଦ୍ୟ ଓ ଆନନ୍ଦକର । ଶ୍ଲେଷ, କାବ୍… ବିରୋଧାଭାସ, ବୃତ୍ତ୍ୟନୁପ୍ରାସାଦି ଅଳଙ୍କାର ମଣ୍ଡିତ ମଙ୍ଗଳା… ଶ୍ଲୋକକୁ ଗୀତଗୋବିନ୍ଦ ମହାକାବ୍ୟର ସାର ରୂପେ ଗ୍ର… କରାଯାଇପାରେ ।

---

ସମ୍ପାଦକ, ସଂସ୍କୃତି ନିର୍ଦ୍ଦେଶାଳୟ,
ଓଡ଼ିଶା, ଭୁବନେଶ୍ୱର ।



# କିମ୍ବଦନ୍ତୀରେ ଜୟଦେବ ଓ ଗୀତଗୋବିନ୍ଦ

● ଶ୍ରୀମତୀ ପ୍ରମିଳା ମିଶ୍ର

ଇତିହାସ ଓ କିମ୍ବଦନ୍ତୀ ଉଭୟେ ଉଭୟର ପରିପୂରକ । ଐତିହାସିକ ପ୍ରମାଣ ଅଭାବରେ ଅନେକ ସମୟରେ ଜନଶ୍ରୁତି ବା କିମ୍ବଦନ୍ତୀରୁ ତଥ୍ୟ ସଂଗ୍ରହ କରି ତାହାରି ଉପରେ ନିର୍ଭର କରି ଇତିହାସ ଗଢ଼ି ଉଠେ । କେତେକ କ୍ଷେତ୍ରରେ ଜନଶ୍ରୁତି ଇତିହାସ ସୃଷ୍ଟି ନ କଲେ ମଧ୍ୟ ଲୋକମୁଖରେ ଏପରି ଭାବରେ ପ୍ରଶ୍ରିତ ହୁଏ ଯେ କାଳକ୍ରମେ ତାହା ଇତିହାସଠାରୁ ଅଧିକ ଶକ୍ତିଶାଳୀ ହୁଏ ଏବଂ ସମାଜ ତାହାକୁ ଗ୍ରହଣ କରିଯାଏ । ପ୍ରତ୍ୟେକ ଜନଶ୍ରୁତିମୂଳରେ ଯେ କିଛି ନା କିଛି ନିଗୂଢ଼ ସତ୍ୟ ରହିଥାଏ, ଏଥିରେ ସନ୍ଦେହ ନାହିଁ ।

ପ୍ରାୟ ଅଧିକାଂଶ ପ୍ରାଚୀନ, ପ୍ରଖ୍ୟାତ କବି ଓ ଲେଖକ ସ୍ୱକୃତି ମଧ୍ୟରେ ନିଜର ପରିଚୟ ସମ୍ବନ୍ଧରେ କୌଣସି ସୂଚନା ଦେଇନାହାନ୍ତି । ତେଣୁ ସେମାନଙ୍କର ଜନ୍ମସ୍ଥାନ, ସମୟ ଓ ବ୍ୟକ୍ତିଗତ ଜୀବନ ବିଷୟରେ ସାଧାରଣତଃ ପ୍ରଚଳିତ ଜନଶ୍ରୁତି ଅନୁସାରେ ନିର୍ଣ୍ଣୟ କରାଯାଇଥାଏ । ଆଲୋଚ୍ୟ ଗୀତଗୋବିନ୍ଦ ଓ ଏହାର ରଚୟିତା କବିରାଜ ଜୟଦେବ ତନ୍ମଧ୍ୟରେ ଅନ୍ୟତମ । ଜୟଦେବ ଓ ତାଙ୍କର ଶ୍ରେଷ୍ଠକୃତି ଗୀତଗୋବିନ୍ଦ ସମ୍ପର୍କରେ ବିଭିନ୍ନ ସମୟରେ ଭାରତବର୍ଷର ଭିନ୍ନ ଭିନ୍ନ ଅଞ୍ଚଳରେ ଅସଂଖ୍ୟ ଗଳ୍ପ ଓ କିମ୍ବଦନ୍ତୀ ପ୍ରଚଳିତ ହୋଇଥିବାର ଦେଖାଯାଏ । ତନ୍ମଧ୍ୟରେ ଅଧିକାଂଶ ଘଟଣାବଳୀ ମଧ୍ୟରେ ସାମ୍ୟ ପରିଦୃଷ୍ଟ ହେଉଥିଲେ ମଧ୍ୟ କେତେଗୁଡ଼ିଏରେ ଉଲ୍ଲେଖଯୋଗ୍ୟ ପାର୍ଥକ୍ୟ ଅନୁଭୂତ ହୁଏ । ଏହିପରି ଆଞ୍ଚଳିକ ବିଶେଷତ୍ୱ ନେଇ ବିଭିନ୍ନ ଭାରତୀୟ ଭାଷାରେ କାଳକ୍ରମେ ବହୁ ଜନଶ୍ରୁତି ପୁସ୍ତିକାକାରରେ ଲିପିବଦ୍ଧ ହୋଇ ଇତିହାସ ଓ ସାହିତ୍ୟକୁ ସମୃଦ୍ଧ କରିଅଛି ।ନାଭାଜୀ ଗୋସ୍ୱାମୀଙ୍କ (ଖ୍ରୀ:ଅ: ୧୬୦୦) ରଚିତ ଭକ୍ତମାଳା, ପ୍ରିୟ ଦାସ (ଖ୍ରୀ: ଅ: ୧୭୧୨) କର୍ତ୍ତୃକ ଭକ୍ତମାଳାର ହିନ୍ଦୀ ଟୀକା, ମୈଥିଳୀ ପଣ୍ଡିତ ଚନ୍ଦ୍ରଦତ୍ତଙ୍କ (ଖ୍ରୀ: ଅ: ୧୮୦୦) ସଂସ୍କୃତ ଭାଷାରେ ରଚିତ ଭକ୍ତମାଳା, ଓଡ଼ିଆ ଭାଷାରେ ରାମ ଦାସ (ଖ୍ରୀ: ଅ: ୧୭୫୦) ବିରଚିତ ଦାର୍ଢ୍ୟତାଭକ୍ତି ରସାମୃତ, ବଙ୍ଗୀୟ ଶ୍ରୀକୃଷ୍ଣ ଦାସଙ୍କ (ଖ୍ରୀ: ଅ: ୭୫୦) ରଚିତ ଭକ୍ତମାଳା ମରାଠୀ, ଭାଷାରେ ମହୀପତିଙ୍କ (ଖ୍ରୀ: ଅ: ୧୭୬୫) ରଚିତ ଭକ୍ତ ବିଜୟ ପ୍ରଭୃତି କୃତି ଉଲ୍ଲେଖଯୋଗ୍ୟ । ଉକ୍ତ ଜନଶ୍ରୁତି ଆଧାରରେ ବଙ୍ଗ ଦେଶରେ ନିକଟ ଅତୀତରେ ରଚିତ ଓ ବହୁ ପ୍ରଶ୍ରିତ ବନମାଳୀ ଦାସଙ୍କ 'ଜୟଦେବ ଚରିତ' ଓ ହଲାୟୁଧ ମିଶ୍ରଙ୍କ 'ଶେଖ୍ ଶୁଭୋଦୟ' ଗ୍ରନ୍ଥଦ୍ୱୟର ପ୍ରାମାଣିକତା ସନ୍ଦେହଜନକ ହୋଇଥିବାରୁ ସେଥିରେ ବର୍ଣ୍ଣିତ ଥିବା ଅବାନ୍ତର ଘଟଣାବଳୀକୁ ବାଦ ଦେଇ ମୁଖ୍ୟତଃ ପୂର୍ବୋକ୍ତ ପୁସ୍ତକଗୁଡ଼ିକର ବର୍ଣ୍ଣନା ଅବଲମ୍ବନରେ ଏବଂ ଓଡ଼ିଶାର ପୁରୀ, କେନ୍ଦୁଲୀ ଓ ତାର ଆଖ ପାଖ ଅଞ୍ଚଳରେ ପ୍ରଚଳିତ କେତେକ ଜନଶ୍ରୁତିକୁ ଆଧାର କରି ଜୟଦେବ ଓ ଗୀତଗୋବିନ୍ଦ ସମ୍ପର୍କୀତ ବିଷୟବସ୍ତୁ ନିମ୍ନମତେ ଉପସ୍ଥାପନ କରାଯାଇପାରେ ।

## ଜୟଦେବଙ୍କ ଜୀବନର ଆଦ୍ୟାବସ୍ଥା

ଜୟଦେବ ଓଡ଼ିଶାର ପୁରୁଷୋତ୍ତମ କ୍ଷେତ୍ର ନିକଟସ୍ଥ କେନ୍ଦୁବିଲ୍ୱ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତା ମାତାଙ୍କ ନାମ ଥିଲା ଭୋଜଦେବ ଓ ରାମା ଦେବୀ । ବାଲ୍ୟାବସ୍ଥାରେ ସେ ସଂସ୍କୃତ ଭାଷାରେ ତଥା କାବ୍ୟ ସାହିତ୍ୟ, ଜ୍ୟୋତିଷ, ବ୍ୟାକରଣାଦି ବିଭିନ୍ନ ଶାସ୍ତ୍ରରେ ପାରଦର୍ଶିତା ଲାଭ କରିଥିଲେ । ଏଗାର ବର୍ଷ ବୟସରେ ତାଙ୍କର ପିତୃମାତୃ ବିୟୋଗ ଘଟିଥିଲା । ମୃତ୍ୟୁ ପୂର୍ବରୁ ତାଙ୍କର ପିତା ଜନୈକ ପଡ଼ୋଶୀଙ୍କ ପାଖରୁ କିଛି ଅର୍ଥ ଋଣ କରିଥିଲେ । ଯଥା ସମୟରେ ଋଣ ପରିଶୋଧ କରି ନ ପାରିଲେ ଅର୍ଥ ପରିବର୍ତ୍ତରେ ନିଜର ବାସଗୃହ ଦେବା ପାଇଁ ସର୍ତ୍ତ ଥିଲା ।ତେଣୁ ପିତାମାତାଙ୍କ ବିୟୋଗର ଅବ୍ୟବହିତ ପରେ ଉକ୍ତ ପଡ଼ୋଶୀ ଜୟଦେବ ରହୁଥିବା ଗୃହ ଦାବୀ କରିବାରୁ ବାଳକ ଜୟଦେବ ତତ୍‌କ୍ଷଣାତ୍ ବିନା ଦ୍ୱିଧାରେ ପିତାଙ୍କ ସର୍ତ୍ତ ରକ୍ଷାକରି ଗୃହ ମଧ୍ୟରୁ ବାହାରି ଆସିଲେ । କିନ୍ତୁ ଆଶ୍ଚର୍ଯ୍ୟର କଥାଯେ, ପଡ଼ୋଶୀ ଜଣକ ଯେତେବେଳେ ଜୟଦେବଙ୍କ ବାସଗୃହକୁ ଅଧିକାର କରିବାକୁ ଗଲେ ସେହି ସମୟରେ ଉକ୍ତ ପଡ଼ୋଶୀଙ୍କର ନିଜର ବାସଗୃହ ସହସା ପ୍ରବଳ ବେଗରେ ଜଳି ଉଠିଲା । ଏହା ଦେଖି ବାଳକ ଜୟଦେବ ବିବ୍ରତ ହୋଇ ଅଗ୍ନିଦାହରୁ ଆସବାବପତ୍ରାଦି ରକ୍ଷା କରିବା ନିମନ୍ତେ ଉକ୍ତ ଗୃହ ମଧ୍ୟକୁ ପ୍ରବେଶ କରିବା ମାତ୍ରେ ଅଗ୍ନି ନିର୍ବାପିତ ହୋଇଗଲା । ସେହି ଘଟଣାରେ ପଡ଼ୋଶୀ ବ୍ୟକ୍ତିଙ୍କର ମନରେ ପରିବର୍ତ୍ତନ ଦେଖା ଦେଇଥିଲା ଏବଂ ସେ ଜୟଦେବଙ୍କୁ ତାଙ୍କ ଗୃହ ଫେରାଇ ଦେବାକୁ ଚାହିଁଲେ । କିନ୍ତୁ ଜୟଦେବ ନିଜ

...ୀ ସମସ୍ତ ପାର୍ଥିବ ମୋହ ତୁଟାଇ ସେ ନିଷ୍ପତ୍ତିରେ ଅଟଳି ଶ୍ରୀକ୍ଷେତ୍ର ଅଭିମୁଖେ ଅଗ୍ରସର ହେଲେ । ସନ୍ନ୍ୟାସୀ ...

### ...ଙ୍କ ବିବାହ

ପ୍ରାଚୀପରେ ଶ୍ରୀକ୍ଷେତ୍ରର ବହିର୍ଦେଶରେ ଏକ ବୃକ୍ଷ ମୂଳରେ ଏବଂ ପରବର୍ତ୍ତୀ ସମୟରେ ଏକ ପର୍ଣ୍ଣ କୁଟୀର ମଧ୍ୟରେ ନିବାସ କରି ସନ୍ନ୍ୟାସୀ ଜୟଦେବ କେବଳ ଧର୍ମ ଚର୍ଚ୍ଚାରେ ଜୀବନ ଅତିବାହିତ କରୁଥିଲେ । ଏକଦା ଦେବଶର୍ମା ନାମକ ଜଣେକ ନିଃସନ୍ତାନ ବ୍ରାହ୍ମଣ ଶ୍ରୀକ୍ଷେତ୍ରକୁ ଆସିଥିବାବେଳେ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ଏକ ସନ୍ତାନ ଭିକ୍ଷାକରି ଉକ୍ତ ସନ୍ତାନକୁ ଶ୍ରୀଜଗନ୍ନାଥଙ୍କ ସେବା ନିମିତ୍ତ ଉତ୍ସର୍ଗ କରିବେ ବୋଲି ପ୍ରତିଶ୍ରୁତିବଦ୍ଧ ହୋଇଥିଲେ । କିଛିକାଳ ପରେ ଉକ୍ତ ବ୍ରାହ୍ମଣ ଏକ ଅପରୂପା ସୁନ୍ଦରୀ କନ୍ୟାରତ୍ନ ଲାଭ କରିଥିଲେ ଏବଂ ଲକ୍ଷ୍ମୀ ସ୍ୱରୂପା ହୋଇଥିବାରୁ ପିତାମାତା ତାର ନାମ ପଦ୍ମାବତୀ ରଖିଥିଲେ ।

ଯଥା ସମୟରେ ଦେବଶର୍ମା ସପରିବାର ଶ୍ରୀକ୍ଷେତ୍ରକୁ ଆସି ପଦ୍ମାବତୀକୁ ଜଗନ୍ନାଥଙ୍କ ସମ୍ମୁଖରେ ସମର୍ପଣ କରିବା ଅବସରରେ ପରମଭକ୍ତ ଜୟଦେବଙ୍କୁ କନ୍ୟା ଅର୍ପଣ କରିବା ପାଇଁ ମହାପ୍ରଭୁଙ୍କ ଦ୍ୱାରା ସ୍ୱପ୍ନାଦିଷ୍ଟ ହେଲେ । ସେହି ସମୟରେ ଜୟଦେବ ଏକ ବୃକ୍ଷ ମୂଳରେ ସନ୍ନ୍ୟାସ ଜୀବନଯାପନ କରି କେବଳ ବିଦ୍ୟାଶିକ୍ଷା ଓ ଦେବ ଆରାଧନାରେ ସର୍ବଦା ଲିପ୍ତ ରହୁଥିଲେ । ସ୍ୱପ୍ନାଦେଶ ଅନୁଯାୟୀ ପଦ୍ମାବତୀଙ୍କର ପିତାମାତା ତାଙ୍କୁ ଜୟଦେବଙ୍କ ସମୀପରେ ପରିତ୍ୟାଗ କରି ସ୍ୱଗ୍ରାମକୁ ପ୍ରତ୍ୟାବର୍ତ୍ତନ କଲେ । ପଦ୍ମାବତୀଙ୍କୁ ଗ୍ରହଣ କରିବା ପାଇଁ ଏକାନ୍ତ ଅନିଚ୍ଛୁକ ଜୟଦେବଙ୍କର ସମସ୍ତ ପ୍ରକାର ପ୍ରତିରୋଧ ବିଫଳ ହେଲା । ପଦ୍ମାବତୀ ଅତ୍ୟନ୍ତ ଭକ୍ତି ଓ ନିଷ୍ଠାର ସହ ଜୟଦେବଙ୍କର ସେବାରେ ନିମଗ୍ନ ହେଲେ । ଇତି ମଧ୍ୟରେ ଭକ୍ତ ଜୟଦେବ ମଧ୍ୟ ପ୍ରଭୁ ଜଗନ୍ନାଥଙ୍କଠାରୁ ସ୍ୱପ୍ନରେ ଅନୁରୂପ ନିର୍ଦ୍ଦେଶ ଲାଭ କରି ଏବଂ ପଦ୍ମାବତୀଙ୍କର ପ୍ରଗାଢ଼ ସେବାରେ ସନ୍ତୁଷ୍ଟ ହୋଇ ପରିଶେଷରେ ତାଙ୍କୁ ବିବାହ କଲେ । ବିବାହ ପରେ ଶ୍ରୀକ୍ଷେତ୍ରରେ ଏକ ନୂତନ ପର୍ଣ୍ଣ କୁଟୀର ପ୍ରସ୍ତୁତ କରି ସେଥିରେ ପଦ୍ମା–ଜୟଦେବ ବାସ କରିବା ପୂର୍ବକ ତନ୍ମଧ୍ୟରେ ଶ୍ରୀଶ୍ୟାମସୁନ୍ଦରଙ୍କ ବିଗ୍ରହ ପ୍ରତିଷ୍ଠା କରି ତାଙ୍କରି ଆରାଧନାରେ କାଳାତିପାତ କରିବାକୁ ଲାଗିଲେ । ଅଳ୍ପ ଦିନ ମଧ୍ୟରେ ଜୟଦେବ ଓ ପଦ୍ମାଙ୍କ ହୃଦୟରେ ପରସ୍ପର ପ୍ରତି ପ୍ରେମ, ଶ୍ରଦ୍ଧା, ବିଶ୍ୱାସ ତଥା ଏକାତ୍ମତା ବୃଦ୍ଧିଲାଭ କଲା । ଉଭୟରେ ଏକମନ ଓ ଏକ ପ୍ରାଣରେ ଶ୍ରୀକୃଷ୍ଣଙ୍କ ଉପାସନାମୂଳକ ସ୍ତୁତି ଓ ନୃତ୍ୟଗୀତାଦିରେ ମଜ୍ଜି ରହିଲେ । ଅନ୍ୟ ବିବରଣୀ ଅନୁଯାୟୀ ଜଣାଯାଏ ବିବାହ ପରେ ଜୟଦେବ ପଦ୍ମାବତୀଙ୍କ ସହ କେନ୍ଦୁଳି ଗ୍ରାମକୁ ପ୍ରତ୍ୟାବର୍ତ୍ତନ କରି ସେହିଠାରେ ଥିବା ବିଷ୍ଣୁ ମନ୍ଦିରରେ ରାଧାମାଧବଙ୍କୁ ଆରାଧନା କଲେ ।

ଅନ୍ୟ ପ୍ରକାର ଜନଶ୍ରୁତି ଅଛି ଯେ ଦେବଶର୍ମା ଶ୍ରୀଜଗନ୍ନାଥଙ୍କୁ ସନ୍ତାନ ଉତ୍ସର୍ଗ କରିବା ପାଇଁ ଦେଇଥିବା ପ୍ରତିଶ୍ରୁତି ସମୟକ୍ରମେ ଭୁଲିଯାଇଥିଲେ । ଯୌବନାବସ୍ଥାରେ କନ୍ୟା ପଦ୍ମାବତୀ ହଠାତ୍ ଏକ ଦୁରାରୋଗ୍ୟ ଜ୍ୱରରେ ଆକ୍ରାନ୍ତ ହେବା ଫଳରେ ଦେବଶର୍ମାଙ୍କର ପୂର୍ବ ସ୍ମୃତି ମାନସପଟରେ ଉଦ୍ଭାସିତ ହେଲା । ଉକ୍ତ ... ଦେବଶର୍ମା ଓ ତାଙ୍କ ପତ୍ନୀ ଉଭୟେ ଏକ ଉପଯୁକ୍ତ ... ପଦ୍ମାବତୀଙ୍କୁ ପ୍ରଦାନ କରି 'ଜୟ' ଲାଭ କରିବା ପାଇଁ ... ଜଗନ୍ନାଥଙ୍କ ଦ୍ୱାରା ଆଦିଷ୍ଟ ହେଲେ । ତହିଁ ଆର ଦିନ ପ୍ରଭାତ... ପଦ୍ମାବତୀଙ୍କୁ ସଙ୍ଗରେ ନେଇ ଭକ୍ତ ଦମ୍ପତି ଶ୍ରୀକ୍ଷେତ୍ର ଅଭିମୁଖେ ଅଗ୍ରସର ହେଲେ । ଶ୍ରୀମନ୍ଦିରରେ କନ୍ୟା ପ୍ରଦାନ ନିମି... ଆବଶ୍ୟକୀୟ ବିଧିବିଧାନ ପାଳନ କରିବା ପରେ ଜଗନ୍ନାଥ... ରାତିର ପ୍ରଥମ ପ୍ରହରରେ କନ୍ୟାକୁ ଏକାକିନୀ ମନ୍ଦିର ମଧ୍ୟରେ ପରିତ୍ୟାଗ କରି ଫେରିଗଲେ । ପଦ୍ମା କିଂକର୍ତ୍ତବ୍ୟ ବିମୂଢ଼ ଅବସ୍ଥାରେ ଠିଆ ହୋଇଥିବା ବେଳେ ମନ୍ଦିରର ଜଣେକ ବୃଦ୍ଧ ପୂଜକଙ୍କ ସହ ସାକ୍ଷାତ ହେଲା । ସେତେବେଳେ ଜୟଦେବ ଉକ୍ତ ପୂଜକଙ୍କ ସହିତ ଦର୍ଶନତତ୍ତ୍ୱ ସମ୍ବନ୍ଧୀୟ କେତେକ ବିଶେଷ ଆଲୋଚନାରେ ନିୟୁକ୍ତ ଥିଲେ । ପଦ୍ମା ପୂଜକଙ୍କୁ ନିଜର ସମସ୍ତ ବୃତ୍ତାନ୍ତ କହିବା ସଙ୍ଗେ ସଙ୍ଗେ ତାଙ୍କର ପାଦତଳେ ପଡ଼ି ଶରଣ ଭିକ୍ଷା କଲା । ପୂଜକ ଜଣକ ଅଳ୍ପ କିଛି ଦିନ ପୂର୍ବରୁ ତାଙ୍କର ଏକମାତ୍ର କନ୍ୟାକୁ ହରାଇଥିଲେ । ଫଳରେ ପଦ୍ମାବତୀ ପ୍ରତି ତାଙ୍କର ହୃଦୟରେ ଅଶେଷ ଦୟା ଜାତ ହେଲା । ସେ ତତ୍କ୍ଷଣାତ୍ ଜୟଦେବଙ୍କୁ ପଦ୍ମାର ପାଣିଗ୍ରହଣ କରିବା ପାଇଁ ଏକାନ୍ତ ଭାବରେ ଅନୁରୋଧ କଲେ । କିନ୍ତୁ ଜୟଦେବ ସେହି ଅପ୍ରତ୍ୟାଶିତ ପ୍ରସ୍ତାବରେ ଅସମ୍ମତ ହୋଇ ପ୍ରବଳ ବର୍ଷାର ପ୍ରତିରୋଧକୁ ନମାନି ତତ୍କ୍ଷଣାତ୍ ସ୍ୱକୁଟୀରକୁ ପଳାୟନ କଲେ । ବୃଦ୍ଧ ପୂଜକଙ୍କ ପରାମର୍ଶକ୍ରମେ ପଦ୍ମା ମଧ୍ୟ ସେହି ଅନ୍ଧକାର ରାତିରେ ବର୍ଷାରେ ସମ୍ପୂର୍ଣ୍ଣ ସିକ୍ତ ହୋଇ ଜୟଦେବଙ୍କ ଅନୁଧାବନ ପୂର୍ବକ ତାଙ୍କ କୁଟୀର ମଧ୍ୟରେ ପ୍ରବେଶ କଲେ । ସେହି ଅବାଞ୍ଛିତ ପରିସ୍ଥିତିରେ ଜୟଦେବ ବିବ୍ରତ ହୋଇ ପ୍ରଭୁ ଜଗନ୍ନାଥଙ୍କୁ ସ୍ମରଣ କଲେ । ଇତି ମଧ୍ୟରେ ଉକ୍ତ କୁଟୀରରେ ରହୁଥିବା ଚନ୍ଦ୍ରା ନାମ୍ନୀ ଜୟଦେବଙ୍କର ଜଣେକା ଆତ୍ମୀୟା କ୍ଷୀଣ ଆଲୋକରେ ପଦ୍ମାଙ୍କର ଉଜ୍ଜ୍ୱଳ ଓ ସୁନ୍ଦର ମୁଖ ଦର୍ଶନ କରି ଆତ୍ମବିଭୋର ହୋଇଗଲେ । ଅତ୍ୟନ୍ତ ଆନନ୍ଦ ଓ ଆଦରର ସହ ତାଙ୍କର ସ୍ୱାଗତ ସତ୍କାର କଲେ । କିଛିକାଳ ପରେ ବହୁ ବାଧା ବିଘ୍ନ ମଧ୍ୟରେ ବୈଦିକ ରୀତି ଅନୁସାରେ ଜୟଦେବ ଓ ପଦ୍ମାଙ୍କର ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା ।

### ଗୀତଗୋବିନ୍ଦ ରଚନା–

ଶ୍ରୀକ୍ଷେତ୍ରରେ ଏକ ଆଶ୍ରମରେ ଅବସ୍ଥାନ କରୁଥିବା ସମୟରେ ଜୟଦେବ ପ୍ରଭୁ ଜଗନ୍ନାଥଙ୍କର ସନ୍ତୋଷ ବିଧାନ ନିମିତ୍ତ ଗୀତଗୋବିନ୍ଦ ରଚନା ଆରମ୍ଭ କଲେ ଏବଂ ପ୍ରତ୍ୟହ ପ୍ରସ୍ତୁତ ହୋଇଥିବା ଗୀତଗୁଡ଼ିକୁ ମନ୍ଦିର ମଧ୍ୟରେ ପ୍ରଭୁଙ୍କ ବିଗ୍ରହ ସମ୍ମୁଖରେ ଗାନ କରି ଭକ୍ତିଭାବରେ ବିହ୍ୱଳ ହୋଇଯାଉଥିଲେ । ସେହି ସମୟରେ ପଦ୍ମାବତୀ ଉକ୍ତ ଗୀତଗୁଡ଼ିକର ନୃତ୍ୟାଭିନୟ ପ୍ରଦର୍ଶନ କରୁଥିଲେ । ଥରେ ଗୀତ ରଚନା କାଳରେ ଶ୍ରୀରାଧାଙ୍କ ମାନଭଞ୍ଜନ ପ୍ରସଙ୍ଗ ବର୍ଣ୍ଣନା କରିବା ସମୟରେ ଦଶମ ସର୍ଗର ଊନବିଂଶତମ ଗୀତରେ ପ୍ରଭୁ ଶ୍ରୀକୃଷ୍ଣ ନିଜର ଦୋଷ ପାଇଁ ପ୍ରିୟତମା ରାଧାଙ୍କର ପାଦତଳେ କ୍ଷମାଭିକ୍ଷା କରିବା ଘଟଣାକୁ ଗୀତରେ ପ୍ରକାଶ କରିବା ପାଇଁ ପଶ୍ଚାତ୍‌ପଦ ହୋଇ ଜୟଦେବ

ପାଦଟି ପୂରଣ କରିବା ପାଇଁ ଏକାନ୍ତ ଅସମର୍ଥ ହେଲେ । ଅଖଣ୍ଡ ଚିନ୍ତିତ ମନରେ ସେ ଲେଖୁଥିବା ସ୍ଥାନରୁ ଉଠି ସ୍ନାନ କରିବା ପାଇଁ ନିକଟସ୍ଥ ସମୁଦ୍ରକୁ ଗଲେ । ତାଙ୍କର ସେହି ଅନୁପସ୍ଥିତି ସମୟରେ ସ୍ୱୟଂ ଶ୍ରୀକୃଷ୍ଣ ଜୟଦେବ ରୂପରେ ଆଶ୍ରମରେ ଉପସ୍ଥିତ ହୋଇ ପଥ ମଧ୍ୟରେ ପାଦଟି ସ୍ମରଣ ହେବାରୁ ଫେରି ଆସିଛନ୍ତି ବୋଲି ପଦ୍ମାଙ୍କୁ କହି ଗୀତଗୋବିନ୍ଦ ପାଣ୍ଡୁଲିପିରେ ଥିବା ଶୂନ୍ୟ ସ୍ଥାନଟିରେ 'ଦେହି ପଦପଲ୍ଲବମୁଦାରମ୍' ଲେଖି ପାଦଟି ପୂରଣ କରି ଅନ୍ତର୍ଦ୍ଧାନ ହୋଇଗଲେ । ସ୍ନାନାନ୍ତେ ଜୟଦେବ ସୁପରିକଳ୍ପିତ ପାଦଟି ପୂର୍ବରୁ ପୂରଣ ହୋଇଥିବା ଦେଖି ବିସ୍ମୟାଭିଭୂତ ହୋଇ ପଦ୍ମାଙ୍କ ଠାରୁ ସମସ୍ତ ଘଟଣା ଜାଣିଲେ । ପ୍ରଭୁ ଶ୍ରୀକୃଷ୍ଣ ସ୍ୱୟଂ ପାଦଟି ପୂରଣ କରିଥିବାରେ ନିଃସନ୍ଦେହ ହୋଇ ସେ ଭଗବତ୍ ପ୍ରେମରେ ଲୀନ ହୋଇଗଲେ । ଅନ୍ୟ ଏକ ଅବସରରେ ଶ୍ରୀକୃଷ୍ଣ ଛଦ୍ମବେଶରେ ଭକ୍ତ ଜୟଦେବଙ୍କର ଜୀର୍ଣ୍ଣ କୁଟୀରର ସଂସ୍କାର କାର୍ଯ୍ୟ ସମ୍ପାଦନ କରିଥିଲେ । ଏସବୁ ଘଟଣା ପରେ ସାଧୁ ଜୟଦେବଙ୍କର ଭଗବଦ୍ ବିଶ୍ୱାସ ଓ ଭକ୍ତି ଅତ୍ୟନ୍ତ ଦୃଢ଼ ହୋଇଯାଇଥିଲା ଏବଂ ଅତିଶୀଘ୍ର ଗୀତଗୋବିନ୍ଦ ରଚନା ସମ୍ପୂର୍ଣ୍ଣ କରି ସେ ଜଗନ୍ନାଥଙ୍କ ନିକଟରେ ସମର୍ପଣ କରିଥିଲେ ।

ଗୀତଗୋବିନ୍ଦ କୃତିର ମହତ୍ତ୍ୱ ଓ ସୁଖ୍ୟାତି ଅତିଶୀଘ୍ର ଚତୁର୍ଦ୍ଦିଗରେ ପରିବ୍ୟାପ୍ତ ହୋଇଗଲା । ଫଳରେ ଉତ୍କଳର ତତ୍କାଳୀନ ନରପତି ଗୀତଗୋବିନ୍ଦ ରସାସ୍ୱାଦନରେ ଅତ୍ୟନ୍ତ ପ୍ରୀତ ହୋଇ ତାହାର ଅନୁକରଣରେ 'ଅଭିନବ ଗୀତଗୋବିନ୍ଦ' ନାମକ ଅନୁରୂପ ଏକ କାବ୍ୟ ରଚନା କଲେ ଏବଂ ସ୍ୱରଚନାର ଉତ୍କର୍ଷତା ଦାବୀ କରି ଜଗନ୍ନାଥଙ୍କ ସମ୍ମୁଖରେ କେବଳ 'ଅଭିନବ ଗୀତଗୋବିନ୍ଦ' ଗାନ କରାଯିବା ପାଇଁ ନିର୍ଦ୍ଦେଶ ପ୍ରଦାନ କଲେ । କିନ୍ତୁ ଜୟଦେବ ସେଥିରେ ଅସନ୍ତୁଷ୍ଟ ହୋଇ ନିଜ ରଚିତ ଗୀତଗୋବିନ୍ଦକୁ ହିଁ ପୂର୍ବପରି ଗାନ କରିବାକୁ ଲାଗିଲେ । ମହାରାଜା ସେଥିରେ କ୍ଷୁବ୍ଧ ହୋଇ ଉଭୟ କୃତି ମଧ୍ୟରେ ଉତ୍କର୍ଷତାର ଆଧିକ୍ୟ ପରୀକ୍ଷା କରିବା ନିମିତ୍ତ ରାତିରେ ପ୍ରଭୁଙ୍କର ଶୟନ ପୂର୍ବରୁ ଜଗନ୍ନାଥଙ୍କ ସମ୍ମୁଖରେ ଗ୍ରନ୍ଥଦ୍ୱୟକୁ ସ୍ଥାପନ କରି ଦ୍ୱାର ଦୃଢ଼ ଭାବରେ ଅବରୁଦ୍ଧ କରାଇଲେ । କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ପ୍ରାତଃ କାଳରେ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ ବନ୍ଧଦ୍ୱାର ଉନ୍ମୋଚିତ ହେବାବେଳେ ଜୟଦେବଙ୍କର ଗୀତଗୋବିନ୍ଦ ଅନ୍ୟ ରଚନାଟିର ଉପରେ ସ୍ଥାପିତ ହୋଇଥିବା ଦୃଷ୍ଟିଗୋଚର ହେଲା । ରାଜା ନିଜର ଧୃଷ୍ଟତା ହୃଦୟଙ୍ଗମ କରି ପୂର୍ବ ଆଦେଶ ପ୍ରତ୍ୟାହାର ପୂର୍ବକ ଗୀତଗୋବିନ୍ଦ ପ୍ରତ୍ୟହ ଗୀତ ହେବା ପାଇଁ ପୁନର୍ବାର ନିର୍ଦ୍ଦେଶ ଦେଲେ । ସେହି ରାତିରେ ଗୀତଗୋବିନ୍ଦର ମହତ୍ତ୍ୱକୁ ସର୍ବତ୍ର ପ୍ରଚାର ଓ ପ୍ରସାର କରାଇବା ପାଇଁ ପ୍ରଭୁ ଜଗନ୍ନାଥ ମହାରାଜାଙ୍କୁ ସ୍ୱପ୍ନାଦେଶ ଦେଇଥିଲେ ।

ପ୍ରଚଳିତ ଅନ୍ୟ କେତେକ କିମ୍ବଦନ୍ତୀ ଅନୁଯାୟୀ ଶ୍ରୀଗୀତଗୋବିନ୍ଦର ଉତ୍କର୍ଷକୁ ସମର୍ଥନ କଲେ ମଧ୍ୟ ନୈରାଶ୍ୟ ଜର୍ଜରିତ ରାଜକବି ଶ୍ରୀପୁରୁଷୋତ୍ତମଦେବଙ୍କର ସନ୍ତୋଷ ବିଧାନ ନିମିତ୍ତ ତାଙ୍କ ରଚିତ ରଚନାର କେତୋଟି ଶ୍ଳୋକ ଜୟଦେବ ବିରଚିତ ଗୀତଗୋବିନ୍ଦର ପ୍ରତ୍ୟେକ ସର୍ଗରେ ସନ୍ନିବେଶ କରିବା ପାଇଁ ଆଜ୍ଞା ପ୍ରଦାନ କରିଥିଲେ । ତଦନୁଯାୟୀ ଗଜପତିଙ୍କ ରଚିତ ଚବିଶ ଗୋଟି ଶ୍ଳୋକ ଧର୍ମଗ୍ରନ୍ଥ ଶ୍ରୀଗୀତଗୋବିନ୍ଦରେ ଦ... ହୋଇଥିଲା । ଶ୍ରୀକ୍ଷେତ୍ରସ୍ଥ ପଣ୍ଡିତମାନଙ୍କ ଦ୍ୱାରା ଗୀତଗୋବିନ୍ଦର ଉକ୍ତ ରାଜ ସଂସ୍କରଣ ଅନୁମୋଦିତ ହେବା ପରେ ସମଗ୍ର ଭାରତବର୍ଷରେ ପ୍ରସାର ଲାଭ କରିଥିଲା ।

## କବିଙ୍କ ଉତ୍ତର ଜୀବନ

ଏକଦା ପତିଗତପ୍ରାଣା ସାଧ୍ୱୀ ପଦ୍ମାବତୀ ତୁଳସୀପତ୍ର ଉପରେ ଚନ୍ଦନ ଲେପଦ୍ୱାରା ସମ୍ପୂର୍ଣ୍ଣ ଗୀତଗୋବିନ୍ଦ ନକଲ କରି ଶ୍ରୀଜଗନ୍ନାଥଙ୍କୁ ଅର୍ପଣ କରିବାକୁ ଇଚ୍ଛା କରିଥିଲେ । ଯଥାସାଧ୍ୟ ପରିଶ୍ରମ କରି ମଧ୍ୟ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ନକଲ କାର୍ଯ୍ୟ ଶେଷ ହୋଇ ନ ପାରିବାରୁ ପଦ୍ମା ଅତ୍ୟନ୍ତ ବିବ୍ରତ ହୋଇପଡ଼ିଲେ । ଦିନେ ଦୁଇଜଣ ସାଧୁ ଅପ୍ରତ୍ୟାଶିତ ଭାବରେ ପଦ୍ମାବତୀଙ୍କ କୁଟୀରରେ ଉପସ୍ଥିତ ହୋଇ ସେହି ରାତିରେ ଗୀତଗୋବିନ୍ଦର ଅବଶିଷ୍ଟାଂଶ ନକଲ କରିଦେଇଥିଲେ । ପ୍ରାତଃ କାଳରେ ପଦ୍ମାବତୀ ତାହା ଦେଖି ଅତ୍ୟନ୍ତ ପ୍ରୀତ ହୋଇ ଗୀତଗୋବିନ୍ଦ ଲିଖିତ ଉକ୍ତ ତୁଳସୀପତ୍ରରେ ଶ୍ରୀଜଗନ୍ନାଥ ବିଗ୍ରହକୁ ମଣ୍ଡିତ କରିବା ଉଦ୍ଦେଶ୍ୟରେ ମନ୍ଦିର ଭିତରକୁ ପ୍ରବେଶ କରିବା ସମୟରେ ମନ୍ଦିର ପୂଜକଗଣ ସେଥିରେ ବାଧାସୃଷ୍ଟି କରିଥିଲେ । ତେଣୁ ହତାଶ ଓ ଦୁଃଖରେ ପଦ୍ମା ତୁଳସୀପତ୍ରଗୁଡ଼ିକୁ ନେଇ ସମୁଦ୍ର ମଧ୍ୟରେ ନିକ୍ଷେପ କଲେ । କିନ୍ତୁ ଆଶ୍ଚର୍ଯ୍ୟର କଥା ପରଦିନ ପ୍ରଭାତରେ ଯେତେବେଳେ ମନ୍ଦିରର ଦ୍ୱାର ଉନ୍ମୁକ୍ତ ହେଲା ସେହି ତୁଳସୀପତ୍ରଗୁଡ଼ିକ ପ୍ରଭୁଙ୍କର ଶ୍ରୀଅଙ୍ଗରେ ଶୋଭା ପାଉଥିବା ଦେଖାଗଲା । ସେହିଦିନଠାରୁ ଗୀତଗୋବିନ୍ଦ ଅତ୍ୟନ୍ତ ପବିତ୍ର ଓ ପଦ୍ମାବତୀ ଜଗନ୍ନାଥଙ୍କର ପରମ ଭକ୍ତ ଭାବରେ ପରିଗଣିତ ହେଲେ ।

ଗୀତଗୋବିନ୍ଦର ଲୋକପ୍ରିୟତା ସମସ୍ତ ଦେଶରେ ପ୍ରସାରିତ ହେଲା । ଦିନେ ଏକ ଗ୍ରାମିଣ ଯୁବତୀ ରାତିର ଶେଷଭାଗରେ ତାର ନିଜର ଫଳ ଉଦ୍ୟାନରୁ ବାଇଗଣ ତୋଳୁଥିବା ସମୟରେ ଅତ୍ୟନ୍ତ ମଧୁର ସ୍ୱରରେ ଗୀତଗୋବିନ୍ଦରୁ କେତେକ ପଂକ୍ତି ଗାନ କରୁଥିଲା । ଶ୍ରୀଜଗନ୍ନାଥ ତାଙ୍କର ପ୍ରିୟ ଗୀତଗୋବିନ୍ଦର ମଧୁର ମୂର୍ଚ୍ଛନାରେ ଭାବବିହ୍ୱଳ ହୋଇ ମନ୍ଦିର ମଧ୍ୟରୁ ବାହାରି ଆସି ଗୋପନରେ ଉକ୍ତ ଯୁବତୀର ଅନୁଗମନ କରିବାକୁ ଲାଗିଲେ । ବାଇଗଣର କଣ୍ଟା ଦ୍ୱାରା ତାଙ୍କର ଅଙ୍ଗବସ୍ତ୍ର କ୍ଷତବିକ୍ଷତ ହୋଇଗଲା । ଯୁବତୀଟି ତାର କାର୍ଯ୍ୟ ଶେଷ କରି ଚାଲିଯିବା ପରେ ଜଗନ୍ନାଥ ନିଜ ସପକ୍ଷରେ ସଚେତନ ହୋଇ ସଙ୍ଗେ ସଙ୍ଗେ ମନ୍ଦିର ମଧ୍ୟକୁ ଫେରି ଆସିଲେ । ପରଦିନ ପ୍ରଭାତରେ ପ୍ରଭୁଙ୍କ ପୂଜା ସମୟରେ ମୁଖ୍ୟ ପୂଜକ ବସ୍ତ୍ର ବିଦୀର୍ଣ୍ଣ ହୋଇଥିବା ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ତତ୍‌କ୍ଷଣାତ୍ ମହାରାଜାଙ୍କୁ ଉକ୍ତ ଦୁଃସମ୍ବାଦ ପରିବେଷିତ ହେଲା । ମହାରାଜା ଓ ମୁଖ୍ୟ ପୂଜକ ଉଭୟେ ସେଦିନ ରାତିରେ ସ୍ୱପ୍ନରେ ସମସ୍ତ ବୃତ୍ତାନ୍ତ ଅବଗତ ହେଲେ । ତତ୍‌ପରେ ଉକ୍ତ ଯୁବତୀର ସନ୍ଧାନ ନିଆଯାଇ ଶ୍ରୀମନ୍ଦିରରେ ପ୍ରତ୍ୟହ ଗୀତଗୋବିନ୍ଦ ଗାନ କରିବା ପାଇଁ ତାଙ୍କୁ ନିଯୁକ୍ତ କରାଗଲା ଏବଂ ମନ୍ଦିର ପରିସର ବାହାରେ ଗୀତଗୋବିନ୍ଦ ଗାନ ମଧ୍ୟ ନିଷେଧ କରାଗଲା । କିନ୍ତୁ ରାଜାଙ୍କର ନିଷେଧାଜ୍ଞା ଅମାନ୍ୟ କରି ଜଣେ ମୁସଲିମ୍ ଯୁବକ ଅଶ୍ୱପୃଷ୍ଠରେ

ପଥ ମଧ୍ୟରେ ମଧୁର ସ୍ୱରରେ ଗୀତଗୋବିନ୍ଦର ଯାଉଥିବାର୍‌ ଶୁଣି ଗାନ କରିବାକୁ ଲାଗିଲେ । ଜଗନ୍ନାଥ ସେହି କ୍ଷେତ୍ରରେ ହିଁ ତାଙ୍କୁ ଦର୍ଶନ ପ୍ରଦାନ କରିବା ସଙ୍ଗେ ସଙ୍ଗେ ପ୍ରିୟ ସଙ୍ଗୀତ ଶ୍ରବଣରେ ଆତ୍ମବିଭୋର ହୋଇଗଲେ ଏବଂ ଉକ୍ତ ମୁସଲିମ ଯୁବକ ମୋକ୍ଷ ଲାଭ କଲେ ।

ଗୀତଗୋବିନ୍ଦର ଗୋଟିଏ ଲେଖାଏଁ ସର୍ଗ ଲେଖା ହୋଇଥିବା ବାରଖଣ୍ଡି ପବିତ୍ର ପଟ୍ଟବସ୍ତ୍ର ଶ୍ରୀଜଗନ୍ନାଥଙ୍କ ପୂଜା ପଦ୍ଧତିରେ ବ୍ୟବହୃତ ହେବା ପାଇଁ ବିଧି ଆରମ୍ଭ କରାଗଲା । କେନ୍ଦୁଲୀ ଗ୍ରାମର କୁଶଳୀ ବସ୍ତ୍ରକାରମାନେ ଉକ୍ତ କର୍ମରେ ନିଯୁକ୍ତ ହେଲେ । ଜୟଦେବ ଶୁଦ୍ଧପୂତ ଭାବରେ ଗୀତଗୋବିନ୍ଦ ଗାନ କଲେ ହିଁ ସେମାନେ ତଦନୁଯାୟୀ ବୁଣିବା ପାଇଁ ସମ୍ମତ ହେଲେ । ସର୍ତ୍ତ ଅନୁସାରେ ବସ୍ତ୍ରପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହେଲା । ଦିନେ ସେମାନେ ଗୀତଗୋବିନ୍ଦର ସପ୍ତମ ସର୍ଗକୁ ବୁଣୁଥିବା ସମୟରେ ଜୟଦେବ ଭକ୍ତିରସରେ ଏତେଦୂର ଆପ୍ଲୁତ ହୋଇଯାଇଥିଲେ ଯେ ସେ ତଟସ୍ଥ ଅବସ୍ଥାରେ ଉପନୀତ ହୋଇଥିଲେ । ବୁଣାଳୀମାନେ କାର୍ଯ୍ୟ ବନ୍ଦ କରିବାକୁ ବାଧ୍ୟ ହେଲେ; କିନ୍ତୁ ହଠାତ୍ ଜନୈକ ସାଧୁ ସେଠାରେ ଉପନୀତ ହୋଇ ଗୀତର ପରବର୍ତ୍ତୀ ଅଂଶଗୁଡ଼ିକୁ ଠିକ୍ ଜୟଦେବଙ୍କ ଗାନ ପ୍ରଣାଳୀରେ ଗାଇବାକୁ ଲାଗିଲେ । ଫଳରେ ଯଥା ସମୟରେ ଉକ୍ତ ପବିତ୍ର କାର୍ଯ୍ୟ ସମାହିତ ହୋଇପାରିଥିଲା ।

ଏକଦା ପଦ୍ମାବତୀଙ୍କର ପତିଭକ୍ତି ଓ ସତୀତ୍ୱ ପରୀକ୍ଷା କରିବା ପାଇଁ ରାଣୀ ଦୂତ ହସ୍ତରେ ଏକ ମିଥ୍ୟା ସମ୍ବାଦ ପଠାଇଲେ ଯେ ରାଜାଙ୍କ ସହ ବନ ମଧ୍ୟଦେଇ ମନ୍ଦିରକୁ ଯାଉଥିବା ବେଳେ ଜୟଦେବ ବ୍ୟାଘ୍ର ଆକ୍ରମଣରେ ମୃତ୍ୟୁବରଣ କରିଛନ୍ତି । ବିଶ୍ୱାସଯୋଗ୍ୟ ପ୍ରମାଣ ପାଇଁ ରକ୍ତ ବିଜଡ଼ିତ ବସ୍ତ୍ରାଂଶ ମଧ୍ୟ ତାଙ୍କ ନିକଟକୁ ପଠାଇଦିଆଗଲା । ଉକ୍ତ ସମ୍ବାଦ ପ୍ରାପ୍ତି ମାତ୍ରେ ହିଁ ସାଧ୍ୱୀ ପଦ୍ମାବତୀ ସଂଜ୍ଞାହୀନା ହୋଇ ମୃତ୍ୟୁ ବରଣ କଲେ । ଏପରି ଅଶାତୀତ ପରିସ୍ଥିତିରେ ବିବ୍ରତ ହୋଇ ରାଣୀ କ୍ରନ୍ଦନ କରୁଥିବାବେଳେ ରାଜାଙ୍କ ସହ ଜୟଦେବ ସେଠାରେ ଉପସ୍ଥିତ ହୋଇ ସମସ୍ତ ତଥ୍ୟ ଅବଗତ ହେଲେ । ରାଜା ଅତ୍ୟନ୍ତ କ୍ରୋଧାନ୍ୱିତ ହୋଇ ମହାରାଣୀଙ୍କୁ ନିର୍ବାସନ ଦଣ୍ଡ ଆଦେଶ ଦେବାବେଳେ ଜୟଦେବ ଅତ୍ୟନ୍ତ ଧୀର ଓ ସ୍ଥିର ଚିତ୍ତରେ କ୍ରୋଧ ଶାନ୍ତି ପୂର୍ବକ ରାଣୀଙ୍କୁ କ୍ଷମା ଦେବା ପାଇଁ ରାଜାଙ୍କୁ ଅନୁରୋଧ କରି ନିଜେ ଗଭୀର ଧ୍ୟାନରେ ମଗ୍ନ ହେଲେ । କିଛି ସମୟ ପରେ ବୀଣାବାଦନ ପୂର୍ବକ ବିହ୍ୱଳ ଚିତ୍ତରେ ଗୀତଗୋବିନ୍ଦ ଗାନ କରିବାକୁ ଲାଗିଲେ ଏବଂ ସମସ୍ତଙ୍କୁ ବିସ୍ମୟାଭିଭୂତ କରି କିଛିକ୍ଷଣ ପରେ ପଦ୍ମାବତୀ ଜୀବନୀଶକ୍ତି ଫେରି ପାଇ ଥିଲେ । ସେତେବେଳେ ସ୍ୱର୍ଗରୁ ପୁଷ୍ପବୃଷ୍ଟି ହୋଇଥିଲା ।

ଅନ୍ୟ ଏକ ଦିନ ଜୟଦେବ ତାଙ୍କର ଶିଷ୍ୟମାନଙ୍କ ଦ୍ୱାରା ନିମନ୍ତ୍ରିତ ହୋଇ ଏକ ଦୂର ଗ୍ରାମକୁ ଯାଇଥିଲେ । ସେଠାରେ ବହୁ ସମ୍ମାନ, ଧନରତ୍ନ, ଅଳଙ୍କାର ଓ ମୂଲ୍ୟବାନ୍ ବସ୍ତ୍ର ପ୍ରଭୃତି ଉପହାର ଲାଭ କରି ଏକ ଜଙ୍ଗଲ ପଥ ଦେଇ ଶ୍ରୀକ୍ଷେତ୍ରକୁ ଫେରିବା ସମୟରେ ଏକ ଦସ୍ୟୁଦଳର ଆକ୍ରମଣର ସମ୍ମୁଖୀନ ହେଲେ । ସେମାନେ ତାଙ୍କଠାରୁ ସମସ୍ତ ଧନରତ୍ନ ନେବା ପରେ ମଧ୍ୟ ତାଙ୍କର ହସ୍ତପଦ ଛେଦନ କରି ଅସହାୟ ଅବସ୍ଥାରେ ସେଠାରେ ଛାଡ଼ି ଚାଲିଗଲେ । କିନ୍ତୁ ସାଧୁ ଜୟଦେବ ଆଦୌ ବିଚଳିତ ନହୋଇ ନୀରବରେ ଜଗନ୍ନାଥଙ୍କୁ ନିବିଷ୍ଟ ଚିତ୍ତରେ ପ୍ରାର୍ଥନା କଲେ । ସୌଭାଗ୍ୟବଶତଃ ମୃଗୟା ସମୟରେ ମହାରାଜା ତାଙ୍କୁ ଏପରି ଅବସ୍ଥାରେ ଦେଖି ଅତି ଆଦର ଯତ୍ନ ସହ ସ୍ୱପ୍ରାସାଦକୁ ନେଇ ତାଙ୍କର ସେବାଶୁଶ୍ରୂଷାର ଦାୟିତ୍ୱ ପଦ୍ମାବତୀଙ୍କ ଉପରେ ନ୍ୟସ୍ତ କଲେ । କିଛିଦିନ ପରେ ଉକ୍ତ ଦସ୍ୟୁଦଳ ଛଦ୍ମବେଶରେ ପୁନର୍ବାର ରାଜଦରବାରକୁ ଆସି କିଛି ଧନସମ୍ପତ୍ତି ଭିକ୍ଷା କଲେ । ପଦ୍ମାବତୀ ଛଦ୍ମବେଶୀ ଅତିଥିମାନଙ୍କୁ ସ୍ୱାଗତ ସତ୍କାର କଲେ । ଜୟଦେବ ସେମାନଙ୍କୁ ଭଲଭାବରେ ଚିହ୍ନିପାରିଥିଲେ ମଧ୍ୟ ନୀରବ ରହିବା ସଙ୍ଗେ ସଙ୍ଗେ ସେମାନଙ୍କୁ ବହୁ ଧନରତ୍ନ ପ୍ରଦାନ କରିବାକୁ ରାଜାଙ୍କୁ ଅନୁରୋଧ କଲେ । ରାଜା ତାହା ପୂରଣ କରିବା ପରେ ଯେତେବେଳେ ସେମାନଙ୍କର ବିଦାୟ ବେଳ ଉପସ୍ଥିତ ହେଲା ସେତେବେଳେ, ମଧ୍ୟ ଜୟଦେବଙ୍କ ପରାମର୍ଶ ଅନୁଯାୟୀ କେତେକ ରାଜକର୍ମଚାରୀଙ୍କୁ ଉକ୍ତ ଦସ୍ୟୁମାନଙ୍କ ସହ ଜଙ୍ଗଲ ପଥ ଅତିକ୍ରାନ୍ତ କରାଇଦେବା ନିମିତ୍ତ ପ୍ରେରଣ କରାଗଲା । ପଥ ମଧ୍ୟରେ ଦସ୍ୟୁଗଣ ରାଜକର୍ମଚାରୀମାନଙ୍କୁ ଜୟଦେବଙ୍କର ଉକ୍ତ ଅସହାୟ ଅବସ୍ଥା ସମ୍ପର୍କରେ ଅନେକ କପୋଳକଳ୍ପିତ କେତେକ ତଥ୍ୟ ପରିବେଷଣ କଲେ । ଯଥା, ପୂର୍ବେ ସେମାନେ (ଉକ୍ତ ଦସ୍ୟୁଗଣ) ଜନୈକ ରାଜାଙ୍କର ଗୁପ୍ତ କର୍ମରେ ନିଯୁକ୍ତ ଥିବାବେଳେ ଜୟଦେବଙ୍କୁ କୌଣସି ଏକ ଅପରାଧ ହେତୁ ମୃତ୍ୟୁଦଣ୍ଡାଦେଶ ମିଳିଥିଲା । କିନ୍ତୁ ସେମାନେ ଦୟାପରବଶ ହୋଇ ତାଙ୍କର ଜୀବନ ନାଶ ନ କରି ହସ୍ତପଦାଦି ଛେଦନ କରିଦେଇଥିଲେ । ଏହିପରି ଭାବରେ ବର୍ଣ୍ଣନା କରୁଥିବା ବେଳେ ହଠାତ୍ ବଜ୍ରପାତ ହୋଇ ଦସ୍ୟୁଗଣ ସେଠାରେ ହିଁ ମୃତ୍ୟୁବରଣ କଲେ । କିନ୍ତୁ ଆଶ୍ଚର୍ଯ୍ୟର କଥା ଫେରିଆସିଥିବା ରାଜକର୍ମଚାରୀମାନଙ୍କଠାରୁ ଦସ୍ୟୁମାନଙ୍କର ଏତାଦୃଶ ମୃତ୍ୟୁ ସମ୍ବାଦ ପାଇ ସାଧୁ ପ୍ରବର ଜୟଦେବ ଦୁଃଖରେ ମ୍ରିୟମାଣ ହୋଇଗଲେ । କିଛିଦିନ ମଧ୍ୟରେ ରାଜାନୁଗ୍ରହ ତଥା ଈଶ୍ୱରଙ୍କର ଆଶୀର୍ବାଦ ଲାଭ କରି ଜୟଦେବ ତାଙ୍କର ହସ୍ତପଦ ସୁସ୍ଥ ଅବସ୍ଥାରେ ଫେରି ପାଇଥିଲେ । ତାହା ପରେ ସେ ତାଙ୍କର ଅବଶିଷ୍ଟ ଜୀବନ ଶ୍ରୀକ୍ଷେତ୍ରରେ ହିଁ ପଦ୍ମାବତୀଙ୍କ ସହ ଭଗବାନଙ୍କ ସ୍ତୁତିରେ ଅତିବାହିତ କରିଥିଲେ ।

ଅନ୍ୟପ୍ରକାରରେ ଜନଶ୍ରୁତି ଅଛି ଯେ ଦସ୍ୟୁଗଣ ଜୟଦେବଙ୍କର ହସ୍ତପଦ ଛେଦନ କରି ଏକ ଗଭୀର ଗର୍ତ୍ତରେ ନିକ୍ଷେପ କରି ଚାଲିଯାଇଥିଲେ । ଗୌଡ଼ ଦେଶର ନରପତି ମୃଗୟାର୍ଥେ ଉକ୍ତ ବନ ମଧ୍ୟକୁ ଆସିଥିବା ବେଳେ ଗର୍ତ୍ତ ମଧ୍ୟରୁ ଦୀପ୍ତିମୟ ଜ୍ୟୋତିରେଖା ବିକୀର୍ଣ୍ଣ ହେଉଥିବା ଦେଖିପାରିଲେ । କୌତୂହଳବଶତଃ ନିକଟକୁ ଯାଇ ହସ୍ତପଦବିହୀନ ଜୟଦେବଙ୍କୁ ଗଭୀର ଧ୍ୟାନମଗ୍ନ ଅବସ୍ଥାରେ ଦେଖି ଆଶ୍ଚର୍ଯ୍ୟାନ୍ୱିତ ହୋଇଗଲେ । ସେଠାରୁ ତାଙ୍କୁ ଉଦ୍ଧାର କରି ସ୍ୱରାଜପ୍ରାସାଦ ମଧ୍ୟରେ ସମ୍ପୂର୍ଣ୍ଣ ସୁସ୍ଥ ହେବା ପର୍ଯ୍ୟନ୍ତ ରଖାଇଲେ । ସେହି ସମୟରେ ସାଧୁ ପ୍ରଧାନ ଜୟଦେବ କେତେକ ସାଧୁସନ୍ଥମାନଙ୍କୁ ପ୍ରତ୍ୟହ କିଛି ଦାନ ଦେବା ନିମିତ୍ତ କୌଣସି ରାଜାଙ୍କୁ

ଅନୁରୋଧ କରିଥିଲେ । ଅନୁରୋଧ ରକ୍ଷାକରି ରାଜା ପରମ ...ଙ୍କର ସହ ସାଧୁ ସନ୍ନ୍ୟାସୀ ମାନଙ୍କୁ ବିପୁଳ ଅର୍ଥ ପ୍ରଦାନ ...ଲାଗିଲେ । ଏହା ଜାଣି ଉକ୍ତ ଦସ୍ୟୁଗଣ ସନ୍ନ୍ୟାସୀ ବେଶ ଧାରଣ କରି ରାଜାନୁଗ୍ରହ ପ୍ରାର୍ଥୀ ହେଲେ ଏବଂ ଜୟଦେବଙ୍କର, ପରାମର୍ଶ ଅନୁସାରେ ରାଜାଙ୍କ ଦ୍ୱାରା ବିଶେଷ ଭାବରେ ଅନୁଗ୍ରହୀତ ହୋଇଥିଲେ । × × ×


କେତେକ କିମ୍ବଦନ୍ତୀ ଅନୁସାରେ ମହର୍ଷି ବ୍ୟାସଦେବ ଜୟଦେବ ରୂପରେ କଳିଯୁଗରେ ଅବତୀର୍ଣ୍ଣ ହୋଇଥିଲେ । ଫଳରେ ପୁରାଣାଦିରେ ତାଙ୍କର ଅସାଧାରଣ ବ୍ୟୁତ୍ପତ୍ତି ଥିଲା । ପୁରାଣର ଉକ୍ତି ଅନୁସାରେ ସେ ମାନବ ସମାଜର ମୁକ୍ତି ...ରେ ରାଧାକୃଷ୍ଣଙ୍କର ଅଲୌକିକ ରହସ୍ୟାବୃତ ଲୀଳା ...କୋକିଳର କାନ୍ତକୋମଳ ପଦାବଳୀ ମାଧ୍ୟମରେ ପ୍ରଚାର କରିଥିଲେ ।

ପ୍ରତ୍ୟହ ଜୟଦେବ ପଦବ୍ରଜୀ ହୋଇ ଗଙ୍ଗାନଦୀରେ ସ୍ନାନ କରୁଥିଲେ । ଥରେ ବୃଦ୍ଧାବସ୍ଥାରେ ନଦୀରୁ ଫେରୁଥିବା ବେଳେ ସେ କ୍ଳାନ୍ତ ହେବାରୁ ପଥ ମଧ୍ୟରେ ସେ ସଂଜ୍ଞାହୀନ ଅବସ୍ଥାରେ ପଡ଼ିଗଲେ । ସୌଭାଗ୍ୟବଶତଃ ମହାରାଜ ତାଙ୍କୁ ସେପରି ଅବସ୍ଥାରେ ଦେଖି ତାଙ୍କର ଉପଯୁକ୍ତ ଯତ୍ନ ନେବା ସଙ୍ଗେ ସଙ୍ଗେ ପ୍ରତ୍ୟହ ନଦୀକୁ ଯିବାପାଇଁ ଯାନର ବ୍ୟବସ୍ଥା କରିଥିଲେ । କିନ୍ତୁ ଜୟଦେବ ସେଥିରେ ଆଦୌ ସମ୍ମତ ହୋଇ ନ ଥିଲେ ଏବଂ ତାଙ୍କର ଅଭ୍ୟାସ ମଧ୍ୟ ପରିତ୍ୟାଗ କରି ନଥିଲେ ।

ପ୍ରାଚୀ ମାହାତ୍ମ୍ୟ ଅନୁସାରେ ଗଙ୍ଗା ଥିଲେ ପୂର୍ବ ସାଗର ଗାମିନୀ ପ୍ରାଚୀ ସରସ୍ୱତୀ । ତେଣୁ ଅନ୍ୟ କେତେକ ବିବରଣୀ ଅନୁସାରେ ବୈଷ୍ଣବ କବି ଜୟଦେବ ପ୍ରତିଦିନ ପ୍ରାଚୀ ନଦୀର ତ୍ରିବେଣୀ ସଙ୍ଗମରେ ସ୍ନାନ କରି ତ୍ରିବେଣୀ ମାଧବଙ୍କୁ ଆରାଧନା କରୁଥିଲେ । ଉକ୍ତ ତ୍ରିବେଣୀ ମାଧବ ଏବେ ସୁଦ୍ଧା ସେହି ଘାଟରେ ପୂଜା ପାଉଥିବା ଜଣାଯାଏ ।

ଶ୍ରୀକୃଷ୍ଣ ଜଗନ୍ନାଥଙ୍କ ପରମ ଭକ୍ତ କବିରାଜ ଜୟଦେବ ଅତୀବ ବାର୍ଦ୍ଧକ୍ୟ ହେତୁ ନଦୀରେ ସ୍ନାନ କରିବାକୁ ଯାଇ ନ ପାରିବାରୁ ସ୍ୱୟଂ ଗଙ୍ଗା କବିଙ୍କ ବାସଗୃହ ନିକଟବର୍ତ୍ତୀ କ୍ଷୁଦ୍ର ପୁଷ୍କରଣୀରେ ଆବିର୍ଭୂତା ହୋଇଥିଲେ । ଭକ୍ତ ଜୟଦେବଙ୍କ ମହିମାରେ ରାଜା ଓ ରାଜ୍ୟବାସୀ ଅଭିଭୂତ ହୋଇପଡ଼ିଥିଲେ । ଶ୍ରୀ ଜଗନ୍ନାଥଙ୍କ ଭଜନରେ ଜୟଦେବ ଓ ପଦ୍ମାବତୀ ଶ୍ରୀକ୍ଷେତ୍ରରେ ଇହଲୀଳା ସମ୍ବରଣ କରିଥିଲେ । ଅନ୍ୟ କେତେକ କିମ୍ବଦନ୍ତୀରେ କବି ଓ କବିପତ୍ନୀ ବୃନ୍ଦାବନ ଯାତ୍ରା କରିଥିବା ବିଷୟ ବର୍ଣ୍ଣିତ ହୋଇଛି ।

ସମ୍ପାଦିକା,
ସଂସ୍କୃତି ବିଭାଗ ନିର୍ଦ୍ଦେଶାଳୟ,
ଭୁବନେଶ୍ୱର ।



# କବି ଜୟଦେବ ଓ ଶ୍ରୀ ଗୀତ ଗୋବିନ୍ଦ

● ଡାକ୍ତର ଦୀନବନ୍ଧୁ ମହାରଣା

ସଂସ୍କୃତ ସାହିତ୍ୟର ଇତିହାସର ପୃଷ୍ଠାକୁ ଉନ୍ମୋଚନ କଲେ ଜଣାଯାଏ ଯେ, ସଂସ୍କୃତ ସାହିତ୍ୟର ଅମୂଲ୍ୟକାବ୍ୟ 'ଶ୍ରୀଗୀତଗୋବିନ୍ଦ'କୁ ରଚନାକରି ଶ୍ରୀଜୟଦେବ ବିଶ୍ୱ ପ୍ରସିଦ୍ଧ ହୋଇ ପାରିଛନ୍ତି। ତାଙ୍କର ସେଇ ଅମ୍ଳାନ ସୃଷ୍ଟି 'ଶ୍ରୀଗୀତ ଗୋବିନ୍ଦ କାବ୍ୟ ଅନ୍ତର୍ଗତ ରାଧାକୃଷ୍ଣଙ୍କ ପ୍ରେମଲୀଳା ଏବଂ ଦଶାବତାର ସ୍ତୁତି ଏକ ହୃଦୟସ୍ପର୍ଶୀ ଭାବ ଗର୍ଭକ ଓ ଲୋକପ୍ରିୟ ଗୀତଭାବରେ ଏ ଦେଶର ଶିକ୍ଷିତ ଓ ଅଶିକ୍ଷିତ ଲୋକମାନଙ୍କ ଦ୍ୱାରା ଆଦୃତ ହୋଇପାରିଛି। ସେଥିପାଇଁ ଭକ୍ତକବି ଜୟଦେବ ତାଙ୍କର ଏହି କାବ୍ୟର ମଙ୍ଗଳା ଚରଣରେ କହିଛନ୍ତି–

"ମେଘୈର୍ମେଦୁର ମମ୍ବରଂ, ବନଭୁବଃ
— ଶ୍ୟାମାସ୍ତମାଲଦ୍ରୁମୈ –
ର୍ନକ୍ତଂ; ଭୀରୁରୟଂ, ତ୍ୱମେବ ତଦିମଂ
ରାଧେ ଗୃହଂପ୍ରାପୟ।
ଇତ୍ଥଂ ନନ୍ଦନି ଦେଶତ ଶ୍ଚଳିତ ୟୋଃ
ପ୍ରତ୍ୟଧ୍ୱ କୁଞ୍ଜଦ୍ରୁମଂ
ରାଧା ମାଧବ ୟୋର୍ଜୟନ୍ତି ଯମୁନା କୂଳେ
ରହଃ କେଳୟଃ"।

ଅର୍ଥାତ୍ ଏକଦା ବୃନ୍ଦାବନ ଚନ୍ଦ୍ର ପ୍ରଭୁ ଶ୍ରୀକୃଷ୍ଣଙ୍କ ସହିତ ନନ୍ଦ ମଧ୍ୟ ବୃନ୍ଦାବନକୁ ଯାଇଥିଲେ। ସେଠାରେ ଯମୁନାରୁ ଜଳ ସଂଗ୍ରହ କରିବା ପାଇଁ ଆସିଥିବା ରାଧାଙ୍କୁ ଦେଖି ମାୟାଧର ଶ୍ରୀକୃଷ୍ଣ ମେଘକୁ ଆହ୍ୱାନ କରିଥିଲେ। ସେତେବେଳେ ମେଘର ଘନ ଗର୍ଜନ ଶବ୍ଦ ଶୁଣି ଚିନ୍ତା ବ୍ୟାକୁଳିତ ନନ୍ଦ ରାଧାଙ୍କ ପ୍ରତି କହୁଛନ୍ତି–"ହେ ରାଧେ ଦେଖ। ଏହି ଆକାଶ ମେଘ ଦ୍ୱାରା ଅତ୍ୟନ୍ତ ସ୍ନିଗ୍ଧଭାବେ ଆଚ୍ଛାଦିତ ହୋଇଗଲାଣି। ତଳେ ବନଭୂମିମାନେ ତଥା ତମାଳ ବୃକ୍ଷଗଣ ଅତ୍ୟନ୍ତ ଅନ୍ଧାର ଦିଶିଲେଣି। ଏତେ ରାତି, ଏହି ବାଳକ କୃଷ୍ଣ ରାତିକୁ ଅତ୍ୟନ୍ତ ଭୟଙ୍କରେ। ପିଲାଲୋକ କୃଷ୍ଣ ଡରିବ ବୋଲି, ନନ୍ଦ ରାଧାଙ୍କୁ କହିଲେ ସାଥିରେ ଘରକୁ ନେଇ ଯିବାକୁ। ମାତ୍ର ରାଧା ନନ୍ଦଙ୍କର ଆଜ୍ଞା ପାଇ କୃଷ୍ଣଙ୍କୁ ଘରକୁ ନନେଇ ବାଟ ପାଖରେ କୁଞ୍ଜ ଗଛ ଆଡ଼କୁ ଚାଲିଗଲେ ଏବଂ ଯମୁନା କୂଳରେ ନିରୋଳା ପାଇ ଦୁହେଁ କେଳି କର୍ମରେ ପ୍ରବୃତ୍ତ ହେଲେ। ରାଧା ମାଧବଙ୍କର ସେହି ପ୍ରେମଲୀଳାର ଜୟ ହେଉବୋଲି କବି ଜୟଦେବ ସରଳ ଓ ସୁନ୍ଦର ଭାବରେ ବର୍ଣ୍ଣନାମାନ କରିଛନ୍ତି।

ପ୍ରାଚୀନ ଭାରତର ବହୁ ମହାକବି ଓ ସୁଖ୍ୟାତ ପଣ୍ଡିତ ନିଜ ଜନ୍ମସ୍ଥାନ, ଆବିର୍ଭାବ କାଳ ଓ ବଂଶ ପରିଚୟ ସମ୍ବନ୍ଧରେ ସ୍ୱ ସ୍ୱ କୃତି ସମୂହରେ କୌଣସି ଉଲ୍ଲେଖ କରି ନଥିବାରୁ ସେ ସମ୍ପର୍କରେ ବହୁ ଗବେଷଣା ସତ୍ତ୍ୱେ ଐତିହାସିକ ଓ ପ୍ରତ୍ନତତ୍ତ୍ୱବିତ୍‌ଗଣ କୌଣସି ସ୍ଥିର ସିଦ୍ଧାନ୍ତରେ ଉପନୀତ ହୋଇ ପାରୁନାହାନ୍ତି। ସେମାନଙ୍କ ମଧ୍ୟରେ ଶବର କବି କାହ୍ନୁପା, ମହାକବି କାଳିଦାସ, ଶ୍ରୀହର୍ଷ ଓ ସାରଳା ଦାସ ଆଦି ଅନ୍ୟତମ। ଆଉ ସଂସ୍କୃତ ସାହିତ୍ୟର ସେଇ ଲଳିତ ପଦକାର 'ଗୀତଗୋବିନ୍ଦ'ର ରଚୟିତା ଏବଂ ତଥାକଥିତ ସର୍ବଶ୍ରେଷ୍ଠ ଭକ୍ତକବି ଜୟଦେବଙ୍କ ଜନ୍ମସ୍ଥାନ, ଆବିର୍ଭାବ କାଳ ଓ ବଂଶ ପରିଚୟ ମଧ୍ୟ ଏହିଭଳି ବିବଦମାନ ଅବସ୍ଥାରେ ରହିଯାଇଛି। ମାତ୍ର କୃତିରୁ ଯଥେଷ୍ଟ ପ୍ରମାଣ ମିଳେ ଯେ, କବି ଜୟଦେବ ପୁରୀ ଜିଲ୍ଲାର ପ୍ରାଚୀ ନଦୀ କୂଳରେ ଥିବା ଏକ ବ୍ରାହ୍ମଣ ଶାସନ 'କେନ୍ଦୁବିଲ୍ୱ' ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। କବି ଜୟଦେବ ନିଜର ଆତ୍ମ ପରିଚୟ ଜ୍ଞାପନ ଶ୍ଳୋକରେ କହିଛନ୍ତି–

ଶ୍ରୀଭୋଜଦେବ–ପ୍ରଭ ବସ୍ୟ ବାମା
ଦେବୀ ସୁତ–ଶ୍ରୀଜୟଦେବ କସ୍ୟ।
ପରାଶରାଦି ପ୍ରିୟ ବନ୍ଧୁ–କଣ୍ଠେ
ଶ୍ରୀ ଗୀତଗୋବିନ୍ଦ କବିତ୍ୱମ୍ ଅସ୍ତୁ।

ପୁନଶ୍ଚ :–

ବର୍ଣ୍ଣିତଂ ଜୟଦେବ କେନ ହରେନ୍ ଇଦଂ ପ୍ରବଣେନ
କେନ୍ଦୁ ବିଲ୍ୱ–ସମ୍ଭବ–ରୋହିଣୀ ରମଣେନ।

ଅର୍ଥାତ, ତାଙ୍କ ବାପାଙ୍କ ନାମ ଭୋଜଦେବ, ମା' ବାମାଦେବୀ, ଜନ୍ମସ୍ଥାନ କେନ୍ଦୁବିଲ୍ୱ ଓ ସ୍ତ୍ରୀଙ୍କ ନାମ ରୋହିଣୀ। ସେହି ଗ୍ରାମ ରୂପର ଥିଲେ ଓସ୍ତାଦ ଜୟଦେବ, ସେଥିରେ ବନ୍ଧୁ ପରାଶରଙ୍କୁ

ପ୍ରସିଦ୍ଧ ଗାୟକ ବୋଲି ଏହି ପଦରୁ ପ୍ରମାଣ ମିଳୁଛି । କବିଙ୍କର ଗ୍ରାମରେ କେନ୍ଦୁ ଓ ବେଲଗଛ ବହୁ ସଂଖ୍ୟାରେ ଥିବାରୁ ଏହି ଗ୍ରାମକୁ କେନ୍ଦୁବିଲ୍ୱ ନାମରେ ଅଭିହିତ କରାଯାଇଥିଲା । ମହାପୁରୁଷ ଶ୍ରୀଜୟଦେବଙ୍କର ଜୀବନ କାଳ ମଧ୍ୟରେ ଏହି ଗ୍ରାମର ପ୍ରସିଦ୍ଧି ବୃଦ୍ଧିପାଇ କରିଥିଲେ ମଧ୍ୟ ଏହା ପୂର୍ବନାମ ପରିବର୍ତ୍ତନ ହୋଇନଥିଲା । ସ୍ୱର୍ଗତ କେଦାରନାଥ ମହାପାତ୍ର, ସ୍ୱର୍ଗତ ଜଗବନ୍ଧୁ ସିଂହ, ଐତିହାସିକ ଡକ୍ଟର ନବୀନ କୁମାର ସାହୁ ପ୍ରମୁଖ ବହୁ ଗବେଷକମାନେ ସ୍ଥିର କରିଛନ୍ତି ଯେ, ଜୟଦେବ ୧୧୪୭ ରୁ ୧୧୭୦ ଖ୍ରୀଷ୍ଟାବ୍ଦ ମଧ୍ୟରେ ଶାସନ କରୁଥିବା ଗଙ୍ଗସମ୍ରାଟ ରାଘବଙ୍କର ରାଜସଭାର ଶ୍ରେଷ୍ଠ ପଣ୍ଡିତ ଥିଲେ । ତାଙ୍କର ଜନ୍ମସ୍ଥାନ ପୁରୀଜିଲ୍ଲା ପ୍ରାଚୀକୂଳ ନିକଟବର୍ତ୍ତୀ 'କେନ୍ଦୁବିଲ୍ୱ' ଶାସନ । ଚନ୍ଦ୍ରଦତ୍ତ ନାମକ ଜଣେ କାଶୀ ନିବାସୀ ମୈଥିଳୀ ପଣ୍ଡିତଙ୍କ ରଚିତ ଭକ୍ତିମାଳା ନାମକ ଏକ ସଂସ୍କୃତ ଗ୍ରନ୍ଥ ଅଛି, ସେଥିରେ ସେ ଲେଖିଛନ୍ତି—

'ଜଗନ୍ନାଥ ପୁରୀ ପ୍ରାନ୍ତେ ଦେଶେ ଚୈବ,
ଉତ୍କଳାଭିଧେଃ
କେନ୍ଦୁବିଲ୍ୱ ଇତିଖ୍ୟାତଃ ଗ୍ରାମଃ ବ୍ରାହ୍ମଣ
ସଂକୁଳଃ ।
ତଂ ଉତ୍କଳେ ଦ୍ୱିଜେ ଜାତଃ ଜୟଦେବ ଇତି
ଶ୍ରୁତଃ
ବିଦ୍ୟାଭ୍ୟାସ ରତଃ ଶାନ୍ତଃ ପୁରୁଷୋତ୍ତମଃ
ପୂଜକଃ ।'

ଅନୁରୂପ ମଧ୍ୟ 'ଗୀତ ଗୋବିନ୍ଦ'ର ରଚୟିତା କବି ଜୟଦେବଙ୍କର ଜନ୍ମସ୍ଥାନ ଓଡ଼ିଶାରେ ବୋଲି ମହାରାଷ୍ଟ୍ର ମହୀପତିଙ୍କ 'ଭକ୍ତି ବିଜୟ ଗ୍ରନ୍ଥ' 'ଆସାମର' ସଂପ୍ରଦାୟ ଛନ୍ଦ ଦୀପକ ଗ୍ରନ୍ଥ, ଆନ୍ଧ୍ର ପ୍ରଦେଶର ପଣ୍ଡିତ ସୂର୍ଯ୍ୟ ନାରାୟଣ ଶାସ୍ତ୍ରୀଙ୍କର 'ସଂସ୍କୃତି କବି ଜୀବନୀ'ରେ ଲିଖିତ ରହିଛି । କିନ୍ତୁ ଦୁଃଖର ବିଷୟ ଏହି ଯେ, ବଙ୍ଗଳାର ହରେକୃଷ୍ଣ ମୁଖାର୍ଜୀ ଓ ସୁନିତ୍ କୁମାର ଚଟାର୍ଜୀ ଏବଂ ଓଡ଼ିଶାର କବି ଶ୍ରୀ ସଚ୍ଚି ରାଉତରାୟଙ୍କ ପରି କେତେଜଣ ମୁଷ୍ଟିମେୟ ଲେଖକ ପ୍ରାଚୀନ ଓଡ଼ିଆ କବି ଜୟଦେବଙ୍କୁ ବଙ୍ଗାଳୀ ବୋଲି ପ୍ରତିପାଦିତ କରିବାକୁ ଚେଷ୍ଟା କରୁଛନ୍ତି । ବଙ୍ଗଳାର ବୀରଭୂମି ଜିଲ୍ଲାର ଅଜୟ ନଦୀ କୂଳବର୍ତ୍ତୀ କୃତ୍ରିମ କେନ୍ଦୁଲୀ ଗ୍ରାମରେ ଜୟଦେବ ଜନ୍ମଗ୍ରହଣ କରିଥିଲେ ବୋଲି କହୁଛନ୍ତି । ଏକ ଶତାବ୍ଦୀ ହେଲା ଭକ୍ତପ୍ରବର ଶ୍ରୀଜୟଦେବଙ୍କୁ ନବଦ୍ୱୀପର ରାଜା ଲକ୍ଷ୍ମଣ ସେନଙ୍କର ସଭା କବି ରୂପେ ଅବିସମ୍ବାଦିତ ଭାବେ ଗ୍ରହଣ କରିବା ଦ୍ୱାରା ସମଗ୍ର ସଂସ୍କୃତ ସାହିତ୍ୟର ଇତିହାସରେ ଏକ ବିରାଟ ବିଭ୍ରାଟ ସୃଷ୍ଟି ହୋଇଛି ।

କବିଙ୍କର ଜନ୍ମସ୍ଥାନ କେନ୍ଦୁଲୀ ଗ୍ରାମଠାରୁ ଅଳ୍ପ ଦୂରରେ ପ୍ରବାହିତ ପୁଣ୍ୟତୋୟା ସ୍ରୋତସ୍ୱତୀ ସୁରୂପା 'ପ୍ରାଚୀ ନଦୀର ତଟରେ ବିଲ୍ୱମୂଳାଶ୍ରିତ ବିଲେଶ୍ୱର ନାମକ ଶିବଲିଙ୍ଗ ପୂଜିତ ହେଉଥିବା ତ୍ରୟୋଦଶ ଶତାବ୍ଦୀର ପ୍ରସିଦ୍ଧ 'କପିଳ ସଂହିତା' ଗ୍ରନ୍ଥରୁ ପ୍ରମାଣ ମିଳେ । କେନ୍ଦୁଲୀ ଅଞ୍ଚଳର ପ୍ରାଚୀନ କୀର୍ତ୍ତିରାଜି ମଧ୍ୟରେ ଏହାର ଅଦୂରବର୍ତ୍ତୀ ଅଡ଼ଙ୍ଗପୁର ଗ୍ରାମସ୍ଥ ପ୍ରସିଦ୍ଧ ସ୍ୱପ୍ନେଶ୍ୱର ମନ୍ଦିର ସର୍ବାଦୌ ଉଲ୍ଲେଖ ଯୋଗ୍ୟ ।

କେନ୍ଦୁବିଲ୍ୱପରି ଅଡ଼ଙ୍ଗପୁର ମଧ୍ୟ 'କ୍ରୋଶେ କ୍ରୋଶେ ତଟଲିଙ୍ଗମ୍' ମଣ୍ଡିତ ପୁଣ୍ୟତୋୟା ପ୍ରାଚୀ ନଦୀ କୂଳରେ ଅବସ୍ଥିତ । ଅଡ଼ଙ୍ଗପୁର ଗ୍ରାମରେ ଥିବା ପ୍ରସିଦ୍ଧ ରାଧାମାଧବ ମନ୍ଦିରକୁ କବି ଦୈନନ୍ଦିନ ଆସି ପୂଜା ଅର୍ଚ୍ଚନା କରି ନିକଟସ୍ଥ ବଟବୃକ୍ଷ ମୂଳେ ପ୍ରାଚୀରେ ସ୍ନାନ ପରେ ତାଙ୍କର ଲେଖାଲେଖି କରିଥିଲେ ବୋଲି ବହୁ ତଥ୍ୟ ସମ୍ବଳିତ ପ୍ରମାଣମାନ ରହିଛି । ତେଣୁ ପ୍ରସିଦ୍ଧ ଅଡ଼ଙ୍ଗପୁର ଜୟଦେବଙ୍କର ସାଧନାପୀଠ ବୋଲି ଶାସ୍ତ୍ରରେ ଗ୍ରହଣ କରାଯାଇଛି । ଫଳରେ କବି ଜୟଦେବ ମାଧବଭକ୍ତ ଥିଲେବୋଲି ପ୍ରମାଣ ମିଳେ । ଏହି ପ୍ରାଚୀନ କବି ପରମ୍ପରାକୁ ଅନୁସରଣ କରି ଭକ୍ତକବି ଜୟଦେବ ମଙ୍ଗଳାଚରଣ ଶ୍ଳୋକର ସ୍ୱଆରାଧ୍ୟ ଦେବତା ଶ୍ରୀ ରାଧାମାଧବଙ୍କର ସ୍ତୁତି ଗାନ ପୂର୍ବକ ସ୍ୱୀୟ ଅମର କୃତି 'ଶ୍ରୀ ଗୀତଗୋବିନ୍ଦମ୍' ରଚନା କରିଥିଲେ ।

ଯୋଗଜନ୍ମା କବି ଜୟଦେବ ଉତ୍କଳର ପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ଜଣେ ପରମ ଭକ୍ତ ଥିବା ବିଷୟ ମୈଥିଳୀ ପଣ୍ଡିତ ଶ୍ରୀ ଚନ୍ଦ୍ରଦତ୍ତ କୃତ ପ୍ରସିଦ୍ଧ ଭକ୍ତମାଳା ଗ୍ରନ୍ଥରେ ବିସ୍ତୃତ ଭାବରେ ବର୍ଣ୍ଣିତ ହୋଇଛି । ଶ୍ରୀ ଜୟଦେବ ବ୍ରାହ୍ମଣ ସଙ୍କୁଳ କେନ୍ଦୁବିଲ୍ୱ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ ମଧ୍ୟ ସେ ଗୃହତ୍ୟାଗ କରି ସନ୍ନ୍ୟାସ ବ୍ରତ ଅବଲମ୍ବନ ପୂର୍ବକ ଶ୍ରୀକ୍ଷେତ୍ରର ସୀମାରେ ନିର୍ମିତ ଏକ ପର୍ଣ୍ଣ କୁଟୀରରେ ବାସ କରୁଥିଲେ । ଏହାପରେ ଶ୍ରୀଜୟଦେବ ସ୍ୱୀୟ ପରମାରାଧ୍ୟ ଶ୍ରୀଜଗନ୍ନାଥଙ୍କର ସନ୍ତୋଷ ବିଧାନ ନିମିତ୍ତ ଶ୍ରୀ ଗୀତଗୋବିନ୍ଦ ରଚନାରେ ପ୍ରବୃତ୍ତ ହେଲେ । ଏକଦା ସଂଶୟାପନ୍ନ ହୋଇ ଉପଯୁକ୍ତ ଶବ୍ଦବିନ୍ୟାସ ଦ୍ୱାରା ଏକ ଗୀତର ପାଦ ପୂରଣ କରିବାପାଇଁ ଅସମର୍ଥ ହେବାରୁ ଶ୍ରୀକୃଷ୍ଣ ତାଙ୍କ ଅନୁପସ୍ଥିତ ସମୟରେ ଶ୍ରୀଜୟଦେବ ବେଶରେ ପର୍ଣ୍ଣ କୁଟୀରରେ ପ୍ରବେଶ କରି 'ସ୍ମର ଗରଳ ଖଣ୍ଡନଂ ମମ ଶିରସି ମଣ୍ଡନମ୍ ଦେହି ପଦପଲ୍ଲବ ମୁଦାରମ୍' ପୂରଣ କରି ଅନ୍ତର୍ଦ୍ଧାନ ହୋଇଯାଇଥିଲେ । ସ୍ନାନ ପ୍ରତ୍ୟାଗତ କବି ଏହାଦେଖି ଅତ୍ୟନ୍ତ ବିସ୍ମୟାଭିଭୂତ ହେବାରୁ ଶ୍ରୀ ପୁରୁଷୋତ୍ତମ ସେଦିନ ରାତ୍ରି ଶେଷରେ ସ୍ୱପ୍ନରେ ତାଙ୍କୁ ସମସ୍ତ ବୃତ୍ତାନ୍ତ ଜଣାଇ ଦେଲେ । ସ୍ୱଚକ୍ଷୁରେ ଶ୍ରୀକୃଷ୍ଣ ଦର୍ଶନଲାଭ ରୂପକ ସୌଭାଗ୍ୟ ପ୍ରାପ୍ତ ହୋଇଥିବାରୁ ଭକ୍ତକବିଙ୍କର ସ୍ୱପତ୍ନୀ ପଦ୍ମାବତୀଙ୍କ ପ୍ରତି ଶ୍ରଦ୍ଧା ଓ ଭକ୍ତି ବିଶେଷ ବୃଦ୍ଧି ଲାଭ କରିଥିଲା । ଏହାପରେ ସେ ପ୍ରତ୍ୟହ ସ୍ୱପତ୍ନୀଙ୍କ ସହ ଶ୍ରୀଜଗନ୍ନାଥଙ୍କ ସମ୍ମୁଖରେ ତନ୍ମୁୟରେ ଶ୍ରୀ ଗୀତଗୋବିନ୍ଦ ଗାନ କରିବାକୁ ଲାଗିଲେ । ଶ୍ରୀକ୍ଷେତ୍ର ବାସ କାଳରେ ଏହାର ରଚନା ସମାପନ ପରେ ସେ ଏହାକୁ ଶ୍ରୀଜଗନ୍ନାଥଙ୍କୁ ନୈବେଦ୍ୟ ରୂପେ ଅର୍ପଣ କରି ନିଜ ଜୀବନକୁ ଧନ୍ୟ କରିଥିଲେ ।


'ଶ୍ରୀ ଗୀତଗୋବିନ୍ଦ'ର ମହତ୍ୱ ଓ ଉତ୍କର୍ଷରେ ମୁଗ୍ଧ ହୋଇ ଉତ୍କଳାଧୀଶ ତାହାର ସମକକ୍ଷ ଅନ୍ୟ ଏକ 'ଗୀତଗୋବିନ୍ଦ' ରଚନା ପୂର୍ବକ ଶ୍ରୀଜଗନ୍ନାଥଙ୍କ ସମ୍ମୁଖରେ ଏହାର ଗାନ ବାଧ୍ୟତାମୂଳକ କରିଥିଲେ । ମାତ୍ର ଭକ୍ତକବି ଜୟଦେବ ଦୃଢ଼ ଯୁକ୍ତି ବାଢ଼ିଥିଲେଯେ, ତାଙ୍କ ଗୀତଗୋବିନ୍ଦ ଶ୍ରୀଜଗନ୍ନାଥଙ୍କର ଅଧିକ ସନ୍ତୋଷପ୍ରଦ । ଏହାପରେ ରୁଦ୍ଧଦ୍ୱାର ଗର୍ଭଗୃହ ମଧ୍ୟରେ ମହାପ୍ରଭୁଙ୍କ ସମ୍ମୁଖରେ

ଉଭୟ ଗ୍ରନ୍ଥର ମହତ୍ତ୍ୱ ପରୀକ୍ଷା ପାଇଁ ରଖାଯାଇଥିଲା । କପାଟୋନ୍ମୋଚନ କାଳାପରେ ଶ୍ରୀଗୀତ ଗୋବିନ୍ଦ ରାଜ ରଚିତ ଗୀତଗୋବିନ୍ଦ ଉପରେ ରଖାଯାଇ ଥିବାର ଦେଖାଯାଇ ଥିଲା । ଏଥିରେ ରାଜା ଅତ୍ୟଧିକ କ୍ଷୁବ୍ଧ ଏବଂ ନିରାଶ ହେବାରୁ ଶ୍ରୀଜଗନ୍ନାଥ ତାହାଙ୍କୁ ଶ୍ରୀଗୀତ ଗୋବିନ୍ଦର ମହତ୍ତ୍ୱ ସ୍ୱୀକାର ପୂର୍ବକ ଏହାକୁ ଲୋକ ସମାଜରେ ପ୍ରଚାର କରିବାପାଇଁ ସ୍ୱପ୍ନରେ ଆଦେଶ ପ୍ରଦାନ କରିଥିଲେ । ରାଜା ମହାପ୍ରଭୁଙ୍କୁ ସ୍ୱଅପରାଧ ପାଇଁ କ୍ଷମା ପ୍ରାର୍ଥନା କରି ସେହିଦିନୁ ଶ୍ରୀଜୟଦେବଙ୍କ ପ୍ରତି ବିଶେଷ ଭକ୍ତିମାନ ହେଲେ ଏବଂ ପ୍ରତ୍ୟହ କଳିକଳୁଷ ନାଶନ ଶ୍ରୀଗୀତ ଶ୍ଳୋ… ପାଠକଲେ । ଏହାପରେ ଶ୍ରୀଗୀତ ଗୋବିନ୍ଦର ମାହା… ଚତୁର୍ଦ୍ଦିଗରେ ପ୍ରଖ୍ୟାତ ହେଲା ।

ଶ୍ରୀଜୟଦେବ ସାଂସ୍କୃତିକ ସଂସଦ,
ଜୟଦେବ ସାଧନା ପୀଠ,
ଅଡ଼ଙ୍ଗପୁର, କଟକ,
ପିନ–୭୫୪୦୧୧ ।



OGP—MP—PTS (I&PR) 2—6,000—14-5-1991


जय जगन्नाथ स्वामी
जय जगन्नाथ स्वामी
PRADYUMNA

VOL. XLVII No. 10 UTKAL PRASANGA Regd. No. 05/91
Licence No. C.R.N.P. 5—Licensed to post without Pre-Payment




Printed by UNIQUE PRINTERS 257/6, Sastri Nagar, BBSR-1

# ଉତ୍କଳ ପ୍ରସଙ୍ଗ

## ରଥଯାତ୍ରା ବିଶେଷାଙ୍କ



କଦାଚିତ୍ କାଳିନ୍ଦୀତଟ ବିପିନ ସଙ୍ଗୀତ କବରୋ
ମୁଦାଭୀରୀନାରୀ ବଦନ କମଳ ସ୍ୱାଦମଧୁପଃ
ରମାଶମ୍ଭୁ ବ୍ରହ୍ମାମରପତି ଗଣେଶାର୍ଚ୍ଚିତ ପଦୋ
ଜଗନ୍ନାଥଃ ସ୍ୱାମୀ ନୟନପଥଗାମୀ ଭବତୁମେ ।

